

ଆଉ କେବେ ପାକିସ୍ତାନ ଯିବିନାହିଁ: ରିଶାଦ

ପୃଷ୍ଠା ୭

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

ପବିତ୍ର ବୁଦ୍ଧ ପୂର୍ଣ୍ଣିମା ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ



Vol. 34 | ISSUE 49 | ଭାଗ ୩୪ | ସଂଖ୍ୟା ୪୯
Bhubaneswar | Monday 12 May 2025 | Page 8 Rs. 4.00
● ଭୁବନେଶ୍ୱର ସୋମବାର ୧୨ମେ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

# ଗୁଳିର ଜବାବ ତୋପରେ ଦେବୁ: ମୋଦି



## କାଶ୍ମୀର ପ୍ରସଙ୍ଗରେ ଟ୍ରମ୍ପଙ୍କ ମାମଲତିକୁ ନା'

## କେବଳ ପିଓକେ ହସ୍ତାନ୍ତର ନେଇ ଆଲୋଚନା ହେବ

**ନୂଆଦିଲ୍ଲୀ,୧୧।୫:** ପାକିସ୍ତାନ ସହ ଚାଲିଥିବା ଉତ୍ତେଜନା ଆଜି ପ୍ରଶମିତ ହୋଇଥିବା ବେଳେ ଉଭୟ ଦେଶ ମଧ୍ୟରେ ଅସ୍ତ୍ରବିରତି ପାଇଁ ସହମତି ହୋଇଛି। ତେବେ ପାକିସ୍ତାନ ଉପରେ କୌଣସି ପ୍ରକାର ଭରସା କରିବା ସହଜ ନ ଥିବାରୁ ଆଗାମୀ ଦିନରେ କୌଣସି ପ୍ରକାର ଆକ୍ରମଣ ପରିପ୍ରେକ୍ଷୀରେ ଭାରତୀୟ ସେନାକୁ ଠୋସ୍ ଜବାବ ଦେବା ସକାଶେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଯେ ପାକିସ୍ତାନ ପଟୁ ଗୁଳି ଆସିଲେ, ଭାରତୀୟ ସେନା ତୋପରେ ଏହାର ଜବାବ ଦେବ।

ଅନ୍ୟପକ୍ଷରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ ଟ୍ରମ୍ପ୍ କାଶ୍ମୀର ବିବାଦର ସମାଧାନ ପାଇଁ ମଧ୍ୟସ୍ଥତା କରିବାକୁ ଆଗ୍ରହୀ ଥିଲେ ହେଁ ଏଥିରେ ଭାରତ ଆଦୌ ରାଜି ନୁହେଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି ଯେ କାଶ୍ମୀର ପ୍ରସଙ୍ଗରେ କୌଣସି ତୃତୀୟ ପକ୍ଷର ମଧ୍ୟସ୍ଥତା ଆମେ ଆବଶ୍ୟକ କରୁନାହୁଁ। ଅବଶ୍ୟ କିନ୍ତୁ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ଟ୍ରମ୍ପ୍‌ଙ୍କ ମଧ୍ୟସ୍ଥତା ପ୍ରସ୍ତାବକୁ ସ୍ୱାଗତ କରିଛନ୍ତି। ଏପରିକି ଏଥିସକାଶେ ସେ ଟ୍ରମ୍ପଙ୍କୁ ଧନ୍ୟବାଦ ମଧ୍ୟ ଜଣାଇଛନ୍ତି। କିନ୍ତୁ ପ୍ରଧାନମନ୍ତ୍ରୀ ମୋଦି ଏ ସଂକ୍ରାନ୍ତରେ ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କୁ କହିଛନ୍ତି ଯେ ଆଗାମୀ ଦିନରେ ଭାରତ ଓ ପାକିସ୍ତାନ ମଧ୍ୟରେ କେବଳ ପିଓକେ ପ୍ରସଙ୍ଗରେ ହିଁ ଆଲୋଚନା ହେବ। ଏଥିସହ ପାକିସ୍ତାନ ସହ ଆଲୋଚନା ପାଇଁ ସେତେବେଳେ ଏକ ଅନୁକୂଳ ପରିବେଶ ହେବ, ଯେତେବେଳେ ପାକିସ୍ତାନ କ୍ରମାଗତ ଭାବେ ଭାରତକୁ ଆତଙ୍କବାଦୀ ହସ୍ତାନ୍ତର କରିବ। ତେଣୁ ପିଓକେ ବ୍ୟତୀତ ପାକିସ୍ତାନ ସହ ଅନ୍ୟାନ୍ୟ କୌଣସି ପ୍ରସଙ୍ଗରେ ଦ୍ୱିପାକ୍ଷିକ ଆଲୋଚନା ପାଇଁ ଭାରତ ଆଦୌ ଆଗ୍ରହୀ ନୁହେଁ ବୋଲି ମୋଦି ସ୍ପଷ୍ଟ କରିଥିବା କେତେକ ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟରୁ ଜଣାପଡ଼ିଛି।

ରବିବାର ଆମେରିକା ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ ଭାରତ ଏବଂ ପାକିସ୍ତାନକୁ ଅସ୍ତ୍ରବିରତି ନେଇ ଶୁଭେଚ୍ଛା ➪ପୃଷ୍ଠା-୬

# ପାକ୍ ସେନାର ୪୦ ସୈନ୍ୟଙ୍କୁ ମାରିଛୁ



- ୧୦୦ ଆତଙ୍କବାଦୀ ନିପାତ ହୋଇଛନ୍ତି
- ସି-୮୧୪ ଅପହର୍ତ୍ତା ଓ ପୁଲୱାମା ଆକ୍ରମଣକାରୀ ବି ସାମିଲ୍
- ଆମର ସବୁ ପାଇଲଟ ସୁରକ୍ଷିତ ଫେରିଛନ୍ତି
- ଭାରତୀୟ ସେନାର ୫ ଯବାନ ସହିଦ ହୋଇଛନ୍ତି

**ନୂଆଦିଲ୍ଲୀ,୧୧।୫:** 'ଅପରେସନ ସିନ୍ଦୂର' ସଫଳ ହୋଇଛି । ଏଥିରେ ୧୦୦ରୁ ଅଧିକ ଆତଙ୍କବାଦୀ ନିହତ ହୋଇଛନ୍ତି। ଏଭଳି ସଫଳତା ବଖାଣିଛି ଭାରତୀୟ ସେନା। ରବିବାର ଭାରତର ତିନି ସେନା ପକ୍ଷରୁ 'ଅପରେସନ ସିନ୍ଦୂର'ର ସଫଳତା ନେଇ ସାମ୍ବାଦିକ ସମ୍ମିଳନୀରେ ସବିଶେଷ ସୂଚନା ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ସେନା ଡିଜିଏମଓ ଲେଫ୍ଟନାଣ୍ଟ ଜେନେରାଲ ରାଜୀବ ଘାଇ, ବାୟୁସେନା ଡିଜିଏମଓ ଏୟାର ମାର୍ଶାଲ ଅବଧେଶ କୁମାର ଭାରତୀ ଏବଂ ନୌସେନାର ଭାଇସ୍ ଆଡମିରାଲ ଏଏନ ପ୍ରମୋଦ ଉପସ୍ଥିତ ଥିଲେ। ଲେଫ୍ଟନାଣ୍ଟ ଜେନେରାଲ ରାଜୀବ ଘାଇ 'ଅପରେସନ ସିନ୍ଦୂର' ବିଷୟରେ କହିଛନ୍ତି ଯେ ଏହି ଅପରେସନ୍ ଆତଙ୍କବାଦୀ ଓ ଷଡ଼ଯନ୍ତ୍ରକାରୀଙ୍କୁ ଦଣ୍ଡ ଦେବା ସକାଶେ ଉଦ୍ଦିଷ୍ଟ ଥିଲା। ଏହି ଅପରେସନ୍ ମାଧ୍ୟମରେ ସେନା ପାକିସ୍ତାନ ମାଟିରେ ବଢୁଥିବା ଆତଙ୍କୀଙ୍କୁ କଡ଼ା ଜବାବ ଦେଇଛି। ଏହି ଅପରେସନ୍‌ରେ ୟୁସୁଫ ଆଝାର, ଅବଦୁଲ ମଲ୍ଲିକ ରୌଫ, ମୁଦାସିର ଅହମ୍ମଦ ପରି କୁଖ୍ୟାତ ଆତଙ୍କବାଦୀ ନିପାତ ହୋଇଛନ୍ତି। ୧୯୯୯ ଇଣ୍ଡିଆନ ଏୟାରଲାଇନ୍ସ ଫ୍ଲାଇଟ (ଆଇସି-୮୧୪) ଅପହରଣ ଏବଂ ୨୦୧୯ର ପୁଲୱାମା ଆଟାକ୍‌ରେ ଏମାନଙ୍କର ପ୍ରମୁଖ ଭୂମିକା ଥିଲା। ଏହି ଅପରେସନରେ ଭାରତ ପହଲଗାମ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ନେବା ସହ ପାକିସ୍ତାନ ଓ ପିଓକେରେ ଥିବା ୯ଟି ଆତଙ୍କୀ ଆଡ୍ଡାକୁ ଧ୍ୱଂସ କରିଥିଲା। ଏହି ଅପରେସନ୍‌ରେ ମୋଟ ଶତାଧିକ ଆତଙ୍କବାଦୀଙ୍କ ଜୀବନ ଯାଇଛି। ତା'ଛଡ଼ା ପାକିସ୍ତାନୀ ସେନାର ୩୦ରୁ ୪୦ ଶୀର୍ଷ ଅଧିକାରୀ ମଧ୍ୟ ନିହତ ହୋଇଛନ୍ତି। ହେଡଲି ଓ କସାବକୁ ଜନ୍ମ ଦେଇଥିବା ଲସ୍କର୍-ଏ-ତୋଇବାର କ୍ୟାମ୍ପକୁ ମଧ୍ୟ ଧ୍ୱଂସ କରାଯାଇଛି ବୋଲି ଫଟୋ ଦେଖାଇ ଏୟାର ମାର୍ଶାଲ ଏକେ ଭାରତୀ ସ୍ପଷ୍ଟ କରିଛନ୍ତି।

ସେ କହିଛନ୍ତି ଯେ ଆମ ପାଖରେ ପାକିସ୍ତାନର ସବୁ ଏୟାରବେସକୁ ଧ୍ୱଂସ କରିବାର କ୍ଷମତା ରହିଛି। ଏଥିସହ ବାୟୁସେନା କିପରି ପାକିସ୍ତାନ ସାମରିକ ଘାଟି ଧ୍ୱଂସ କଲା, ସେନେଇ ବି ଏୟାର୍ ମାର୍ଶାଲ୍ ଭାରତୀ ସୂଚନା ଦେଇଛନ୍ତି। ଭିଡିଓ ଦେଖାଇ ସେ ଏହାର ପ୍ରମାଣ ଦେଇଛନ୍ତି। ଚକଲାଲା, ରାଫିକ୍, ରହିମ ୟାର୍ ଖାନ୍ ଏୟାରବେସ୍ ଧ୍ୱଂସ ହୋଇଛି। ଏହାପରେ ସର୍ଗୋଦା, ଭୁଲାରି, ଜାକୋବାବାଦ ବେସ୍ ବି ନଷ୍ଟ କରାଯାଇଛି। ଏଥିସହ ଆମ ବାୟୁସେନାର ସବୁ ପାଇଲଟ ସୁରକ୍ଷିତ ଭାବେ ଫେରିଛନ୍ତି ବୋଲି ସେ କହିଛନ୍ତି। ପାକିସ୍ତାନ ପଟୁ ବହୁ ଡ୍ରୋନ୍ ଆକ୍ରମଣ ହୋଇଛି, କିନ୍ତୁ ଆମେ ସେସବୁକୁ ପଣ୍ଡ କରିବାରେ ସକ୍ଷମ ହୋଇଛୁ ବୋଲି ସେ କହିଛନ୍ତି। ପାକିସ୍ତାନ ସେନା ପକ୍ଷରୁ ହୋଇଥିବା ଗୁଳିଗୋଳା ବର୍ଷଣରେ ଭାରତର ବିଶେଷ କୌଣସି କ୍ଷତି ହୋଇନାହିଁ। କାରଣ ଭାରତୀୟ ବାୟୁସେନା ପୂରାପୂରି ସକ୍ରିୟ ଓ ସଜାଗ ଥିଲା। ଆମେ ସମସ୍ତ ପ୍ରକାର ସମ୍ଭାବ୍ୟ ବିପଦକୁ ଠିକ୍ ସମୟରେ ନିଷ୍କ୍ରିୟ କରିଦେଇଥିଲୁ। ମେ' ୮ ଓ ୯ ତାରିଖ ରାତିରେ ପାକିସ୍ତାନ ପଟୁ ଭାରତର ବିଭିନ୍ନ ସହରକୁ ଟାର୍ଗେଟ୍ କରି ଡ୍ରୋନ ଛଡାଯାଇଥିଲା। ଏଥିରେ ଆମର ୫ ଜଣ ଯବାନ ସହିଦ ହୋଇଥିବା ସେ କହିଛନ୍ତି। ସେହିପରି ସ୍ଥଳସେନା ଡିଜିଏମଓ ଅସ୍ତ୍ରବିରତି ପ୍ରସଙ୍ଗରେ କହିଛନ୍ତି ଯେ ପ୍ରଥମେ ପାକିସ୍ତାନୀ ଡିଜିଏମଓ ତାଙ୍କୁ ଅସ୍ତ୍ରବିରତି ➪ପୃଷ୍ଠା-୬

● ସତର୍କତାମୂଳକ ପଦକ୍ଷେପ |

## ରାଜସ୍ଥାନ ସୀମାରେ ବ୍ଲାକ୍‌ଆଉଟ

**ଜୟପୁର,୧୧।୫:** ସତର୍କତା ପଦକ୍ଷେପ ସ୍ୱରୂପ ରାଜସ୍ଥାନର ସୀମାନ୍ତ ଅଞ୍ଚଳରେ ଆଜି ରାତିରେ ବ୍ଲାକଆଉଟ ଲାଗୁ କରାଯାଇଛି। ଜୟସେଲମେର, ବାଡମେର ଏବଂ ଅନ୍ୟାନ୍ୟ ସୀମା ଅଞ୍ଚଳରେ ଏହି ବ୍ଲାକଆଉଟ କରାଯାଇଛି। ଶନିବାର ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ତ୍ର ବିରତି ଘୋଷଣା ପରେ ବି ଏହାର ଉଲ୍ଲଙ୍ଘନ କରାଯାଇ ଡ୍ରୋନ ଦ୍ୱାରା ଆକ୍ରମଣ କରିଥିଲା ପାକିସ୍ତାନ। ଏହାକୁ ଦୃଷ୍ଟିରେ ରଖି ଆଜି ସନ୍ଧ୍ୟାରେ ଏହି ସବୁ ଅଞ୍ଚଳରେ ଆସନ୍ତାକାଲି ସକାଳ ପର୍ଯ୍ୟନ୍ତ ବ୍ଲାକଆଉଟ ହୋଇଛି। ତେବେ ଆଜିର ବ୍ଲାକଆଉଟର କିଛି ସମୟ ପରେ ବାଡମେର ଆକାଶରେ ନାଲି ଆଲୋକ ଜଳୁଥିବାର ଦେଖାଯାଇଥିଲା। ସେସବୁ ପାକିସ୍ତାନୀ ଡ୍ରୋନ ବୋଲି ଅନୁମାନ କରାଯାଉଛି। ମାତ୍ର ଅଫିସିଆଲି କିଛି କୁହାଯାଇନାହିଁ। ଯଦିଓ ସୁରକ୍ଷାବାହିନୀ ଏନେଇ ସର୍ତକ ରହିଛି। ଗତକାଲି ରାତିରେ ପାକିସ୍ତାନ ପକ୍ଷରୁ ଅସ୍ତ୍ର ବିରତି ଉଲ୍ଲଙ୍ଘନ କରାଯାଇ ଡ୍ରୋନ ଆକ୍ରମଣ କରାଯାଇଥିଲା। ଯାହା ଦ୍ୱାରା ସ୍ଥାନୀୟବାସିନ୍ଦା ଭୟଭୀତ ହୋଇଯାଇଥିଲେ। ଅବଶ୍ୟ ରବିବାର ସକାଳେ ସ୍ୱାଭାବିକ ଭାବେ ଦୋକାନବଜାର ଖୋଲିଥିଲା। ଏହାସହ ଉତ୍ତର-ପଶ୍ଚିମାଞ୍ଚଳ ➪ପୃଷ୍ଠା-୬

## ବଳବତ୍ତର ରହିବ ସବୁ କଟକଣା

**ନୂଆଦିଲ୍ଲୀ,୧୧।୫:** ଅସ୍ତ୍ରବିରତି ହୋଇଥିଲେ ମଧ୍ୟ ଭାରତ ପକ୍ଷରୁ ପାକିସ୍ତାନ ବିରୋଧରେ ଲଗାଯାଇଥିବା ସବୁପ୍ରକାର କଟକଣା ବଳବତ୍ତର ରହିବ। ସିନ୍ଧୁ ଜଳ

### ଖୋଲିବନି ଅଟ୍ଟାରୀ ସୀମା, ଛଡାଯିବନି ଜଳ

ରାଜିନାମା ସ୍ଥଗିତ ଠାରୁ ଆରମ୍ଭ କରି ଅଟ୍ଟାରି ସୀମା ବନ୍ଦ ରଖାଯିବ ବୋଲି ବିଦେଶ ବ୍ୟାପାର ମନ୍ତ୍ରାଳୟ ପକ୍ଷରୁ ଜଣାଯାଇଛି। ଏପ୍ରିଲ ୨୩ ତାରିଖରେ ଘୋଷଣା କରାଯାଇଥିବା ସମସ୍ତ ମୁକାବିଲାମୂଳକ ପଦକ୍ଷେପ ଜାରି




ରହିବ ବୋଲି କୁହାଯାଇଛି। ଏପ୍ରିଲ ୨୨ରେ ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ସରକାରଙ୍କ ପକ୍ଷରୁ ୨୩ ତାରିଖରେ ଏକାଧିକ କଟକଣା ପାକିସ୍ତାନ ବିରୋଧରେ ଘୋଷଣା ➪ପୃଷ୍ଠା-୬

## ସରିନି




ସ୍ପଷ୍ଟକଲା ସେନା

### ଗୁଜବ ଓ ମିଥ୍ୟା ସୂଚନା ନ ଦେବାକୁ ନିବେଦନ

**ନୂଆଦିଲ୍ଲୀ:** ପାକିସ୍ତାନ ସହିତ ଯୁଦ୍ଧ ବିରତି ପରେ ଭାରତୀୟ ବାୟୁସେନା ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛି। ସେନା କହିଛି ଯେ ଅପରେସନ ସିନ୍ଦୂର ଏବେ ବି ଚାଲୁ ରହିଛି। ଆଇଏଏଫ୍ କହିଛି ଯେ ଆମେ ଏହି ଅପରେସନର ଉଦ୍ଦେଶ୍ୟ ପୂରଣ କରିଛୁ ଏବଂ ଏହା ବିଷୟରେ ବିସ୍ତୃତ ସୂଚନା ଦିଆଯିବ। ବିବୃତ୍ତିରେ କୁହାଯାଇଛି, ଭାରତୀୟ ବାୟୁସେନା 'ଅପରେସନ୍ ସିନ୍ଦୂର' ଅଧୀନରେ ହୋଇଥିବା ସମସ୍ତ କାର୍ଯ୍ୟକୁ ସଠିକତା ଏବଂ ଦାୟିତ୍ୱ ସହିତ ସଫଳତାର ସହିତ ସମାପ୍ତ କରିଛି। ଏହି ଅପରେସନ୍ ସତର୍କତାର ସହିତ କରାଯାଇଥିଲା, ଯାହା ଦେଶର ସ୍ୱାର୍ଥ ଅନୁଯାୟୀ ଥିଲା। ଯେହେତୁ ଏହି ଅପରେସନ୍ ଏବେ ବି ଚାଲୁ ରହିଛି, ତେଣୁ ଏହାର ସମ୍ପୂର୍ଣ୍ଣ ସୂଚନା ଖୁବ୍‌ଶୀଘ୍ର ଦିଆଯିବ।' ଏଥିସହ ଗୁଜବରୁ ଦୂରେଇ ରହିବା ଏବଂ ମିଛ ସୂଚନା ପ୍ରସାର ନ କରିବାକୁ ବାୟୁସେନା ଜନସାଧାରଣଙ୍କୁ ନିବେଦନ କରିଛି। ଦୁଇ ପରମାଣୁ ଶକ୍ତିସମ୍ପନ୍ନ ଦେଶ ମଧ୍ୟରେ ଶାନ୍ତି ଚୁକ୍ତି ହୋଇଛି ବୋଲି ଆମେରିକା କହିବାର ଦିନକ ପରେ ଭାରତୀୟ ବାୟୁସେନା ଏହି ଖୁଲାସା କରିଛି।

ଉଲ୍ଲେଖଯୋଗ୍ୟ ଯେ ଗତକାଲି ସନ୍ଧ୍ୟାରେ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଥିଲା ଯେ ପାକିସ୍ତାନ ଅପିଲରେ ଦୁଇ ଦେଶ ମଧ୍ୟରେ ଯୁଦ୍ଧବିରତି ଲାଗୁ କରାଯାଇଛି। ତଥାପି ପାକିସ୍ତାନ ଅସ୍ତ୍ରବିରତି ଉଲ୍ଲଂଘନ କରି ଜମ୍ମୁ-କାଶ୍ମୀର ସମେତ ଅନେକ ସ୍ଥାନରେ ଡ୍ରୋନ୍ ➪ପୃଷ୍ଠା-୬

## ବ୍ରହ୍ମୋସ୍ ଉଡ଼ାଇଛି ଜୈଶ୍ ମୁଖ୍ୟାଳୟ




**ନୂଆଦିଲ୍ଲୀ,୧୧।୫:** ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ମଧ୍ୟରେ ଏକ କ୍ଷେପଣାସ୍ତ୍ରର ବୁଷ୍ଟର ଓ ନୋଜ କ୍ୟାପ ରାଜସ୍ଥାନର ବିକାନେରରୁ ମିଳିଛି। ଯାହା କ୍ଷେପଣାସ୍ତ୍ର ବ୍ରହ୍ମୋସର ବୋଲି ସନ୍ଦେହ କରାଯାଉଛି। ତେବେ ଭାରତ କ'ଣ ବ୍ରହ୍ମୋସ କ୍ଷେପଣାସ୍ତ୍ର ସାହାଯ୍ୟରେ ଜୈଶ-ଏ-ମହମ୍ମଦର ମୁଖ୍ୟାଳୟକୁ ଉଡ଼ାଇ ଦେଇଥିଲା କି? ବିକାନେର ଜିଲ୍ଲାର ଏକ ଦୂରବର୍ତ୍ତୀ ଗାଁରୁ ମିଳିଥିବା ମିସାଇଲ ବୁଷ୍ଟର ଏବଂ ନୋଜ କ୍ୟାପ୍ ଏହି କଳ୍ପନାଜଳ୍ପନାକୁ ଆହୁରି ଖୋରାକ ଯୋଗାଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ରାତିରେ ଆକାଶରେ ଏକ ଉଜ୍ଜ୍ୱଳ ଆଲୋକ ଏବଂ ଏକ ଜୋରଦାର ବିସ୍ଫୋରଣ ପରେ କେତେକ ଭଗ୍ନାବଶେଷ କ୍ଷେତରେ ପଡ଼ିଥିଲା। ବିଶେଷଜ୍ଞଙ୍କ ମତରେ, ତାହା ବ୍ରହ୍ମୋସ୍ ସୁପରସୋନିକ୍ କ୍ଷେପଣାସ୍ତ୍ରର ବୁଷ୍ଟର ଏବଂ ନୋଜ୍ କ୍ୟାପ ଥିଲା, ଯାହା କ୍ଷେପଣାସ୍ତ୍ର ଲଞ୍ଚ ହେବା ମାତ୍ରେ ଅଲଗା ହୋଇଯାଏ। ପହଲଗାମ ଆତଙ୍କବାଦୀ ➪ପୃଷ୍ଠା-୬

## ବେସାମରିକ ସୁରକ୍ଷାରେ ଯୋଗଦେବାକୁ ଆହ୍ୱାନ



**ଭୁବନେଶ୍ୱର, ୧୧।୫ (ସଂଚାର ବ୍ୟୁରୋ) :** ଦେଶର ସାଧାରଣ ଲୋକଙ୍କ ଜନଜୀବନର ସୁରକ୍ଷା ଆମ ସମସ୍ତଙ୍କର କର୍ତ୍ତବ୍ୟ। ସୁରକ୍ଷା ଓ ସେବା ଆମର ସର୍ବୋଚ୍ଚ କର୍ତ୍ତବ୍ୟ। ଏଥିପାଇଁ ଜାତୀୟତା ମନୋଭାବ ରଖି ବେସାମରିକ ସୁରକ୍ଷା ବା ସିଭିଲ୍ ଡିଫେନ୍ସ ସଙ୍ଗଠନରେ ସ୍ୱେଚ୍ଛାସେବୀ ଭାବେ ଯୋଗ ଦେବା ଉଚିତ ବୋଲି ମତ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଯୁବ ସମାଜ ହିଁ ଆମ ଆଶା, ଭରସା ଓ ଶକ୍ତିର ପ୍ରତୀକ ବୋଲି ଶ୍ରୀ ମାଝୀ କହିବା ସହ ଇଚ୍ଛୁକ ସ୍ୱେଚ୍ଛାସେବୀମାନେ କିପରି ଆବେଦନ କରିବେ, ସେନେଇ ସମ୍ପୂର୍ଣ୍ଣ ସୂଚନା ପ୍ରଦାନ କରିଛନ୍ତି। ➪ପୃଷ୍ଠା-୬

## ଜାତିସଂଘକୁ ପ୍ରମାଣ ଦେବ ଭାରତ

**ନୂଆଦିଲ୍ଲୀ,୧୧।୫:** ଆସନ୍ତା ସପ୍ତାହରେ ଜାତିସଂଘ ସୁରକ୍ଷା ପରିଷଦ ବୈଠକ (ୟୁଏନ୍‌ଏସ୍‌ସି) ଅନୁଷ୍ଠିତ ହେବ। ଏହି ପରିଷଦରେ ଭାଗ ନେବା ସକାଶେ ଭାରତ ପକ୍ଷରୁ ଏକ ଟିମ୍ ଯିବ। ଆତଙ୍କବାଦୀଙ୍କ ସହ ପାକିସ୍ତାନର ଲିଙ୍କ ରହିଛି ବୋଲି ଉକ୍ତ ବୈଠକରେ ଭାରତ ପ୍ରମାଣ ଦେବ ବୋଲି କୁହାଯାଇଛି। ଆତଙ୍କବାଦୀ କାର୍ଯ୍ୟକଳାପରେ ପାକିସ୍ତାନର ସମ୍ପୃକ୍ତିର ନୂତନ ପ୍ରମାଣ ଉପସ୍ଥାପନ କରିବା ପାଇଁ ଭାରତ ଖୁବ୍ ଶୀଘ୍ର ଜାତିସଂଘ ସୁରକ୍ଷା ପରିଷଦ (ୟୁଏନଏସସି)କୁ ଏକ ଦଳ ପଠାଇବ ବୋଲି ସୂଚନା ମିଳିଛି। ଆସନ୍ତା ସପ୍ତାହରେ ୟୁଏନଏସସି ୧୨୬୭ ପ୍ରତିବନ୍ଧକ କମିଟିର ଏକ ନିର୍ଦ୍ଧାରିତ ବୈଠକ ପୂର୍ବରୁ ଏହି ପଦକ୍ଷେପ ନିଆଯାଇଛି। ଭାରତ ପାକିସ୍ତାନର ଆତଙ୍କବାଦୀ ଗୋଷ୍ଠୀ ବିଶେଷକରି ଜୈଶ-ଏ-ମହମ୍ମଦ ➪ପୃଷ୍ଠା-୬

## ପଞ୍ଜାବ ସୀମାରୁ ଧରାପଡ଼ିଲେ ୨ ଗୁପ୍ତଚର



**ଚଣ୍ଡିଗଡ଼,୧୧।୫ :** ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଲାଗି ରହିଥିବା ବେଳେ ପଞ୍ଜାବ ପୁଲିସ ଓ ବିଏସଏଫ ସୀମାରୁ ୨ଜଣ ପାକିସ୍ତାନୀ ଗୁପ୍ତଚରଙ୍କୁ ଗିରଫ କରିଛି। ନୂଆଦିଲ୍ଲୀସ୍ଥିତ ପାକିସ୍ତାନ ଦୂତାବାସ ଅଧିକାରୀଙ୍କ ସହ ଏମାନଙ୍କ ସମ୍ପର୍କ ଥିବା ବେଳେ ଏମାନେ ଭାରତୀୟ ସେନାର ଗୁପ୍ତ ତଥ୍ୟ ପାକିସ୍ତାନ ସେନାକୁ ଯୋଗାଉଥିବା ବେଳେ ➪ପୃଷ୍ଠା-୬



### କାନ ଡେରିଥା

ବାହାଘର ହୁଏ ମଣିଷ ମାନଙ୍କ
ବଳି ପଡିଥାଏ ପଶୁ
ମାଉଁସ ନହେଲେ ଭୋଜି ହୁଏନାହିଁ
ଇଏ କଳିଯୁଗ ଦସ୍ୟୁ
ଛେଳି ମୁହେଁ ନାହିଁ ଇସ୍ୟୁ...
ନିରୀହ ଜୀବ ଟା ଭାବି ବି ପାରେନି
କେତେବେଳେ ହେବ ଖାସୁ!

■ ଦେବାଶିଷ

## ସୀମା ଟେନ୍‌ସନ ପାଇଁ ତିନି ଦଳ ଟେନ୍‌ସନ ଫ୍ରି

**ଭୁବନେଶ୍ୱର,୧୧।୫ (ସଂଚାର ବ୍ୟୁରୋ):** ଭାରତ-ପାକିସ୍ତାନ ସୀମାରେ ଏବେ ବି ଟେନସନ୍ ଲାଗି ରହିଥିବା ବେଳେ ଓଡ଼ିଶାର ତିନି ରାଜନୈତିକ ଦଳ କିନ୍ତୁ ଏଥିପାଇଁ ଟେନସନ୍ ଫ୍ରି ହୋଇଛନ୍ତି। କିନ୍ତୁ ସୀମାରେ ଟେନ୍‌ସନ କମିଲେ ଏଠାରେ ଦଳର ଟେନ୍‌ସନ ବଢ଼ିବ ବୋଲି କର୍ମୀମାନେ ଆଲୋଚନା ଚଳାଇଛନ୍ତି ।

ସୀମାରେ ଟେନ୍‌ସନ ପାଇଁ ସମସ୍ତଙ୍କ ନଜର ଏବେ ସେପଟେ। ଲୋକେ ସୀମା ଖବର ବାଦ୍ ଆଉ କିଛି ଦେଖୁନାହାନ୍ତି। ଗଣମାଧ୍ୟମ ମଧ୍ୟ ଅନ୍ୟ କିଛି ଖବର ଉପରେ ଫୋକସ୍ କରୁନାହିଁ। ଏହାର ଫାଇଦା ରାଜନୈତିକଦଳଗୁଡିକୁ ମିଳିଛି ବିଶେଷକରି ଦଳୀୟ କନ୍ଦଳରେ ଫସିଥିବା ବିଜେଡିକୁ ଆଶ୍ୱସ୍ତି ମିଳିଛି। ଦଳର ସଭାପତି ଭାବେ ନବୀନ ମଙ୍ଗ ଧରିବା ପରେ ବି ଅସନ୍ତୋଷ ଯୋଗୁଁ ବର୍ତ୍ତମାନ ସୁଦ୍ଧା କେତେକ ଜିଲ୍ଲାରେ ସଭାପତି ନିଯୁକ୍ତ ହୋଇପାରୁନାହାନ୍ତି। ଏଥିସହ ସାଙ୍ଗଠନିକ ପରିବର୍ତ୍ତନ ସମୟରେ ରାଜନୈତିକ ବ୍ୟାପାର କମିଟିରୁ ବାଦ୍ ପଡିଥିବା ବରିଷ୍ଠମାନେ ମେଳି ହେବାରେ ଲାଗିଛନ୍ତି। ଏହି ଖବର ରାଜ୍ୟର ଗଣମାଧ୍ୟମରେ ପ୍ରମୁଖତା ପାଲଟିଥିବା ବେଳେ ହଠାତ୍ ଭାରତ-ପାକିସ୍ତାନ ଖବର ପଶିଆସିବାରୁ ଏହା ଉପରେ ଆଉ କାହାର ନଜର ନାହିଁ।

ସେହିଭଳି କଂଗ୍ରେସ ଦଳରେ ବି ସଂଗଠନ ସଜଡା ଯାଇପାରୁନାହିଁ। ଭକ୍ତ ଦାସ ସଭାପତି ଦାୟିତ୍ୱ ନେବାକୁ କିଛି ଦିନ ବିତିଥିଲେ ମଧ୍ୟ ଦଳର ଅନ୍ୟାନ୍ୟ ଶାଖାରେ ମୁଖିଆ ନିଯୁକ୍ତ ହୋଇପାରୁନାହାନ୍ତି। ଫଳରେ ଦଳ ଆଗକୁ ବଢ଼ିପାରୁନାହିଁ। ଦଳ ପକ୍ଷରୁ ରାଜଧାନୀରେ ବିଶାଳ ଜନସମାବେଶ କରି ଯେତିକି ଫାଇଦା ନେବା କଥା ତାହା ବି ହେଲା ନାହିଁ। ଏହି ଘଟଣାରେ ଜେଲ୍‌ରେ ପଶିଥିବା କର୍ମୀମାନଙ୍କୁ ଦଳ ମୁକୁଳାଇପାରୁନାହିଁ। ଏହାକୁ ନେଇ ଦଳ ଭିତରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ରାଜ୍ୟର ଗଣମାଧ୍ୟମ କଂଗ୍ରେସର ଏହିସବୁ ଘଟଣା ଉପରେ ଫୋକସ କରୁଥିବା ବେଳେ ସୀମା ଖବରରେ ଏହା ଏକପ୍ରକାର ଥଣ୍ଡା ପଡ଼ିଯାଇଛି। ଦୁଇ ବିରୋଧୀ ଦଳ ଭଳି ଶାସକ ବିଜେପିର ସଭାପତି ➪ପୃଷ୍ଠା-୬

SIKSHA 'O' ANUSANDHAN
SAAT-2025
Empowering students for a brighter future
AGRICULTURAL PROGRAMMES OFFERED
■ B.Sc. (H) Agriculture
■ M.Sc. Agriculture
APPROVAL & RECOGNITIONS
■ Approved by UGC and ICAR
■ Re-accredited by NAAC with A++ Grade
■ Granted with Category-1 Graded Autonomy by UGC
NIRF INDIA RANKINGS 2024
■ 14th Best in University Category
■ 21st Best in Medical Category
■ 09th Best in Dental Category
INTERNATIONAL RANKINGS 2025
■ Ranked in QS World Rankings 2025
■ Ranked in Times World Rankings 2025
To apply for admission through SAAT, Please visit: www.soa.ac.in



# ପୂର୍ଣ୍ଣତା ଆଡକୁ ଗୋଟିଏ ପାଦ

**ଡଃ ଶୁଭେନ୍ଦୁ ମେହେର**

ସେ'ଦିନ ବିଭୋର ହେଲି
ବିଦାୟୀ ସୂର୍ଯ୍ୟଙ୍କ କୋମଳ କିରଣର
ଶୀତୁଆ ସଂଜରେ !
ଭାରି ଏକା ଏକା ଲାଗେ
ତା'ର ଆବର୍ତ୍ତମାନରେ।
ଯିଏ !
ମୋ' ଠାରୁ ମୋତେ ଛଡେଇ ନେଲା
ବାସ୍ତବରେ ସେ'
ମୋ' ପ୍ରେମିକା ଥିଲା ।
ଯାହାର ମୃଦୁ ଛୁଆଁ ପାଇ
ପୁଲକିତ ହୁଏ ମୋ'ର ଜୀବନ ସକଳ ।
ପ୍ରକମ୍ପିତ ହୁଏ ସ୍ୱର୍ଗ ମର୍ତ୍ତ୍ୟ ପାତାଳ
ହୃଦୟକୁ ହୃଦୟରେ ମିଶାଇ
କରେ ଅସମ୍ଭାଳ ।
ଝୁରୁଛି ତାକୁ ସଞ୍ଜ ରୁ ସକାଳ
ଯାହାକୁ ନେଇ ଜୀବନ ଜିଇଁବାର
ନୂତନ କୌଶଳ ।
ଫୁଲ ଠୁ' କୋମଳ ଜହ୍ନ ଠୁ' ଶୀତଳ
ନବଯୌବନା ସେ' କରେ ଆନମନା
ତା' ହୃଦୟରେ ସ୍ପନ୍ଦିତ
ମୋ' ଜୀବନର ବେସୁରା ସଙ୍ଗୀତ ।
ସତରେ !
ଆଦିମ କାଳରୁ
ସଞ୍ଚିତ ଥିଲା ସେ, ମୋ' ପାଇଁ !
ମୁକୁଳାଇ କେଶ ,
ଓଠରେ ମୃଦୁ ହାସ
ଚହଟାଇ ବାସ
ମୋ' ସର୍ବାଙ୍ଗରେ
ଭରିଥିଲା ମିଳନରେ ଦିବ୍ୟରାସ ।
ସର୍ଜନାର ଅନନ୍ୟ ସେ' ଈଶ୍ୱରଙ୍କର
ମୋ' ହୃଦୟର ସ୍ପନ୍ଦିତ ଉଚ୍ଚାରଣ
ଭାବନାର ଉଦ୍ଗିରଣ
ଜୀବନର ଅଙ୍କ ଖାତା
କାମନାର କାମିନୀ କାଞ୍ଚନ ।
ଶୂନ୍ୟତାର ପୂର୍ଣ୍ଣତା ପାଇବାରେ
ଆୟୁଷର ଅମରତ୍ୱ ପଥରେ
ସଦ୍ୟ ଉଦ୍ଭାସିତ ସିଏ ମୋ'ର
ପ୍ରତିଟି ଉଚ୍ଚାଙ୍ଗର ସ୍ୱପ୍ନିଳ ଉପବନରେ
ପ୍ରତିଟି ଆଶ୍ୱାସନାରେ
ଆଉ,
କାମନାର ମଧୁଶାଳାରେ
ଅନୁଭବ କରେ ତାକୁ ପ୍ରଣୟର
ଅନୁଭବରେ
ବିଭୋର କରେ ମୋତେ ସେ,
ପ୍ରତିଟି ସ୍ପନ୍ଦନରେ ।
ମୋ' ଆହତ ଅନାହତରେ
ଆବଦ୍ଧ କରେ ଭାବନାର ଉନ୍ମୁକ୍ତ ପଥରେ
ପ୍ରତିଟି ତପ୍ତ କାମନା ମଧ୍ୟରେ
ଛଳନା ହୀନ ବାସ୍ତବତାର ମାର୍ଗରେ
ମୋ'ର ହୃଦୟର ନିବେଦ୍ୟ
ନିବେଦନରେ
ସମୁଦ୍ରର ବିଶାଳତା,
ବାଲିର କ୍ଷୁଦ୍ରତାରେ।
ସର୍ବତ୍ର ଉଜ୍ଜୀବିତ ମୋ' ପ୍ରେମ
ତା' ସ୍ୱପ୍ନର ଅନ୍ଧାରି ଇଲାକାରେ
ସତରେ ସେ' ଛୁଆଁ ଛୁଆଁ ନଥିଲା
ଥିଲା ଏକ ପୂର୍ଣ୍ଣତା ଜୀବନର
ଯାହାକୁ ନେଇ ଲେଖା ଯାଇପାରେ
ପୂର୍ଣ୍ଣତା ଇତିହାସର ।

**ଯାଲୋଏ, ସୁବର୍ଣ୍ଣପୁର**



**ପୁଷ୍ପଲତା ମିଶ୍ର**

# କ୍ଷମା



ନରୋତ୍ତମପୁର ଶାସନ ମଫସଲ ହେଲେ ବି ଆଧୁନିକତାର ଛାପ ବେଶ୍ ବାରିହେଇ ପଡୁଛି। ସହରୀତଳର ଗାଁ ରେ ନାରାୟଣ ମିଶ୍ର ଯଜମାନ କାମକରି ଦୁଇ ପଇସା ରୋଜଗାର କରି ଯେନ ତେନ୍ ପ୍ରକାରରେ ଚଳି ଯାଆନ୍ତି। ପୁଅ ଦୁଇଟି ସାନ ବଡ଼ ଝିଅ ମିନାକ୍ଷୀ ମେଟ୍ରିକ୍ ପାଶ ପରେ ଯାଇ ସହରରେ ଗୋଟେ କମ୍ପାନୀରେ କାମକରି ଭଲ କଲେଜରେ ପଢୁଥାଏ। ହଠାତ୍ ତା ଜୀବନ ପରିସର ମଧକୁ ଆସେ ଫିରୋଜ ଖାଁ ବୋଲି ଜଣେ ମୁସଲିମ ଯୁବକ। ପ୍ରତି ପଦକ୍ଷେପରେ ମିନାକ୍ଷୀଙ୍କୁ ସାହାଯ୍ୟ କରି ବସିଲା।

ମଫସଲର ଝିଅ ସରଳ ମନରେ ଭୁଲି ଗଲା ମିନାକ୍ଷୀ ଧର୍ମ, ଜାତି କୁଳୀନ ବ୍ରାହ୍ମଣ ଘରର ଝିଅ ବୋଲି। ଉଗ୍ର ଆଧୁନିକତା ଭିତ୍ତିରେ ତା ମୁଣ୍ଡରେ ବସା ବାନ୍ଧିଥିଲା, ଜାତି କଣ ସମସ୍ତେ ସମାନ ଭାବି

ଫିରୋଜ ପ୍ରେମରେ ବାନ୍ଧି ହେଇଗଲା ମିନାକ୍ଷୀ।

ଆମ ପାଖରେ ଯେତିକି ଅଛି ସେତିକିରେ ଖୁସି ରହିବା କାହିଁକି ନା ଅଧିକ ଆଶା ଓ ଲୋଭ ମଣିଷକୁ ଦୁଃଖ ଦିଏ, ଏ କଥାକୁ ଭୁଲିଗଲା ମିନାକ୍ଷୀ। ଭୁଲିଗଲା ସେ ଜଣେ ନୈଷ୍ଠିକ ବ୍ରାହ୍ମଣ ଘରର ଝିଅ ବୋଲି। ପ୍ରେମ ସବୁବେଳେ ଅନ୍ଧ ଭଲ ମନ୍ଦ ବିଚାର କରିବାର ଶକ୍ତି ତା ମୁଣ୍ଡରେ ପଶିଲା ନାହିଁ। ଫାରୋଜ ବୁଝେଇ ଦେଲା ମିନାକ୍ଷୀଙ୍କୁ ଈଶ୍ୱର ଆଉ ଆଲ୍ଲା ଏକ। ମୁଁ ଅଲ୍ଲାଙ୍କୁ ପୂଜା କରିବି ତୁ ଜଗନ୍ନାଥଙ୍କୁ ପୂଜା କରିବୁ ଏଥିରେ ଅସୁବିଧା କୋଉଠି ଅଛି ? ସରଳ ମନରେ ବୁଝି ଗଲା ମିନାକ୍ଷୀ। ଘରେ ବାପାଙ୍କୁ କହିବାକୁ ସାହସ ନପାଇ ମାକୁ କହିଲା, ମୁଁ ଫିରୋଜକୁ ବିବାହ କରିବାକୁ ଚାହେଁ। ମାଆ ଏହା ଶୁଣି ଗର୍ଜି ଉଠିଲେ। ତୋର ଏତେ ସାହାସ ତୁ ଶେଷରେ ମୁସଲମାନ ଘରେ ପଶିଲୁ ବାହାରିଯା ମୋ ଘରୁ ମୋ କାୟା ଅପବିତ୍ର କରିବୁ ନା କଣ ? ତୋ ଭଳି ଝିଅ ଥିଲେ କେତେ ନ ଥିଲେ କେତେ, ଏକ ମୁହାଁ ହେଇ ପଳେଇ ଆସିଲା ମିନାକ୍ଷୀ ସହରକୁ। ଆଉ ବାହା ହୋଇ ଦିଲ୍ଲୀ ପଳେଇ ଗଲେ ଦୁହେଁ। କିଛି ଦିନ ରହିଲେ ପାଖରୁ ଧନ ସରି ଗଲାରୁ ଫିରୋଜର ଅସଲି ଚେହେରା ଧରାପଡ଼ିଗଲା। ଟିକେ ଟିକେ କଥାରେ ରାଗି ଫିରୋଜ ହାତ ଉଠେଇ ବାଡ଼ିଆପିଟା କରେ। ସବୁ ସହିଯାଏ ମିନାକ୍ଷୀ। ନିଜେ ତ ଭୁଲ କରିଛି କହିବ ବା କାହାକୁ ? ମିନାକ୍ଷୀ ସାଙ୍ଗରେ ନେଇଥିଲା ଗୀତା ଭାଗବତ ସେ ପ୍ରତିଦିନ ପଢ଼େ ଓ ଜଗନ୍ନାଥଙ୍କୁ ପୂଜା କରେ। ଇଦ୍ ଆସିବାରୁ ଫିରୋଜ ବାଧ କଲା ମିନାକ୍ଷୀଙ୍କୁ ଗୀତା ଭାଗବତ ଛାଡ଼ି ନମାଜ ପଢିବାକୁ। କିନ୍ତୁ ମିନାକ୍ଷୀ ଗୀତା ଭାଗବତ ସହ ନମାଜ ବି ପଢ଼େ।

ଦିନକର କଥା ଫିରୋଜ ଦେଖିଲା ମିନାକ୍ଷୀ ଗୀତା ପଢୁଛି। ରାଗ ପଞ୍ଚମକୁ ଉଠିଗଲା କିଛି ନ କହି ବାହାରକୁ ଚାଲିଗଲା। କିଛି ସମୟ ପରେ ସାଙ୍ଗରେ ଆଣିଥିଲା, ମିନାକ୍ଷୀ ପୂଜା କରୁଥିବା ତା ମାର ମାଉଁସ। ଚମକି ପଡ଼ିଲା ମିନାକ୍ଷୀ ତା ମାଆ ଏ ଗୋ ମାତାର ମାଂସ। ଏହାକୁ ସେ ରାନ୍ଧି ପାରିବ ନାହିଁ କି ଖାଇ ପାରିବ ନାହିଁ। ମିନାକ୍ଷୀ ରାଗ ତମ ତମ ହେଇ ଫିରୋଜ ଆଣିଥିବା ମାଂସକୁ ମୁଣ୍ଡିଆ ମାରି ଅଳିଆ ଗଦାରେ ଫୋପାଡି ଦେଇ ଆସିଲା। ଆଉ କହିଲା, ତୁମର ଏତେ ସାହସ ମୋ ମାଆର କଟା ମାଂସକୁ ଦଉଛ ମୁଁ ରାନ୍ଧିବି ଆଉ ଖାଇବି !! ତୁମ ମନରେ ଏତେ କଥା ଥିଲା ମୁଁ ଜାଣି ନ ଥିଲି ଫିରୋଜ! ତୁମକୁ ଭଲପାଇ ପଳେଇ ଆସିଲି ବୋଲି କଣ ମୋର ଧର୍ମ କର୍ମ ସବୁ ଛାଡ଼ି ଦେବି ଏହା କହି ଘରୁ ପଦାକୁ ଆସୁ ଆସୁ ଧରି ନେଲା ଫିରୋଜ ମିନାକ୍ଷୀକୁ ହାତରେ ଧରି ଥିବା କଟୁରୀରେ ଚୋଟ ପରେ ଚୋଟ ପକେଇ ଲହୁ ଲୁହାଣ କରି କୁଆଡ଼େ ପଳେଇଗଲା ଫିରୋଜ। ପାଖ ପଡୋଶୀ ମିନାକ୍ଷୀକୁ ମେଡିକାଲ ନେଇ ଗଲେ। ମେଡିକାଲ ବେଡ଼ରେ ପଡ଼ି ମିନାକ୍ଷୀ କ୍ଷମା ପ୍ରାର୍ଥନା କରିଛି। ତା ଠାକୁର ବଡ଼ ଠାକୁର ଜଗନ୍ନାଥଙ୍କୁ। କ୍ଷମା ମାଗିଛି ତାର ପୂଜ୍ୟ ବାପା ମାଙ୍କୁ, ସେ କରିଥିବା ଭୁଲର କ୍ଷମା ନାହିଁ ସତ ତଥାପି ହିନ୍ଦୁ ସନାତନୀ ଝିଅମାନଙ୍କୁ ଅନୁରୋଧ କରି କହିଛି ବିବାହ କରିବ ତ ହିନ୍ଦୁ ସମାଜରେ କର। ଏ ଜଲ୍ଲାଦ ପ୍ରେମରେ ପଡନାହିଁ, ମୁଁ କରିଥିବା ଭୁଲକୁ କ୍ଷମା ନାହିଁ ସତ। ଜୟ ଗୋ ମାତା ଜୟ ଗୋ ମାତା ଜୟ ଜଗନ୍ନାଥ କହି ସବୁଦିନ ପାଇଁ ଆଖି ବୁଜିଦେଲା ମିନାକ୍ଷୀ !!

**ଭୁବନେଶ୍ୱର, ମୋବାଇଲ୍: ୯୩୩୮୨୯୪୬୫୭**



# ମା' ମୋ ଭିନ୍ନ ପୃଥିବୀ

**ସ୍ୱାଗତିକା ସାହୁ**

ମାଁ ତୁମେ ମୋର ଏକ ଭିନ୍ନ ପୃଥିବୀ
ତୁମ ସ୍ନେହଭରା ସବଳୀନ ସ୍ପନ୍ଦନରୁ
ତୁମ ସରଳ ଅନ୍ତର ନିଭୃତିରୁ ...
ତୁମ ପରି ଶିଖିଛି ମାଁ ସିଝି ସିଝି
ଫୁଟା ଚାଉଳରେ ...
ଭରିବା ସମସ୍ତଙ୍କ ପେଟ....!
ମୁଁ ଶିଖି ଗଲିଣି ଯେତେ ସବୁ
ଘରର ଦାୟିତ୍ୱ....
ହଁ....ତୁମ ପରି
ପେଟ ଭୋକକୁ ଶୀତିଳେଇବା ପାଇଁ
ଅଣ୍ଟା ଭିଡ଼ି ନେଇଛି ସଂସାର ରଥ
ମୋ ଅନ୍ୟ ଏକ ଦୁନିଆରେ....
ତୁମେ ସେମିତି ମୋର ଦେବୀ ଟେ..!
ପ୍ରେମ ନିଶିଗନ୍ଧା ମମତାମୟୀ ଟେ
ସ୍ନେହ ରଜନିଗନ୍ଧାର ସ୍ୱୀକାରୋକ୍ତି
ତୁମେ...
ଅତୁଳନୀୟ ଅଲିଖିତ ରାଜିନାମାଟେ
ମନ ମାରି ଯେବେ ବସେ ଏକାକୀ
ଲାଗେ ତୁମେ ପାଖେ ଆସ
ଠାକୁର ଆଗେ ଆଖି ମୁଦି ବସିଦେଲେ
ତୁମେ ହିଁ ତ ମୋତେ ଦିଶ....!
ଆପେ ଆପେ ହଜିଯାଏ
ତୁମ ମଧୁବୋଲା ଅମୃତ ବଚନ ସ୍ମୃତିରେ
ତୁମେ ମୁଗ୍ଧ ଅନୁଭବି କରେ ସ୍ଥିତପ୍ରଜ୍ଞ
ସେଇ ତୁମ କୋଳ...ମମତା...
ନାନା ବାୟା ଗୀତ
ସବୁ ପଣତ ଛାଏଁ ଛାଏଁ ରିଯାଏ...
ତୁମ କ୍ଷମା ଭଣ୍ଡାରେ....!!
ପରିପୂର୍ଣ୍ଣ ଶରୀର ମୋ....
ତୁମ ଘନ ରାହସ୍ୟରେ
ତୁମ ସ୍ନେହ ନୁହେଁ ଟୁକୁରା କାଗଜ...
ବର୍ଷାରେ ଭିଜିଯିବ...
ମାଟିର କଣ୍ଢେଇ ନୁହଁ,
ଭାଙ୍ଗିଦେଲେ, ଭାଙ୍ଗିଯିବ
ଦେବା ନେବା ଦୁନିଆ,ରେ
ତୁମେ କେବଳ ଗୋଟିଏ ଚରିତ୍ର
ପାଇବାର ଆଶା ନାହିଁ...
ତୁମେତ ସରଳ ସୂତ୍ରଟିଏ ।।
ତୁମ ଗୁଣର ସମୀକ୍ଷା କରିବ କିଏ ?
ଜୀବନର ଚିହ୍ନା ପୃଷ୍ଠାରେ....
ଭରିଦିଅ ପ୍ରିତୀ ପ୍ରଭଷର ଧାରା
ତୁମ ଆଦେଶ, ଉପଦେଶ
ଅନୁଦେଶ, କଟକଣା ଲାଗେ ଆଜି
ନିଆରା...!
ମନତଳ ଗହୀରି ଅନ୍ଧାରଟା
ଆପେ ଆପେ ହଜିଯାଏ....
ଅନୁସନ୍ଧାନ ର ଗବେଷଣାରେ
ତୁମେ ସ୍ମରାମି,ନାମମି...!
ଯାତ୍ରା ଆରମ୍ଭ ରୁ ଆଜି ଯାଏଁ
ସଦା ଅଭୁଲା ରାହେଟି ତୁମ ପ୍ରିତୀ
ଜୀବନେ ରଖିନାହଁ ଅନନ୍ତ କାମନା
ମୃତ୍ୟୁର ପଦଧ୍ୱନି ପର୍ଯ୍ୟନ୍ତ
ରହୁ ତୁମ ଦିବ୍ୟ ସ୍ପର୍ଶ ଓ ଆଶିଷ
ଲାଗେ ସବୁ ଜନ୍ମ ତୁମରି ହେବିକି...
ଥାଅ ତୁମେ ଜନ୍ମ ଜନ୍ମାନ୍ତରେ ।।

**ଉମରକୋଟ, ନବରଙ୍ଗପୁର**







# ବାପାଙ୍କ ସାଇକେଲ

**ଡ ଚନ୍ଦ୍ରକଳା ନାୟକ**

ଦୁଇବର୍ଷ ହେଲା ବାପା ଗଲେଣି
ସ୍ମୃତି ବୋଲି ଦୃଶ୍ୟମାନ
କେବଳ ଅଛି
ତାଙ୍କ ଅତି ନିଜର ସାଇକେଲଟା।
ଯତ୍ନର ସହ ପୋଛି ପାଛି ରଖୁଛି ତାକୁ ବାରଣ୍ଡାର ଏକ ନିବୃତ୍ତ କୋଣରେ।
ଆବଶ୍ୟକ ହୁଏନା କାହାର
କିନ୍ତୁ ମୋ ବାପା ଥାନ୍ତି
ତାରି ଭିତରେ ।
ବାଙ୍ଗରା ମଣିଷ ଡେଙ୍ଗା ସାଇକେଲ ଉପରେ ବିଜେ ହେଲାପରେ
ସିଏ ଗଜ -
ବାପା ମୋ ଗଜପତି ।
ମଧ୍ୟବିତ୍ତ ପରିବାରର ଜଞ୍ଜାଳ
ସଂଧ୍ୟା ଆସିଲେ ସାରା ଦିନର
କଷ୍ଟକୁ ସାରି ଦିଅନ୍ତି
ତାରି ଦେହକୁ ନିରେଖି କି ଦେଖି ।
ମାଟା ମୋର ଲାଜକୂଳୀ ଲତା
ତା ପୁରୁଣା ହାରମୋନିୟମଟା
ତାର ଏକମାତ୍ର ସମ୍ପତ୍ତି ।
ତଥାପି ବାପାଙ୍କୁ ସେ କଣେଇ ଚାହେଁ ତା ସହ ସାଇକେଲର
ଅଙ୍ଗ ପ୍ରତ୍ୟଙ୍ଗକୁ ।
ଗୁଣୁଗୁଣୁ ହୋଇ କହିଯାଏ କିଛି ବାପାଙ୍କୁ ତ ଶୁଭେନା
ହେଲେ ପିଲାଙ୍କୁ ଅନାଇ
ବାହାନା ମାରେ।
ମୋ ପ୍ରାୟ
ବରା, ହାଟର ବାରମୋଜା, ଶୁଖୁଆ ଓ ଇଲିସ ମାଛର ସମ୍ଭାର
ଯାବତୀୟ ଜିନିଷକୁ ସେ ବୁହେ ।
ଯୌବନରେ ଫ୍ରକ ପ୍ୟାଣ୍ଟ୍ ଠାରୁ ଅନ୍ତବସ୍ତ୍ର ପର୍ଯ୍ୟନ୍ତ ।
ମାକୁ ବି ଭାରି ଆରାମ
ତଥାପି ବାପାଙ୍କ ଆଦର ପାଇଁ ସାଇକେଲଟି କାଳେ
ମୋ ମାଆର ସଉତୁଣି ପଣିଆକୁ ପଢେ ।
ବାପା ମୋର ଭାରି ସ୍ୱଭିମାନୀ
କଡା ମିଜାଜର ସ୍ପଷ୍ଟବାଦୀ ପିଲାବେଳର ସେ ଦୃଷ୍ଟାମୀ
ବାରମ୍ବାର ସାଇକେଲ ଶିଖିବାର ଚେଷ୍ଟା
ପଡି ଉଠି ଖଣ୍ଡିଆ ହେବାର
ବାପା କିନ୍ତୁ କ୍ରୋଧରେ ଲାଲ ପଡିଯାନ୍ତି ।
ଏ ସାଇକେଲଟା ତାଙ୍କ ଜୀବନ ଧନ ଓ ହୋ ବୋଧେ ମୋ ଠାରୁ ବି ଆପଣାର।
ସେ ତ ଦେଖୁଛି ବାପାଙ୍କର ଲୁହ, ଲହୁ
ଓ ଜୀବନ ଜୀବିକା ପାଇଁ ଜଙ୍ଗଲ ଚଢା
ଯେଯଙ୍କର ତାଳିପକା ଛତା
ଯେଯମାଆର ଓଢଣା ତଳର ସଜଫୁଟା
ମୁରୁକି ହସା ।
ସେ ବି ଦେଖୁଛି ମୋ ଚାକିରୀ ଶାଶୁଘର ଯିବା
ହୃଦୟଭରା ଦୃଶ୍ୟ ସବୁ
ତା ସହ ମୋ ବର ପିଲାକୁ ।
ମୋ ହରିଣଛୁଆ ଦିଟାକୁ ଦେଖି
ଏହା ଭିତରେ ସେ ପାଲଟି ଯାଇଛି ବଜ୍ର, ସମୟର ଗତିଚକ୍ରରେ ।
ପ୍ରତିଦିନ ପୋଛୁଥିବା ଦରସିଆଁ
କପଡାଟା ରହିଯାଇଛି ସେହି ସିଟତଳ ଗହ୍ୱରରେ ।
ଶ୍ମଶାନରେ ଜଳୁଥିବା ଯୁଇଠାରୁ
ବାରପତ୍ର ପୁରିବା ପର୍ଯ୍ୟନ୍ତ ।
ଏବେ ମୋ ବାପା ସିନା ନାହାନ୍ତି
ମନର ଶରଶଯ୍ୟାରେ ଶୋଇ
ତାଙ୍କ ଆଖି ଦୁଇଟି ଜୁଳୁ ଜୁଳୁ
ହୋଇ ଅନାଇଛି ମୋତେ ।
ଶୁଭ ମନାସି ଦେଇ
ଅଲୋଡା ହୋଇ ପଡିଥିବା
ପିଣ୍ଡାର ସେହି କୋଣରୁ
ସେ ନିରେଖି ଦେଖୁଛି
ସଂସାରର ପରପିଡି ମାନଙ୍କୁ ।

**ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ, ଯାଜପୁର, ମୋବାଇଲ୍: ୯୪୩୭୯୫୭୬୧୭**





# ହୁଅ ଏକାକାର

**ଅନୁପମା ବିଶ୍ୱାଳ**

ଓଡିଶା ଗର୍ଭରୁ ତିରିଶ ସନ୍ତାନ
ହୋଇଲେ ଲଗନେ ଜାତ
ନିଜ କୋଳେ ଧରି ଅତି ସରାଗରେ
ମାଆ ଘୋଡାଏ ପଣତ ।
ଦୁଃଖ କଷ୍ଟ ସହି ପାଳିଲା ପୋଷିଲା
ସନ୍ତାନ ହସିବ ବୋଲି
ସନ୍ତାନର ସୁଖ ସରଗଠୁ ବଡ଼
ଅଟେ ପରା ଧନମାଳୀ।
ବିଶ୍ୱ ଦରବାରେ ଗର୍ବ କରି କୁହେ
ଦେଖ ମୋ ପିଲାଙ୍କୁ ଦେଖ
କିନ୍ତୁ ଏକାନ୍ତରେ ଗୁମୁରି କାନ୍ଦେ ସେ
ନ ପାଇ ସନ୍ତାନ ସୁଖ।
ଆପଣା ଭିତରେ ଟଣାଟଣି ଭାବେ
ରହନ୍ତି ସନ୍ତାନ ଗଣ
ଜଣେ ଜଣଙ୍କର ଉଛୁଳି ଉଛୁଳି
କରୁଥାନ୍ତି ନିନ୍ଦାଗାନ ।
ଭାଷାରେ ଗୁଣରେ ରୂପରେ ଜ୍ଞାନରେ
ଦେଖାନ୍ତି ସର୍‌ବେ ବହପ
ଆପଣା ଭିତରେ ତୁଚ୍ଛ ଯୁକ୍ତିତର୍କ
କରନ୍ତି ହୋଇଣ କୋପ ।
ଏଭଳି ଦୁଃଖକୁ କାହାରି ଆଗରେ
ମାଆ ତ ପାରେନି କହି
ଅଜାଗା ଘାଆକୁ କୋମଳ ଶରୀରେ
ନପାରେ ଅବା ସେ ସହି।
ହେ ସନ୍ତାନଗୁଣ କରେ ମୁଁ ବିନତି
ସର୍‌ବେ ହୁଅ ଏକାକାର
ଦେଖିବ ନିଶ୍ଚୟ ମାଆ ଓଠେ ଆମ
ଖେଳିବ ହସ ଜୁଆର।

**ସମ୍ବଲପୁର, ମୋବାଇଲ୍: ୭୯୭୮୫୬୮୩୨୨**



**ଡ. ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ**

# ଯୁଦ୍ଧଂ ଦେହି




ମହାଭାରତ ଯୁଦ୍ଧ ଚାଲିଥାଏ। ବିଶାଳ କୌରବ ସେନା ଓ ଶ୍ରୀ କୃଷ୍ଣ ଆଶ୍ରିତ ପାଣ୍ଡବ ସେନା ପରସ୍ପର ବିରୋଧରେ ଯୁଦ୍ଧ ଘୋଷଣା କରି ସାରି ଥାଆନ୍ତି। ବିଶ୍ୱବିଜୟୀ ଧନୁର୍ଦ୍ଧର ଅର୍ଜୁନ ସାମ୍ନାରେ ଆପଣାର ଲୋକମାନଙ୍କୁ ଦେଖି କିଂକର୍ତ୍ତବ୍ୟବିମୁଢ଼ ହୋଇ ଗଲେ। ସେହି ସମୟରେ ଭଗବାନ ଶ୍ରୀ କୃଷ୍ଣ ମଣିଷର ସର୍ବୋତ୍ତମ କର୍ତ୍ତବ୍ୟ ଧର୍ମ ରକ୍ଷା ଓ ସେଥିପାଇଁ ସାମ୍ନାରେ ଯିଏ ଥିଲେ ମଧ ପଛଘୁଞ୍ଚା ଦିଆ ଯିବା ଅନୁଚିତ ବୋଲି ବୁଝାଇଲେ। ଧର୍ମର ସଂସ୍ଥାପନ ହିଁ ଯୁଗେ ଯୁଗେ ମାନବ ସଭ୍ୟତାର ମୂଳ ମନ୍ତ୍ର ବୋଲି ବିଦିତ ହେଲା। ଯେଉଁ ଭଗବତ୍ ଗୀତା ଆମକୁ ଅହିଂସା ପରମୋଧର୍ମ ବୋଲି ଶିଖାଏ ତାହା ପୁଣି ଧର୍ମ ରକ୍ଷା ପାଇଁ ହିଂସାର ଆବଶ୍ୟକତାକୁ ବୁଝାଏ। ସଭ୍ୟତାର ପ୍ରାରମ୍ଭରୁ ମଣିଷ ଯୁଦ୍ଧରତ। ପୃଥିବୀରେ ଯୁଦ୍ଧ ଭୋଗୁ ଭୋଗୁ ସମୟର ବେଳା ଭୋଗି ସାରିଛି କେତେ ଜୁଆର ଓ ଭଟ୍ଟା। ହଜି ଯାଇଚି କେତେ ପଦଚିହ୍ନ। ବିବର୍ଣ୍ଣ ପାଲଟିଛି ଅତୀତର ସୁନେଲି ଦସ୍ତାବିଜ୍। ଅନେକ ଯୁଦ୍ଧର ବିଭୀଷିକା ଥରାଇ ଦେଇଚି ପୃଥିବୀର ବୁକୁ। ଗ୍ରୀକ୍ ମାନେ ଭାରି ଯୁଦ୍ଧ ପ୍ରିୟ ଥିଲେ। ଏକଦା ଗ୍ରୀକ୍ ବୀର ମେଲାନିଆସ ନିଜର ଅଖଣ୍ଡ କ୍ଷମତା ଯୋଗେ ବ୍ରହ୍ମାଣ୍ଡ ସୁନ୍ଦରୀ ହେଲେନଙ୍କୁ ବିବାହ କରି ନିଅନ୍ତି। ମାତ୍ର ଅଳ୍ପବୟସୀ ଅନିନ୍ଦ୍ୟ ସୁନ୍ଦରୀ ହେଲେନ୍ ଟ୍ରୟ ରାଜପୁତ୍ର ପ୍ୟାରିସଙ୍କ ପ୍ରେମରେ ପଡ଼ି ତାଙ୍କ ସହ ପଳାୟନ କରନ୍ତେ ଏହାକୁ ଅଧର୍ମ ମନେକରି ସମସ୍ତ ଗ୍ରୀକ୍ ରାଜ୍ୟ ଟ୍ରୟ ଉପରେ ଏକତ୍ର ଆକ୍ରମଣ କରନ୍ତି। ସୁନ୍ଦର ଟ୍ରୟ ରାଜ୍ୟ ଅଚିରେ ଧ୍ୱଂସ ପ୍ରାପ୍ତ ହୁଏ। ଏହା ଦୁଇ ରାଜ୍ୟର ବ୍ୟକ୍ତିଗତ ରୋଷ ହେଲେ ମଧ ଅଡିସିଅସ, ଆକିଲିସ୍‌ଙ୍କ ପରି ବିଶ୍ୱବିଜୟୀ ବୀରମାନେ ଏଥିରେ ପକ୍ଷ ଭୁକ୍ତ ହୁଅନ୍ତି। ସମୟ ସମୟରେ ଘଟି ଥିବା ବିଶ୍ୱ ଯୁଦ୍ଧ ମଧ ଏହି ଭାଗିଦାରୀ ପାଇଁ କରାଳ ରୂପ ନେଇ ଆସିଛି। ରୁଷ୍, ୟୁକ୍ରେନ ଯୁଦ୍ଧ ତ ସବୁଠାରୁ ଲମ୍ବା ଚାଲିଥିବା ଯୁଦ୍ଧର ରେକର୍ଡ କଲାଣି। ମାତ୍ର ଜୀବନ ଅଟକି ନାହିଁ କେଉଁଠି। ଜୀବନ ତ ସେମିତି। ମରୁଭୂମିର ଧୂ ଧୂ ଖରାରେ ବି ଫୁଟାଇ ପାରେ ସମ୍ଭାବନାର ଫୁଲ। ଅରଣ୍ୟର ଅଜଗର ମୁହଁରୁ ବଞ୍ଚି ପାରେ ନିରୀହ ପକ୍ଷୀ ଶାବକକୁ। ସମୁଦ୍ରର ଅତଳ ଗର୍ଭରୁ ଆଣିପାରେ ମୁକ୍ତା। ସମୟଚକ୍ରରେ ଅନେକ ନିରୀହ ଜୀବନ ଅକାରଣେ ନଷ୍ଟ ହେଇ ଯାଏ ସତ, ମାତ୍ର ନୂତନତ୍ୱର ଆଶା ଏବେ ବି ଉଜ୍ଜୀବିତ।

ଗତ କିଛି ଦିନ ଧରି ଚାଲିଥିଲା ଭାରତ ପାକିସ୍ଥାନ ଯୁଦ୍ଧ ମଧ ଏକ ବିଶ୍ୱ ଯୁଦ୍ଧ ଆଡ଼କୁ ଯେ ନ ମୁହାଁଇବ ଏକଥା କିଏ କହି ପାରିବ? ବର୍ଷ ବର୍ଷ ଧରି ଆମେ ପଡୋଶୀ ଦେଶର ଆତଙ୍କବାଦକୁ ବରଦାସ୍ତ କରି ଆସୁଛେ। ସ୍ୱାଧୀନତା ପରଠାରୁ ଭାରତ ଓ ପାକିସ୍ଥାନ ମଧ୍ୟରେ ବିବାଦ ଲାଗିରହିଥିଲା, ଫଳରେ ୧୯୪୭, ୧୯୬୫, ୧୯୭୧ ଓ ୧୯୯୯ ମସିହାରେ ଚାରିଥର ଯୁଦ୍ଧ ହୋଇଥିଲା। ଶୀତଳ ଯୁଦ୍ଧ ସମୟରେ ଭାରତ ନିରପେକ୍ଷ ରହିଥିଲା, ଏବଂ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର ନେତୃତ୍ୱ ନେଇଥିଲା। ଏହା ସହ ଯେତେବେଳେ ପାକିସ୍ଥାନର ଯୁକ୍ତରାଷ୍ଟ୍ର ଓ ଚୀନ ସହ ସମ୍ପର୍କ ବଢ଼ିଲା, ସେତେବେଳେ ଭାରତ ସୋଭିଏତ ସଂଘ ସହିତ ଘନିଷ୍ଠତା ବଢାଇଥିଲା। ମାତ୍ର ପାକିସ୍ତାନ ଆତଙ୍କବାଦର ସାହାରା ନେଇ ବାରମ୍ବାର ଭାରତ ଉପରେ ଆକ୍ରମଣ କରି ଚାଲିବା କ୍ରମଶଃ ଅସହ୍ୟ ହୋଇଛି। ୨୦୦୮ ମୁମ୍ବାଇ ଆକ୍ରମଣ ଓ ୨୦୧୮ ପୁଲୱାମା ଆକ୍ରମଣ ଘଟଣା ପରି ଜଘନ୍ୟ କାଣ୍ଡଠାରୁ ବଳି ଯାଇଚି ୨୩ଏପ୍ରିଲ ରେ ଜମ୍ମୁ କାଶ୍ମୀରରେ ହୋଇଥିବା ଗଣହତ୍ୟା। ମାତ୍ର ଛଅ ଦିନର ବୈବାହିକ ଜୀବନ ବିତାଇଥିବା ମୃତକଙ୍କ ମରଶରୀର ପାଖରେ ବସି ରହିଥିବା ଅସହାୟ ପତ୍ନୀର କରୁଣ ଚିତ୍ର ଅନେକଙ୍କ ମନ ମସ୍ତିଷ୍କକୁ ଦୋହଲାଇ ଦେଇଥିଲା। ଏହା ପରେ ସେହି ଆତଙ୍କବାଦୀଙ୍କୁ ସଂଗ୍ରାମୀ ବୋଲି ଅଭିହିତ କରିଥିବା ପାକିସ୍ତାନ ପ୍ରତି କୋହଳ ମନୋଭାବ ଆଦୌ ସମିଚୀନ ନୁହେଁ। ଭାରତ ସିନ୍ଧୁ ଜଳ ଚୁକ୍ତି ବାତିଲ ପରି କାମ କରି ଥିଲେ ମଧ ସମ୍ମୁଖ ଯୁଦ୍ଧରେ ପାକିସ୍ତାନକୁ ଧୂଳିସାତ କରି ଦେବା ପ୍ରତି ଭରତୀୟ ଚାହୁଁଥିଲା। ଭାରତ ସଦା ସର୍ବଦା ମାନବ ଧର୍ମକୁ ସର୍ବଶ୍ରେଷ୍ଠ ବିଚାର କରି ଆସିଥିବା ବେଳେ ଆତଙ୍କବାଦୀମାନେ ଧର୍ମ ପଚାରି ହତ୍ୟା କରୁଥିବା ନିଶ୍ଚିତ 'ଯୁଦ୍ଧଂ ଦେହି' ଡାକରା ବୋଲି ଧରାଯିବ।

ବର୍ଷ ପରେ ବର୍ଷ ଭାରତ ପ୍ରଗତିଶୀଳ ହୋଇ ଆଗକୁ ପାଦ ବଢ଼ାଇଛି। ଆମେ ଯାଇପାରିଛେ ଚନ୍ଦ୍ରକୁ। ଓହ୍ଲାଇଚେ ତାର ଦୁର୍ଗମ ମେରୁରେ। ଛୁଇଁ ପାରିଛେ ସୂର୍ଯର ଉତ୍ତାପକୁ। ଚନ୍ଦ୍ରୟାନ ଓ ଆଦିତ୍ୟ ମିଶନ ଆମକୁ ବିଶ୍ୱ ଦରବାରରେ



ସମ୍ମାନ ଆଣି ଦେଇଛି। ଆମେ ହରାଇ ପାରିଛେ ରୋଗ ବ୍ୟାଧିର କରାଳ ଛାଇକୁ। ଶିକ୍ଷା, ସ୍ୱାସ୍ଥ୍ୟ ଓ ସମ୍ପଦରେ ସମୃଦ୍ଧ ହୋଇ ପାରିଛେ ବିଗତ ବର୍ଷରେ। ମାତ୍ର ଯେଉଁଠି ମାନବତାର ଜୟଗାନ କରି ଆମେ ବିଶ୍ୱ ଦରବାରରେ ତିରଙ୍ଗା ଉଡ଼ାଇ ପାରିଚେ ସମୟେ ସମୟେ ଆସନ୍ନ ଯୁଦ୍ଧର ଆଶଙ୍କା କେଉଁଠି ନା କେଉଁଠି ଭରତୀୟଙ୍କ ମନକୁ କରିଛି ଆନ୍ଦୋଳିତ। ଏବେ ଯୁଦ୍ଧର ଉତ୍ସାହ ସବୁ ଆଡେ। ପାକିସ୍ତାନ ର ସମ୍ପୁର୍ଣ୍ଣ ଅସ୍ତିତ୍ୱ ଉଡ଼ାଇ ଦେବାର ନୂଆ ସଙ୍କଳ୍ପ ନେଇ ସମସ୍ତେ ବ୍ୟସ୍ତ। ମାତ୍ର କଣ ହେବ ସେଇ ଅଭିଶପ୍ତ ଯୁଦ୍ଧଭୂମିରେ ଅହରହ ଜୀବନ ସଂଗ୍ରାମ କରୁଥିବା ଓ ପ୍ରାଣବଳି ଦେଉଥିବା ଯୋଦ୍ଧା ମାନଙ୍କର ? ଧୀରେ ଧୀରେ ମାନବତା ଯାଉଚି ଅତଳ ଗଭୀରକୁ। କାହିଁ ମାନବତା ? କେତେ ପର୍ଯ୍ୟନ୍ତ ତାର ବ୍ୟାପ୍ତି ? ଆମେ ବିଶ୍ୱ ଗ୍ରାମର କଥା କହୁଥିବା ବେଳେ ନିଜେ ଏଥିରେ ସାମିଲ୍ ହୋଇ ପାରି ନାହିଁ। ତୁର୍କୀ ପରି ଦେଶକୁ ଭୂମିକମ୍ପ ପରି ମହାବିପତ୍ତି ବେଳେ ଆମେ ପ୍ରଥମେ ସାହଯ୍ୟ କରିଥିବା ବେଳେ ପାକିସ୍ଥାନକୁ ଯୁଦ୍ଧ ପାଇଁ ଆବଶ୍ୟକୀୟ ଅର୍ଥ ଯୋଗାଇ ଦେଇ ସେ ପ୍ରମାଣିତ କରିଛି ଯେ ମାନବତାର କିଛି ମୂଲ୍ୟ ନାଇଁ। ଆମେରିକାର ପ୍ରଚ୍ଛନ୍ନ ମଧ୍ୟସ୍ଥତା କୌଣସି ସମଧାନର ସୂତ୍ର ବାହାର ନ କରିବା ମଧ ଆଉ ଏକ ବିଫଳତା। ଆମର ସବୁ କାନ୍ଦଣା ଭାଷଣ, କବିତା ଓ ଗପରେ ସୀମିତ ରହି ଯାଇଚି। ନିରାପତ୍ତା ଓ ଶାନ୍ତି ପାଇଁ ପ୍ରଚେଷ୍ଟା କେବଳ ନିଜ ପାଇଁ। ଅନ୍ୟ ପାଇଁ ଆମେ କେବେହେଲେ କିଛି ଚିନ୍ତା କରି ପାରୁ ନାହିଁ। ଭାରତ ମାନବଧର୍ମର ଦେଶ। ମାତ୍ର ସେଇ ମାନବବାଦ ଉପରେ ଆକ୍ରମଣ କେବଳ ଯୁଦ୍ଧକୁ ହିଁ ଆହ୍ୱାନ କରୁଚି। ଏହି ଆହ୍ୱାନରୁ ମୁକ୍ତି କାହିଁ?

**ବିଭାଗୀୟ ମୁଖ୍ୟ, ଇଂରାଜୀ, ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ଯାଜପୁର ରୋଡ, ମୋବାଇଲ୍: ୯୪୩୮୦୬୪୪୬୪**

# ୧୫ ଯାଏ ତାତିରୁ ତ୍ରାହି ନାହିଁ

## ଭୁବନେଶ୍ୱରର ତାପମାତ୍ରା ୪୦ .୪ ଡିଗ୍ରୀ



**ଭୁବନେଶ୍ୱର, ୧୧।୫ (ସଂଚାର ବ୍ୟୁରୋ) :** ଅସମ୍ଭାଳ ତାତି । ପ୍ରଚଣ୍ଡ ଖରା ସାଙ୍ଗକୁ ପ୍ରବଳ ଗୁଳୁଗୁଳି । ଆଜି ଦିନ ସାଢେ ଦୁଇଟା ସୁଦ୍ଧା ୪୩ ଡିଗ୍ରୀ ଛୁଇଁଲା ସମ୍ବଲପୁର। ରାଜଧାନୀ ଭୁବନେଶ୍ୱରର ତାପମାତ୍ରା ରହିଛି ୪୦ .୪ ଡିଗ୍ରୀ ସେଲସିୟସ । ୪୦ ଡିଗ୍ରୀ ଉପରେ ରହିଛି ୪ ସହର । ୧୫ ତାରିଖ ଯାଏ ଜଳିବ ଓଡ଼ିଶା । ଆଗାମୀ ୩ ଦିନ ପର୍ଯ୍ୟନ୍ତ ଦିନ ତାପମାତ୍ରା ୨ ରୁ ୩ ଡିଗ୍ରୀ ବଢ଼ିବ ବୋଲି କହିଛି ପାଣିପାଗ ବିଭାଗ। କାଲି ୧୩ ଜିଲ୍ଲାରେ ପ୍ରବଳ ଗରମ ଏବଂ ଗୁଳୁଗୁଳି ହେବ । ସେହିପରି ୧୩ ତାରିଖରେ ପ୍ରବଳ ଗରମ ଏବଂ ଗୁଳୁଗୁଳି ପାଇଁ ୧୯ ଜିଲ୍ଲାକୁ ଆଲର୍ଟ ହୋଇଛି ।ତା ମଧ୍ୟରୁ ୯ ଜିଲ୍ଲାର କିଛି ସ୍ଥାନରେ ଗ୍ରୀଷ୍ମପ୍ରବାହ ସମ୍ଭାବନା ରହିଛି। ୧୫ ତାରିଖରେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ଆଶଙ୍କା ରହିଛି ।

# ମା'ଙ୍କୁ ସମ୍ମାନରେ ଦେଶର ଅଗ୍ରଗତି ସମ୍ଭବ




**ଭୁବନେଶ୍ୱର,୧୧।୫(ସଂଚାର ବ୍ୟୁରୋ):** ସମାଜରେ ମା'ମାନଙ୍କୁ ଯଥାରୀତି ସମ୍ମାନ ମିଳିଲେ ହିଁ ଦେଶର ଅଗ୍ରଗତି ସମ୍ଭବ। ତେଣୁ ଏଥିପ୍ରତି ସମସ୍ତେ ଧ୍ୟାନଦେବା ଆବଶ୍ୟକ। ମା'ମାନେ ଯାହା କରିପାରିବେ, ତାହା ଅନ୍ୟ କେହି କରିପାରିବେ ନାହିଁ। ଗୋଟିଏ ସୁସ୍ଥ ସମାଜ ଓ ଦେଶ ଗଠନରେ ମା'ମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଆଜି ରାଜ୍ୟସ୍ତରୀୟ ବସୁଧାମାତା ସମ୍ମାନ ପ୍ରଦାନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏକାମ୍ର ବିଧାୟକ ବାବୁ ସିଂ ମତ ଦେଇଛନ୍ତି। ଆଜି ବିଶ୍ୱ ମାତୃ ଦିବସ ଅବସରରେ ଓ୍ୱିମେନ ଅର୍ଗାନାଇଜେସନ ଫର ସୋସିଆଲ ଓ୍ୱେଲଫାର (ଓ୍ୱସ୍ୱ) ପକ୍ଷରୁ ସ୍ଥାନୀୟ ଜୟଦେବ ଭବନଠାରେ ଅନୁଷ୍ଠିତ ଏହି ସମାରୋହରେ ଅନ୍ୟତମ ଅତିଥି ଭାବେ ସମାଜସେବୀ ରଶ୍ମି ମହାପାତ୍ର ଯୋଗଦେଇ କହିଛନ୍ତି ଯେ ମା'ର ସାଧନା ଓ ତ୍ୟାଗ କେବଳ ସନ୍ତାନର ଭବିଷ୍ୟତ ଗଠନ ଓ ସୁରକ୍ଷା ଏବଂ ବିକାଶ ପାଇଁ ସମର୍ପିତ। ମା' କୋଳରେ ହିଁ ସ୍ୱର୍ଗସୁଖ ରହିଛି। ମା'ର ପଣତକାନି ସନ୍ତାନର ସୁରକ୍ଷା ଢାଲ ପରି କାମ କରିଥାଏ ବୋଲି ସେ କହିଛନ୍ତି। ସେହିପରି ଓ୍ୱସ୍ୱ ସମ୍ପାଦିକା ଜ୍ୟୋତ୍ସ୍ନା ଦାସ ପ୍ରାରମ୍ଭିକ ଅଭିଭାଷଣରେ ବସୁଧାମାତା ସମ୍ମାନ ସମ୍ପର୍କରେ ବିଶଦ ସୂଚନା ଦେବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ସେହିପରି ସଞ୍ଜୀବ କୁମାର ପ୍ରଧାନ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ବସୁଧାମାତା ସମ୍ମାନ ସମାରୋହରେ ସଭାପତି ଅବସରପ୍ରାପ୍ତ ଆଇଏଏସ୍ ହୃଷିକେଶ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ସେହିପରି ବରିଷ୍ଠ ଚିକିତ୍ସକ ଡାକ୍ତର ପ୍ରେମପ୍ରିୟା ଜେନା, ବରିଷ୍ଠ ଅଧିକାରୀ କୃଷ୍ଣଚନ୍ଦ୍ର ଶତପଥୀ, ଗଙ୍ଗାଧର ନାୟକ ଏବଂ ଶ୍ରୀ ରଶ୍ମୀ ରଞ୍ଜନ ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ମାତୃ ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ୍ର କରିବା ସହିତ ମା'ମାନଙ୍କୁ ସମ୍ମାନିତ କରିବାପାଇଁ ଏଭଳି ଏକ କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ଓ୍ୱସ୍ୱ ଅନୁଷ୍ଠାନକୁ ଧନ୍ୟବାଦ ପ୍ରଦାନ କରିଥିଲେ । ବସୁଧାମାତା ସମ୍ମାନ ସମାରୋହର ସ୍ମରଣିକା 'ମୋ ମା' ଉନ୍ମୋଚିତ ହୋଇଥିଲା । ସମାରୋହରେ ଡାକ୍ତର ବୀଣାପାଣି ଦାଶଙ୍କୁ ଜୀବନବ୍ୟାପୀ ସେବା ଓ ସାଧନା ପାଇଁ ଚଳିତ ବର୍ଷର ବସୁଧାମାତା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିଭଳି ସମାଜ ଓ ସଂସାରରେ ଉଲ୍ଲେଖନୀୟ ସେବା ଓ ତ୍ୟାଗ ପାଇଁ ପାଇଁ ସୁଜାତା ପଶାୟତ, ଶାଶ୍ୱତୀ ଶତପଥୀ, ରଶ୍ମିରେଖା ନାୟକ, ପଦ୍ମିନୀ ପରିଡା, ନିବେଦିତା ଭଦ୍ର, ମାଣିକ୍ୟ ପ୍ରଭା ପ୍ରହରାଜ, ମାନସୀ ପଟ୍ଟନାୟକ, ଇନ୍ଦିରା ମିଶ୍ର, ଗୀତାଞ୍ଜଳି ଚାନ୍ଦ୍, ସୁନିତା ଦଲାଲଙ୍କୁ ଆଦର୍ଶମାତା ସମ୍ମାନ ପ୍ରଦାନ କରାଯାଇଛି। ମାତୃ ଦିବସ ପାଇଁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ସୌଦାମିନୀ ଦାସ ଧନ୍ୟବାଦ ଦେଇଥିଲେ।

# ବିଲରୁ ନବଜାତକ ମୃତଦେହ ଉଦ୍ଧାର

**ଉଦଳା , ୧୧।୫ (ସଂଚାର ବ୍ୟୁରୋ) :** ବିଲରେ ପଡିଛି ନବଜାତକ ମୃତଦେହ । ଏକ ପଲିଥିନ ଭିତରେ ପୁରାଇ କେହି ନବଜାତକକୁ ଫୋପାଡ଼ି ଦେଇଛି । ଏଭଳି ଘଟଣା ଘଟିଛି କପ୍ତିପଦା ଥାନା କୁଆଗୋଠଣା ଗ୍ରାମରେ । କୁଆଗୋଠଣା ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଥିବା ଓ୍ୱିଲରେ ଏକ ପଲିଥିନ ଭିତରେ ନବଜାତକ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ । ତେବେ ମୃତଦେହ ମିଳିଥିବା ନବଜାତକର ବୟସ ୩ ରୁ ୪ ମାସ ହେବ ବୋଲି ଅନୁମାନ କରାଯାଉଛି । ଖବର ପାଇ କପ୍ତିପଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । କେହି ଗର୍ଭ ନଷ୍ଟ କରିବା ପାଇଁ ଏଭଳି ହିନ କାମ କରିଥିବା କୁହାଯାଉଛି ।

# 'ମୋ ଆମ୍ବୁଲାନ୍ସ' ପକ୍ଷରୁ ରକ୍ତଦାନ ଶିବିର



**ଭୁବନେଶ୍ୱର,୧୧।୫(ସଂଚାର ବ୍ୟୁରୋ):** ସ୍ୱାସ୍ଥ୍ୟ କ୍ଷେତ୍ରରେ ଆଧୁନିକ ପ୍ରଯୁକ୍ତି ବିଦ୍ୟା ଉପଯୋଗ ପୂର୍ବକ ଉନ୍ନତ ମାନର ସେବା ଓ ଆମ୍ବୁଲାନ୍ସ ଯୋଗାଇ ଦେଉଥିବା 'ମୋ ଆମ୍ବୁଲାନ୍ସ' ଅନୁଷ୍ଠାନ ପକ୍ଷରୁ 'ଅପରେସନ୍ ସିନ୍ଦୂର'ରେ ସାମିଲ୍ ହୋଇଥିବା ଯବାନଙ୍କ ସମ୍ମାନ ଉଦ୍ଦେଶ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏହି ରକ୍ତଦାନ ଶିବିର ଜୟ ଓଡ଼ିଶାର ରକ୍ତଦାନ ଅଭିଯାନ ସହଯୋଗରେ ଆୟୋଜିତ ହୋଇଛି। ଏହା କ୍ରମାଗତ ଭାବେ 'ଜୟ ଓଡ଼ିଶା'ର ତୃତୀୟ ରକ୍ତଦାନ ଶିବିର ଥିବା ବେଳେ ଆଗାମୀ ଦିନରେ ଆହୁରି ୧୦୦ଟି ଶିବିର ଆୟୋଜନ ପାଇଁ ଲକ୍ଷ୍ୟ ରହିଛି। ସଦ୍ୟ ଶିବିରଟି ସ୍ଥାନୀୟ ଏସ୍ଆର୍ ଭ୍ୟାଲି ନିକଟସ୍ଥ 'ମୋ ଆମ୍ବୁଲାନ୍ସ' କାର୍ଯ୍ୟାଳୟରେ ପ୍ରତିଷ୍ଠାତା ଦୀପ୍ତି ରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଲୋକମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରି ସାମାଜିକ ଦାୟିତ୍ୱ ଓ ସଚେତନତାର ପ୍ରତି ଅନୁପ୍ରେରଣା ଦେଇଥିଲେ। ଏହି ଅବସରରେ ଜୟ ଓଡ଼ିଶାର ଅଧ୍ୟକ୍ଷ ରୁଦ୍ର ନାରାୟଣ ସାମନ୍ତରାୟ କହିଥିଲେ, 'ମୋ ଆମ୍ବୁଲାନ୍ସ' ପରି ଯେକୌଣସି ସଂସ୍ଥା, ଅନୁଷ୍ଠାନ, କ୍ଲବ୍ କବ ଆସୋସିଏସନ୍ ଯାହାର ୫ଠରୁ ଅଧିକ ସଦସ୍ୟ ଅଛନ୍ତି ସେମାନେ ଏପରି ଶିବିର ଆୟୋଜନ କରିପାରିବେ, ଯାହାଦ୍ୱାରା ଗ୍ରୀଷ୍ମ ପ୍ରବାହ ସମୟରେ ରକ୍ତର ଅଭାବଜନିତ ସମସ୍ୟାକୁ ଗୁରୁତ୍ୱପୂର୍ଣ୍ଣ ଭାବରେ ହ୍ରାସ କରିପାରିବା।

# ଉଚ୍ଚଶିକ୍ଷାରେ ଏସଇବିସି ବିଦ୍ୟାର୍ଥୀଙ୍କୁ ସଂରକ୍ଷଣ ଦାବି

● ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର



**ଭୁବନେଶ୍ୱର,୧୧।୫(ସଂଚାର ବ୍ୟୁରୋ):** ଛାତ୍ର ସମାଜର ବୃହତ୍ ସ୍ୱାର୍ଥ ରଖି କାର୍ଯ୍ୟ କରୁଥିବା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଛାତ୍ରୀ ଛାତ୍ରଙ୍କର ସାମାଜିକ ଓ ଆର୍ଥିକ ବିକାଶ ପାଇଁ ବଦ୍ଧ ପରିକର ଅଟେ। ଓଡ଼ିଶାର ସଂଖ୍ୟାଧିକ ଅନୁନ୍ନତ ଏବଂ ସାମାଜିକ ଭାବେ ପଛୁଆ ଉପବର୍ଗ (ଏସଇବିସି)ର ଛାତ୍ର ଛାତ୍ରୀ ତାଙ୍କର ଅର୍ଥନୈତିକ ଓ ସାମାଜିକ ସ୍ଥିତିର ଦୁର୍ବଳତା କାରଣରୁ ଉଚ୍ଚ ଶିକ୍ଷାରେ ପ୍ରବେଶ କରି ପାରୁ ନାହାଁନ୍ତି। ଏହା ଦ୍ୱାରା ରାଜ୍ୟର ଶିକ୍ଷା ଓ ବିକାଶର ଗତି ବାଧା ହେଉଥିବାର ଅନୁଭବ ହୁଏ। ଉଚ୍ଚତମ ନ୍ୟାୟାଳୟ ଏବଂ କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ମାନଦଣ୍ଡ ଅନୁସାରେ ଉକ୍ତ ବର୍ଗ ପାଇଁ ଆରକ୍ଷଣ ଦିଆଯିବାକୁ ପ୍ରସ୍ତାବ ରହିଛି। କିଛି ରାଜ୍ୟ ଯଥା ମହାରାଷ୍ଟ୍ର, ଆନ୍ଧ୍ର ପ୍ରଦେଶ, ତାମିଲ ନାଡୁ ଆଦି ଏସଇବିସି ବର୍ଗଙ୍କୁ ଉଚ୍ଚ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ପ୍ରଦାନ କରିଛନ୍ତି। ଆମ ରାଜ୍ୟ ଓଡ଼ିଶାରେ ଏହା ଲାଗୁ ହେଲେ ଅନୁନ୍ନତବର୍ଗ ଅନ୍ତର୍ଗତ ଅଗଣିତ ଛାତ୍ର ଛାତ୍ରୀ ସାମାଜିକ ଓ ଅର୍ଥନୈତିକ ଉନ୍ନତିର ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ି ପାରିବେ। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଦାବିକୁ ନେଇ ଏବିଭିପି ରାଜ୍ୟ ସରକାରଙ୍କର ଦୃଷ୍ଟି ଆକର୍ଷଣ କରୁଛି। ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏବିଭିପି, ଓଡ଼ିଶାର ପୂର୍ବ ପ୍ରାନ୍ତ ସଙ୍ଗଠନ ମନ୍ତ୍ରୀ ବୁଦ୍ଧଦେବ ବାଘଙ୍କ ଉପସ୍ଥିତିରେ ଏବିଭିପି ଭଦ୍ରକ ଜିଲ୍ଲା ପକ୍ଷରୁ ଜିଲ୍ଲାପାଳ ଦିଲ୍ଲୀପ କୁମାର ରାଉତରାୟଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ବିଭାଗ ସଙ୍ଗଠନ ମନ୍ତ୍ରୀ ସମ୍ବିତ ପ୍ରସାଦ ରାଉତ, ଜିଲ୍ଲା ପ୍ରମୁଖ ସ୍ୱାଧୀନ ସୁନ୍ଦର ଦାସ, ପ୍ରାନ୍ତ ସବିସ୍କାର ସହ ସଂଯୋଜକ ଦେବୀ ପ୍ରସାଦ ଦାଶ, ପ୍ରାନ୍ତ ଏସଏଫଡି ସହ ସଂଯୋଜକ ବିଭୁ କିଶୋର ରାଉତ, ଜିଲ୍ଲା ସହ ସଂଯୋଜକ ଆକାଶ ପଣ୍ଡା, ରାଷ୍ଟ୍ରୀୟ କଳା ମଞ୍ଚ ଜିଲ୍ଲା ସହ ସଂଯୋଜିକା ରାଜଶ୍ରୀ ନାୟକ, ନଗର ସମ୍ପାଦକ ଓଁକାର ମହାନ୍ତି, ଗୋପୀକ୍ରିଷ୍ଣା ବାରିକ, ଶୁଭମ ରାଉତ, ସାଇ ଶଙ୍କର ମହାନ୍ତି ଓ ମନୋରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# କାରରୁ ୧୨୦ କିଲୋ ୬୭୦ ଗ୍ରାମ ଗଞ୍ଜେଇ ଜବତ



**ବରଗଡ଼, ୧୧।୫ (ସଂଚାର ବ୍ୟୁରୋ) :**ବରଗଡ଼ ଜିଲ୍ଲାର ଅତାବିରା ପୁଲିସକୁ ଆଜି ଏକ ବଡ଼ ଧରଣର ସଫଳତା ମିଳିଛି। ଗଞ୍ଜେଇ ଚୋରା ଚାଲାଣ ସମୟରେ ପୁଲିସ ୨ ଜଣ ବେପାରୀଙ୍କୁ ଗିରଫ କରିଛି। ଏଥିସହ ଚାଲାଣ ହେଉଥିବା କାର୍‌କୁ ଜବତ କରାଯାଇଥିବା ବେଳେ ସେଥିରେ ଥିବା ୧୨୦ କିଗ୍ରା ୬୭୦ ଗ୍ରାମ ଓଜନର ଗଞ୍ଜେଇକୁ ମଧ୍ୟ ଜବତ କରାଯାଇଛି। ଏନେଇ ଆଜି ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ବରଗଡ଼ ଏସଡିପିଓ ପଦାରବିନ୍ଦ ତ୍ରିପାଠୀ ସୂଚନା ଦେଇଛନ୍ତି। ସେ ଦେଇଥିବା ସୂଚନାନୁସାରେ, ସମ୍ବଲପୁର ଜିଲ୍ଲା ଧମା ଅଞ୍ଚଳରୁ ଛତିଶଗଡ଼ ରାଜ୍ୟକୁ ଚାଲାଣ ହେଉଥିଲା ଏହି ଗଞ୍ଜେଇ। ଏନେଇ କୌଣସି ସୂତ୍ରରୁ ସୁରାକ୍ ପାଇବା ପରେ ଅତାବିରା ଥାନା ଆଇଆଇସି ପ୍ରକାଶ କର୍ଣ୍ଣ ଏକ ଟିମ୍ ଗଠନ କରିଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ସରଣ୍ଡା ଛକରେ ଏହି ଟିମ୍ ଅତର୍କିତ ଚଢ଼ାଉ କରିବା ସହ ଉକ୍ତ ଗଞ୍ଜେଇ ଭର୍ତ୍ତି କାରକୁ ଚଢ଼ାଉ କରିଥିଲା। ଏଥିରେ ସମ୍ପୃକ୍ତ ଥିବା ଅଭିଯୋଗରେ ଉତ୍ତର ପ୍ରଦେଶର ବବି ଖାଁ ଓ ସମ୍ବଲପୁର ଜିଲ୍ଲା ଧମା ବାସିନ୍ଦା ସୁଜିତ ସାହୁଙ୍କୁ ପୁଲିସ୍ ଗିରଫ କରିଛି। ଏଥିସହ ସେମାନଙ୍କଠାରୁ ୨ଟି ମୋବାଇଲ ସହ ନଗଦ ୪୨୦୦ ଟଙ୍କା ଜବତ କରାଯାଇଛି। ଏନେଇ ଅତାବିରା ଥାନାରେ ୧୮୨/୨୫ରେ ମାମଲା ରୁଜୁ ହେବା ଏନ୍‌ଡିପିଏସ୍ ଧାରା ଲାଗୁ ହୋଇଥିବା ଏସଡିପିଓ କହିଛନ୍ତି।

ସୋମବାର ପବିତ୍ର ବୁଦ୍ଧ ପୂର୍ଣ୍ଣିମା। ଏଥିପାଇଁ ଭୁବନେଶ୍ୱର ୟୁନିଟ୍-୩ ସ୍ଥିତ ବୁଦ୍ଧ ମନ୍ଦିରରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏଥି ସକାଶେ ରବିବାର ଜଣେ କର୍ମଚାରୀ ଭଗବାନ ବୁଦ୍ଧଙ୍କ ମୂର୍ତ୍ତିକୁ ପରିଷ୍କାର କରୁଛନ୍ତି।



# ଦେଶ ସୁରକ୍ଷା ପାଇଁ ଛାତ୍ରଛାତ୍ରୀଙ୍କୁ ଦିଆଯିବ ଟ୍ରେନିଂ : ଉଚ୍ଚଶିକ୍ଷା ମନ୍ତ୍ରୀ



**ଭୁବନେଶ୍ୱର, ୧୧।୫ (ସଂଚାର ବ୍ୟୁରୋ) :** ଦେଶ ସୁରକ୍ଷା ପାଇଁ ଛାତ୍ରଛାତ୍ରୀଙ୍କୁ ଦିଆଯିବ ଟ୍ରେନିଂ। ବାହ୍ୟ ଶକ୍ତି କିମ୍ବା ଅନ୍ତ ଶକ୍ତି ମୁକାବିଲା ପାଇଁ ଏହି ପ୍ରଶିକ୍ଷଣ ଦିଆଯିବ। ଉଚ୍ଚଶିକ୍ଷା ବିଭାଗରେ ଏପରି ପଦକ୍ଷେପ ନିଆଯିବ। ସାମରିକ, ଅର୍ଦ୍ଧସାମରିକ, ପୋଲିସ ସେବାରେ ନିୟୋଜନ ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରସ୍ତୁତ କରାଯିବ। ଏବେ ସେହି ସୁଯୋଗ ସୃଷ୍ଟି କରାଯିବ ବୋଲି କହିଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

# ହ୍ୱାଟ୍ସଆପ୍‌ରେ ଷ୍ଟାଟସ୍ ଦେଇ ଝୁଲିପଡ଼ିଲେ କଲେଜ୍ ଛାତ୍ରୀ



**ଆନନ୍ଦପୁର,୧୧।୫(ସଂଚାର ବ୍ୟୁରୋ):** ହ୍ୱାଟ୍ସଆପ୍ରେ ଷ୍ଟାଟସ୍ ଦେଇ ରହୁଥିବା ମେସ୍ ରୁମ୍ ରେ ରବିବାର ସନ୍ଧ୍ୟାରେ ବେକରେ ଓଢଣୀ ଲଗାଇ ଝୁଲିପଡି ମୃତ୍ୟୁବରଣ କରିଛନ୍ତି ଜଣେ କଲେଜ୍ ଛାତ୍ରୀ । "ମୁଁ ଦୁଃଖିତ ଆଜି ମୋର ଶେଷ ଦିନ। ଆଉ କାହା ପାଇଁ ଆଜି ମୁଁ ଫସିଗଲି । ମୋର ଭୁଲ ନଥାଇବି ମୁଁ ଦୋଷୀ ହୋଇଗଲି ସେଥିପାଇଁ ସମସ୍ତଙ୍କ ଠାରୁ ଦୁରକୁ ଚାଲି ଯାଉଛି । ମତେ କ୍ଷମା କରିଦେବ ।" ଏମିତି ଷ୍ଟାଟସ ରଖି ଜୀବନ ହାରିଲେ ଛାତ୍ରୀ । ଆନନ୍ଦପୁର ପୌରାଞ୍ଚଳ ଅଧିନ ଫକିରପୁ ତାରିଣୀ ମହିଳା ମେସ୍ ଠାରେ ଘଟିଛି ଏଭଳି ଅଘଟଣ । ମୃତା ଛାତ୍ରୀ ମାନସୀ ନାୟକ, ଘର ଯାଜପୁର ଜିଲ୍ଲା ଟମକା ଥାନା ବାଦିବିଲ ଗାଁ ରେ । ସେ ଏଠାରେ ରହି ଆନନ୍ଦପୁର ମହାବିଦ୍ୟାଳୟ ଠାରେ +୩ ଶେଷବର୍ଷ ବିଜ୍ଞାନ ରେ ପାଠ ପଢୁଥିଲେ। ଘଟଣାର ଖବର ପାଇ ଆନନ୍ଦପୁର ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତା ଛାତ୍ରୀର ମୋବାଇଲ୍ ଜବଦ କରିବାସହ ମେସ୍ ରେ ଥିବା ଅନ୍ୟ ଅନ୍ତେବାସୀଙ୍କୁ ପଚାରା ଉଚରା ଚଳାଇଛି ପୋଲିସ ।

# ମୁରିବାହାଲ ରେଞ୍ଜକୁ ଫେରିଲେ ୩୫ ଟିକିଆ ହାତୀପଲ



**କଣ୍ଟାବାଞ୍ଜି, ୧୧।୫ (ସଂଚାର ବ୍ୟୁରୋ) :** ପୁଣି ଫେରିଲେ ହାତୀପଲ । ମୁରିବାହାଲ ରେଞ୍ଜକୁ ଫେରିଲେ ୩୫ ଟିକିଆ ହାତୀପଲ। ଗତ କିଛି ମାସ ହେଲାଣି ୩୫ ଟିକିଆ ହାତୀପଲ ତିଖାରି ସଂରକ୍ଷଣ ଜଙ୍ଗଲରେ ଥିଲେ । ଆଜି ମୁରିବାହାଲ ରେଞ୍ଜକୁ ପୁଣି ଫେରିଲେ। ମୁରିବାହାଲ ରେଞ୍ଜର ସଦର ସେକ୍ସନ ଓ୍ୱନବାହାଲ ଗାଁ ନିକଟରେ ଅଛନ୍ତି ୩୫ଟିକିଆ ହାତୀପଲ । ବନବିଭାଗ ପକ୍ଷରୁ ହାତୀପଲଙ୍କ ଉପରେ ନଜର ରଖାଯାଇଛି ।

ହାତୀପଲ ଯେଉଁ ଆଡ଼େ ଯାଉଛନ୍ତି ସେହି ସବୁ ସ୍ଥାନ ଗୁଡ଼ିକରେ ଲୋକଙ୍କୁ ସଚେତନ କରୁଛି ବନବିଭାଗ । ହାତୀପଲ ଜଙ୍ଗଲ ଛାଡି ଗାଁ ଓ ସହର ମୁହାଁ ହେଉଥିବାରୁ ଲୋକେ ଭୟଭୀତ ହେଉଛନ୍ତି । ହାତୀପଲ ଜନ ବସତିକୁ କେମିତି ନ ଆସିବେ ବନ ବିଭାଗ ସେଥିପ୍ରତି ସଜାଗ ରହିଛି। ଗତ ୪ମାସ ହେଲା ମୁରିବାହାଲ ଅଞ୍ଚଳରେ ଏହି ହାତୀପଲଙ୍କ ଉତ୍ପାତ ଯୋଗୁଁ ଅନେକ କ୍ଷୟକ୍ଷତି ହୋଇ ଆସୁଛି । ଏବେ ପୁଣି ହାତୀପଲ ଫେରିବାରୁ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି । ୪ମାସ ପୂର୍ବରୁ ବିଭିନ୍ନ ଚାଷ ଜମିରେ ଧାନ ନଷ୍ଟ କରିଥିବା ବେଳେ ଏବେ ପର୍ଯ୍ୟନ୍ତ କ୍ଷତିପୂରଣ ମିଳି ନଥିବା ଲୋକେ ଅଭିଯୋଗ କରିଛନ୍ତି ।

# ଶୌଚାଳୟ ମରାମତି କାମରେ ବ୍ୟାପକ ଦୁର୍ନୀତି ଅଭିଯୋଗ

**କଟକ,୧୧।୫(ସଂଚାର ବ୍ୟୁରୋ):** କଟକ ସହରରେ ସିଏମସି ପକ୍ଷରୁ ସର୍ବସାଧାରଣ ଶୌଚାଳୟ ନିର୍ମାଣ ହୋଇଥିଲେ ସୁଦ୍ଧା ଏହାର ସଠିକ ରକ୍ଷଣାବେକ୍ଷଣ କରାଯାଉନଥିବା ବେଳେ ଶୌଚାଳୟ ମରାମତି ନାଁରେ ସିଏମସି ଅଧିକାରୀ ଓ ଠିକାଦାର ବ୍ୟାପକ ଅନିୟମିତତା ଓ ଦୁର୍ନୀତି କରିଥିବା ଅଭିଯୋଗ ହୋଇଛି।

**ଭିଜିଲାନ୍ସ ତଦନ୍ତ ଦାବି କଲେ ସୂଚନାଧିକାର କର୍ମୀ**




କଟକ ଶିଖରପୁର କାଳିଆବୁଦାଠାରେ ସିଏମ୍‌ସି ପକ୍ଷରୁ ନିର୍ମିତ ଶୌଚାଳୟ ଓ ସ୍ନାନାଗାର ଏବେ ବ୍ୟବହାର ଅନୁପଯୋଗୀ ହୋଇପଡ଼ିଛି। ନିକଟରେ ଏହି ଶୌଚାଳୟର ଉନ୍ନତିକରଣରେ ୧୯ ଲକ୍ଷ ୬୫ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ହୋଇଥିଲା, ଯାହାର ସୂଚନାଫଳକ ଲାଗିଥିବା ବେଳେ ଏହି କାର୍ଯ୍ୟ କେଉଁ ସମୟରୁ ଆରମ୍ଭ ହୋଇ କେବେ ସରିଥିଲା, ଏହାକୁ କେଉଁ ଯନ୍ତ୍ରୀ ତଦାରଖ କରୁଥିଲେ ଓ ଏହା କେଉଁ ପାଣ୍ଠିରୁ ବ୍ୟୟ ହୋଇଛି ସୂଚନାଫଳକରେ କୌଣସି ଲିଖିତ ହୋଇନଥିବା ଜଣାପଡିଛି।

ଶିଖରପୁର କାଳିଆବୁଦାରେ ୨୦୦୫ ସେପ୍ଟେମ୍ବର ୩୦ରେ ମହାନଗର ନିଗମ ପକ୍ଷରୁ ପୁରୁଷ ଓ ମହିଳାଙ୍କ ନିମନ୍ତେ ୨୦ଟି ଶୌଚାଳୟ ଓ ୧୬ଟି ସ୍ନାନାଗାରକୁ ତତ୍କାଳୀନ ନଗର ଉନ୍ନୟନ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଉଦ୍‌ଘାଟନ କରିଥିଲେ। ଏହାର ସଠିକ ଭାବରେ ରକ୍ଷଣାବେକ୍ଷଣ ହେଉନଥିବା ଅନେକ ସମୟରେ ଅଭିଯୋଗ ହେଉଥିଲା।ପ୍ରାୟ ୪ ମାସ ତଳେ ୧୯ଲକ୍ଷ ୬୫ ହଜାରରୁ ଉର୍ଦ୍ଧ୍ୱ ଅର୍ଥ ବ୍ୟୟରେ ଏହାର ମରାମତି ଓ ନବୀକରଣ କାର୍ଯ୍ୟ କରାଯାଇଥିଲା।ବର୍ତ୍ତମାନ ଏହି ଶୌଚାଳୟ ଓ ସ୍ନାନାଗାର ବ୍ୟବହାର ଅନୁପଯୋଗୀ ହୋଇପଡ଼ିଛି। ଚାରିପାଖରେ ଅନାବନା ଗଛ ଓ ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ। ଶୌଚାଳୟ ଭିତର ଚଟଣାର ଟାଇଲ୍ ଫାଟି ଗଲାଣି। ହାତଧୁଆ ବେସିନ୍‌ରେ ଅସନା ପାଣି ନିଷ୍କାସନ ହୋଇନପାରି ରହିବା ସହ ଦୁର୍ଗନ୍ଧ ହେଉଛି ଯାହା ଫଳରେ ଏହା ଭିତରକୁ ଯିବାକୁ କେହି ରାଜି ହେଉ ନାହାନ୍ତି। ଯେଉଁ ଉଦ୍ଦେଶ୍ୟରେ ଲକ୍ଷାଧିକ ଟଙ୍କାର ଏହା ତିଆରି ହୋଇଥିଲା ପ୍ରକୃତରେ ଏତେ ଅର୍ଥ ଖର୍ଚ୍ଚ ହୋଇନଥିବା ଶୌଚାଳୟ ଭିତର ପରିସ୍ଥିତି ଦେଖିଲେ ଜଣାପଡୁଛି। ବ୍ୟାପକ ଅର୍ଥ ବ୍ୟୟରେ ନବୀକରଣ ହେଉଛି ତାହା ଲୋକଙ୍କ କାମରେ ଆସୁନାହିଁ। ଶୌଚାଳୟ ନବୀକରଣ ଓ ମରାମତି ବାବଦରେ ପ୍ରାୟ ୨୦ ଲକ୍ଷ ଟଙ୍କାରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ହୋଇଥିବା ନେଇ ଏହି କାମର ତଦନ୍ତ ପାଇଁ ଦୁର୍ନୀତି ନିବାରଣ ବିଭାଗ, ମୁଖ୍ୟମନ୍ତ୍ରୀ, ସିଏମ୍‌ସି କମିଶନର ଓ ମେୟରଙ୍କୁ ଲିଖିତ ଦାବିପତ୍ର ଦେଇଛନ୍ତି। ସହରରେ ଶୌଚାଳୟ ରକ୍ଷଣାବେକ୍ଷଣ ଦୈନିକ ପରିଷ୍କାର କରିବା ପାଇଁ ସିଏମସି ଠିକାସଂସ୍ଥାକୁ କାର୍ଯ୍ୟ କରିବା ପାଇଁ ଦାୟିତ୍ୱ ଦେଇଥିବା ବେଳେ ଠିକାସଂସ୍ଥା ଏହାର ସଠିକ ପରିଷ୍କାର ପରିଚ୍ଛନ୍ନ କରୁନଥିବା ସହ କେତେକ ଶୌଚାଳୟରେ ଲୋକମାନଙ୍କ ଠାରୁ ଅର୍ଥ ଆଦାୟ କରୁଥିବା ଏବଂ କେତେକ ଶୌଚାଳୟକୁ ଅପବ୍ୟବହାର କରୁଥିବା ନେଇ ପୂର୍ବରୁ ଅଭିଯୋଗ ହେଉଥିବା ସତ୍ତ୍ୱେ ସିଏମସି କର୍ତ୍ତୃପକ୍ଷ ଏଥିପ୍ରତି ଠିକାସଂସ୍ଥା ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଯୋଗୁଁ ସହରରେ ଅନେକ ଶୌଚାଳୟରେ ନାନାପ୍ରକାର ଅବ୍ୟବସ୍ଥା ଦେଖାଯାଉଛି।କିନ୍ତୁ ସିଏମସି କମିଶନର ଠିକାସଂସ୍ଥା ସହ ସଲାସୁତୁରାରେ ଶୌଚାଳୟ ମରାମତି ଓ ନବୀକରଣ କାର୍ଯ୍ୟ ନାମରେ ବ୍ୟାପକ ଅର୍ଥ ଦୁର୍ନୀତି କରିଥିବାର ଭିଜିଲାନ୍ସ ତଦନ୍ତ ଦାବୀ ହେଉଛି।ନୂତନ ସରକାର ଦୁର୍ନୀତିକୁ ପ୍ରଶ୍ରୟ ଦେଉନଥିବା କହିଥିବା ବେଳେ କଟକ ମହାନଗର ନିଗମରେ ଦିନକୁ ଦିନ ଦୁର୍ନୀତି ବୃଦ୍ଧି ପାଉଛି ଏଦିଗରେ ସରକାର କି ପ୍ରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ସେନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଙ୍କି ମାରୁଛି।

# ଚୋରି ଅଭିଯୋଗରେ ମହିଳା ଗିରଫ

**ଭୁବନେଶ୍ୱର,୧୧।୫(ସଂଚାର ବ୍ୟୁରୋ):** ଗତକାଲି ମାର୍କେଟ୍ ବିଲ୍‌ଡିଂରେ ଜଣେ ମହିଳାଙ୍କ ପୁଅଠାରୁ ଏକ ସୁନା ଖଡୁ ଚୋରି କରିବା ଅଭିଯୋଗରେ ଆଜି ଜନୈକା ମହିଳାଙ୍କୁ କ୍ୟାପିଟାଲ୍ ଥାନା ପୁଲିସ୍ ଗିରଫ କରିଛି। ଉକ୍ତ ମହିଳାଙ୍କ ନାମ ସୁଭଦ୍ରା ଦାସ (୪୯) ଓ ସେ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଝାରପଡ଼ାର ସ୍ୱର୍ଗତଃ ଅରୁଣ ରେଡ୍ଡୀଙ୍କ ପତ୍ନୀ ବୋଲି ଜଣାପଡ଼ିଛି। ତାଙ୍କଠାରୁ ଚୋରି ସୁନା ଖଡୁକୁ ମଧ୍ୟ ପୁଲିସ୍ ଜବତ କରିଥିବା ଜଣାପଡ଼ିଛି। ଗତକାଲି ସନ୍ଧ୍ୟାରେ ମାର୍କେଟ୍ ବିଲ୍‌ଡିଂରେ ଅଭିଯୋଗକାରିଣୀ ପାତ୍ରପଡ଼ାର ସୁନୀତା ମଲ୍ଲିକ ତାଙ୍କ ପୁଅ ସହ କିଣାକିଣି କରୁଥିବା ସମୟରେ ସେଠାରେ ସୁଭଦ୍ରା ମୁହଁରେ ଓଢ଼ଣି ଢାଙ୍କି ପହଞ୍ଚିଥିଲେ। ଏହି ସମୟରେ ସୁଭଦ୍ରା ସୁନୀତାଙ୍କ ଛୋଟ ପୁଅ ପିନ୍ଧିଥିବା ଏକ ସୁନା ଖଡୁକୁ ଜୋର୍‌ଜବରଦସ୍ତି କାଢ଼ି ନେଇଯାଇଥିଲେ। ଏନେଇ ଜାଣିବା ପରେ ସୁନୀତା ନିକଟସ୍ଥ କ୍ୟାପିଟାଲ୍ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତିକରି ପୁଲିସ୍ ୨୧୪/୨୫ରେ ମାମଲା ରୁଜୁ କରିଥିଲା। ଗିରଫ ପରେ ସୁଭଦ୍ରାଙ୍କଠାରୁ ପୁଲିସ୍ ଚୋରି ଯାଇଥିବା ଖଡୁକୁ ମଧ୍ୟ ଉଦ୍ଧାର କରିଛି।

# ଜଳ ସଙ୍କଟ: ୩୦୦ ପରିବାର ହନ୍ତସନ୍ତ

**ରିଷିଡ଼ା,୧୧।୫(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲାର କର୍ଲାମୁଣ୍ଡା ବ୍ଲକ ପୌରକେଲା ପଞ୍ଚାୟତ ରଣାପଡ଼ା, ଓ ପାଟଖଣ୍ଡା ମନ୍ଦିରପଡ଼ାର ପାୟ ୩୦୦ ପରିବାର ପାନୀୟ ଜଳ ପାଇଁ ହନ୍ତସନ୍ତ ହେଉଛନ୍ତି। ପଡ଼ାରେ ସରକାର ତରଫରୁ ସଫଲେଇ ପାଣି ପାଇପ ବ୍ୟବସ୍ଥା କରିଥିଲେ ହେଁ ତାହା ମାସେରୁ ଅଧିକ ଦିନ ହେବ ଅଚଳ ହୋଇପଡ଼ିଛି। ପଡ଼ାରେ ଗୋଟିଏ ନଳକୂପ ଥିଲେ ମଧ୍ୟ ସେଥିରୁ ପର୍ଯ୍ୟାପ୍ତ ପରିମାଣର ପାଣି ମିଳିପାରୁନାହିଁ। ବର୍ତ୍ତମାନ ସମଗ୍ର ପଶ୍ଚିମ ଓଡ଼ିଶାରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ପାରଦ ୪୪ ଡିଗ୍ରୀ ଉପରେ ରହୁଛି। ତୁରନ୍ତ ଏହି ସମସ୍ୟା ସମାଧାନ କରିବାକୁ ପଡ଼ାବାସୀ ବାରମ୍ବାର ଦାବି କରିଛନ୍ତି। ଏହି ସମସ୍ୟା ନେଇ ପାନୀୟ ଜଳ ଯୋଗାଣ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି

# ଉପକୂଳ ଥାନାରେ କର୍ମଚାରୀ ମରୁଡ଼ି



**ଭୁବନେଶ୍ୱର,୧୧।୫:** ଭାରତ-ପାକିସ୍ତାନ ବିବାଦ ସମୟରେ ଜଳପଥ ସୁରକ୍ଷାକୁ ପ୍ରାଥମିକତା ଦିଆଯାଉଥିବାବେଳେ ଓଡିଶାର ଉପକୂଳ ଥାନାଗୁଡିକରେ କିନ୍ତୁ କର୍ମଚାରୀ ମରୁଡି। ୧୮ଟି ସାମୁଦ୍ରିକ ଥାନା ପାଇଁ ୧୦୦୮ଟି ବିଭିନ୍ନ ବର୍ଗର ମଞ୍ଜୁରୀପ୍ରାପ୍ତ ପୁଲିସ୍ କର୍ମଚାରୀ ଥିବାବେଳେ ଏହିସବୁ ପଦବୀରେ ଅଛନ୍ତି ମାତ୍ର ୩୧୨ ଜଣ। ରାଜ୍ୟର ୪୮୦ କିମି ସମୁଦ୍ର ଉପକୂଳକୁ ଜଗିବା ପାଇଁ ସରକାର ୧୮ଟି ସାମୁଦ୍ରିକ ଥାନା ପ୍ରତିଷ୍ଠା କରିଛନ୍ତି। ଏଗୁଡିକ ମଧ୍ୟର ବାଲେଶ୍ୱରରେ ୩ଟି ଥାନା ଥିବା ବେଳେ ଭଦ୍ରକରେ ୪ଟି, କେନ୍ଦ୍ରାପଡାରେ ୩ଟି, ଜଗତ୍‌ସିଂହପୁରରେ ୩ଟି, ପୁରୀରେ ୪ଟି, ଗଞ୍ଜାମ ଓ ବ୍ରହ୍ମପୁରରେ ଗୋଟିଏ କରି ରହିଛି। ଏହିସବୁ ଥାନା ପାଇଁ ଥିବା ମୋଟ୍ ୧୦୦୮ ଟି ପଦବୀ ମଧ୍ୟରୁ ୧୮ଟି ଇନ୍ସପେକ୍ଟର ପାହ୍ୟାର ପଦବୀ ଥିବା ବେଳେ ଏଥିରେ ୧୫ ଜଣ ଇନ୍ସପେକ୍ଟର କାର୍ଯ୍ୟରତ ଅଛନ୍ତି। ବାଲେଶ୍ୱରର କଷାଫଳ, ଭଦ୍ରକର ଧାମରା ଓବ୍ରହ୍ମପୁରର ସୋନାପୁର ସାମୁଦ୍ରିକ ଥାନାରେ ଇନ୍ସପେକ୍ଟର ନାହାନ୍ତି । ସେହିଭଳି ୫୪ଟି ଏସଆଇ ପଦବୀରେ ୯ଜଣ ଥିବାବେଳେ ୫୪ଟି ଏଏସଆଇ ପଦବୀରେ ୨୬ଜଣ ଅଛନ୍ତି। ୧୪୪ଟି ହାବିଲଦାର ପଦବୀରେ ମାତ୍ର ୧୬ଜଣ କାର୍ଯ୍ୟ କରୁଥିବାବେଳେ ୪୩୨ କନେଷ୍ଟବଲ ପଦବୀରେ ୧୧୩ ଜଣ ରହିଛନ୍ତି। ଏହିସବୁ ଥାନା ପାଇଁ ୩୬ଟି ଡ୍ରାଇଭର ପଦବୀ ଥିବାବେଳେ ସେଥିରେ ମାତ୍ର ୫ ଜଣ କାର୍ଯ୍ୟରତ ଅଛନ୍ତି। ସେହିଭଳି ଥାନାଗୁଡିକ ପାଇଁ ୨୭୦ଟି ଗୃହରକ୍ଷୀ ପଦବୀ ଥିବା ବେଳେ ଏଥିରେ ୧୨୮ଜଣ କାର୍ଯ୍ୟ କରୁଛନ୍ତି । ସାମୁଦ୍ରିକ ଥାନାରେ ଏଠାରେ ୨୮୦ଟି ବୈଷୟିକ ପଦ ପଦବୀ ରହିଛି । ହେଲେ ଏହିସବୁ ପଦବୀରେ କାର୍ଯ୍ୟରତ ଅଛନ୍ତି ମାତ୍ର ୯୦ ଜଣ। ସମୁଦ୍ର ତଟର ସୁରକ୍ଷା ପାଇଁ ସରକାର ଏହିସବୁ ସାମୁଦ୍ରିକ ଥାନାକୁ ୧୮ଟି ଚାରିଚକିଆ, ୩୬ଟି ଦୁଇଚକିଆ ଯାନ ସମେତ ୧୨ ଟନ୍ କ୍ଷମତା ବିଶିଷ୍ଟ ୧୦ଟି ବୋଟ୍ ଓ ୫ଟନ୍ କ୍ଷମତା ବିଶିଷ୍ଟ ୫ଟି ବୋଟ୍ ଯୋଗାଇଛନ୍ତି । ଏଥି ସହିତ ସାମୁଦ୍ରିକ ଥାନାଗୁଡିକୁ ନାଇଟ୍ ଭିଜନ ଡିଭାଇସ୍, ଡିଜିଟାଲ କ୍ୟାମେରା, ଏଲଇଡି ସର୍ଚ୍ଚ ଲାଇଟ୍, ଡିଜିଟାଲ ଫଟୋ କପିୟର, କମ୍ପାସ, ଭଏସ ରେକର୍ଡର, ଏଲଇଡି ଟର୍ଚ୍ଚ ଲାଇଟ୍, ବୋଟ୍ ପାଇଁ ଏଚଏମଏମ୍ ସହିତ ଦୂରବୀକ୍ଷଣ ଯନ୍ତ୍ର ଆଦି ଯୋଗାଇ ଦିଆଯାଇଛି। ତେବେ କର୍ମଚାରୀ ସଙ୍କଟ ଯୋଗୁଁ ତଟ ସୁରକ୍ଷା ପାଇଁ ଯେଭଳି ପଇଁତରା ମାରିବା ସହିତ ଅନ୍ୟାନ୍ୟ ପଦକ୍ଷେପ ନିଆଯିବା କଥା ତାହା ହୋଇପାରୁ ନାହିଁ । ଗାଡି ଓ ବୋଟ୍ ଚଳାଇବାକୁ ଚାଳକ ନଥିବାବେଳେ ଅନ୍ୟାନ୍ୟ ସାମଜ ସରଞ୍ଜାମ ବ୍ୟବହାର ବି ହୋଇପାରୁ ନାହିଁ। ତେଣୁ ଯେଉଁ ଉଦ୍ଦେଶ୍ୟ ନେଇ ଉପକୂଳଥାନା ଗଠନ ହୋଇଥିଲା ତାହା ଏବେ ଧିରେ ଧିରେ ଦୂରେଇ ଯାଉଛି। ବର୍ତ୍ତମାନ ଭାରତ-ପାକିସ୍ତାନ ବିବାଦ ସମୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ତଟସୁରକ୍ଷା ଉପରେ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି । ହେଲେ ତଟ ସୁରକ୍ଷା ପାଇଁ ଥିବା ଥାନାରେ ପଦ ପଦବୀ ପୂରଣ ହେଉନଥିବାରୁ ଓଡିଶାର ଉପକୂଳ ଏକପ୍ରକାର ମୁକୁଳା ପଡିଛି। (ତଥ୍ୟ)

# ପ୍ରତିରକ୍ଷା ଶିଳ୍ପର ଗୁରୁତ୍ୱ

ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧରେ ଯେପରି ଭାବେ ଡ୍ରୋନ ଏବଂ ମିସାଇଲ ବ୍ୟବହାର ହେଉଛି ସେଥିରୁ ପ୍ରତିରକ୍ଷା କ୍ଷେତ୍ରରେ ଟେକ୍ନୋଲୋଜିର ବ୍ୟବହାର କେତେ ଜରୁରୀ ତାହା ସ୍ପଷ୍ଟ ହୋଇଯାଇଛି। ବର୍ତ୍ତମାନର ଯୁଗ ହେଲା ଟେକ୍ନୋଲୋଜିର ଯୁଗ। ଏହା ବିନା କୌଣସିକ୍ଷେତ୍ରରେ ସଫଳତା ସମ୍ଭବ ନୁହେଁ। ଏହା ପ୍ରତ୍ୟେକ କ୍ଷେତ୍ରରେ ବ୍ୟବସାୟିକ ସଫଳତାର ଏକ ମାଧ୍ୟମ। ପ୍ରତିରକ୍ଷା ଶିଳ୍ପ ମଧ୍ୟ ଏଥିରେ ସାମିଲ ରହିଛି। ଏହା ଆର୍ôଥିକ ବିକାଶ ଏବଂ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି କରୁଛି। ନିକଟରେ କେନ୍ଦ୍ର ସରକାର ପ୍ରତିରକ୍ଷା ମନ୍ତ୍ରଣାଳୟ ପାଇଁ ଏକାଧିକ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଏହିସବୁ ଚୁକ୍ତି ଅନୁଯାୟୀ ଭାରତ ସରକାର ବିଭିନ୍ନ ରାଷ୍ଟ୍ରାୟତ ଏବଂ ଘରୋଇ ସଂସ୍ଥାଠାରୁ ପ୍ରତିରକ୍ଷା ସାମଗ୍ରୀ କିଣିବେ। ଏହା ଦ୍ୱାରା ଆମର ସେନାବାହିନୀ ଶକ୍ତିଶାଳି ହେବ, ସ୍ୱଳ୍ପ ମୂଲ୍ୟରେ ଅଧିକ ଉନ୍ନତ ମାନର ପ୍ରତିରକ୍ଷା ସାମଗ୍ରୀ ମିଳିବ ଏବଂ ତୃତୀୟରେ ସ୍ୱଦେଶୀ ସଂସ୍ଥା ଲାଭବାନ ହେବେ। ଡିଆରଡିଏ ଏବଂ ହାଲ ଭଳି ରାଷ୍ଟ୍ରାୟତ ସଂସ୍ଥା ଆର୍ôଥିକ ସ୍ଥିତି ସୁଦୃଢ଼ ହୋଇପାରିବ। ମୋଟ ଉପରେ ପ୍ରାୟ ୧ଲକ୍ଷ ୪୦ ହଜାର କୋଟି ଟଙ୍କାର ଚୁକ୍ତି ଏହିସବୁ ସଂସ୍ଥା ସହ ହୋଇଛି। ଚଳିତ ବର୍ଷ ଭାରତର ବାଣିଜ୍ୟିକ ରପ୍ତାନୀରେ ଏକ ନୂଆ ସଫଳତା ମିଳିଛି। ଶିଳ୍ପ ଏବଂ କୃଷି ଜାତ ସାମଗ୍ରୀ ସହ ଖଣିଜ ରପ୍ତାନୀ ଅନେକ ବର୍ଷ ହେବ ଚାଲିଆସୁଛି। ଜେମ୍ସ ଆଣ୍ଡ ଜୁଏଲାରୀ ରପ୍ତାନୀ ମଧ୍ୟ ବଢୁଛି। ଏବେ ଅଳ୍ପ କିଛି ବର୍ଷ ହେବ ଭାରତ ବିପୁଳ ପରିମାଣର ପ୍ରତିରକ୍ଷା ସାମଗ୍ରୀ ରପ୍ତାନୀ କରି ଏ ବାବଦରେ ପ୍ରଚୁର ବୈଦେଶିକ ମୁଦ୍ରା ଉପାର୍ଜନ କରୁଛି। ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନରେ ଭାରତ ଧିରେ ଧିରେ ଆତ୍ମନିର୍ଭରଶୀଳତା ଦିଗରେ ଗତି କରୁଛି। ଏହା ଫଳରେ ଭାରତକୁ ସବୁ ସାମଗ୍ରୀ ପାଇଁ ବିଦେଶ ଉପରେ ନିର୍ଭର କରିବାକୁ ପଡ଼ୁନି। ଭାରତ ଅନେକ ପ୍ରତିରକ୍ଷା ସାମଗ୍ରୀ ସ୍ୱଦେଶୀଜ୍ଞାନ କୌଶଳରେ ନିର୍ମାଣ କରିପାରୁଛି। ଏହା ଦ୍ୱାରା କେବଳ ଭାରତ ସାମରିକ ଦୃଷ୍ଟିରୁ ସଶକ୍ତ ହୋଇନି, ଏହା ମଧ୍ୟ ପ୍ରତିରକ୍ଷା ସାମଗ୍ରୀ ରପ୍ତାନୀ କରି ବିପୁଳ ବୈଦେଶିକ ମୁଦ୍ରା ଅର୍ଜନ କରିପାରୁଛି। ଏହା ମୋଦି ସରକାରଙ୍କର ଏକ ବଡ଼ ସଫଳତା। ନିକଟରେ ଭାରତ ଆର୍ମେନିଆକୁ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଶକ୍ତିଶାଳି କ୍ଷେପଣାସ୍ତ୍ର ପିନାକ ରପ୍ତାନୀ କରିଛି। ଏସିଆ, ୟୁରୋପ, ଆଫ୍ରିକାର ଅନେକ ଦେଶ ଏବେ ଭାରତରୁ କ୍ଷେପଣାସ୍ତ୍ର ଏବଂ ଅନ୍ୟ ପ୍ରତିରକ୍ଷା ସାମଗ୍ରୀ କ୍ରୟ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଏହା ହେଉଛି ଭାରତର ଆତ୍ମନିର୍ଭର ଭାରତର ପ୍ରମାଣ। ଭାରତ ଆଜି ବିଶ୍ୱର ଏକ ଶକ୍ତିଶାଳି ଦେଶ ଭାବେ ଗର୍ବର ସହ ମୁଣ୍ଡଟେକି ଠିଆ ହୋଇଛି । ଏଥିପାଇଁ ମୋଦିଙ୍କ ଦୂରଦୃଷ୍ଟିକୁ ତାରିଫ କରିବାକୁ ପଡ଼ିବ। ଆମେରିକା ଏବଂ ଚୀନ ଭଳି ଦେଶର ଆର୍ôଥିକ ସମୃଦ୍ଧିର ଏକ ବଡ଼ କାରଣ ହେଲା ଏମାନେ ଅନେକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ଏବଂ ବିଦେଶରୁ ଏସବୁ କ୍ରୟ କରିବାକୁ ପଡ଼େନାହିଁ। କେବଳ ଖାଦ୍ୟ ସାମଗ୍ରୀ ନୁହେଁ, ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନରେ ମଧ ଚୀନ ଓ ଆମେରିକା ଏପରିକି ରଷିଆ ମଧ ଆତ୍ମନିର୍ଭରଶୀଳ। ଭାରତ ଏସବୁ ସାମଗ୍ରୀ ଆମଦାନୀ ବାବଦରେ ବିପୁଳ ବୈଦେଶିକ ମୁଦ୍ରା ବ୍ୟୟ କରୁଛି। ଏବେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଏଥିରୁ ନିସ୍ତାର ପାଇବାକୁ ଚିନ୍ତା କରୁଛନ୍ତି ଏବଂ ତଦନୁଯାୟୀ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏହା ବହୁ ବର୍ଷ ତଳୁ ହେବାର ଥିଲା। ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳ ଭାରତ ଗଠନ ଲକ୍ଷ୍ୟ ଆଗକୁ ଭାରତୀୟ ଅର୍ଥନୀତିରେ ଗେମ ଚେଞ୍ଜର ହୋଇପାରେ। ଏହା ଉଭୟ ବୈଦେଶିକ ମୁଦ୍ରେ ଉପାର୍ଜନ ସହ ଭାରତର ପ୍ରତିରକ୍ଷା ସାମର୍ଥ୍ୟକୁ ବୃଦ୍ଧି କରିବ। ଇତିମଧରେ ଭାରତୀୟ ବାୟୁସେନା ଆଉ କିଛି ଲଢ଼ୁଆ ବିମାନ କିଣିବାକୁ ଯାଉଛି। ପ୍ରତିରକ୍ଷା ସଂକ୍ରାନ୍ତୀୟ କ୍ୟାବିନେଟ କମିଟି ଏହାକୁ ଅନୁମୋଦନ କରିଛି।  ଏଥିରେ କେବଳ ହାଲ ନୁହେଁ, ଅନେକ ଭାରତୀୟ ଶିଳ୍ପ ସଂସ୍ଥା ଉପକୃତ ହେବେ। ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ଦିଗରେ ଏହା ଆଉ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ହେବ। କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିଜେପି କ୍ଷମତାକୁ ଆସିବା ପରେ ଭାରତ ପ୍ରତିରକ୍ଷା କ୍ଷେତ୍ରରେ ଅଧିକ ଶକ୍ତିଶାଳି ହୋଇଛି, ଏହାକୁ ସ୍ୱୀକାର କରିବାକୁ ପଡ଼ିବ। ଆମେରିକା, ରୁଷ ଏବଂ ଫ୍ରାନ୍ସ ଭଳି ଦେଶରୁ ଭାରତ ବହୁ ଶକ୍ତିଶାଳି ପ୍ରତିରକ୍ଷା ସାମଗ୍ରୀ କ୍ରୟ କରିଛି, ଆଉ କିଛି କ୍ରୟ କରିବାକୁ ଚୁକ୍ତି ସ୍ୱାକ୍ଷର କରିଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ସଫଳ ବୈଦେଶିକ ନୀତି ଏବଂ କୂଟନୀତି ବଳରେ ଏହା ସମ୍ଭବ ହୋଇପାରିଛି। ଏବେ ଭାରତ ଆଉ ପାକିସ୍ତାନକୁ ନିଜର ପ୍ରତିଦ୍ୱନ୍ଦ୍ୱି ଭାବେ ବିଚାର କରୁନି। ଏବେ ଚୀନ ହେଉଛି ଭାରତର ଟାର୍ଗେଟ। ଭାରତ ତୁଳନାରେ ଚୀନ ପ୍ରତିରକ୍ଷା କ୍ଷେତ୍ରରେ ବହୁ ଆଗରେ। ତେଣୁ ଚୀନ ସହ ସମ୍ଭାବ୍ୟ ସାମରିକ ମୁକାବିଲାକୁ ଭାରତ ସର୍ବାଧିକ ଗୁରୁତ୍ୱ ଦେଉଛି। ଯାହା ୫୦ ବର୍ଷ ତଳୁ କରିବାର ଥିଲା ତାହା ଏବେ ହେଉଛି। ତେଣୁ ଚୀନ ସହ ସମକକ୍ଷ ହେବାକୁ ଭାରତକୁ ଆହୁରି ୫୦ ବର୍ଷ ଲାଗିଯିବ। ଯାହା ବି ହେଉ ଏବେ ଅନ୍ତତଃ ପକ୍ଷେ ଚୀନର ମୁକାବିଲା ନିମନ୍ତେ ଭାରତୀୟ ସେନାର ମନୋବଳ ବୃଦ୍ଧି ପାଇଛି। କେବଳ ଚୀନ ନୁହେଁ, ଭବିଷ୍ୟତରେ ଯଦି କେବେ ଚୀନ ଏବଂ ପାକିସ୍ତାନ ମିଳିତ ଭାବେ ଭାରତ ସହ ଯୁଦ୍ଧରେ ଅବତୀର୍ଣ୍ଣ ହୁଅନ୍ତି ତେବେ ଏହାର ମୁକାବିଲା ନିମନ୍ତେ ଭାରତୀୟ ସେନା ପ୍ରସ୍ତୁତ ବୋଲି ସେନା ମୁଖ୍ୟ କହିଛନ୍ତି। ମନମୋହନ ସିଂହଙ୍କ ଶାସନ କାଳରେ ଭାରତ ଫ୍ରାନ୍ସରୁ ରାଫେଲ ବିମାନ କିଣିବାକୁ ନିଷ୍ପତ୍ତି ନେଇଥିଲା। କିନ୍ତୁ  ବିଭିନ୍ନ କାରଣରୁ ଏହା ଅଟକି ରହିଥିଲା। ନିଷ୍ପତ୍ତି କାର୍ଯ୍ୟକାରୀ ହୋଇପାରୁନଥିଲା। ନରେନ୍ଦ୍ର ମୋଦି କ୍ଷମତାକୁ ଆସିବା ପରେ ଏହାକୁ ତତ୍କାଳ କାର୍ଯ୍ୟକାରୀ କରାଗଲା। ଫ୍ରାନ୍ସରୁ ଭାରତ ୩୬ଟି ରାଫେଲ ବିମାନ କ୍ରୟ କରିଛି। ଏଲଏସିରେ ଏବେ ରାଫେଲ ମୁତୟନ ହୋଇଛି। ଏହା ସହିତ  ଆମେରିକାରୁ ମଧ ଭାରତ ଶକ୍ତିଶାଳି ହେଲିକପ୍ଟର, ମିଶାଇଲ ସିଷ୍ଟମ, ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର କ୍ରୟ କରିଛି। ଏବେ ନିକଟରେ ପ୍ରଧାନମନ୍ତ୍ରୀ ମୋଦି ଆମେରିକା ଗସ୍ତରେ ଯାଇଥିବା ବେଳେ ଉଭୟ ଦେଶ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସାମରିକ ଚୁକ୍ତି ହୋଇଛି। ଏହି ଚୁକ୍ତି ଅନୁଯାୟୀ ଭାରତ ଆମେରିକାରୁ ପ୍ରିଡେଟର ଡ୍ରୋନ କ୍ରୟ କରିବ। ସେହିପରି ଫ୍ରାନ୍ସ ସହ ମଧ ଭାରତ ସାମରିକ ଚୁକ୍ତି କରିଛି। ଏହି ଚୁକ୍ତି ଅନୁଯାୟୀ ଭାରତୀୟ ନୌ÷ସେନା ନିମନ୍ତେ ଫ୍ରାନ୍ସରୁ ଆଉ ୨୬ଟି ରାଫେଲ ଏବଂ ୩ଟି ସବମେରିନ କ୍ରୟ କରାଯିବ। ଏହା ଫଳରେ ଭାରତୀୟ ନୌ÷ସେନାର ଶକ୍ତି ବହୁଗୁଣ ବୃଦ୍ଧି ପାଇବ। ସାମରିକ କ୍ଷେତ୍ରରେ ଭାରତକୁ ଆତ୍ମନିର୍ଭରଶୀଳ କରିବାକୁ ନରେନ୍ଦ୍ର ମୋଦି ସଙ୍କଳ୍ପ ନେଇଛନ୍ତି। ତଦନୁଯାୟୀ ଭାରତରେ ଅନେକ ଅତ୍ୟାଧୁନୀକ ଅସ୍ତ୍ରଶସ୍ତ୍ର, ଲଢ଼ୁଆ ବିମାନ, ସବମେରିନ ଏବଂ ଏୟାରକ୍ରାଫ୍ଟ କ୍ୟାରିୟର ନିର୍ମାଣ କରାଯାଉଛି। ଏହା ଦ୍ୱାରା କେବଳ ଭାରତୀୟ ସେନା ଶକ୍ତିଶାଳି ହେଉନି, ଏହାକୁ ଅନ୍ୟ ଦେଶକୁ ବିକ୍ରି କରି ଭାରତ ବିପୁଳ ବୈଦେଶିକ ମୁଦ୍ରା ଅର୍ଜନ କରିପାରୁଛି। ଡିଆରଡିଏ ଏବଂ ହାଲ ଭଳି ରାଷ୍ଟ୍ରାୟତ ସଂସ୍ଥା ଏହା ଦ୍ୱାରା ଆର୍ôଥକ ଦୃଷ୍ଟିରୁ ସମ୍ପନ୍ନ ହେଉଛି। କିଛି ମାସ ତଳେ ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନ କୌ÷ଶଳରେ ନିର୍ମିତ ଆଇଏନଏସ ବିକ୍ରାନ୍ତ ଜଳାବତରଣ କରିଛି। ଫ୍ରାନ୍ସରୁ ଯେଉଁ ସବମେରିନ କ୍ରୟ କରାଯିବ ତାହା ବାସ୍ତବରେ ମାଜାଗାଓଁରେ ନିର୍ମିତ ହେବ। ଭାରତୀୟ ବାୟୁ ସେନା ନିମନ୍ତେ ସ୍ୱଦେଶୀ ଜ୍ଞାନ କୌ÷ଶଳରେ ନିର୍ମିତ ଲଢ଼ୁଆ ବିମାନ ତେଜସ  ଆଜି ପ୍ରତିରକ୍ଷା କ୍ଷେତ୍ରରେ ଭାରତର ଆତ୍ମନିର୍ଭରଶୀଳତାକୁ ପ୍ରମାଣିତ କରୁଛି। ନିକଟରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ପ୍ରତିରକ୍ଷା ସାମଗ୍ରୀ କ୍ରୟ ଲାଗି ଗଠିତ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ୧ ଲକ୍ଷ କୋଟି ଟଙ୍କାରୁ ଅଧିକ ମୂଲ୍ୟର ପ୍ରତିରକ୍ଷା ସାମଗ୍ରୀ କ୍ରୟ ପ୍ରସ୍ତାବକୁ ଅନୁମୋଦନ କରିଛି। ଏହାର ସିଂହଭାଗ ଭାରତରେ ନିର୍ମିତ ହେବ। ଦେଶର ସେନା ବାହିନୀକୁ ସଶକ୍ତ କରିବାକୁ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧିନ ସରକାର ଯେପରି ତ୍ୱରାନ୍ୱିତ ନିଷ୍ପତ୍ତି ନେଉଛନ୍ତି ତାହା ବାସ୍ତବରେ ପ୍ରଶଂସନୀୟ ଏବଂ ଉଦାହରଣଯୋଗ୍ୟ। ଯଦି ଅତୀତରେ କେନ୍ଦ୍ର ସରକାର ଏଭଳି ତ୍ୱରିତ ନିଷ୍ପତ୍ତି ନେଇଥାନ୍ତେ ଏବଂ ଭାରତୀୟ ସେନାକୁ ଚୀନର ସମକକ୍ଷ କରିବାକୁ ଉଦ୍ୟମ କରିଥାନ୍ତେ ତେବେ ଆଜି ଭାରତୀୟ ସୀମା ଉପରେ ଚୀନ ଲୋଲୁପ ଦୃଷ୍ଟି ପକାଇବାକୁ ସାହସ କରିନଥାନ୍ତା। ଭାରତ ସରକାର ମାତ୍ରାଧିକ ଟିକସ ଆଦାୟ କରୁଛନ୍ତି ବୋଲି କେତେକ ଅଭିଯୋଗ କରୁଛନ୍ତି। କିନ୍ତୁ ଯଦି ଟିକସ ଆଦାୟ ନହେବ ତେବେ ଭାରତୀୟ ସେନା କିପରି ଶକ୍ତିଶାଳି ହେବ? ଅତ୍ୟାଧୁନୀକ ଅସ୍ତ୍ରଶସ୍ତ୍ର, ଟ୍ୟାଙ୍କ, ସବମେରିନ, ଯୁଦ୍ଧ ବିମାନ ଏବଂ କ୍ଷେପଣାସ୍ତ୍ର କେଉଁଠୁ ଆସିବ? ଭାରତ ନିଜସ୍ୱ ଜ୍ଞାନ କୌ÷ଶଳରେ ଆଜି ଦୂରଗାମୀ କ୍ଷେପଣାସ୍ତ୍ର ନିର୍ମାଣରେ ସଫଳ ହୋଇଛି। ଆଜି ଭାରତୀୟ ସେନାର କ୍ଷେପଣାସ୍ତ୍ର ଲକ୍ଷ୍ୟ ଭେଦ କ୍ଷମତା ଚୀନର ରାଜଧାନୀ ବେଜିଂ ପର୍ଯ୍ୟନ୍ତ ସମ୍ପ୍ରସାରିତ ହୋଇଛି। ଆମେରିକାରୁ ଅତ୍ୟାଧୁନୀକ ଡ୍ରୋନ ଆସିବା ଦ୍ୱାରା ଏଲଏସିରେ ଚୀନ ସେନାର ଗତିବିଧି ଉପରେ ଏହା ନଜର ରଖିପାରିବ। ଏହା ଭାରତ ସରକାରଙ୍କ ଦୂରଦୃଷ୍ଟିକୁ ପ୍ରମାଣିତ କରୁଛି। ସୀମା ସୁରକ୍ଷିତ ରହିଲେ ଭାରତର ସାର୍ବଭୌ÷ମତ୍ୱ ସୁରକ୍ଷିତ ରହିବ, ଆମେ ସୁରକ୍ଷିତ ରହିପାରିବା।

# ପହଲଗାମ ଆକ୍ରମଣ ଓ ଭାରତ ପାକିସ୍ତାନର ଶକ୍ତି ଓ ଯୁଦ୍ଧ



**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**

ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ପାକିସ୍ତାନକୁ ମୁହଁତୋଡ ଜବାବ ଦେଇଛି। ରାତି ଅଧରେ ପାକିସ୍ତାନ ଉପରେ ଭାରତର ଆକ୍ରମଣ ପରେ, ଉଭୟ ଦେଶ ଯୁଦ୍ଧର ଦ୍ୱାରଦେଶରେ ପହଞ୍ଚିଛନ୍ତି। ଭାରତ ଆଡ଼କୁ କ୍ଷେପଣାସ୍ତ୍ର ନିକ୍ଷେପ କରାଯିବା ପରେ, ପାକିସ୍ତାନ କଡ଼ା ଜବାବ ଦେବାର ଦମ୍ଭ ଦେଖାଇଛି। ଏପରି ପରିସ୍ଥିତିରେ, ଦୁଇ ଦେଶ ମଧ୍ୟରେ ପରିସ୍ଥିତି ଆହୁରି ଖରାପ ହେବାର ସମ୍ଭାବନା ରହିଛି। ଏହି ଉତ୍ତେଜନାକୁ ଦୃଷ୍ଟିରେ ରଖି ଆଗାମୀ ୭୨ ଘଣ୍ଟା ଅର୍ଥାତ୍ ତିନି ଦିନ ବହୁତ ଗୁରୁତ୍ୱପୂର୍ଣ୍ଣ ବୋଲି ବିଶେଷଜ୍ଞମାନେ କହିଛନ୍ତି। ଭାରତ ଏବଂ ପାକିସ୍ତାନ ମଧ୍ୟରେ ୧୯୪୮, ୧୯୬୫, ୧୯୭୧ ଏବଂ ୧୯୯୯ ମସିହାରେ ଯୁଦ୍ଧ ହୋଇ ସାରିଛି। ସାମରିକ ବିଶେଷଜ୍ଞମାନଙ୍କ କହିବା ଅନୁଯାଇ ସାମ୍ପ୍ରତିକ ବର୍ଷଗୁଡ଼ିକରେ ଯୁଦ୍ଧ ବିମାନ, କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ପାଇଁ ଦେଶଗୁଡ଼ିକ ଯେଉଁ ପରିମାଣର ଟଙ୍କା ଖର୍ଚ୍ଚ କରିଛନ୍ତି ତାହା ଏକ ସଙ୍କେତ ହୋଇପାରେ ଯେ ସଂଘର୍ଷରେ ପରିସ୍ଥିତି ଆହୁରି ଖରାପ ହୋଇପାରେ।

ଭାରତ ଏପର୍ଯ୍ୟନ୍ତ ବିଭିନ୍ନ ସମୟରେ ସାମ୍ପ୍ରଦାୟିକ ହିଂସା, ଜାତିପ୍ରଥା, ନକ୍ସଲବାଦ, ଆତଙ୍କବାଦ ତଥା ଆଞ୍ଚଳିକ ପୃଥକବାଦୀ ବିଦ୍ରୋହ ଆଦିର ସମ୍ମୁଖୀନ ହୋଇଛି। ଭାରତର ଚୀନ ସହ ଅସମାଧିତ କ୍ଷେତ୍ରୀୟ ବିବାଦ ରହିଆସିଛି, ଯାହା ୧୯୬୨ ମସିହାରେ ଭାରତ-ଚୀନ ଯୁଦ୍ଧରେ ପରିଣତ ହୋଇଥିଲା। ସ୍ୱାଧୀନତା ପରଠାରୁ ଭାରତ ଓ ପାକିସ୍ଥାନ ମଧ୍ଯରେ ବିବାଦ ଲାଗିରହିଥିଲା, ଫଳରେ ୧୯୪୭, ୧୯୬୫, ୧୯୭୧ ଓ ୧୯୯୯ ମସିହାରେ ଚାରିଥର ଯୁଦ୍ଧ ହୋଇଥିଲା। ଶୀତଳ ଯୁଦ୍ଧ ସମୟରେ ଭାରତ ନିରପେକ୍ଷ ରହିଥିଲା, ଏବଂ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର ନେତୃତ୍ୱ ନେଇଥିଲା। ଏହା ସହ ଯେତେବେଳେ ପାକିସ୍ଥାନର ଯୁକ୍ତରାଷ୍ଟ୍ର ଓ ଚୀନ ସହ ସମ୍ପର୍କ ବଢ଼ିଲା, ସେତେବେଳେ ଭାରତ ସୋଭିଏତ ସଙ୍ଘ ସହିତ ଘନିଷ୍ଠତା ବଢ଼ାଇଥିଲା। ଭାରତ ଏକ ଆଣବିକ ଶସ୍ତ୍ର ବିଶିଷ୍ଟ ରାଷ୍ଟ୍ର। ଏହା ନିଜର ପ୍ରଥମ ଆଣବିକ ପରୀକ୍ଷଣ ୧୯୭୪ ମସିହାରେ କରିଥିଲା, ପରେ ୧୯୯୮ ମସିହାରେ ଆଉ ପାଞ୍ଚଟି ପରୀକ୍ଷଣ କରିଥିଲା। ୧୯୫୦ରୁ ୧୯୮୦ ମସିହା ପର୍ଯ୍ୟନ୍ତ ଭାରତ ସମାଜବାଦୀ ନୀତି ଅନୁସରଣ କରିଥିଲା। ଭାରତର ଅର୍ଥନୀତି ଅତ୍ୟଧିକ ନିୟନ୍ତ୍ରଣ, ସୁରକ୍ଷାକରଣ ଓ ସାଧାରଣ ମାଲିକାନାର ପ୍ରଭାବରେ ପ୍ରଭାବିତ ହୋଇଥିଲା, ଫଳରେ ଦେଶରେ ପ୍ରସାରବାଦୀ ଦୁର୍ନୀତିର ସୂତ୍ରପାତ ହେଲା ଏବଂ ଅର୍ଥନୀତିର ଧୀର ଅଭିବୃଦ୍ଧି ହେଲା। ୧୯୯୧ ମସିହାରେ ଆରମ୍ଭ ହୋଇଥିବା ନୂଆ-ଉଦାରବାଦୀ ଅର୍ଥନୈତିକ ସଂସ୍କାର ଯୋଗୁଁ ଭାରତ ବିଶ୍ୱର ତୃତୀୟ ବୃହତ୍ତମ ଏବଂ ଦୃତ ଅଭିବୃଦ୍ଧି ବିଶିଷ୍ଟ ଅର୍ଥନୀତିରେ ପରିଣତ ହେଲା। ଭାରତର ବୃହତ୍ତମ ଓ ବିକାଶଶୀଳ ଅର୍ଥନୀତି, ସୈନ୍ୟବାହିନୀ ତଥା ଜନସଂଖ୍ୟା ଯୋଗୁଁ, ବେଳେବେଳେ ଏହାକୁ ଏକ ମହାଶକ୍ତି ଏବଂ ସମ୍ଭାବ୍ୟ ବିଶ୍ୱଶକ୍ତି ବୋଲି ବିବେଚନା କରାଯାଏ।

ଏବେ ଆମେ ଯେଉଁ ପୃଥିବୀରେ ବାସ କରୁଛେ ଓ ଆମେ ପରସ୍ପର ଶକ୍ତି ପ୍ରଦର୍ଶନରେ ହେଉ ଅବା ସୁରକ୍ଷାରେ ଯେଉଁ ବୋମା ମାନ ସଂଗୃହିତ କରୁଛେ ତାହା ବର୍ତ୍ତମାନ ପୃଥିବୀ ବାସୀ ପାଇଁ ଚିନ୍ତାର କାରଣ।  ବର୍ତ୍ତମାନ ପୃଥିବୀ ଭୀଷଣ ବୋମାମୟ। ପରମାଣୁ ବୋମା ସହିତ ଆହୁରି ଉଚ୍ଚ ଶକ୍ତି ସମ୍ପର୍ଣ୍ଣ ଉଦଜାନ , ନ୍ୟୁଟ୍ରନ ଓ ରାସାୟନିକ ଆଦି ବୋମା ଗୁଡିକର ବିସ୍ଫୋରଣରେ ଏକାଧିକ ମହାଦେଶ ପୃଥିବୀ ମାନଚିତ୍ରରୁ ନିଶ୍ଚିହ୍ନ ହୋଇଯିବାର ସମ୍ଭାବନା ରହିଛି।  ଏକ ଆକଳନ ଅନୁଯାୟୀ ସମସ୍ତ ଦେଶ ପାଖରେ ପ୍ରାୟ ୩୦,୦୦୦ ଆଣବିକ ବୋମା ଗଚ୍ଛିତ ଅଛି ଯାହା ସମଗ୍ର ପୃଥିବୀକୁ ଶତଶତ ଥର ଧ୍ୱଂସ କରିବାକୁ ସକ୍ଷମ। ବର୍ତ୍ତମାନ ଆମେ  କ୍ଷମତାର ଉନ୍ମାଦ ପାଇଁ ସମଗ୍ର ଶାନ୍ତ ପୃଥିବୀ ରେ ବିଷାକ୍ତ ଅଗ୍ନିବଳୟର ବାତାବରଣ ସୃଷ୍ଟି କରିଛେ।  ଏ ବିଷୟରେ ସମଗ୍ର ପୃଥିବୀର ଅନୁଚିନ୍ତା ଦରକାର L ନ୍ୟୁକ୍ଲିୟର ଟ୍ରାଏଡ୍ ରଖିଥିବା ବିଶ୍ୱର ଅଳ୍ପ କେତେକ ଦେଶ ମଧ୍ୟରେ ଭାରତ ରହିଛି। ପାକିସ୍ତାନ ପାଖରେ ଏହି ଶକ୍ତି ନାହିଁ। ଭାରତ ଉପରେ କୌଣସି ଦେଶ ଆଗ ପରମାଣୁ ହମଲା କଲେ, ସେହି ଦେଶକୁ ଜଳ, ସ୍ଥଳ ଓ ଆକାଶ ପଥରୁ ବିନାଶ କରିବାର ଶକ୍ତି ଭାରତ ପାଖରେ ରହିଛି। ସ୍ଥଳ ଭାଗରେ ଅଗ୍ନି କ୍ଷେପଣାସ୍ତ୍ର ସିରିଜ ରହିଛି ତ ଜଳଭାଗରୁ ଆଇଏନଏସ ଅରିହନ୍ତ ଭଳି ସବମରିନରୁ ପରମାଣୁ ମିସାଇଲ୍ ଉତକ୍ଷେପଣ କରା ଯାଇପାରିବ। ସେହିପରି ଆକାଶମାର୍ଗରୁ ରାଫେଲ, ସୁଖୋଇ-୩୦ ଏମକେଆଇ, ମିରାଜ-୨୦୦୦, ଜାଗୁଆର ଭଳି ଲଢ଼ାଖୁ ବିମାନ ପରମାଣୁ ବୋମା ପକାଇବାରେ ସକ୍ଷମ। ଭାରତକୁ ପରମାଣୁ ଧମକର ନାଲିଆଖି ଦେଖାଉଥିବା ପାକିସ୍ତାନ, ବାସ୍ତବରେ ଭାରତର ଜବାବୀ ଆକ୍ମନ ଭୟରେ ରହିଛି।



ଭାରତ ୨୦୧୯ ମସିହାରୁ ଫ୍ରାନ୍ସଠାରୁ ୩୬ଟି ରାଫେଲ ଯୁଦ୍ଧ ବିମାନ କିଣିଛି, ଯାହା ପଶ୍ଚିମ ଦେଶଗୁଡ଼ିକର ସର୍ବୋତ୍ତମ ବିମାନ ମଧ୍ୟରେ ଅନ୍ୟତମ। ପାକିସ୍ତାନ ଚୀନ୍‌ଠାରୁ ଜେ-୧୦ ଯୁଦ୍ଧ ବିମାନ କିଣିଛି। ପାକିସ୍ତାନ ପାଖରେ ଅତି କମରେ ୨୦ଟି ଏପରି ବିମାନ ଅଛି, ଯେଉଁଥିରେ ସମସ୍ତ ଆଧୁନିକ କ୍ଷମତା ଅଛି। ବାୟୁ ଆକ୍ରମଣରୁ ରକ୍ଷା ପାଇବା ପାଇଁ ଭାରତ ରୁଷଠାରୁ ଏସ-୪୦୦ କ୍ଷେପଣାସ୍ତ୍ର ପ୍ରଣାଳୀ କିଣିଛି। ପାକିସ୍ତାନ ଚୀନ୍‌ଠାରୁ ଏଚକ୍ୟୁ-୯ କ୍ଷେପଣାସ୍ତ୍ର ପ୍ରଣାଳୀ କିଣିଛି, ଯାହା ମଧ ରୁଷର ଏସ-୩୦୦ ଉପରେ ଆଧାରିତ ଏଲ୍ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯେକୌଣସି ବିବାଦରେ ଚୀନର ଭୂମିକା ଗୁରୁତ୍ୱପୂର୍ଣ୍ଣ ହେବା ବିଶେଷଜ୍ଞମାନେ କୁହନ୍ତି ଯେ ଚୀନ୍ ଏବଂ ଭାରତ ପରସ୍ପରର ପ୍ରତିଦ୍ୱନ୍ଦ୍ୱୀ। ଯେତେବେଳେ ପାକିସ୍ତାନ ପାଇଁ, ଚୀନ୍ ହେଉଛି ତାର ସବୁଠାରୁ ନିକଟତମ ବନ୍ଧୁ ଏବଂ ସବୁଠାରୁ ବଡ଼ ଅସ୍ତ୍ରଶସ୍ତ୍ର ଯୋଗାଣକାରୀ। ଭାରତ ଏବଂ ପାକିସ୍ତାନ ମଧ୍ୟରେ ବିବାଦ ପାଶ୍ଚାତ୍ୟ ଏବଂ ଚୀନ୍ ପ୍ରଯୁକ୍ତିବିଦ୍ୟା ମଧ୍ୟରେ ଏକ ପ୍ରତିଯୋଗିତା ହୋଇପାରେ। ପାକିସ୍ତାନ ଚୀନ୍‌ରୁ ସର୍ବାଧିକ ସାମରିକ ଉପକରଣ ଆମଦାନୀ କରୁଥିବାବେଳ ଏହା ପଛକୁ ତୁର୍କୀ, ଫ୍ରାନ୍ସ ଏବଂ ରୁଷ୍‌ରୁ ଆମଦାନୀ କରିଥାଏ। ଉଭୟ ଦେଶ ସେମାନଙ୍କ ଘରୋଇ ପ୍ରତିରକ୍ଷା ଶିଳ୍ପ ବଢ଼ାଉଛନ୍ତି। ଉଭୟ ଦେଶ ବର୍ତ୍ତମାନ ଚରମ ଉତ୍ତେଜନା ପରିସ୍ଥିତିରେ ରହିଛନ୍ତି। ଯେକୌଣସି ମୁହୂର୍ତ୍ତରେ ପାକିସ୍ତାନ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ହୋଇପାରେ। ତେବେ ଉଭୟ ଦେଶକୁ ସଂଯମ ପାଇଁ ଆନ୍ତର୍ଜାତିକ ଆହ୍ୱାନ ସତ୍ତ୍ୱେ, ପରିସ୍ଥିତି ଅସ୍ଥିର ରହିଛି। ଜାତିସଂଘ ଏବଂ ପ୍ରମୁଖ ପାଶ୍ଚାତ୍ୟ ଶକ୍ତି ସମେତ ବିଶ୍ୱ ସମ୍ପ୍ରଦାୟ ଉଭୟ ପକ୍ଷକୁ ଏକପାଖିଆ ପଦକ୍ଷେପ ଏଡ଼ାଇବାକୁ ଏବଂ ପୁନଃ ଆଲୋଚନା ଆରମ୍ଭ କରିବାକୁ ଅନୁରୋଧ କରିଛନ୍ତି।

**ଅରଙ୍ଗାବାଦ ବରୀ ଯାଜପୁର, ମୋବାଇଲ: ୯୯୩୮୯୦୬୦୭୦**

# କରୁଣା ଓ ପ୍ରଶାନ୍ତିର ମୂର୍ତ୍ତିମନ୍ତ ପ୍ରତୀକ: ତଥାଗତ ବୁଦ୍ଧ



**ଡ଼ଃ.ଅରୁନ୍ଧତୀ ଦେବୀ**

ପୂଣ୍ୟଭୂମି ଭାରତ ବର୍ଷରେ ଜ୍ଞାନ, କର୍ମ ଓ ଭକ୍ତିର ଉଜ୍ଜ୍ୱଳ ବର୍ତ୍ତିକା ଧରି ତଥାଗତ ବୁଦ୍ଧ ଖ୍ରୀଷ୍ଟପୂର୍ବ ୬୨୩ରେ ଆବିର୍ଭୂତ ହୋଇଥିଲେ। କପିଳବାସ୍ତୁର ରାଜସିଂହାସନ, ପିତା ରାଜା ଶୁଦ୍ଦୋଧାଦନଙ୍କର ସକଳ ଆୟୋଜନ, ସ୍ତ୍ରୀ ଯଶୋଧାରା ଓ ସଦ୍ୟଜାତ ପୁତ୍ର ରାହୁଳର ଆକର୍ଷଣ, ନଭଶ୍ଚୁମ୍ବୀ ପ୍ରାସାଦ ଓ ରାଜପୁତ୍ରର ସମସ୍ତ ସୌଭାଗ୍ୟକୁ ତୁଚ୍ଛ କରି ସେ ଯୌବନାବସ୍ଥାରେ ଗୃହତ୍ୟାଗ କରିଥିଲେ। ଗୈରିକ ବସ୍ତ୍ର ପରିଧାନ କରି, ଲଣ୍ଡିତ ମସ୍ତକ ଗୌତମ ରାଜଗୃହ, ଉରୁବେଳା, ରୁଦ୍ରକ ଆଶ୍ରମ, ଗୟାଶୀର୍ଷ ପର୍ବତ ନିକଟସ୍ଥ ନିରଞ୍ଜନା ନଦୀ କୂଳରେ ଥିବା ଉରବିଲ୍ୱ ଆଦି ସ୍ଥାନରେ କଠୋର ତପସ୍ୟା କରି ବୁଦ୍ଧତ୍ୱ ପ୍ରାପ୍ତି ହୋଇଥିଲେ। ତାଙ୍କର ସରଳ ସୁମଧୁର ଓ କଲ୍ୟାଣପ୍ରଦ ଉପଦେଶ ଅନେକଙ୍କୁ ସୁସଂଯତ ଓ ସୁପରିବର୍ତ୍ତିତ କରିଥିଲା। ତାଙ୍କର ପ୍ରଥମ ଉପଦେଶ "ଧର୍ମଚକ୍ର ପ୍ରବର୍ତ୍ତନଂ' ନାମରେ ଖ୍ୟାତ। ଯେଉଁଠାରେ ସେ ପ୍ରଥମେ ଧର୍ମଚକ୍ର ପ୍ରବର୍ତ୍ତନ କରିଥିଲେ, ତାହାର ବର୍ତ୍ତମାନ ନାମ ସାରନାଥ।

ବାସ୍ତବରେ ତଥାଗତ ବୁଦ୍ଧ ଥିଲେ କରୁଣା ଓ ପ୍ରଶାନ୍ତିର ମୂର୍ତ୍ତିମନ୍ତ ପ୍ରତୀକ। ତାଙ୍କ ବାଣୀରେ ସେ "ଜୀବ ମାତ୍ରେ ଦୟା' ପ୍ରଦର୍ଶନ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ତଥାଗତଙ୍କ ଶିଷ୍ୟ ଉପଗୁପ୍ତଙ୍କ ଠାରୁ ବୁଦ୍ଧଙ୍କର ଶାନ୍ତିବାଣୀ ଶୁଣି ମହାପରାକ୍ରମୀ ଚଣ୍ଡାଶୋକ ଯେ ଉତ୍କଳର ଦୟାନଦୀକୁ ଯୁଦ୍ଧରେ ରକ୍ତ ରଞ୍ଜିତ କରିଥିଲେ, ସେ ପରିବର୍ତ୍ତିତ ହୋଇ ଦେବାନାଂ ପ୍ରିୟ, ପ୍ରିୟଦର୍ଶୀ ଧର୍ମାଶୋକରେ ପରିଣତ ହୋଇଥିଲେ ଏବଂ ଲୋକ କଲ୍ୟାଣ କାର୍ଯ୍ୟରେ ଜୀବନର ଅବଶିଷ୍ଟ ସମୟ ଅତିବାହିତ କରିଥିଲେ। ପୁନଶ୍ଚ ବୁଦ୍ଧଙ୍କ ସମୟରେ ଅଙ୍ଗୁଳିମାଳା ସମସ୍ତ ଲୋକଙ୍କୁ ହତ୍ୟା କରିବାର ଏକ ପ୍ରତିଜ୍ଞା ନେଇ ଜଙ୍ଗଲ ପଥରେ ପ୍ରତିଦିନ ମଣିଷଙ୍କୁ ହତ୍ୟାକରି ଚାଲିଥିଲା। କେତେଜଣଙ୍କୁ ମାରିଲା, କିଛିଦିନ ପରେ ଭୁଲିଯିବାରୁ, ଏହାପରେ ଯେଉଁମାନଙ୍କୁ ହତ୍ୟା କଲା ତାଙ୍କର ଗୋଟିଏ ଗୋଟିଏ ଆଙ୍ଗୁଳି କାଟି ନିଜ ବେକରେ ହାର କରି ପିନ୍ଧିଲା ତା ଭୟରେ ଲୋକମାନେ ଏକାକୀ ନଯାଇ ୩୦/୪୦ଜଣ ଏକାଠି ହୋଇ ବନ୍ୟପଥରେ ଯାତ୍ରା କରୁଥିଲେ। ବୁଦ୍ଧଦେବ ଶ୍ରାବସ୍ତୀର ଜନତାଙ୍କ ମୁଖରୁ ଅଙ୍ଗୁଳିମାଳା କଥା ଶୁଣି ସେ ରହୁଥିବା ଜଙ୍ଗଲ ପଥରେ ସମସ୍ତଙ୍କ ବାରଣ ସତ୍ତ୍ୱେ ଏକାକୀ ଯାତ୍ରା କଲେ। ନିର୍ଭୟ ଚିତ୍ତରେ ଏକାକୀ ଜଣେ ଶ୍ରମଣ ଯାତ୍ରା କରୁଥିବା ଦେଖି ଅଙ୍ଗୁଳିମାଳା ତାଙ୍କ ପଶ୍ଚାତ୍‌ଧାବନ କଲା। କିନ୍ତୁ ସେ ଆଶ୍ଚର୍ଯ୍ୟ ହେଲା ଯେ ଏତେ କ୍ଷିପ୍ର ଗତିରେ ଚାଲିମଧ ସେ ବୁଦ୍ଧଙ୍କୁ ଧରିପାରୁନଥିଲା କ୍ଳାନ୍ତ ହୋଇ ଗୋଟିଏ ସ୍ଥାରେ ଛିଡ଼ା ହୋଇ ସେ ଉଚ୍ଚସ୍ୱରରେ କହିଲା - "ସ୍ଥିର ହୁଅ ଶ୍ରମଣଂ'। ଉତ୍ତରରେ ବୁଦ୍ଧ କହିଲେ - "ମୁଁ ସର୍ବଦା ସ୍ଥିର, ମାତ୍ର ଚଞ୍ଚଳତା ମଧ୍ୟରେ ତୁମେ ଗତି କରୁଅଛ। ଅତଏବ ତୁମେ ସ୍ଥିର ହୁଅ।' ଅଙ୍ଗୁଳିମାଳା କହିଲେ - "ଶ୍ରମଣ ! ତୁମେ ଗତି କରୁଅଛ ଏବଂ ମୁଁ ଏଠାରେ ଛିଡ଼ା ହୋଇଅଛି, ଏପରି ସ୍ଥଳେ ତୁମେ ସ୍ଥିର ଓ ମୁଁ ଅସ୍ଥିର ଏହା କିପରି କହୁଛ ? ବୁଦ୍ଧ ଦେବ କହିଲେ - "ଯାହାର ଇନ୍ଦ୍ରିୟ ଶାନ୍ତ, ଯେ ହିଂସାରହିତ, ଯେ ଅନୁଦ୍‌ବିଗ୍ନ ଓ ଯାହାର ମତି ସଂସାର ପ୍ରତି ଅନାସକ୍ତ, ସେ ସର୍ବଦା ସ୍ଥିର। ମାତ୍ର ତୁମର ଇନ୍ଦ୍ରିୟ ଅଶାନ୍ତ, ତୁମେ ନରହତ୍ୟା ରୂପକ ହିଂସାରେ ଜଡ଼ିତ ତୁମର ମତି ସର୍ବଦା ଉଦ୍‌ବିଗ୍ନ। ଅତଏବ ତୁମେ ଅସ୍ଥିର।' ତଥାଗତ ବୁଦ୍ଧଙ୍କର ଏହି ବାଣୀ ଅଙ୍ଗୁଳିମାଳା ହୃଦୟରେ ଗଭୀର ଆଲୋଡ଼ନ ସୃଷ୍ଟି କଲା। ତାର ହୃଦୟ ବେଦନାରେ ଖଣ୍ଡ ବିଖଣ୍ଡିତ ହୋଇଗଲା। ନରହତ୍ୟା ରୂପି ପୂର୍ବାର୍ଜିତ ପାପପାଇଁ ତା' ନେତ୍ରରୁ ଅନୁତାପର ଅଶ୍ରୁ ଧାର ଧାର ହୋଇ ଝରିବାକୁ ଲାଗିଲା। ତଥାଗତ ତାଙ୍କୁ କରୁଣାପୂର୍ଣ୍ଣ ନେତ୍ରରେ ଚାହିଁ ସତେ ଯେପରି ଅମୃତର ଆହ୍ୱାନ ଦେଉଥିଲେ। ଅଙ୍ଗୁଳିମାଳା ସମସ୍ତ ଅସ୍ତ୍ରଶସ୍ତ୍ର ତ୍ୟାଗ କରି ବୁଦ୍ଧଦେବଙ୍କର ପାଦଦ୍ୱୟକୁ ଜାବୁଡ଼ି ଧରିଲା ଓ ନିଜ ଚକ୍ଷୁରୁ ନିର୍ଗତ ଅଶ୍ରୁଜଳରେ ତାଙ୍କ ପାଦ ପ୍ରକ୍ଷାଳନ କରି ଶରଣ ଭିକ୍ଷା କଲା। ତଥାଗତ ଅଙ୍ଗୁଳିମାଳାକୁ ଉଠାଇନେଇ ଅତି ସ୍ନେହରେ ଆଲିଙ୍ଗନ କଲେ। କରୁଣାମୟ ବୁଦ୍ଧଙ୍କର ଗଭୀର ମମତ୍ୱଭରା କରୁଣା ଓ ମାର୍ଗଦର୍ଶନ ଅଙ୍ଗୁଳିମାଳାକୁ କଷାୟ ବସ୍ତ୍ର ପରିହିତ ବୌଦ୍ଧଭିକ୍ଷୁରେ ରୂପାନ୍ତରିତ କଲା ଏବଂ ଅପର ପକ୍ଷରେ ତାକୁ ଅର୍ହତ ପଦର ଅଧିକାରୀ କରି ତା' ଜୀବନକୁ ଧନ୍ୟ କରିଦେଲା।



ଯେଉଁ ଦେଶ ବୁଦ୍ଧଙ୍କ ତ୍ୟାଗରେ ମହିମାନ୍ୱିତ ଏବଂ ତାଙ୍କର ଜୀବେ ଦୟା ଭାବରେ ସିକ୍ତ, ସେହି ଦେଶରେ ଆଜି ହିଂସା, ପ୍ରତିହିଂସା ତା'ର ଅନେକ ଅଧିବାସୀଙ୍କର ହୃଦୟକୁ ନିଷ୍ଠୁର, ନିର୍ଦ୍ଦୟ ଓ ନିଷ୍କରୁଣାର ଖାଁ ଖାଁ ତପ୍ତ ମରୁବାଲିରେ ପରିଣତ କରିଛି। ବିଭତ୍ସତାରୂପୀ ଘୋର ବୈଶାଖୀର ରୁଦ୍ରତା ତା ହୃଦୟକୁ ଶ୍ମଶାନ ଓ ବଧଭୂମିର ଦାନବତାରେ କଦାକାର କରିଛି। କରୁଣାର ଅଶ୍ରୁ ଅବଲୁପ୍ତ ହୋଇଛି। ଯେଉଁଥିପାଇଁ ନିକଟରେ ଦାମନଯୋଡ଼ିରେ ଶାନ୍ତ ରାତ୍ରୀର ନୀରବତାକୁ ବିକ୍ଷୁବ୍ଧ କରି ଅତି ଅପ୍ରତ୍ୟାଶିତ ଭାବେ ହିଂସାର ରକ୍ତ ବହିଗଲା। ବମ୍ବେର ତାଜ୍, ଟ୍ରାଇଡେଣ୍ଟ ହୋଟେଲ୍, ନରିମାନ ହାଉସ୍, ଶିବାଜୀ ଟରମିନସ୍‌ରେ ନିଜ ଦୋଷ କ'ଣ ତାହା ଜାଣିବା ପୂର୍ବରୁ, କିଛି ଜୀବନ ଦୀପ ଆର୍ତ୍ତଚିତ୍କାରରେ ନିର୍ବାପିତ ହୋଇଗଲା। କେଉଁଠି ପଚ୍ଛପଟୁ ଗୁଳି ତ, ଦିଲ୍ଲୀ ସହର ପରି କେଉଁଠି ସିରିଜ୍ ବୋମା ବିସ୍ଫୋରଣ, ଅନ୍ୟ କେଉଁଠି ଗ୍ରେନେ୍ ମାଡ଼, ଆଉ କେଉଁଠି ଆତ୍ମଘାତୀ ବୋମା ବିସ୍ଫୋରଣରେ - ମାରିବି ମରିବିର ଭ୍ରାନ୍ତ ପ୍ରତିଜ୍ଞା ଆଜିର ସମାଜରେ ନୂଆ ନୂଆ ଅନେକ ଅଙ୍ଗୁଳିମାଳାଙ୍କ ଉପସ୍ଥିତିର ଅନୁଭବ ଦେଉଛି। "ବସୁଧୈବ କୁଟୁମ୍ବକମ୍'। ଏ ପୃଥିବୀର ସମସ୍ତ ମଣିଷ ଆମର ଭାଇବନ୍ଧୁ କୁଟୁମ୍ବ। ତଥାଗତ ବୁଦ୍ଧଙ୍କର କରୁଣା ଭାବ ଏବଂ "ଜୀବେ ଦୟା' ସମସ୍ତଙ୍କ ହୃଦୟକୁ ଅହିଂସକ କରି ବାସ୍ତବ ଶାନ୍ତି ଦେଉ। କେହି କାହାକୁ ହତ୍ୟା ନକରୁ। ଯେ କୌଣସି କାରଣ ପାଇଁ ହେଉ, ହତ୍ୟାକାରୀଟି ବାସ୍ତବରେ ଦୁଃଖି ମଣିଷଟିଏ। ଆଶାନ୍ତ ଆତ୍ମାଟିଏ। ସେ ଆମର ଆତ୍ମୀୟ। ତା'ହୃଦୟରେ କରୁଣାପ୍ରାଣ ବୁଦ୍ଧ ବି ହସି ଉଠିପାରିବେ। ଯାହାଦ୍ୱାରା ସେ ଶାନ୍ତି ଅନୁଭବ କରିବା ସହ, ତା' ଆଖିରୁ ପ୍ରେମର ଅଶ୍ରୁ ମଧ ନିର୍ଗତ ହୋଇପାରିବ - ଅନ୍ୟ ମଣିଷ ଆତ୍ମୀୟଟି ପାଇଁ। ଏଇଥିପାଇଁ ଖ୍ରୀଷ୍ଟପୂର୍ବ ୫୪୩ରେ କୁଶିନାରାର ପାବା ନାମକ ସ୍ଥାନରେ ବିସ୍ତୀର୍ଣ୍ଣ ଶାଳବଣ ମଧ୍ୟରେ ଅଶୀବର୍ଷ ବୟସରେ ବୈଶାଖ ପୂର୍ଣ୍ଣିମାର ଶାନ୍ତ ସ୍ନିଗ୍ଧ, ଜ୍ୟୋତ୍ସାସ୍ନାତ ରାଜନୀରେ ନିର୍ବାଣ ପ୍ରାପ୍ତ ହୋଇ ଦେହ ତ୍ୟାଗ କରିଥିବା ପରମ କାରୁଣିକ କରୁଣାପ୍ରାଣ ତଥାଗତ ବୁଦ୍ଧ ଆଜି ଆମ୍ଭମାନଙ୍କର ପରମ ବନ୍ଦନୀୟ ଓ ଅନୁସରଣୀୟ। ଏକ ସ୍ନେହ ଶାନ୍ତିଭରା ଶୋଭନୀୟ ପୃଥିବୀ ପାଇଁ ପୂଜ୍ୟ ଶ୍ରୀକୁମାର ଭାଇଙ୍କ ସେହି ପଂକ୍ତି ପ୍ରଣିଧାନଯୋଗ୍ୟ -  ରାତ୍ରି ପାହିଛି, ପ୍ରଭାତ ହୋଇଛି ଆସରେ ଆସରେ ଭାଇ, ଦ୍ୱାରଦ୍ୱାର ବୁଲି ବୁଦ୍ଧଙ୍କ ବାଣୀ ଶୁଣାଇବା ଆମେ ଗାଇ ଭିକ୍ଷା ଚାହିଁବା ମାନବ ହୃଦୟ ସମାଜର ହିତ ପାଇଁ, ମାନବିକତାର ଜାଗରଣ ହେବ ଭ୍ରାନ୍ତି ରହିବ ନାହିଁ ଲୋଭ ଓ ଗର୍ବ ହିଂସା ଛାଡ଼ିବ ମାନବ ଜୀବନକୁ ତା'ର ପ୍ରତି ହୃଦୟରୁ ଝରିବ ଝରଣା ସ୍ନେହ କ୍ଷମା କରୁଣାର  ସ୍ନେହ କ୍ଷମା କରୁଣାର...। ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ।

**ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ମୋବାଇଲ୍: ୯୪୩୭୧୨୪୫୭୨**

# ଭକ୍ତର ସଙ୍ଗ କରିଲେ କ'ଣ ହୁଏ ?

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**



ଯେଉଁ ବ୍ୟକ୍ତି ଗୁରୁଙ୍କର ନିର୍ଦ୍ଦେଶଗୁଡ଼ିକ ସୂଚାରୁରୂପରେ ଅକ୍ଷରେ ଅକ୍ଷରେ ପାଳନ କରନ୍ତି ଏବଂ ଆଧାତ୍ମିକ କ୍ଷେତ୍ରରେ ଅପେକ୍ଷାକୃତ ଅଳ୍ପବିକଶିତ ଲୋକଙ୍କ ମଧ୍ୟରେ ଗୁରୁ ଉପଦେଶ ପ୍ରଚାର ଓ ପ୍ରସାର କରି ଜୀବନ ଅତିବାହିତ କରନ୍ତି, ସେ ହିଁ ପ୍ରକୃତ ଭକ୍ତ। ଯେଉଁ ଭକ୍ତ ଗୁରୁଙ୍କର ଆଜ୍ଞାବହ ହୁଏ, କେବଳ ସେ ହିଁ ଅନ୍ତରର ମୁଁ କାରତ୍ୱ ଉପରେ ବିଜୟ ଲାଭ କରେ। ଆଜ୍ଞାନୁବର୍ତ୍ତିତା ଯଥାର୍ଥ ଓ ବାସ୍ତବ ହେବା ଆବଶ୍ୟକ। ପୂର୍ଣ୍ଣପ୍ରାଣରେ ପୂର୍ଣ୍ଣ ଅଧବସାୟ କରି ଆଜ୍ଞାନୁବର୍ତ୍ତୀ ହେବା ଆବଶ୍ୟକ। ଯେଉଁ ଶିଷ୍ୟ ପ୍ରକୃତ ଗୁରୁ-ଆଜ୍ଞାନୁବର୍ତ୍ତୀ, ସେ ପ୍ରଶ୍ନ କରେନାହିଁ, କି ଦୀର୍ଘସୂତ୍ରିତା ପ୍ରଦର୍ଶନ କରେ ନାହିଁ। ଭଣ୍ଡ ଓ କପଟୀ ଶିଷ୍ୟ କେବଳ ଭୟବଶତଃ ଗୁରୁଆଜ୍ଞା ପାଳନ କରିଥାଏ। କିନ୍ତୁ ପ୍ରକୃତ ଅନୁରକ୍ତ ଶିଷ୍ୟ ନିଚ୍ଛକ ଅନୁରାଗର ସହିତ ଗୁରୁସେବା କରିଥାନ୍ତି।

ଭକ୍ତ ସଙ୍ଗର ଉପକାରିତା ସମ୍ବନ୍ଧରେ କଥା ଉଠିଲା। ଶ୍ରୀ ଶ୍ରୀ ଠାକୁର - ପ୍ରକୃତ ଯିଏ ଭକ୍ତ, ସେ ଭଗବାନ ଛଡ଼ା କିଛି ଚାହେଁ ନାହିଁ, ଆଉ କିଛି ବୁଝେ ନାହିଁ। ତାଙ୍କର ବିରହରେ ସେ ଚିରବ୍ୟଥିତ। ଆମ୍ଭେମାନେ ଯାହାକିଛି ପାଉନା କାହିଁକି, ତାଙ୍କ ଛଡ଼ା ଅନ୍ୟ କୌଣସିଥିରେ ପ୍ରାଣ ଭରେ ନାହିଁ। ଭରିବାର ନୁହେଁ, ତେଣୁ ଭରେନାହିଁ। ମଣିଷର ସମଗ୍ର ଅନ୍ତରଟା ଫାଙ୍କା। ତାହା କୌଣସିଥିରେ ଭରେ କି ନାହିଁ, ସେହି ଚେଷ୍ଟାରେ ସେ କେତେ କ'ଣ କରେ! କିନ୍ତୁ କିଛି ପ୍ରକାରରେ ସେ ଶାନ୍ତି ପାଏ ନାହିଁ, ତୃପ୍ତି ପାଏ ନାହିଁ, ତାର ଅସ୍ଥିରତା ଯାଏ ନାହିଁ। ଭକ୍ତ କିନ୍ତୁ ତାର ଇଷ୍ଟଙ୍କ ମଧ୍ୟରେ ସବୁ କିଛି ପାଇଥାଏ। ସେ ହିଁ ସାଇ ବସ୍ତୁ, ଏହି ମୁଖ୍ୟ କଥା ସେ ବୁଝିଥାଏ। ତେଣୁ, କାମନା ବାସନାର ଜଞ୍ଜାଳରୁ ସେ ଅନେକ ରକ୍ଷା ପାଇଥାଏ। ଏହାଦ୍ୱାରା ସେ ଶାନ୍ତି ପାଏ। ତେଣୁ ଅନ୍ୟମାନେ ବି ତାର ସଙ୍ଗ କରି ଶାନ୍ତି, ତୃପ୍ତି ଓ ଆନନ୍ଦ ପାଆନ୍ତି। ମଣିଷ ଜ୍ଞାତ ସାରରେ, ଅଜ୍ଞାତସାରରେ ଅହର୍ନିଶ ଏହା ହିଁ ଚାହିଁଥାଏ। ସତସଙ୍ଗ ମାନେ ସତ୍ତାର ସଙ୍ଗ। ସତ୍ତା ସଚ୍ଚିଦାନନ୍ଦମୟ। ସଚ୍ଚିଦାନନ୍ଦ ବିଗ୍ରହ ଯିଏ, ତାଙ୍କୁ ମଣିଷ ଖୋଜେ ନିଜର ସତ୍ତାକୁ ଅତୁଟ ଓ ବର୍ଦ୍ଧନଶୀଳ କରି ତୋଳିବା ପାଇଁ। ଯେତେବେଳେ ମଣିଷ ଦେଖେ ଯେ ତାର ଚିରଦିନର ନିଜର ବୋଲି କେହି ନାହିଁ, ସେ ଏକା ଓ ନିଃସଙ୍ଗ, ସେତେବେଳେ ତାର କ୍ଷୁଦ୍ର ସତ୍ତା ଆଲିଙ୍ଗନ କରିବାକୁ ଚାହେଁ ମହାସତ୍ତାକୁ, ଅନାଦିର ଆଦି ଗୋବିନ୍ଦଙ୍କୁ। ଆମ୍ଭେମାନେ ଭଗବାନଙ୍କୁ ମଦନମୋହନ ମଦନର ଯେତେ ମରଣ ଓ ଦୌରାତ୍ମ୍ୟ ଅଛି, ତାଙ୍କ ପାଖକୁ ଗଲେ ସବୁ ମୋହିତ ହୋଇଯାଏ। ମଦନ ତାର ନିଜର ଚରିତାର୍ଥତା ଖୋଜି ପାଏ। ମଦନକୁ ଭସ୍ମ କରି ଲାଭ କ'ଣ ? ତାକୁ ବରଂ ମଦନମୋହନ ର ସେବକ କରି ସାର୍ଥକ କରି ତୋଳିବା ହିଁ ଭଲ। ସେ ମୋର ମଦନମୋହନ, ସେ ମୋର ନଟବର, ସେ ମୋର ନବକିଶୋର, ଯେଉଁମାନେ ଚାହାଁନ୍ତି, ସେମାନଙ୍କର ବି ସେ ମଦନମୋହନ, ନଟବର ଓ ନବକିଶୋର। ଆଉ ଯେଉଁମାନେ ନ ଚାହାଁନ୍ତି ସେମାନଙ୍କର ବି ମଦନମୋହନ, ସେମାନଙ୍କର ବି ସେ ନଟବର, ସେମାନଙ୍କର ବି ସେ ନବକିଶୋର। ସେ ଦୁଇବାହୁ ବଢ଼େଇ ଅଛନ୍ତି ସମସ୍ତଙ୍କୁ ଆଲିଙ୍ଗନ କରି କୋଳେଇ ନେବା ପାଇଁ। ମଣିଷ ଚାହେଁ ନାହିଁ ବୋଲି ବୁଝି ପାରେ ନାହିଁ। ଏହାଦ୍ୱାରା ତାଙ୍କ ଆଖିରୁ ଅଶ୍ରୁ ଝରେ, ବିମୁଖ ମଣିଷମାନେ ବି ମର୍ମପୀଡ଼ାରେ ମରେ। (ଆଃପ୍ରଃ୧୬/୮.୪.୧୯୪୯)



ପରମାର୍ଥ ଲାଭ ମାର୍ଗରେ ବହୁ ପ୍ରତିବନ୍ଧକମାନ ରହିଛି। ସେଗୁଡ଼ିକ ହେଲା ଅହଂକାର, ଅବିଦ୍ୟା, ଲୋଭ, ମୋହ ଏବଂ କାମ। ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଏହିସବୁ ଗୁଣ ଠାରୁ ଦୂରେଇ ରହିବା ପାଇଁ ଭକ୍ତ ମାନଙ୍କୁ ସବୁବେଳେ ପରାମର୍ଶ ଦେଇଛନ୍ତି। ଆତ୍ମ ସ୍ୱରୂପ ଏବଂ ଆତ୍ମ ବିବେକରେ ରହିବା ନିମନ୍ତେ ସେ ପରାମର୍ଶ ଦେଇଛନ୍ତି। ମନ ଉପରେ ଜୟ ଲାଭ ନିମନ୍ତେ ସେ ତାଙ୍କର ଭକ୍ତମାନଙ୍କୁ ସାହାଯ୍ୟ କରିଥାଆନ୍ତି। ବିବେକ ଏବଂ ବୈରାଗ୍ୟର ମାର୍ଗରେ ଭକ୍ତଙ୍କୁ ନେଇ ଭବସାଗର ପାର କରାଇବାରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସାହାଯ୍ୟ କରନ୍ତି। ଏଥି ନିମନ୍ତେ ଭକ୍ତ ସଦଗୁରୁଙ୍କ ପାଦତଳେ ନିଜର ଶରୀର, ଧନ ଏବଂ ଆତ୍ମାକୁ ସମର୍ପଣ କରିବା ଉଚିତ। ସଦଗୁରୁ ଏତିକି ମାତ୍ର ଚାହାଁନ୍ତି। ସଦଗୁରୁଙ୍କ ଜୀବନର ଲକ୍ଷ୍ୟ ହେଉଛି ତାଙ୍କ ନିକଟରେ ଯିଏ ନିଜକୁ ସମର୍ପଣ କରିଦେଇଛି ଏବଂ ତାଙ୍କର ନାମ ଜପ କରୁଛି ତାକୁ ମୋକ୍ଷ ପ୍ରଦାନ କରିବା। ଯେଉଁ ଭକ୍ତମାନେ ଏହି ମାର୍ଗକୁ ଗ୍ରହଣ କରିଛନ୍ତି ସେମାନଙ୍କୁ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ପରି ସଦଗୁରୁମାନେ ସାହାଯ୍ୟ କରିବାକୁ ଆଗେଇ ଆସନ୍ତି।

**ସହ-ପ୍ରତିରତ୍ୱିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ**
**ମୋବାଇଲ୍: ୯୪୩୭୦୫୧୯୫୭**

# କମାଣ୍ଡରଙ୍କ ହାତରେ କ୍ଷମତା ଦେଲେ ସେନାମୁଖ୍ୟ

● ବଦମାସୀ କଲେ ପାକ୍ ସେନାକୁ ତା ଭାଷାରେ ବୁଝାଇ ଦିଅ



**ନୂଆଦିଲ୍ଲୀ ୧୧।୫:** ଭାରତ ଓ ପାକିସ୍ତାନ ମଧ୍ୟରେ ଗତ ୪ ଦିନ ହେଲା ଜାରି ଉତ୍ତେଜନା ଏବେ ଅସ୍ତ୍ର ବିରତି ଯୋଗୁ ଥଣ୍ଡା ପଡିଛି। ସୀମାରେ ପରିସ୍ଥିତି ଏବେ ସ୍ୱାଭାବିକ ରହିଛି। ଏଥି ମଧ୍ୟରେ ଭାରତ ସ୍ଥଳ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ରବିବାର ଆର୍ମି କମାଣ୍ଡରମାନଙ୍କୁ ଫ୍ରି ହ୍ୟାଣ୍ଡ ଦେଇଛନ୍ତି। କହିଛନ୍ତି ପାକିସ୍ତାନ ପଟରୁ ଯଦି କୌଣସି ସ୍ଥାନରେ ଅସ୍ତ୍ର ବିରତି ଉଲ୍ଲଂଘନ ହୁଏ ପୂରା ସାମର୍ଥ୍ୟର ସହିତ ପାକିସ୍ତାନକୁ ତା ଭାଷାରେ ଜାବାବ ଦିଅ। ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ରବିବାର ପଶ୍ଚିମ ସୀମା ଆର୍ମି କମାଣ୍ଡରମାନଙ୍କ ସହିତ ସୁରକ୍ଷା ସମୀକ୍ଷା କରିଛନ୍ତି। ଏହି ସମୀକ୍ଷା କାଳରେ କମାଣ୍ଡରମାନଙ୍କୁ ଯେ କୌଣସି କାର୍ଯ୍ୟାନୁଷ୍ଠାନ ପାଇଁ ଫ୍ରି ହ୍ୟାଣ୍ଡ ଦେଇଛନ୍ତି। ତେବେ ଏହା ପୂର୍ବରୁ ଭାରତୀୟ ବାୟୁସେନା (ଆଇଏଏଫ) ଏକ ବୟାନରେ ଆମେ ଅପରେସନ 'ସିନ୍ଦୂର'ର ଲକ୍ଷ୍ୟ ହାସଲ କରିଛୁ ବୋଲି କହିଛି। ଏହି ଅପରେସନ ଏବେବି ଜାରି ରହିଛି ଓ ସମୟ ଆସିଲେ ଆମେ ଏହାର ସୂଚନା ଦେବୁ ବୋଲି କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ ନ୍ୟୁୟର୍କ ଟାଇମ୍ସ ରିପୋର୍ଟ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକା ଉପରାଷ୍ଟ୍ରପତି ଜେ.ଡି.ଭାନସଙ୍କୁ ସ୍ପଷ୍ଟ ଭାବେ କହିଛନ୍ତି ଯେ ଯଦି ପାକିସ୍ତାନ ଏଥିରେ କିଛି କରେ ଜବାବ ଆହୁରି ବିନାଶକାରୀ ଓ କଡା ହେବ। ସୂତ୍ର ଅନୁସାରେ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ କାଶ୍ମୀରକୁ ନେଇ ଆମର ସ୍ଥିତି ଅତ୍ୟନ୍ତ ସ୍ପଷ୍ଟ। ଏବେ କେବଳ ଗୋଟିଏ ପ୍ରସଙ୍ଗ ରହିଛି, ତାହା ହେଉଛି ପାକ୍ ଅଧିକୃତ କାଶ୍ମୀର (ପିଓକେ)କୁ ଫେରାଇବା। ଏହା ଛଡା ଅନ୍ୟ କୌଣସି କଥା ନାହିଁ। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଯଦି ସେମାନେ ଆତଙ୍କବାଦୀଙ୍କୁ ସମର୍ପଣ କରିବାକୁ କହନ୍ତି ତେବେ ଆମେ କଥା ହୋଇପାରୁ। ମୋର କୌଣସି ଅନ୍ୟ ଉଦ୍ଦେଶ୍ୟ ନାହିଁ। ଆମେ ଚାହୁଁନା ଆମ ମଧ୍ୟରେ କେହି ମଧ୍ୟସ୍ଥତା କରୁ। କାରଣ ଆମକୁ ମଧ୍ୟସ୍ଥଙ୍କର କୌଣସି ଆବଶ୍ୟକତା ନାହିଁ। କାଶ୍ମୀର ପ୍ରସଙ୍ଗକୁ ପାକିସ୍ତାନ ହିଁ ଅଡୁଆ କରି ରଖିଛି। ନିଜେ ସମସ୍ୟାର ସମାଧାନ କରିଦେଲେ ଏହା ସମାଧାନ ହୋଇ ଯାଆନ୍ତା।

# ବ୍ରହ୍ମୋସ ଉତ୍ପାଦନ ୟୁନିଟ୍ ଉଦ୍‌ଘାଟନ କଲେ ରାଜନାଥ





## ବାର୍ଷିକ ତିଆରି ହେବ ୧୦୦ କ୍ଷେପଣାସ୍ତ୍ର

**ଲକ୍ଷ୍ନୌ,୧୧।୫:** ପାକିସ୍ତାନ ସହିତ ବଢୁଥିବା ସାମରିକ ଉତ୍ତେଜନା ମଧ୍ୟରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ରବିବାର ଉତ୍ତରପ୍ରଦେଶର ଲକ୍ଷ୍ନୌର ପ୍ରତିରକ୍ଷା ଶିଳ୍ପ କରିଡରରେ ବ୍ରହ୍ମୋସ ସୁପରସୋନିକ୍ କ୍ରୁଜ୍ କ୍ଷେପଣାସ୍ତ୍ର ଉତ୍ପାଦନ ୟୁନିଟ୍‌କୁ ଭର୍ଚୁଆଲ୍ ଭାବରେ ଉଦ୍‌ଘାଟନ କରିଛନ୍ତି। ଉତ୍ପାଦନ ୟୁନିଟ୍‌କୁ ବାର୍ଷିକ ୮୦ ରୁ ୧୦୦ କ୍ଷେପଣାସ୍ତ୍ର ନିର୍ମାଣ କରିବା ପାଇଁ ଡିଜାଇନ୍ କରାଯାଇଛି।

ଲକ୍ଷ୍ନୌରେ ବ୍ରହ୍ମୋସ୍ ଏରୋସ୍ପେସ୍ ଇଣ୍ଟିଗ୍ରେସନ୍ ଏବଂ ପରୀକ୍ଷଣ ସୁବିଧାର ଉଦ୍‌ଘାଟନ ଉତ୍ସବରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି, ଆଜି ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ। ୧୯୯୮ ମସିହାରେ ଏହି ଦିନ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱରେ ଆମର ବୈଜ୍ଞାନିକମାନେ ପୋଖରାନରେ ପରମାଣୁ ପରୀକ୍ଷଣ କରିଥିଲେ ଏବଂ ବିଶ୍ୱକୁ ଭାରତର ଶକ୍ତି ଦେଖାଇଥିଲେ। ସେହି ପରୀକ୍ଷଣ ଆମର ବୈଜ୍ଞାନିକ, ଇଞ୍ଜିନିୟର, ପ୍ରତିରକ୍ଷା କର୍ମଚାରୀ ଏବଂ ଅନ୍ୟାନ୍ୟ ଅଂଶୀଦାରମାନଙ୍କ ଅପାର ପ୍ରୟାସର ଫଳାଫଳ ଥିଲା। ସେ କହିଛନ୍ତି, ଏହି ଉତ୍ପାଦନ ୟୁନିଟ୍ ଭାରତର ପ୍ରତିରକ୍ଷା ଉତ୍ପାଦନ କ୍ଷମତାକୁ ଆହୁରି ମଜଭୁତ କରିବ ଏବଂ ଆତ୍ମନିର୍ଭରଶୀଳ ଭାରତ ଦିଗରେ ଆଉ ଏକ ଦୃଢ଼ ପଦକ୍ଷେପ। ସେ କହିଛନ୍ତି, ପାକିସ୍ତାନରେ ଥିବା ଆତଙ୍କବାଦୀ ଭିତ୍ତିଭୂମିକୁ ଧ୍ୱଂସ କରିବା ଲକ୍ଷ୍ୟରେ ଭାରତୀୟ ସେନା ଅପରେସନ ସିନ୍ଦୂର ଆରମ୍ଭ କରିଥିଲେ। ଆମେ କେବେ ବି ସେମାନଙ୍କର ସାଧାରଣ ଲୋକଙ୍କୁ ଟାର୍ଗେଟ କରିନାହୁଁ। କିନ୍ତୁ ପାକିସ୍ତାନ କେବଳ ଭାରତର ସାଧାରଣ ଅଞ୍ଚଳକୁ ଟାର୍ଗେଟ କରିନଥିଲା ବରଂ ମନ୍ଦିର, ଗୁରୁଦ୍ୱାର ଏବଂ ଚର୍ଚ୍ଚ ଉପରେ ମଧ୍ୟ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲା। ଭାରତୀୟ ସେନା ସାହସ ଏବଂ ବୀରତ୍ୱ ପ୍ରଦର୍ଶନ କରିବା ସହିତ ସଂଯମତା ପ୍ରଦର୍ଶନ କରିଛି ଏବଂ ପାକିସ୍ତାନର ଅନେକ ସାମରିକ ଘାଟି ଉପରେ ଆକ୍ରମଣ କରି ଉପଯୁକ୍ତ ଜବାବ ଦେଇଛି।

୩୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଉତ୍ପାଦନ ୟୁନିଟ୍ ବ୍ରହ୍ମୋସ୍ କ୍ଷେପଣାସ୍ତ୍ର ଉତ୍ପାଦନ କରିବ, ଯାହାର ଲକ୍ଷ୍ୟଭେଦ କ୍ଷମତା ୨୯୦ରୁ ୪୦୦କିଲୋମିଟର ଏବଂ ସର୍ବାଧିକ ଗତି ୨.୮ ମାକ୍ ରହିବ। ଭାରତ ଏବଂ ରୁଷିଆର ମିଳିତ ଉଦ୍ୟମ ଦ୍ୱାରା ବ୍ରହ୍ମୋସ୍ ଏରୋସ୍ପେସ୍ ବିକଶିତ କରାଯାଇଛି। ଏହି କ୍ଷେପଣାସ୍ତ୍ରକୁ ସ୍ଥଳ, ସମୁଦ୍ର କିମ୍ବା ଆକାଶରୁ ନିକ୍ଷେପ କରାଯାଇପାରିବ। ଏହା ଫାୟାର ଆଣ୍ଡ ଫରଗେଟ୍ ମାର୍ଗଦର୍ଶନ ପ୍ରଣାଳୀ ଅନୁସରଣ କରିବ। ଲକ୍ଷ୍ନୌରେ ନୂତନ ଭାବରେ ଆରମ୍ଭ ହୋଇଥିବା ଏରୋସ୍ପେସ୍ ଇଣ୍ଟିଗ୍ରେସନ୍ ଏବଂ ପରୀକ୍ଷଣ ସୁବିଧା ୟୁନିଟ୍‌ରୁ ବାର୍ଷିକ ୮୦ରୁ ୧୦୦ ବ୍ରହ୍ମୋସ୍ କ୍ଷେପଣାସ୍ତ୍ର ଉତ୍ପାଦନ କରାଯିବ। ଏହା ସହିତ ପ୍ରତିବର୍ଷ ୧୦୦ରୁ ୧୫୦ପରବର୍ତ୍ତୀ ପିଢ଼ିର ବ୍ରହ୍ମୋସ୍ କ୍ଷେପଣାସ୍ତ୍ର ମଧ୍ୟ ଉତ୍ପାଦନ କରାଯିବ। ପରବର୍ତ୍ତୀ ପିଢ଼ିର କ୍ଷେପଣାସ୍ତ୍ରଗୁଡ଼ିକ ଗୋଟିଏ ବର୍ଷ ମଧ୍ୟରେ ପ୍ରସ୍ତୁତ ଏବଂ ବିତରଣ କରାଯିବ।

ଏପର୍ଯ୍ୟନ୍ତ ସୁଖୋଇ ଭଳି ଯୁଦ୍ଧ ବିମାନ କେବଳ ଗୋଟିଏ ବ୍ରହ୍ମୋସ୍ କ୍ଷେପଣାସ୍ତ୍ର ବହନ କରିପାରିବ। ତଥାପି ସେମାନେ ଏବେ ତିନୋଟି ପରବର୍ତ୍ତୀ ପିଢ଼ିର ବ୍ରହ୍ମୋସ୍ କ୍ଷେପଣାସ୍ତ୍ର ବହନ କରିପାରିବେ।ପରବର୍ତ୍ତୀ ପିଢ଼ିର ବ୍ରହ୍ମୋସ୍ କ୍ଷେପଣାସ୍ତ୍ରର ଷ୍ଟ୍ରାଇକ୍ ରେଞ୍ଜ ୩୦୦ କିଲୋମିଟରରୁ ଅଧିକ ହେବ ଏବଂ ଏହାର ଓଜନ ୧,୨୯୦ କିଲୋଗ୍ରାମ ହେବ। ତେବେ ବର୍ତ୍ତମାନର ବ୍ରହ୍ମୋସ୍ କ୍ଷେପଣାସ୍ତ୍ରର ଓଜନ ୨,୯୦୦ କିଲୋଗ୍ରାମ ରହିଛି। ଉତ୍ତର ପ୍ରଦେଶ ସରକାରଙ୍କ ଦ୍ୱାରା ମାଗଣାରେ ପ୍ରଦାନ କରାଯାଇଥିବା ୮୦ ହେକ୍ଟର ଜମିରେ ନିର୍ମିତ ବ୍ରହ୍ମୋସ୍ ଉତ୍ପାଦନ ୟୁନିଟ୍ ସାଢ଼େ ତିନି ବର୍ଷ ମଧ୍ୟରେ ସମାପ୍ତ ହୋଇଥିଲା। ତାମିଲନାଡୁ ପରେ ଉତ୍ତରପ୍ରଦେଶ ହେଉଛି ଦ୍ୱିତୀୟ ରାଜ୍ୟ ଯିଏ କି ପ୍ରତିରକ୍ଷା ଶିଳ୍ପ କରିଡର ନିର୍ମାଣ କରିଛି।

# ୨୦ ଆତଙ୍କୀ ଆଡ୍ଡାରେ ଚଢ଼ାଉ

**ନୂଆଦିଲ୍ଲୀ, ୧୧।୫:** ପହଲଗାମ ଆତଙ୍କୀ ଆକ୍ରମଣ ପରେ ଆତଙ୍କବାଦୀ ଓ ସେମାନଙ୍କ ସହଯୋଗୀଙ୍କ ବିରୋଧରେ ଅଭିଯାନ ତୀବ୍ର ହୋଇଛି। ଏହାରି ମଧ୍ୟରେ ଜମ୍ମୁ- କାଶ୍ମୀରର ଯାଞ୍ଚ ଏଜେନ୍ସୀ ଏବଂ ପୁଲିସକୁ ବଡ଼ ସଫଳତା ମିଳିଛି। ପୁଲିସ ଦକ୍ଷିଣ କାଶ୍ମୀରରେ ୨୦ ସ୍ଥାନରେ ଚଢାଉ କରି ସ୍ଲିପର ସେଲର ପର୍ଦ୍ଦାଫାଶ କରିଛି। ଏହି ଚଢାଉରୁ ବିପୁଳ ପରିମାଣରେ ଆପତ୍ତିଜନକ ସାମଗ୍ରୀ ଜବତ ହୋଇଛି। ଏହା ସହ କିଛି ସନ୍ଦିଗ୍ଧଙ୍କୁ ହେପାଜତକୁ ନିଆଯାଇଛି। ସେମାନଙ୍କୁ ପଚରାଉଚରା କରାଯାଉଛି। ରାଜ୍ୟ ଯାଞ୍ଚ ଏଜେନ୍ସୀ ଏସଆଇଏ ଏକ ବିଜ୍ଞପ୍ତିରେ କହିଛି, ଜମ୍ମୁ- କାଶ୍ମୀର ପୁଲିସ କାଶ୍ମୀରରେ କାମ କରୁଥିବା ଆତଙ୍କୀ ସହଯୋଗୀ ଏବଂ ଓଭର ଗ୍ରାଉଣ୍ଡ ୱାର୍କର୍ସ ଓଜିଡବ୍ଲୁଙ୍କ ଉପରେ ନଜର ରଖିଛନ୍ତି। ଗୁଇନ୍ଦା ସୂଚନାରୁ ଜଣାପଡ଼ିଛି କାଶ୍ମୀରରେ ଅନେକ ସ୍ଲିପର ସେଲ ଆକ୍ଟିଭ ଅଛନ୍ତି। ସେମାନେ ପାକିସ୍ତାନରେ ବସିଥିବା ସେମାନଙ୍କ ମୁଖିଆଙ୍କ ସହ ସିଧା ସମ୍ପର୍କରେ ଥିଲେ। ସୁରକ୍ଷା ବଳ ଏବଂ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ବିଷୟରେ ସମ୍ବେଦନଶୀଳ ଏବଂ ରଣନୀତିକ ସୂଚନାକୁ ମେସେଜିଂ ହ୍ୱାଟ୍ସଆପ୍, ଟେଲିଗ୍ରାମ, ସିଗ୍ନାଲ ମାଧ୍ୟମରେ ପହଞ୍ଚାଉଥିଲେ। କୁହାଯାଉଛି ଯେ, ଏହି ଆତଙ୍କୀ ସହଯୋଗୀ ଲସ୍କର-ଏ-ତୋଏବା ଏବଂ ଜୈଶ-ଏ-ମହମ୍ମଦର ଆତଙ୍କୀ କମାଣ୍ଡଙ୍କ

## ଚଳାଇଥିଲେ ସ୍ଲିପର ସେଲ୍

ଇଶାରାରେ ଅନଲାଇନ ଉଗ୍ରବାଦୀ ପ୍ରଚାରରେ ମଧ୍ୟ ସାମିଲ ଥିଲେ, ଯାହାଦ୍ୱାରା ରାଷ୍ଟ୍ରୀୟ ସୁରକ୍ଷା ଏବଂ ଅଖଣ୍ଡତା ପ୍ରତି ବିପଦ ଥିଲା। ଏସଆଇଏ କହିଛି ଦକ୍ଷିଣ କାଶ୍ମୀରର ସବୁ ଜିଲ୍ଲାରେ ପ୍ରାୟ ୨୦ ସ୍ଥାନରେ ରେଡ ହୋଇଛି। ରେଡ ସମୟରେ ପ୍ରବଳ ମାତ୍ରାରେ ଆପତ୍ତିଜନକ ସାମଗ୍ରୀ ଜବତ କରାଯାଇଛି ଆଉ ସନ୍ଦିଗ୍ଧଙ୍କୁ ପଚରାଉଚରା ପାଇଁ ହେପାଜତକୁ ନିଆଯାଇଛି। ପ୍ରାରମ୍ଭିକ ଯାଞ୍ଚରେ ଜଣାପଡ଼ିଛି ଯେ, ଏହି ସଂସ୍ଥା ଆତଙ୍କବାଦୀ ଷଡ଼ଯନ୍ତ୍ରରେ ସକ୍ରିୟ ଭାବରେ ସାମିଲ ଅଛନ୍ତି ଆଉ ଭାରତ ବିରୋଧୀ ଗତିବିଧିର ପ୍ରଚାର ଏବଂ ପ୍ରସାର କରୁଛନ୍ତି। ଯାହାର ଉଦ୍ଦେଶ୍ୟ କେବଳ ଯେ, ଭାରତର ସାର୍ବଭୌମତ୍ୱ ଏବଂ କ୍ଷେତ୍ରୀୟ ଅଖଣ୍ଡତାକୁ ଚାଲେଞ୍ଜ କରୁଥିଲା ତାହା ନୁହେଁ ବରଂ ଅସନ୍ତୋଷ, ସାର୍ବଜନିକ ଅବ୍ୟବସ୍ଥା ଏବଂ ସାମ୍ପ୍ରଦାୟିକ ଘୃଣାକୁ ବଢ଼ାଇବା ଥିଲା।




ମୋଦି ଓ ଭାରତୀୟ ସେନାର ବୀରପଣିଆ ଆଗରେ ହାର୍ ମାନିଲା ପାକିସ୍ତାନ

# ସଂସଦର ସ୍ୱତନ୍ତ୍ର ଅଧିବେଶନ ପାଇଁ ପ୍ରଧାନମନ୍ତ୍ରୀଙ୍କୁ କଂଗ୍ରେସର ଚିଠି



**ନୂଆଦିଲ୍ଲୀ, ୧୧।୫:** ଭାରତ- ପାକିସ୍ତାନ ଯୁଦ୍ଧବିରତିକୁ ନେଇ ତେଜିଲା ରାଜନୀତି। ସରକାରଙ୍କ ଘୋଷଣା ପୂର୍ବରୁ ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ସୋସିଆଲ ମିଡିଆ ପୋଷ୍ଟକୁ ନେଇ ଘେରିଛନ୍ତି ବିରୋଧୀ। ସଂସଦର ସ୍ୱତନ୍ତ୍ର ଅଧିବେଶନରେ ଏନେଇ ଚର୍ଚ୍ଚା କରିବାକୁ ଦାବି କରିଛି କଂଗ୍ରେସ । ପାର୍ଲାମେଣ୍ଟର ସ୍ପେସାଲ ସେସନ ନେଇ ମୋଦିଙ୍କୁ ଚିଠି ଲେଖିଛନ୍ତି ରାହୁଲ। ଭାରତ- ପାକିସ୍ତାନ ମଧ୍ୟରେ ତୃତୀୟ ପକ୍ଷର ହସ୍ତକ୍ଷେପକୁ ସିମଲା ରାଜିନାମାର ଉଲ୍ଲଙ୍ଘନ କହିଛି ଆରଜେଡି । ଯୁଦ୍ଧବିରତି ପାଇଁ ପ୍ରଧାନମନ୍ତ୍ରୀଙ୍କୁ ପ୍ରଶଂସା କରିଛି ବିଜେପି ।

୪ଦିନର ଘମାଘୋଟ ସ୍ଥିତି ପରେ ଭାରତ- ପାକିସ୍ତାନ ମଧ୍ୟରେ ଯୁଦ୍ଧବିରତି । ଦୁଇଦେଶ ମଧ୍ୟରେ ଉତ୍ତେଜନା ହ୍ରାସ କଲା ଆମେରିକା ମଧ୍ୟସ୍ଥତାରେ ଅସ୍ତ୍ର ବିରତି। ଏବେ ଯୁଦ୍ଧବିରତିରେ ତୃତୀୟ ପକ୍ଷର ମଧ୍ୟସ୍ଥତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବିରୋଧୀ । ଏ ସଂପର୍କରେ ଚର୍ଚ୍ଚା ନେଇ ସଂସଦର ସ୍ୱତନ୍ତ୍ର ଅଧିବେଶନ ଓ ସର୍ବଦଳୀୟ ବୈଠକ ଦାବି କରିଛି କଂଗ୍ରେସ। ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଓ ମଲ୍ଲିକାର୍ଜୁନ ଖଡଗେ ଏନେଇ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ପହଲଗାମ ଆକ୍ରମଣ, ଅପରେସନ ସିନ୍ଦୂର, ୱାଶିଂଟନର ଯୁଦ୍ଧବିରତି ଘୋଷଣା ନେଇ ଚର୍ଚ୍ଚା କରିବାକୁ ଦାବି କରିଛନ୍ତି। ଯୁଦ୍ଧବିରତିରେ ଟ୍ରମ୍ପଙ୍କ ଭୂମିକା ନେଇ ପ୍ରଶ୍ନ ଉଠାଇଛନ୍ତି କଂଗ୍ରେସ ନେତା ସଚିନ ପାଇଲଟ । ସୋସିଆଲ ମିଡିଆରେ ଟ୍ରମ୍ପ ଯାହା ପ୍ରକାଶ କରିଛନ୍ତି ତାକୁ ଦୃଷ୍ଟିଦିଆଯିବା ଜରୁରୀ ବୋଲି ସେ କହିଛନ୍ତି । ଭାରତ ସରକାରଙ୍କ ଅସ୍ତ୍ର ବିରତି ଘୋଷଣା ପୂର୍ବରୁ ଆମେରିକା ରାଷ୍ଟ୍ରପତିଙ୍କ ଘୋଷଣା ସିମଲା ରାଜିନାମାର ଖୋଲାଖୋଲି ଉଲ୍ଲଙ୍ଘନ ବୋଲି କହିଛନ୍ତି ଆରଜେଡି ସାଂସଦ ମନୋଜ ଝା । ଭାରତ- ପାକିସ୍ତାନ ମଧ୍ୟରେ ତୃତୀୟ ପକ୍ଷର ହସ୍ତକ୍ଷେପ କାହିଁକି ସରକାର ଅଗ୍ରାହ୍ୟ କଲେ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି ।

ଟ୍ରମ୍ପଙ୍କ ହସ୍ତକ୍ଷେପ ଆମ ସରକାର ଦୁର୍ବଳ ବୋଲି ପ୍ରମାଣିତ ହୋଇଥିବା କହିଛନ୍ତି ଶିବସେନା ୟୁବିଟି ସାଂସଦ ସଞ୍ଜୟ ରାଉତ । ଯୁଦ୍ଧବିରତି ଘୋଷଣା କରି ଦୁଇଦେଶ ମଧ୍ୟରେ ଥିବା ଉତ୍ତେଜନାକୁ ହ୍ରାସ କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦି। ଦେଶବାସୀ ପ୍ରଧାନମନ୍ତ୍ରୀଙ୍କ ଉପରେ ଆସ୍ଥା ଓ ବିଶ୍ୱାସ ପ୍ରକଟ କରନ୍ତି ବୋଲି କହିଛନ୍ତ ରାଜସ୍ଥାନ ଉପମୁଖ୍ୟମନ୍ତ୍ରୀ ଦୀୟା କୁମାରୀ ।

# ମୋଦିଙ୍କ ଯୁଦ୍ଧ ନୀତିକୁ ପ୍ରଶଂସା କଲେ ଚିଦାମ୍ବରମ୍

**ନୂଆଦିଲ୍ଲୀ,୧୧।୫:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଶଂସା କଲେ କଂଗ୍ରେସ ନେତା ପି ଚିଦାମ୍ବରମ । ମୋଦିଙ୍କ ନେତୃତ୍ୱରେ ଭାରତ ଦ୍ୱାରା ପରିଚାଳିତ ହୋଇଥିବା 'ଅପରେସନ ସିନ୍ଦୂର' ଓ ଯୁଦ୍ଧନୀତିକୁ 'ବୁଦ୍ଧିମତାପୂର୍ଣ୍ଣ ଓ ସନ୍ତୁଳିତ' ବୋଲି କହିଛନ୍ତି ଚିଦାମ୍ବରମ । ଏପ୍ରିଲ ୨୨ ତାରିଖରେ ପହଲଗାମରେ ପର୍ଯ୍ୟଟକଙ୍କ ଉପରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ଭାରତକୁ ଆତଙ୍କବାଦ ବିରୋଧରେ ପଦକ୍ଷେପ ନେବାକୁ ବାଧ୍ୟ କରିଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଭାରତ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ନେଇଥିଲା । ପାକିସ୍ତାନର ୯ଟି ଆତଙ୍କୀ ଆଡ୍ଡା ଉପରେ ଆକ୍ରମଣ କରିଥିଲା ଭାରତ। ଆତଙ୍କୀ ଶିବିରକୁ ଛାରଖାର କରି ଆତଙ୍କୀଙ୍କୁ ନିପାତ କରିଥିଲା ।ପହଲଗ୍ରାମରେ ପର୍ଯ୍ୟଟକଙ୍କ ଉପରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ ଦେଶରେ ପ୍ରତିଶୋଧ ନେବାକୁ ଜୋରଦାର ଆହ୍ୱାନ ଦିଆଯାଇଥିଲା, ପାକିସ୍ତାନ ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ ଦେଶବାସୀଙ୍କ ମଧ୍ୟରେ ଉତ୍ତେଜନା ଭରି ରହିଥିଲା । ଆତଙ୍କବାଦୀ ସଂଗଠନର ଭିତ୍ତିଭୂମି ନଷ୍ଟ କରିବାକୁ ଲକ୍ଷ୍ୟ ରଖି ଭାରତର ସାମରିକ କାର୍ଯ୍ୟାନୁଷ୍ଠାନ ସୀମିତ ଏବଂ ସୁଚିନ୍ତିତ ବୋଲି ସେ କହିଛନ୍ତି। ଆତଙ୍କବାଦ ବିରୁଦ୍ଧରେ ଜିରୋ ଟଲରେନ୍ସ ନୀତି ଆପଣାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ପଷ୍ଟ କରିଛନ୍ତି ଯେ, ଏହା ନୂତନ ଭାରତ । ସୀମାର ଉଭୟ ପାର୍ଶ୍ୱରେ ଆତଙ୍କବାଦଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ । ଯେଉଁ ଭାରତ ବିରୋଧୀ ଏବଂ ଆତଙ୍କବାଦୀ ସଂଗଠନ ଭାରତ ମାତାର ମସ୍ତକରେ ଆକ୍ରମଣ କରି ଅନେକ ମହିଳାଙ୍କ ମଥାରୁ ସିନ୍ଦୂର ପୋଛି ଦେଇଥିଲେ ସେମାନଙ୍କୁ 'ଅପରେସନ୍ ସିନ୍ଦୂର' ମାଧ୍ୟମରେ ଭାରତୀୟ ସେନା ନ୍ୟାୟ ଦେଇଛି ।

# ବନ୍ଦ ହେବ ରୁଷ-ୟୁକ୍ରେନ ଯୁଦ୍ଧ



## ଆଲୋଚନା ପାଇଁ ଆହ୍ୱାନ ଦେଲେ ପୁଟିନ

**ନୂଆଦିଲ୍ଲୀ, ୧୧।୫:** ଯୁଦ୍ଧ ବନ୍ଦ କରିବାକୁ ରାଜି ରୁଷ । ୟୁକ୍ରେନ ସହିତ ସିଧା ଆଲୋଚନା ପାଇଁ ପ୍ରସ୍ତାବ ଦେଲେ ରୁଷ ରାଷ୍ଟ୍ରପତି ପୁଟିନ । ଆସନ୍ତା ୧୫ ତାରିଖରେ ଇସ୍ତାନବୁଲରେ ଉଭୟ ଦେଶ ବୈଠକ କରିପାରନ୍ତି ।ଆଲୋଚନା ପାଇଁ ଆହ୍ୱାନ କରି ପୁଟିନ କହିଛନ୍ତି, ଶାନ୍ତି ସ୍ଥାପନା କରିବା ଆଲୋଚନାର ମୁଖ୍ୟ ଉଦ୍ଦେଶ୍ୟ। ଏହା ସହ ଯୁଦ୍ଧର ମୂଳ କାରଣ ଶେଷ କରିବା । ୟୁରୋପୀୟ ନେତା ପୁଟିନ୍‌ଙ୍କୁ ଚେତାବନୀ ଦେବା ଦ୍ୱାରା ଯୁଦ୍ଧ ବିରାମ ଭଳି ନିଷ୍ପତ୍ତି ନିଆଯାଇଛି । ଡୋନାଲ୍ଡ ଟ୍ରମ୍ପଙ୍କ ସମର୍ଥନରେ ୟୁରୋପୀୟ ଶକ୍ତି ଏକ ନିଃସର୍ତ୍ତ ୩୦ ଦିନିଆ ଅସ୍ତ୍ରବିରତି ଉପରେ ଜୋର ଦେଇଥିଲା ଏବଂ ପୁଟିନଙ୍କୁ ଚେତାବନୀ ଦେଇଥିଲା ଯେ ଯଦି ସେ କିଛି ଦିନ ମଧ୍ୟରେ ସ୍ୱୀକାର ନକରନ୍ତି ତେବେ ତାଙ୍କ ଉପରେ ନୂଆ ପ୍ରତିବନ୍ଧକ ଲଗାଯିବ । ସେପଟେ ପୁଟିନଙ୍କ ଏହି ପଦକ୍ଷେପକୁ ପ୍ରଶଂସା କରିଛନ୍ତି ଡୋନାଲ୍ଡ ଟ୍ରମ୍ପ । ସେ କହିଛନ୍ତି ଯେ, ଯୁଦ୍ଧ କରିବା ପରିବର୍ତ୍ତେ ୟୁକ୍ରେନରେ ସଂଘର୍ଷର ଅନ୍ତ କରିବାକୁ ଚାହାଁନ୍ତି, ଯାହାକୁ ତାଙ୍କ ପ୍ରଶାସନ ଆମେରିକା ଏବଂ ରୁଷ ମଧ୍ୟରେ ଏକ ପ୍ରକ୍ସି ଯୁଦ୍ଧ ଭାବରେ ଦେଖେ। ଟ୍ରମ୍ପ କହିଥିଲେ ଯେ ସେ ଜଣେ ଶାନ୍ତି ସ୍ଥାପନକାରୀ ଭାବରେ ଲୋକଙ୍କ ମନରେ ରହିବାକୁ ଚାହାଁନ୍ତି। ରୁଷ ଏବଂ ୟୁକ୍ରେନ ପାଇଁ ଏକ ସମ୍ଭାବ୍ୟ ମହାନ ଦିନ। ରକ୍ତପାତର ଅନ୍ତ ଘଟିବା ସହିତ ଲକ୍ଷ ଲକ୍ଷ ଜୀବନ ରକ୍ଷା ପାଇବେ । ଏହା ଏକ ସମ୍ପୂର୍ଣ୍ଣ ନୂତନ ବିଶ୍ୱ ହେବ ।

# ଜମ୍ମୁ-କାଶ୍ମୀର, ପଞ୍ଜାବ ସୀମା ଶାନ୍ତ





**ନୂଆଦିଲ୍ଲୀ, ୧୧।୫:** କିଛି ଦିନର ଉତ୍ତେଜନାମୂଳକ ସ୍ଥିତି ପରେ ଏବେ ଜମ୍ମୁ-କାଶ୍ମୀର ଓ ପଞ୍ଜାବ ସୀମାନ୍ତ ଅଞ୍ଚଳ ଶାନ୍ତ ରହିଛି। ଏହାସହ କାଶ୍ମୀରରେ ଶାନ୍ତି ଫେରୁଥିବାର ସୂଚନା ମିଳିଛି। ଆଜି ସେଠାରେ ଲୋକେ ଘରୁ ବାହାରିଛନ୍ତି ଏବଂ ଦୋକାନବଜାର ଖୋଲିଥିବା ପରିଲକ୍ଷିତ ହୋଇଛି। ତେଣେ ଯାନବାହନ ବି ଚଳାଚଳ ଆରମ୍ଭ କରିଛି। ପାକିସ୍ତାନୀ ସେନା ଦ୍ୱାରା

## ଦୋକାନବଜାର ଖୋଲା, ଜୀବନଯାତ୍ରା ସ୍ୱାଭାବିକ

କିଛି ଦିନ ଧରି ପ୍ରବଳ ଗୁଳିବର୍ଷା ପରେ ରବିବାର ଜମ୍ମୁ-କାଶ୍ମୀର ଏବଂ ଅନ୍ୟାନ୍ୟ ସୀମାନ୍ତ ଅଞ୍ଚଳରେ ପରିସ୍ଥିତି ଶାନ୍ତିପୂର୍ଣ୍ଣ ରହିଥିବା ଦେଖାଯାଇଛି। ଭାରତ-ପାକିସ୍ତାନ ଉତ୍ତେଜନା ମଧ୍ୟରେ ରାତିସାରା ଡ୍ରୋନ୍ କାର୍ଯ୍ୟକଳାପ, ଗୁଳିବର୍ଷା କିମ୍ବା ଗୁଳିବର୍ଷାର କୌଣସି ରିପୋର୍ଟ ମିଳିନାହିଁ।

ଭାରତୀୟ ସେନାର ସରକାରୀ ସୂତ୍ର ଅନୁଯାୟୀ, ଜମ୍ମୁ ଅଞ୍ଚଳର ନିୟନ୍ତ୍ରଣ ରେଖା (ଏଲଓସି) ଏବଂ ଅନ୍ତର୍ଜାତୀୟ ସୀମା ନିକଟରେ ଗୋଟିଏ କିମ୍ବା ଦୁଇଟି ବ୍ୟତୀତ ରାତି ୧୧ଟା ପରେ କୌଣସି ଡ୍ରୋନ୍ ଦେଖାଯାଇନାହିଁ। ଏହା ସହିତ ରାତି ୧୧ଟା ପରେ ପାକିସ୍ତାନ ଦ୍ୱାରା କୌଣସି ଅସ୍ତ୍ରବିରତି ଉଲ୍ଲଂଘନର ରିପୋର୍ଟ ମିଳିନାହିଁ। ଭାରତୀୟ ସେନା ସ୍ପଷ୍ଟ ଭାବରେ ପାକିସ୍ତାନ ସେନାକୁ ଏକ କଡ଼ା ବାର୍ତ୍ତା ଦେଇଛି, ଯାହାକୁ ସରକାରୀ ଭାବରେ ମଧ୍ୟ ଅବଗତ କରାଯାଇଛି। ପାକିସ୍ତାନ ଆକ୍ରମଣ ଦ୍ୱାରା ବେଶୀ କ୍ଷତିଗ୍ରସ୍ତ ହୋଇଥିବା ଜମ୍ମୁର ପୁଞ୍ଛ ଓ ରାଜୌରୀ ଜିଲ୍ଲାବାସିନ୍ଦାଙ୍କ ମୁହଁରେ ହସ ଫୁଟିଛି। ସେମାନେ ରବିବାର ସକାଳୁ ସାଧାରଣ ଜୀବନଯାତ୍ରାରେ ସାମିଲ ହୋଇଛନ୍ତି। ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ପକ୍ଷରୁ ଗତ ମେ ୭ ତାରିଖରେ ପାକିସ୍ତାନ ଓ ପାକିସ୍ତାନ ଅଧିକୃତ କାଶ୍ମୀର ଉପରେ ପ୍ରଚଣ୍ଡ ଆକ୍ରମଣ କରିଥିଲା ଭାରତ। ଏହାର ପରଦିନ ପାକିସ୍ତାନ ପକ୍ଷରୁ ମଧ୍ୟ ସୀମାନ୍ତର ୪ ରାଜ୍ୟ ଉପରେ ଡ୍ରୋନ, କ୍ଷେପଣାସ୍ତ୍ର ଓ ରକେଟ ମାଧ୍ୟମରେ ଆକ୍ରମଣ କରାଯାଇଥିଲା। ଯାହାକୁ ନେଇ ଉଭୟ ଦେଶ ମଧ୍ୟରେ ଉତ୍ତେଜନା ବଢିଥିଲା। ପାକିସ୍ତାନ ଆକ୍ରମଣରେ ସୀମାନ୍ତ ରାଜ୍ୟର ୨୭ ଜଣଙ୍କ ମୃତ୍ୟୁ ଘଟିଛି। ଯାହା ମଧ୍ୟରେ ରହିଛନ୍ତି ୫ଜଣ ସୁରକ୍ଷାକର୍ମୀ। ଅନେକ ମଧ୍ୟ ଆହତ ହୋଇଛନ୍ତି। ତେବେ ଗତକାଲି ଉଭୟ ଦେଶ ମଧ୍ୟରେ ଅସ୍ତ୍ର ବିରତି ଘୋଷଣା ପରେ ବି ପାକିସ୍ତାନ ପକ୍ଷରୁ ଡ୍ରୋନ ଓ ରକେଟ ଆକ୍ରମଣ କରାଯାଇଥିଲା। କିନ୍ତୁ ରାତି ଏଗାରଟା ପରେ ଆକ୍ରମଣ ବନ୍ଦ ହୋଇଯାଇଥିଲା। ସେହିପରି ପଞ୍ଜାବର ଜଳନ୍ଧର, ଅମୃତସର, ପଠାନକୋଟ ଓ ଫିରୋଜପୁରରେ ମଧ୍ୟ ଜୀବନଯାତ୍ରା ରବିବାର ସକାଳଠୁ ସ୍ୱାଭାବିକ ହୋଇଛି। ସେଠାରେ କୌଣସି ବାଣ ଫୁଟାଇବା ଓ ଡ୍ରୋନ ଉଡାଇବା ଉପରେ ଅଙ୍କୁଶ ଲଗାଯାଇଛି।

# ଉଦ୍ଧମପୁର ଏୟାରବେସରେ ଜଣେ ଯବାନ ସହିଦ



**ଜମ୍ମୁ, ୧୧।୫:** ପାକିସ୍ତାନୀ ଡ୍ରୋନ ଟୁକୁଡା ବାଜି ଜଣେ ଯବାନ ସହିଦ ହୋଇଛନ୍ତି। ଜମ୍ମୁ-କାଶ୍ମୀର ଉଦ୍ଧମପୁର ଜିଲ୍ଲାରେ ଥିବା ଏୟାରବେସରେ ଯବାନ ଜଣକ କାର୍ଯ୍ୟରତ ଥିବା ସମୟରେ ପାକିସ୍ତାନ ପକ୍ଷରୁ ଏହାକୁ ଟାର୍ଗେଟ କରି ଏକ ଡ୍ରୋନ ଆକ୍ରମଣ କରାଯାଇଥିଲା। ଭାରତର ଏୟାର ଡିଫେନ୍ସ ସିଷ୍ଟମ ଏହାକୁ ପଣ୍ଡ କରିଥିବା ବେଳେ ଡ୍ରୋନର କିଛି ଭଗ୍ନାଂଶ ଯବାନ ଦେହରେ ବାଜିବାରୁ ସେ ମୃତ୍ୟୁବରଣ କରିଥିବା ଜଣାପଡିଛି। ଭାରତ ଏବଂ ପାକିସ୍ତାନ ଶନିବାର ଏଲଓସି ଏବଂ ଅନ୍ତର୍ଜାତୀୟ ସୀମାରେ ଅସ୍ତ୍ର ବିରତି ପାଇଁ ସହମତ ହୋଇଛନ୍ତି। ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ପକ୍ଷରୁ ପାକିସ୍ତାନ ଓ ପାକିସ୍ତାନ ଅଧିକୃତ କାଶ୍ମୀର ଉପରେ ଗତ ସପ୍ତାହରେ ପ୍ରଚଣ୍ଡ ଆକ୍ରମଣ କରାଯାଇଥିଲା। ଏହାକୁ ନେଇ ଉଭୟ ଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଥିଲା। ଯବାନ ସୁରେନ୍ଦ୍ର ସିଂହ ମୋଗା ଉଦ୍ଧାମପୁର ଏୟାର ବେସରେ ଶନିବାର କର୍ତ୍ତବ୍ୟରେ ଥିଲେ, ଯେଉଁ ସମୟରେ ଡ୍ରୋନ ଆକ୍ରମଣ ହୋଇଥିଲା। ଭାରତୀୟ ବାୟୁ ସୁରକ୍ଷା ବଳ ସଫଳତାର ସହିତ ଡ୍ରୋନ ଆକ୍ରମଣକୁ ପଣ୍ଡ କରିଥିବା ବେଳେ ଏହାର କିଛି ଭଗ୍ନାଂଶ ଯବାନଙ୍କ ଦେହରେ ବାଜି ସହିଦ ହୋଇଥିବା ଜଣେ ଅଧିକାରୀ କହିଛନ୍ତି। ଏହି ଘଟଣାରେ ରାଜସ୍ଥାନର ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା ସହିଦ ଯବାନଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇବା ସହ ତାଙ୍କର ପରିବାରକୁ ସମବେଦନା ଜଣାଇଛନ୍ତି। ଯବାନ ସୁରେନ୍ଦ୍ର ସିଂହ ମେଗା ରାଜସ୍ଥାନର ଝୁନୁଝୁନୁ ଅଞ୍ଚଳର ବାସିନ୍ଦା ବୋଲି ଜଣାପଡିଛି।

ତୀରନ୍ଦାଜୀ ବିଶ୍ୱକପ

# ଭାରତକୁ ୨ ସ୍ୱର୍ଣ୍ଣ ସହ ୫ ପଦକ

**ସାଙ୍ଘାଇ,୧୧।୫:** ଚଳିତ ତୀରନ୍ଦାଜୀ ବିଶ୍ୱକପ୍ ଷ୍ଟେଜ୍-୨ରେ ଭାରତକୁ ୨ଟି ସ୍ୱର୍ଣ୍ଣ ସହ ମୋଟ ୫ଟି ପଦକ ମିଳିଛି। କମ୍ପାଉଣ୍ଡ ଇଭେଣ୍ଟରେ ଭାରତୀୟ ତୀରନ୍ଦାଜ ଏହି ପଦକ ଜିତିଛନ୍ତି। ମହିଳା ବ୍ୟକ୍ତିଗତ ଇଭେଣ୍ଟରେ ମଧୁରା ଧମନଗାଓଁକର ଏବଂ ପୁରୁଷ ଦଳ ସ୍ୱର୍ଣ୍ଣ ଜିତିଥିବାବେଳେ ମହିଳା ଦଳକୁ ରୌପ୍ୟରେ

## ମହିଳା ବର୍ଗରେ ମଧୁରା ଜିତିଲେ ସ୍ୱର୍ଣ୍ଣ




ସନ୍ତୁଷ୍ଟ ହେବାକୁ ପଡ଼ିଛି। ମିକ୍ସଡ୍ ଟିମ୍‌ରେ ଅଭିଷେକ ବର୍ମା-ମଧୁରା ଯୋଡ଼ି ଓ ବ୍ୟକ୍ତିଗତ ଇଭେଣ୍ଟରେ ରିଷଭ ଯାଦବ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ମହିଳା ବ୍ୟକ୍ତିଗତ ଇଭେଣ୍ଟ ଫାଇନାଲ୍‌ରେ ମଧୁରା ୧୩୯-୧୩୮ରେ ଆମେରିକାର କାର୍ସନ କ୍ରାହିଙ୍କୁ ପରାସ୍ତ କରିଥିଲେ। ପୂର୍ବରୁ ସେମି ଫାଇନାଲ୍‌ରେ ସେ ୧୪୩-୧୪୧ରେ ତୁର୍କୀର ହେଜଲ ବୁରୁନଙ୍କୁ ପରାଜିତ କରିଥିଲେ। ମଧୁରା ଦ୍ୱିତୀୟ ଭାରତୀୟ ମହିଳା ତୀରନ୍ଦାଜ ଭାବେ ବ୍ୟକ୍ତିଗତ ଇଭେଣ୍ଟରେ ବିଶ୍ୱକପ୍ ସ୍ୱର୍ଣ୍ଣ ଜିତିଛନ୍ତି। ତାଙ୍କ ପୂର୍ବରୁ ଜ୍ୟୋତି ସୁରେଖା ଭେନାମ ଏହି ସଫଳତା ଲାଭ କରିଥିଲେ।

ପୁରୁଷ କମ୍ପାଉଣ୍ଡ ଟିମ୍ ଇଭେଣ୍ଟରେ ଟପ୍ ସିଡ ମାନ୍ୟତା ପାଇଥିବା ଭାରତ ଅପ୍ରତିଦ୍ୱନ୍ଦ୍ୱୀ ସାବ୍ୟସ୍ତ ହୋଇଥିଲା। ଓଜସ ପ୍ରବୀଣ ଦେଓତାଲ, ଅଭିଷେକ ଶର୍ମା, ରିଷଭ ଯାଦବଙ୍କୁ ନେଇ ଗଠିତ ଭାରତୀୟ ଦଳ ଫାଇନାଲ୍‌ରେ ମେକ୍ସିକୋ ଦଳକୁ ୨୩୨-୨୨୮ରେ ପରାସ୍ତ କରିଥିଲେ। ପୁରୁଷ ଦଳର ଏହା କ୍ରମାଗତ ଦ୍ୱିତୀୟ ବିଶ୍ୱକପ୍ ସ୍ୱର୍ଣ୍ଣ ପଦକ ରହିଥିଲା। ମାତ୍ର ଜ୍ୟୋତି, ଚିକିତା ଓ ମଧୁରାଙ୍କୁ ନେଇ ଗଠିତ ମହିଳା ଦଳ ଫାଇନାଲ୍‌ରେ ୨୨୨-୨୩୪ରେ ମେକ୍ସିକୋ ନିକଟରୁ ହାରିଯାଇଥିଲେ। ପୁରୁଷ ବ୍ୟକ୍ତିଗତ ଇଭେଣ୍ଟରେ ରିଷଭ ବ୍ରୋଞ୍ଜ ଭେଟି ଦେଇଥିଲେ। ସେ ସୁଟ୍ ଅଫ୍‌ରେ କୋରିଆ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇଥିଲେ। ମିକ୍ସଡ୍ ଟିମ୍‌ରେ ଟପ୍ ସିଡ୍ ଅଭିଷେକ ଓ ମଧୁରା ଯୋଡ଼ି ସେମିରେ ବ୍ରିଟେନ ଯୋଡ଼ିଙ୍କ ନିକଟରୁ ୧୫୮-୧୫୬ରେ ପରାଜିତ ହୋଇ ସ୍ୱର୍ଣ୍ଣ/ ରୌପ୍ୟ ଆଶା ଧୂଳିସାତ୍ କରିଥିଲେ। ମାତ୍ର ବ୍ରୋଞ୍ଜ ଲଢ଼େଇରେ ଉଭୟ ୧୪୪-୧୪୨ରେ ମାଲେସିଆ ଯୋଡ଼ିଙ୍କୁ ହରାଇଥିଲେ

## ୪ ବର୍ଷ ପୂର୍ବେ ବି ଦିଲ୍ଲୀ-ପଞ୍ଜାବ ମ୍ୟାଚରେ ସ୍ଥଗିତ ରହିଥିଲା ଆଇପିଏଲ

**ନୂଆଦିଲ୍ଲୀ, ୧୧।୫:** ଭାରତ ଏବଂ ପାକିସ୍ତାନ ମଧ୍ୟରେ ଆଜି ଅସ୍ତ୍ରବିରତି ଘୋଷଣା ହୋଇଛି। ତେବେ ଆଇପିଏଲ ୨୦୨୫କୁ ଗୋଟିଏ ସପ୍ତାହ ପାଇଁ ସ୍ଥଗିତ ରଖାଯାଇଛି। ଆପଣଙ୍କୁ କହି ରଖୁଛୁ ଯେ ଗତ ଗୁରୁବାର ଧର୍ମଶାଳାରେ ପଞ୍ଜାବ କିଙ୍ଗ୍ସ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ବାତିଲ ଘୋଷଣା କରାଯାଇଥିଲା। ମ୍ୟାଚ୍ ବାତିଲ ଘୋଷଣା ହେବା ପରେ ତୁରନ୍ତ ପଡ଼ିଆ ଖାଲି କରାଯାଇଥିଲା। ପ୍ରକୃତରେ, ଆଇପିଏଲ ୨୦୨୫ରେ ଏକ ଆଶ୍ଚର୍ଯ୍ୟଜନକ ସଂଯୋଗ ରହିଛି କାରଣ ୪ ବର୍ଷ ପୂର୍ବେ ମଧ୍ୟ ଦିଲ୍ଲୀ-ପଞ୍ଜାବ ମ୍ୟାଚ୍ ପରେ ଆଇପିଏଲ ଟୁର୍ଣ୍ଣାମେଣ୍ଟ ସ୍ଥଗିତ ରଖାଯାଇଥିଲା। ଏହା ଚାରି ବର୍ଷ ପୂର୍ବେ, ଅର୍ଥାତ୍ ୨୦୨୧ ମସିହାରେ ଘଟିଥିଲା, ଯେତେବେଳେ ସାରା ବିଶ୍ୱରେ କରୋନା ଭାଇରସ୍ ମହାମାରୀ ଶୀର୍ଷରେ ଥିଲା। ସେହି ଦିନ ଥିଲା ୨ ମଇ ୨୦୨୧, ଯେତେବେଳେ ପଞ୍ଜାବ କିଙ୍ଗସ୍ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଏକ ମ୍ୟାଚ୍ ଥିଲା, କିନ୍ତୁ ବଢ଼ୁଥିବା କରୋନା ମାମଲା ଯୋଗୁଁ, ଆଇପିଏଲକୁ ମଝିରେ ବନ୍ଦ କରିଦିଆଯାଇଥିଲା। ପ୍ରାୟ ସାଢ଼େ ୪ ମାସ ପରେ, ବାକି ଟୁର୍ଣ୍ଣାମେଣ୍ଟ ୟୁଏଇରେ ଆୟୋଜିତ ହୋଇଥିଲା। ୪ ବର୍ଷ ପରେ, ଆଇପିଏଲ ୨୦୨୫ରେ ମଧ୍ୟ ଦିଲ୍ଲୀ କ୍ୟାପିଟାଲ୍ସ ବନାମ ପଞ୍ଜାବ କିଙ୍ଗ୍ସ ମ୍ୟାଚ୍ ପରେ ଟୁର୍ଣ୍ଣାମେଣ୍ଟକୁ ବନ୍ଦ କରିଦିଆଯାଇଛି। ଏହାକୁ କେବଳ ଏକ ସଂଯୋଗ କୁହାଯାଇପାରେ ଯେ ଉଭୟ ସିଜିନରେ ଦିଲ୍ଲୀ-ପଞ୍ଜାବ ମ୍ୟାଚ୍ ପରେ ଟୁର୍ଣ୍ଣାମେଣ୍ଟ ମଝିରେ ବନ୍ଦ ହୋଇଯାଇଥିଲା। ସେହି ସିଜିନରେ ପ୍ଲେଅଫରେ ପହଞ୍ଚିଥିବା ଦଳଗୁଡ଼ିକ ଥିଲେ ଦିଲ୍ଲୀ କ୍ୟାପିଟାଲ୍ସ, ଚେନ୍ନାଇ ସୁପର କିଙ୍ଗ୍ସ, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଏବଂ କୋଲକାତା ନାଇଟ୍ ରାଇଡର୍ସ। ଫାଇନାଲ୍ ଚେନ୍ନାଇ ଏବଂ କୋଲକାତା ମଧ୍ୟରେ ଖେଳାଯାଇଥିଲା, ଯେଉଁଥିରେ ସିଏସକେ ୨୭ ରନରେ ବିଜୟୀ ହୋଇ ଚତୁର୍ଥ ଥର ପାଇଁ ଆଇପିଏଲ ଟାଇଟଲ୍ ଜିତିଥିଲା।

# କିଟ୍-କିସ୍‌ରେ ଖୋଲିବ ଲିଆଣ୍ଡର ପେସ୍-ସାମନ୍ତ କ୍ରୀଡ଼ା ଏକାଡେମୀ

**ଭୁବନେଶ୍ୱର,୧୧।୫(ସଂଚାର ବ୍ୟୁରୋ):** କିଟ୍ ଓ କିସ୍‌ରେ ଖୋଲିବ ଲିଆଣ୍ଡର ପେସ୍-ସାମନ୍ତ କ୍ରୀଡ଼ା ଏକାଡେମି। ଏନେଇ ଶୁକ୍ରବାର କିଟ୍-କିସ୍ ଓ ଲିଆଣ୍ଡର ପେସ୍‌ଙ୍କ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏଥିରେ କିଟ୍ ଓ କିସ୍ ପକ୍ଷରୁ ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାକ୍ଷର କରିଥିବା

## ୧୫ ବର୍ଷରେ ୨.୫ ଲକ୍ଷ କ୍ରୀଡ଼ା ପ୍ରତିଭା ସୃଷ୍ଟି ଲକ୍ଷ୍ୟ



ବେଳେ ଅନ୍ୟ ପକ୍ଷରେ ଲିଆଣ୍ଡର୍ ପେସ୍ ଏହି ବୁଝାମଣାରେ ସ୍ୱାକ୍ଷର କରିଛନ୍ତି। ବୁଝାମଣାପତ୍ର ଅନୁଯାୟୀ ଲିଆଣ୍ଡର ପେସ୍-ସାମନ୍ତ ଏକାଡେମୀ ଟେନିସ୍ ସମେତ ୧୬ଟି କ୍ରୀଡ଼ାର ବିକାଶ ଦିଗରେ କାର୍ଯ୍ୟ କରିବେ। କ୍ରୀଡ଼ା କ୍ଷେତ୍ରରେ ଏକ ସ୍ୱନାମଧନ୍ୟ ଶିକ୍ଷାନୁଷ୍ଠାନ ଭାବେ କିଟ୍ ଓ କିସ୍ ଭାରତରେ ମାଇଲ୍‌ଖୁଣ୍ଟ ସ୍ଥାପନ କରିଥିବାରୁ ଲିଆଣ୍ଡର କିଟ୍ ଓ କିସ୍ ସହ ସହବନ୍ଧିତ ହୋଇ ଏହାକୁ ଆହୁରି ଆଗକୁ ନେବା ପାଇଁ ଆଗେଇ ଆସିଛନ୍ତି। ଏଥି ନିମନ୍ତେ କିଟ୍-କିସ୍ ସମସ୍ତ ପ୍ରକାର ଭିତ୍ତିଭୂମି ଯୋଗାଇ ଦେବ ଏବଂ ଲିଆଣ୍ଡର ବୈଷୟିକ ଜ୍ଞାନ ସହ କ୍ରୀଡ଼ା କ୍ଷେତ୍ରରେ ଥିବା ତାଙ୍କର ବିଶେଷ ଜ୍ଞାନ ଯୋଗାଇ ଦେବେ। ଅଲିମ୍ପିଆନ୍, ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ବିଜେତା ପଦ୍ମ ଭୂଷଣ ଲିଆଣ୍ଡର ପେସ୍ ହେଉଛନ୍ତି ଭାରତୀୟ ପୂର୍ବତନ ଟେନିସ୍ ଖେଳାଳି, ପ୍ରଥମ ଏସୀୟ ପୁରୁଷ ଯିଏକି ଅନ୍ତର୍ଜାତୀୟ ଟେନିସ୍ ହଲ୍ ଅଫ୍ ଫେମରେ ସ୍ଥାନ ପାଇଛନ୍ତି। ସେ ୮ଟି ପୁରୁଷ ଯୁଗଳ ଏବଂ ୧୦ଟି ମିଶ୍ରିତ ଯୁଗଳ ଗ୍ରାଣ୍ଡ ସ୍ଲାମ୍ ଟାଇଟଲ୍ ଜିତି ରେକର୍ଡ କରିଛନ୍ତି।

ଏହି ବୁଝାମଣାପତ୍ର ସ୍ୱାକ୍ଷର କରିବା ପରେ ଲିଆଣ୍ଡର ଖୁସି ବ୍ୟକ୍ତ କରିବା ସହ କ୍ରୀଡ଼ା କ୍ଷେତ୍ରରେ କିଟ୍ ଓ କିସ୍‌କୁ ବିଶ୍ୱରେ ପ୍ରତିଷ୍ଠିତ କରାଇବା ପାଇଁ ପ୍ରୟାସ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। କିଟ୍ ଓ କିସ୍‌ରେ ସର୍ବୋତ୍କୃଷ୍ଟ କ୍ରୀଡ଼ା ଭିତ୍ତିଭୂମି ରହିଛି ବୋଲି ସେ କହିଛନ୍ତି। ଆଗାମୀ ୧୫ ବର୍ଷ ମଧ୍ୟରେ ୨ ଲକ୍ଷ ୫୦ ହଜାର କ୍ରୀଡ଼ା ପ୍ରତିଭା ସୃଷ୍ଟି କରିବା ନେଇ ଲିଆଣ୍ଡର ଲକ୍ଷ୍ୟ ରଖିଥିବା ପ୍ରକାଶ କରିଛନ୍ତି। କ୍ରୀଡ଼ା କ୍ଷେତ୍ରରେ ବିପୁଳ ଅଭିଜ୍ଞତା ଥିବା ବିଶ୍ୱର ପ୍ରତିଭାମାନଙ୍କୁ ଆଣି ଏହି ଏକାଡେମୀ ମାଧ୍ୟମରେ ନୂତନ କ୍ରୀଡ଼ା ପ୍ରତିଭାଙ୍କ ଭାବାତ୍ମକ, ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟର ବିକାଶ ସହ ସେମାନଙ୍କୁ ବିଭିନ୍ନ କ୍ରୀଡ଼ାରେ ବିଶେଷ ତାଲିମ ଓ ସୁଯୋଗ ଦିଆଯିବ। କିଟ୍ ଓ କିସ୍‌ରେ ମୁଁ ପ୍ରଥମ ଏକାଡେମି କରିବାକୁ ଯାଉଥିବାରୁ ବହୁତ ଆନନ୍ଦିତ ବୋଲି ଲିଆଣ୍ଡର କହିଛନ୍ତି। ଅନ୍ୟ ପକ୍ଷରେ ଶ୍ରୀ ସାମନ୍ତ କହିଛନ୍ତି, କିଟ୍ ଓ କିସ୍ ଶିକ୍ଷାନୁଷ୍ଠାନ ହୋଇଥିଲେ ମଧ୍ୟ ଗତ ୨୦ ବର୍ଷ ଧରି କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ବିକାଶ ନିମନ୍ତେ ନିରନ୍ତର କାର୍ଯ୍ୟ କରିଆସୁଛି। ପଦ୍ମଭୂଷଣ ଲିଆଣ୍ଡର ପେସ୍‌ଙ୍କ ଭଳି ଜଣେ ବ୍ୟକ୍ତିତ୍ୱ କ୍ରୀଡ଼ାର ପ୍ରସାର ନେଇ ଆମ ସହ ଯୋଡ଼ି ହୋଇଥିବାରୁ କିଟ୍ ଓ କିସ୍ ତାଙ୍କୁ କୃତଜ୍ଞତା ଜଣାଉଛି। ଏହା ନିଶ୍ଚିତ ଭାବେ ଆମ ପାଇଁ ଗୌରବର ବିଷୟ ବୋଲି ସେ କହିଛନ୍ତି। ଏହି କ୍ରୀଡ଼ା ଏକାଡେମି ପ୍ରତିଷ୍ଠା ହେବା ଦ୍ୱାରା କ୍ରୀଡ଼ାବିତ ବିଶେଷକରି ଓଡ଼ିଶାର କ୍ରୀଡ଼ାବିତ୍

## କ୍ରୀଡ଼ାମନ୍ତ୍ରୀଙ୍କୁ ଭେଟିଲେ ପ୍ରଜ୍ଞାନ



**ଭୁବନେଶ୍ୱର,୧୧।୫(ସଂଚାର ବ୍ୟୁରୋ):** ଆଜି ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର୍ ତଥା ପ୍ରଖ୍ୟାତ ସ୍ପିନର୍ ପ୍ରଜ୍ଞାନ ଓଝା ରାଜ୍ୟ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ପ୍ରଜ୍ଞାନ ରାଜ୍ୟରେ କ୍ରୀଡ଼ା ଓ କ୍ରୀଡ଼ାବିତ୍‌ମାନଙ୍କର ସାମଗ୍ରିକ ବିକାଶ ସମ୍ବନ୍ଧରେ ମନ୍ତ୍ରୀ ଶ୍ରୀ ସୂରଜଙ୍କ ସହ ଆଲୋଚନା କରିଥିଲେ। ଏଥିସହ ରାଜ୍ୟରେ ତୃଣମୂଳ ସ୍ତରରେ କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରିବା ସହିତ କ୍ରୀଡ଼ା ପ୍ରତିଭାର ବିକାଶ ନିମନ୍ତେ ସରକାରଙ୍କ ତରଫରୁ ନିଆଯାଉଥିବା ବିଭିନ୍ନ ପଦେକ୍ଷପ ସମ୍ବନ୍ଧରେ ମଧ୍ୟ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଏହି ସାକ୍ଷାତାଲୋଚନା ସମ୍ପର୍କରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କ୍ରୀଡ଼ା ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି ଯେ ପ୍ରଜ୍ଞାନଙ୍କ ପାଖରେ ଅନ୍ତର୍ଜାତୀୟ କ୍ରିକେଟ୍‌ର ବେଶ୍ ଲମ୍ବା ଅଭିଜ୍ଞତା ରହିଛି। ତେଣୁ ଆଗାମୀ ଦିନରେ ତାଙ୍କ ଅଭିଜ୍ଞତାର ଫାଇଦା ଯୁବ କ୍ରୀଡ଼ାବିତ୍‌ମାନେ କିପରି ପାଇପାରିବେ, ସେ ଦିଗରେ ରାଜ୍ୟ ସରକାର ପଦକ୍ଷେପ ନେବେ। ଏଥିସହ ରାଜ୍ୟ ସରକାର ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭା ଚିହ୍ନଟ ଦିଗରେ ପ୍ରୟାସକୁ ଜାରି ରଖିବେ ବୋଲି ମଧ୍ୟ ସେ କହିଛନ୍ତି।

## ଆଉ କେବେ ପାକିସ୍ତାନ ଯିବିନି

### ଏୟାରପୋର୍ଟରେ କାନ୍ଦି କାନ୍ଦି କହିଲେ ବିଦେଶୀ ଖେଳାଳି



**ନୂଆଦିଲ୍ଲୀ,୧୧।୫:** ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଦେଖି ପାକିସ୍ତାନ ସୁପରଲିଗ୍ ଅନିଶ୍ଚିତକାଳ ପାଇଁ ସ୍ଥଗିତ କରାଯାଇଛି। ପାକିସ୍ତାନ କ୍ରିକେଟ ବୋର୍ଡ ବାକି ୮ଟି ମ୍ୟାଚ ଦୁବାଇରେ କରିବାକୁ ଚାହୁଁଥିଲା। କିନ୍ତୁ ଏମିରେଟ୍ସ କ୍ରିକେଟ ବୋର୍ଡ ସୁରକ୍ଷା ଚିନ୍ତା କରି ହୋଷ୍ଟ କରିବାକୁ ମଞ୍ଜୁରୀ ଦେବାକୁ ମନା କରିଦେଲା। ଏହାପରେ ଟୁର୍ଣ୍ଣାମେଣ୍ଟକୁ ସ୍ଥଗିତ କରିଛି ପାକିସ୍ତାନ। ଟୁର୍ଣ୍ଣାମେଣ୍ଟ ସ୍ଥଗିତ ହେବା ପରେ ପାକିସ୍ତାନ ସୁପରଲିଗରେ ଭାଗ ନେଇଥିବା ବିଦେଶ ଖେଳାଳିଙ୍କୁ ଦୁବାଇ ନିଆଯାଇଥିଲା। ସେଠାରୁ ସେମାନେ ନିଜ ନିଜ ଦେଶକୁ ଉଡ଼ାଣ ଭରିବାର ଥିଲା। ଦୁବାଇ ପହଞ୍ଚିବା ପରେ ବାଂଲାଦେଶୀ କ୍ରିକେଟର ରିଶାଦ ହୁସୈନ କହିଛନ୍ତି, କିପରି ତାଙ୍କ ଦେଶର କ୍ରିକେଟର ନାହିଦ ରାଣା ଥରିବାକୁ ଲାଗିଲେ। କେବେ ବି ପାକିସ୍ତାନ ମାଟିରେ ପାଦ ଦେବେ ନାହିଁ। ଦୁବାଇ ବିମାନବନ୍ଦରରେ ଅବତରଣ କରିବା ପରେ, ରିଶାଦ କହିଛନ୍ତି , ତାଙ୍କ ସାଙ୍ଗରେ ଥିବା ସାମ୍ ବିଲିଙ୍ଗସ୍, ଡେରିଲ୍ ମିଚେଲ୍, କୁସଲ୍ ପରେରା, ଡେଭିଡ୍ ୱିସ୍ ଏବଂ ଟମ୍ କରାନ୍ ସମେତ ସମସ୍ତ ଖେଳାଳି ଭୟଭୀତ ହୋଇଯାଇଥିଲେ। ଉଡାଣ ଭରିବାର ମାତ୍ର ୨୦ ମିନିଟ ପରେ ମିସାଇଲ ଆକ୍ରମଣ ହୋଇଥିଲା। ଦୁବାଇ ଆସିବା ପରେ ତାଙ୍କୁ ଦ୍ୱିତୀୟ ଜୀବନ ମିଳିଥିବା ଭଳି ଅନୁଭବ ହୋଇଥିଲା। ଦୁବାଇରେ ଅବତରଣ କରିବା ପରେ, ଡାରିଲ୍ ମିଚେଲ୍ ମୋତେ କହିଥିଲେ ଯେ ସେ ଆଉ କେବେ ପାକିସ୍ତାନ ଯିବେ ନାହିଁ। ପିଏସଏଲ ୨୦୨୫ ଆରମ୍ଭ ୧୧ ଏପ୍ରିଲରେ ହୋଇଥିଲା। ଆଇପିଏଲ ମୋଗ ନିଲାମ ପରେ ପିଏସଏଲ ଡ୍ରାଫ୍ଟ ହୋଇଥିଲା। ଆଇପିଏଲରେ ଅନସୋଲ୍ଡ ରହିଥିବା କ୍ରିକେଟର ଏଥିରେ ଭାଗ ନେଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଗୁଳିର ...

ଜଣାଇବା ସହ ଦୁଇ ଦେଶ ମଧ୍ୟରେ ଲାଗି ରହିଥିବା କାଶ୍ମୀର ବିବାଦରେ ମଧ୍ୟସ୍ଥତା କରିବା ପାଇଁ ତାଙ୍କ ପକ୍ଷରୁ ଆଗ୍ରହ ପ୍ରକାଶ କରିଥିଲେ। 'ମୁଁ ତୁମ ଦୁଇ ଦେଶ ସହିତ କାମ କରିବି ଦେଖିବାକୁ ଚାହେଁ ଯଦି 'ହଜାର ବର୍ଷ' ପରେ ବି କାଶ୍ମୀର ସମ୍ପର୍କରେ ଏକ ସମାଧାନ ଲାଭ କରାଯାଇପାରିବ। ଭାରତ ଏବଂ ପାକିସ୍ତାନର ନେତୃତ୍ୱକୁ ଭଲ କାମ ପାଇଁ ଭଗବାନଙ୍କ ଆଶୀର୍ବାଦ!' ଟ୍ରମ୍ପ ତାଙ୍କର ଟ୍ରୁଥ୍ ସୋସିଆଲ୍ ପ୍ଲାଟଫର୍ମରେ ଏପରି ଲେଖିଛନ୍ତି। ତେବେ ପାକିସ୍ତାନ ଟ୍ରମ୍ପଙ୍କ ମଧ୍ୟସ୍ଥତା ପ୍ରସ୍ତାବକୁ ସ୍ୱାଗତ କରିବା ସହ ଯଦି କାଶ୍ମୀର ବିବାଦର ସମାଧାନ ହୁଏ, ତା'ହେଲେ ଏହା ଦକ୍ଷିଣ ଏସିଆରେ ଓ ବାହାରେ ଶାନ୍ତି ବଜାୟ ରଖିବାରେ ସହାୟକ ହେବ।

### ପାକ୍ ...

ପାଇଁ ଫୋନ୍ ମାଧ୍ୟମରେ ପ୍ରସ୍ତାବ ଦେଇଥିଲେ। ୧୦ ତାରିଖ ୩ଟା ୩୫ ମିନିଟ୍ ସମୟରେ ସେ ଫୋନ୍ କରିଥିଲେ। ଏନେଇ ଆଲୋଚନା ପରେ ସହମତି ବି ହୋଇଥିଲା। ଏଥିସହ ଆସନ୍ତାକାଲି ମଧ୍ୟାହ୍ନ ୧୨ଟାରେ ପୁଣି ଆଲୋଚନା ପାଇଁ ସମୟ ସ୍ଥିର ହୋଇଛି। କିନ୍ତୁ ଯେକୌଣସି ପରିସ୍ଥିତିର ମୁକାବିଲା ପାଇଁ ୩ ସେନା ପ୍ରସ୍ତୁତ ଏବଂ ଦେଶର ସାର୍ବଭୌମତ୍ୱ ଓ ଅଖଣ୍ଡତା ବଜାୟ ପାଇଁ ସେନା ପାଖରେ ସମସ୍ତ ପ୍ରକାର ଦକ୍ଷତା ମହଜୁଦ ରହିଛି ବୋଲି ଡିଜିଏମଓ କହିଛନ୍ତି।

### ସରିନି ...

ଏବଂ କ୍ଷେପଣାସ୍ତ୍ର ମାଡ଼ କରିଥିଲା। ଭାରତ ମଧ୍ୟ ପାକିସ୍ତାନର ଏହି ଆକ୍ରମଣର ଉଚିତ ଜବାବ ଦେଇଥିଲା ଏବଂ ସମସ୍ତ କ୍ଷେପଣାସ୍ତ୍ର ଓ ଡ୍ରୋନକୁ ଅକାମୀ କରିଦେଇଥିଲା। ଫଳସ୍ୱରୂପ ରାତି ପ୍ରାୟ ୧୦ଟା ପରେ ପାକିସ୍ତାନ ସେନା ଆଉ କୌଣସି ଆକ୍ରମଣ କରିବାକୁ ସାହସ କରିନଥିଲା।

### ଜାତିସଂଘକୁ...

(ଜେଇଏମ) ସହିତ ସମ୍ପର୍କ ନେଇ ଖୁଲାସା କରିବାର ସମ୍ଭାବନା ରହିଛି। ରିପୋର୍ଟ ଅନୁଯାୟୀ, ଗତ ୭ ତାରିଖ ପ୍ରତ୍ୟୁଷରେ ଆରମ୍ଭ ହୋଇଥିବା 'ଅପରେସନ୍ ସିନ୍ଦୂର'ରେ ଭାରତୀୟ ସେନାର ସଠିକ୍ ଆକ୍ରମଣରେ ପାକିସ୍ତାନର ବାହାବଲପୁରରେ ଥିବା ଜେଇଏମ୍ ମୁଖ୍ୟାଳୟ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିଲା। ମୁଖ୍ୟାଳୟକୁ ଧ୍ୱଂସ କରିବା ସକାଶେ ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର ବ୍ୟବହାର କରାଯାଇଥିଲା। ଏହାଦ୍ୱାରା ଭାରତ ପକ୍ଷରୁ ପାକିସ୍ତାନକୁ ଆତଙ୍କୀ ସଙ୍ଗଠନକୁ ସହାୟତାରୁ ବିରତ ରହିବା ସକାଶେ ଏକ ଦୃଢ଼ ବାର୍ତ୍ତା ଦିଆଯାଇଥିଲା। ଏଥିସହ ଆଇଏସ୍‌ଆଇ ହିଁ ଜେଇଏମର ଜନ୍ମଦାତା ବୋଲି ମଧ୍ୟ ସ୍ପଷ୍ଟ ହୋଇଥିଲା ବୋଲି ଏକ ରିପୋର୍ଟରେ କୁହାଯାଇଛି।

### ବେସାମରିକ...

ଇଚ୍ଛୁକ ସ୍ୱେଚ୍ଛାସେବୀମାନେ ଜିଲ୍ଲାପାଳଙ୍କୁ ଆବେଦନ କରିପାରିବେ। କାରଣ ଜିଲ୍ଲାପାଳ ହେଉଛନ୍ତି ଜିଲ୍ଲା ବେସାମରିକ ସୁରକ୍ଷାର ନିୟନ୍ତ୍ରକ। ଏହି ସ୍ୱେଚ୍ଛାସେବୀମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ଆବଶ୍ୟକ ପଡ଼ିଲେ ସେବା ଓ ଜାତୀୟତାର ମନୋଭାବ ରଖି ସେମାନେ ଜନସାଧାରଣଙ୍କୁ ସେବା ଯୋଗାଇଦେବେ। ରାଜ୍ୟର ୧୨ଟି ସ୍ଥାନରେ ସିଭିଲ୍ ଡିଫେନ୍ସ ସଙ୍ଗଠନ କାର୍ଯ୍ୟ କରୁଥିବା ବେଳେ ଆବଶ୍ୟକତା ଅନୁଯାୟୀ ଅନ୍ୟ ସ୍ଥାନମାନଙ୍କରେ ନୂଆ ସଙ୍ଗଠନ ଗଢ଼ିବା ସକାଶେ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

### ରାଜସ୍ଥାନ...

ରେଲୱେ ପକ୍ଷରୁ ଟ୍ରେନ ଚଳାଚଳ ମଧ୍ୟ ଚାଲୁ ରହିଥିଲା। ସୀମା ପରିସ୍ଥିତି ନେଇ କେନ୍ଦ୍ରମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱାତ ଯୋଧପୁରରେ ସ୍ଥାନୀୟ ଅଧିକାରୀଙ୍କ ସହିତ ଏକ ବୈଠକ କରିଥିଲେ। ସେ ଏଠାକାର ପ୍ରସ୍ତୁତି ନେଇ ପ୍ରଶଂସା କରିଥିଲେ। ଏହାସହ ଅଧିକାରୀଙ୍କୁ ସତର୍କ ରହିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

### ବଳବତ୍ତର...

କରାଯାଇଥିଲା। ସେଗୁଡ଼ିକ ମଧ୍ୟରେ ପାକିସ୍ତାନ ଆତଙ୍କବାଦୀଙ୍କ ବିରୋଧରେ ଠୋସ୍ କାର୍ଯ୍ୟାନୁଷ୍ଠାନ ନନେବା ପର୍ଯ୍ୟନ୍ତ ସିନ୍ଧୁ ଜଳ ରାଜିନାମା-୧୯୬୦କୁ ତୁରନ୍ତ ସ୍ଥଗିତ ରଖାଯାଇଥିଲା। ସେହିଭଳି ଅଟ୍ଟାରୀ ସମନ୍ୱିତ ଚେକ୍ ପୋଷ୍ଟକୁ ତୁରନ୍ତ ବନ୍ଦ ଘୋଷଣା କରାଯାଇଥିଲା। ସାର୍କ ଭିସା ରିହାତି ଯୋଜନାରେ ଭାରତକୁ ବୁଲିବା ଲାଗି ଅନୁମତି ପାଉଥିବା ପାକିସ୍ତାନୀ ନାଗରିକଙ୍କ ଅନୁମତିକୁ ବନ୍ଦ କରାଯାଇଥିଲା। ଅତୀତରେ ପାକିସ୍ତାନୀ ନାଗରିକଙ୍କୁ ଦିଆଯାଇଥିବା ଏହି ଭିସାକୁ ବାତିଲ କରାଯାଇଥିଲା। ନୂଆଦିଲ୍ଲୀର ପାକିସ୍ତାନୀ ଉଚ୍ଚାୟୁକ୍ତଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ପ୍ରତିରକ୍ଷା/ସାମରିକ, ନୌସେନା ଏବଂ ବାୟୁସେନା ଉପଦେଷ୍ଟାମାନଙ୍କୁ ଅବାଞ୍ଛିତ ବ୍ୟକ୍ତି ଘୋଷଣା କରାଯାଇ ସେମାନଙ୍କୁ ସପ୍ତାହକ ମଧ୍ୟରେ ଭାରତ ଛାଡ଼ିବାକୁ କୁହାଯାଇଥିଲା। ଇସଲାମାବାଦସ୍ଥିତ ଭାରତୀୟ ଦୂତାବାସ କାର୍ଯ୍ୟାଳୟରୁ ମଧ୍ୟ ଭାରତର ଏଭଳି ପାହ୍ୟାର ଅଧିକାରୀମାନଙ୍କୁ ପ୍ରତ୍ୟାହାର ପାଇଁ କୁହାଯାଇଥିଲା। ଏଥିସହିତ ଦୂତାବାସ କାର୍ଯ୍ୟାଳୟର ଅଧିକାରୀ ସଂଖ୍ୟା ମେ ୧ ତାରିଖରୁ ୫୫ରୁ ୩୦କୁ ହ୍ରାସ କରାଯାଇଥିଲା।

### ବ୍ରହ୍ମୋସ୍...

ଆକ୍ରମଣ ପରେ ଭାରତର ଅପରେସନ ସିନ୍ଦୂର ସମୟରେ କ୍ଷେପଣାସ୍ତ୍ର ବ୍ରହ୍ମୋସର ବ୍ୟବହାର ହୋଇଥିବା ନେଇ ଅନୁମାନ କରାଯାଉଛି।

ସୂଚନା ଅନୁସାରେ ଅପରେସନ ସିନ୍ଦୂରରେ ବାହାବଲପୁର (ପାକିସ୍ତାନ) ସ୍ଥିତ ଜୈଶ-ଏ-ମହମ୍ମଦର ମୁଖ୍ୟାଳୟ ସର୍ବାଧିକ କ୍ଷତି ସହିଛି ଏବଂ ସବୁଠାରୁ ଶକ୍ତିଶାଳୀ ଅସ୍ତ୍ରଶସ୍ତ୍ର ବ୍ୟବହାର କରାଯାଇଛି। ଜୈଶ-ଏ-ମହମ୍ମଦକୁ ଆଇଏସଆଇ ସୃଷ୍ଟି କରିଥିଲା, ଏହା ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ଥିଲା। କିନ୍ତୁ ଏହି ବୁଷ୍ଟର ଦେଖିବା ପରେ, ବିଶେଷଜ୍ଞମାନେ କହିଛନ୍ତି ଯେ ବାହାବଲପୁରରେ ଥିବା ଜୈଶ-ଏ-ମହମ୍ମଦର ଆତଙ୍କବାଦୀ ମୁଖ୍ୟାଳୟକୁ ବ୍ରହ୍ମୋସ କ୍ଷେପଣାସ୍ତ୍ର ଦ୍ୱାରା ଉଡ଼ାଇ ଦିଆଯାଇଥିଲା। ଏହା ସ୍ପଷ୍ଟ କରେ ଯେ ବ୍ରହ୍ମୋସ୍ କ୍ଷେପଣାସ୍ତ୍ର ବାହାବଲପୁରରେ ସଠିକ୍ ଭାବରେ ଲକ୍ଷ୍ୟଭେଦ କରିଥିଲା। ଆକ୍ରମଣର ସଠିକତା ସ୍ପଷ୍ଟ ଭାବରେ ସୂଚାଇ ଦେଉଛି ଯେ ଏହି କାର୍ଯ୍ୟ କେବଳ ବ୍ରହ୍ମୋସ ଭଳି କ୍ଷେପଣାସ୍ତ୍ର ଦ୍ୱାରା ସମ୍ଭବ ଥିଲା। ବିଶେଷଜ୍ଞମାନେ ଦାବି କରିଛନ୍ତି ଯେ ବାହାବଲପୁରରେ ଥିବା ଜୈଶର ମୁଖ୍ୟାଳୟ ବ୍ରହ୍ମୋସ ଦ୍ୱାରା ଧ୍ୱଂସ କରାଯାଇଥିଲା ଏବଂ ପାକିସ୍ତାନର ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଏହାକୁ ରୋକିବାରେ ବିଫଳ ହୋଇଥିଲା। ଯଦିଓ ଭାରତ ପକ୍ଷରୁ ଅପରେସନ ସିନ୍ଦୂର ସମୟରେ ବ୍ରହ୍ମୋସ କ୍ଷେପଣାସ୍ତ୍ର ବ୍ୟବହାର ନେଇ ସେମିତି କିଛି ସୂଚନା ଦିଆଯାଇନାହିଁ।

### ପଞ୍ଜାବ...

ଏ ବାବଦରେ ଅନଲାଇନ୍‌ରେ ଟଙ୍କା ପାଉଥିଲେ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏହି ଦୁଇ ଗୁପ୍ତଚରଙ୍କ ପରିଚୟ ମିଳିଛି। ସେମାନେ ପଲକ୍ ସେର୍ ମସିହ ଓ ସୂରଜ ମସିହ। ପଞ୍ଜାବ ଡିଜିପି ଗୌରବ ଯାଦବ ତାଙ୍କ ସୋସିଆଲ ମିଡିଆ 'ଏକ୍ସ'ରେ ଏ ସମ୍ପର୍କରେ ବିବରଣୀ ଦେବାକୁ ଯାଇ ଲେଖିଛନ୍ତି ଯେ ଜଣେ ଅଭିଯୁକ୍ତକୁ ମାଲେରକୋଟାଲ ପୁଲିସ ଗିରଫ କରିଥିବା ବେଳେ ସେ ଗୁରୁତ୍ୱପୂର୍ଣ୍ଣ ସୂଚନା ପାକିସ୍ତାନ ହ୍ୟାଣ୍ଡେଲରଙ୍କୁ ଦେଉଥିଲା। ସେହିପରି ପ୍ରଥମ ଅଭିଯୁକ୍ତକୁ ପଚରାଉଚରା ପରେ ସୂଚନାକୁ ଆଧାର କରି ଦ୍ୱିତୀୟ ଅଭିଯୁକ୍ତକୁ ଗିରଫ କରାଯାଇଥିବା ଡିଜିପି କହିଛନ୍ତି।

ପ୍ରାଥମିକ ସୂଚନାନୁସାରେ, ଏହି ଅଭିଯୁକ୍ତମାନେ ନିରନ୍ତର ପାକିସ୍ତାନ ହ୍ୟାଣ୍ଡେଲରଙ୍କ ସହ ଯୋଗାଯୋଗରେ ରହିବା ସହ ଅନଲାଇନ ମାଧ୍ୟମରେ ସ୍ଥାନୀୟ ସୂଚନାଦାତାଙ୍କୁ ଅର୍ଥ ପଇଠ କରିଥାନ୍ତି। ପଞ୍ଜାବ ପୁଲିସ ଓ ବିଏସଏଫର ଏହି ମିଳିତ ଅଭିଯାନ ସୀମା ଆରପଟ ଗୁପ୍ତଚର ନେଟୱାର୍କକୁ ପଣ୍ଡ କରିବା ସହ ଆମ ଦେଶର ସୁରକ୍ଷା ପାଇଁ ପ୍ରତିବଦ୍ଧତାକୁ ଦର୍ଶାଉଛି ବୋଲି ଡିଜିପି ଉଲ୍ଲେଖ କରିଛନ୍ତି। ଏହି ଦୁଇ ଅଭିଯୁକ୍ତଙ୍କ ନାମରେ ଏତଲା ଦାୟର ହୋଇଥିବା ବେଳେ ୨ଟି ମୋବାଇଲ ଫୋନ ଜବତ ହୋଇଥିବା ଜଣାପଡିଛି।

### ସୀମା ଟେନ୍‌ସନ...

ନିଯୁକ୍ତିଠାରୁ ଆରମ୍ଭ କରି ସରକାରରେ ବିଭିନ୍ନ ପଦପଦବୀରେ କେବେ ନିଯୁକ୍ତି ହେବ ଓ ମନ୍ତ୍ରିମଣ୍ଡଳରେ କେବେ ପରିବର୍ତ୍ତନ ହେବ, ସେହି ଖବର ମଧ୍ୟ ପ୍ରକାଶ ପାଉଥିଲା। ବିଶେଷକରି ସରକାର ଗଠନକୁ ବର୍ଷେ ପୂରିବାକୁ ଯାଉଥିବାରୁ ଗଣମାଧ୍ୟମଗୁଡିକ ସରକାରଙ୍କ କାର୍ଯ୍ୟକୁ ନେଇ ତର୍ଜମା ଆରମ୍ଭ କରିଦେଇଥିଲେ। କେଉଁ ମନ୍ତ୍ରୀ କିଭଳି କାର୍ଯ୍ୟ କରୁଛନ୍ତି, ତା'ର ହିସାବ ଚାଲିଥିବା ବେଳେ ଭାରତ-ପାକିସ୍ତାନ ଖବର ଏଥିରେ ଏକପ୍ରକାର ପୂର୍ଣ୍ଣଚ୍ଛେଦ ପକାଇଥିଲା।

ସୀମା ଟେନ୍‌ସନ ଖବରକୁ ନେଇ ତିନି ଦଳର ବରିଷ୍ଠ ନେତାମାନେ ଏକପ୍ରକାର ଆଶ୍ୱସ୍ତ ହୋଇଥିଲେ। ଦଳର ଆଭ୍ୟନ୍ତରୀଣ ଖବରରୁ ଗଣମାଧ୍ୟମର ନଜର ହଟାଇବା ପାଇଁ ଇତିମଧ୍ୟରେ ବିଜେଡି ଓ କଂଗ୍ରେସ ରାଜଧାନୀରେ ତ୍ରିରଙ୍ଗା ଯାତ୍ରା କରିଛନ୍ତି। ଅସନ୍ତୁଷ୍ଟମାନେ ବି ସୀମା ଖବର ଉପରେ ନଜର ରଖିଛନ୍ତି। ତେଣୁ ରାଜ୍ୟରେ ରାଜ୍ୟନୀତି ଏକପ୍ରକାର ଥଣ୍ଡା ପଡ଼ିଯାଇଛି। କେବଳ ରାଜନୀତି ଖବରକୁ ନେଇ ରାଜନୈତିକ ଦଳମାନେ ଆଶ୍ୱସ୍ତ ହୋଇନାହାନ୍ତି। ଛାତ୍ରୀ ଆତ୍ମହତ୍ୟା ଘଟଣାରେ ବିବାଦରେ ଥିବା କିଟ୍ କର୍ତ୍ତୃପକ୍ଷ ଓ ଦୀଘା ଜଗନ୍ନାଥ ମନ୍ଦିର ଘଟଣାରେ ବିବାଦରେ ଛନ୍ଦି ହୋଇଥିବା ଦଇତାପତିମାନେ ମଧ୍ୟ କିଛି ମାତ୍ରାରେ ଆଶ୍ୱସ୍ତ ହୋଇଛନ୍ତି।

ତେବେ ଦୁଇ ଦେଶର ଅସ୍ତ୍ରବିରତି ଘୋଷଣା ପରେ ସୀମାରେ ଟେନସନ୍ ହ୍ରାସ ସହ ସୀମା ଖବର ହ୍ରାସ ପାଇଥିବାରୁ ଗଣମାଧ୍ୟମ ଏବେ ଥଣ୍ଡା ପଡ଼ିଯାଇଥିବା ରାଜ୍ୟର ରାଜନୈତିକ ଓ ଅନ୍ୟାନ୍ୟ ଖବର ଉପରେ ଫୋକସ୍ କରିବାର ସୂଚନା ପାଇବା ପରେ ବିଭିନ୍ନ ଦଳର ନେତାଙ୍କ ଟେନସନ୍ ବଢ଼ିବାରେ ଲାଗିଛି । ଏଥିସହ ଅନ୍ୟାନ୍ୟ ଘଟଣାରେ ଜଡ଼ିତ ବ୍ୟକ୍ତି ଓ ଅନୁଷ୍ଠାନଙ୍କ ଟେନ୍‌ସନ୍ ବି ବଢୁଥିବା ଲକ୍ଷ୍ୟ କରାଯାଇଛି।

## ଭୁବନେଶ୍ୱରରେ ୧୦୦ ଏକର ଜମିରେ ନିର୍ମାଣ ହେବ ସାଇନ୍ସ ସିଟି ଓ ମେଗା ବାୟୋଟେକ୍ନୋଲୋଜି ପାର୍କ



**ଭୁବନେଶ୍ୱର,୧୧।୫(ସଂଚାର ବ୍ୟୁରୋ):** ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାକୁ ପ୍ରୋତ୍ସାହନ ଦେବା ପାଇଁ ରାଜ୍ୟ ସରକାର ଭୁବନେଶ୍ୱରରେ ଏକ ସାଇନ୍ସ ସିଟି ନିର୍ମାଣ କରିବେ। ଏହାର ସୂଚନା ଆଜି ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଦେଇଛନ୍ତି। ରାଜ୍ୟ ସରକାର ଓଡ଼ିଶାରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ବିକାଶ ପାଇଁ ଅନେକ ପଦକ୍ଷେପ ଗ୍ରହଣ କରୁଛନ୍ତି। ସରକାର ଭୁବନେଶ୍ୱରରେ ଏକ ସାଇନ୍ସ ସିଟି ପ୍ରତିଷ୍ଠା କରିବେ ବୋଲି ମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜଧାନୀରେ ସାଇନ୍ସ ସିଟି ନିର୍ମାଣ ପାଇଁ ୧୦୦ ଏକର ଜମି ବଣ୍ଟନ ପାଇଁ ଏକ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି, ମନ୍ତ୍ରୀ ପ୍ରକାଶ କରିଛନ୍ତି। ବର୍ତ୍ତମାନ ଭାରତର କିଛି ରାଜ୍ୟରେ ସାଇନ୍ସ ସିଟି ରହିଛି। ମୁଁ କୋଲକାତା ଓ ହାଇଦ୍ରାବାଦର ସାଇନ୍ସ ସିଟି ପରିଦର୍ଶନ କରିଛି। ଶୀଘ୍ର ଆମେ ଭୁବନେଶ୍ୱରରେ ଆମର ନିଜସ୍ୱ ସାଇନ୍ସ ସିଟି ପାଇବୁ। ଏହି ସୁବିଧା ଆମ ଛାତ୍ରଛାତ୍ରୀ ତଥା ସାଧାରଣ ଲୋକଙ୍କ ପାଇଁ ବିଭିନ୍ନ ବୈଜ୍ଞାନିକ ଆବିଷ୍କାର ଓ ନୂତନତ୍ୱକୁ ପ୍ରଦର୍ଶନ କରିବ ବୋଲି ପାତ୍ର କହିଛନ୍ତି। ଏହା ସହିତ, ରାଜ୍ୟ ସରକାର ରାଜଧାନୀରେ ଏକ ମେଗା ବାୟୋଟେକ୍ନୋଲୋଜି ପାର୍କ ପ୍ରତିଷ୍ଠା ପାଇଁ ପଦକ୍ଷେପ ଗ୍ରହଣ କରୁଛନ୍ତି।

ଆମେ ବାୟୋଟେକ୍ନୋଲୋଜି କ୍ଷେତ୍ରର ବଡ଼ ଖେଳାଳିମାନଙ୍କୁ ପ୍ରସ୍ତାବିତ ପାର୍କରେ ସେମାନଙ୍କର ୟୁନିଟ ଖୋଲିବାକୁ ଆମନ୍ତ୍ରଣ କରିବୁ। ପାର୍କରେ ଗବେଷଣା ଓ ବିକାଶ (ଆର୍‌ଆଣ୍ଡଡି) ପାଇଁ ପର୍ଯ୍ୟାପ୍ତ ସୁବିଧା ରହିବ ବୋଲି ପାତ୍ର କହିଛନ୍ତି। ମନ୍ତ୍ରୀଙ୍କ ସୂଚନାନୁଯାୟୀ, ରାଜ୍ୟ ସରକାର ଓଡ଼ିଶାରେ ଆହୁରି କିଛି ପ୍ଲାନେଟାରିୟମ ନିର୍ମାଣ କରିବେ। ବର୍ତ୍ତମାନ ଆମ ପାଖରେ ପାଞ୍ଚଟି ପ୍ଲାନେଟାରିୟମ ରହିଛି। ଆହୁରି ତିନୋଟି ଶୀଘ୍ର ଲୋକଙ୍କ ପାଇଁ ଉତ୍ସର୍ଗ କରାଯିବ। ଏହା ସହିତ, ରାଜ୍ୟରେ ଆଉ ଚାରୋଟି ଏପରି ସୁବିଧା ଖୋଲିବା ପାଇଁ ପଦକ୍ଷେପ ନିଆଯାଉଛି। ସରକାର ଓଡ଼ିଶାର ସମସ୍ତ ୩୦ଟି ଜିଲ୍ଲାରେ ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା କରିବେ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି।

## ଗ୍ୟାସ ସିଲିଣ୍ଡର ବୋଝେଇ ଟ୍ରକ୍ ଧକ୍କାରେ ଜଣେ ମୃତ

**ଠାକୁରମୁଣ୍ଡା,୧୧।୫(ସଂଚାର ବ୍ୟୁରୋ):** ଠାକୁରମୁଣ୍ଡା ବ୍ଲକ ମହୁଲଡିହା ଥାନା ଗୋଡଭଙ୍ଗା ଘାଟିରେ ଇର୍ଟିଗା କାରକୁ ଧକ୍କା ଦେଇ ଚମ୍ପଟ ମାରିଲା ଗ୍ୟାସ ସିଲିଣ୍ଡର ଟାଙ୍କି ବୋଝେଇ ଟ୍ରକ। ପ୍ରକାଶ ଯେ କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ଶାଳପଡା ଗ୍ରାମର ଜ୍ୟୋସ୍ନାରାଣୀ ମହାପାତ୍ର (୬୨), ପୁଅ ରବିନାରାୟଣ ମହାପାତ୍ର (୩୦), ନାତୁଣୀ ସସ୍ମିତା ମିଶ୍ର( ୨୩), ବୋହୂ ମନୋସ୍ୱିନୀ ଦାଶ(୨୬) ଝିଅ ବିଶ୍ୱୱିଜୟିନି ଦାଶ ଏକ ଇର୍ଟିଗା କାର ଯୋଗେ ଶାଳପଡାରୁ ଠାକୁରମୁଣ୍ଡା ବ୍ଲକ କେନ୍ଦୁଜିଆଣି ଗ୍ରାମର ବୈଦ୍ୟଙ୍କ ନିକଟରୁ ଆୟୁର୍ବେଦ ଔଷଧ ଆଣିବାକୁ ଆସୁଥିଲେ। ଗୋଡଭଙ୍ଗା ଘାଟିରେ ଆସୁଥିବା ବେଳେ ହଠାତ ଠାକୁରମୁଣ୍ଡା ପଟରୁ ଯାଉଥିବା ଏକ ଗ୍ୟାସ ସିଲିଣ୍ଡର ବୋଝେଇ ଟ୍ରକ ଧକ୍କା ଦେଇ ଚାଲିଯାଇଥିଲା।

### ଅନ୍ତ୍ୟୋଦୟ ଗୃହ ଯୋଜନା ଆରମ୍ଭରୁ କେଁ

# ହିତାଧିକାରୀଙ୍କ ଖାତାକୁ ଟଙ୍କାଟିଏ ବି ଆସିନି

**କାକଟପୁର/ଅସ୍ତରଙ୍ଗ, ୧୧।୫ (ସଂଚାର ବ୍ୟୁରୋ):** ସମାଜର ଆର୍ଥିକ ଅନଗ୍ରସରଙ୍କ ପାଇଁ ଅନ୍ତ୍ୟୋଦୟ ଗୃହ ଯୋଜନା କାର୍ଯ୍ୟକାରୀ କରିଛନ୍ତି ରାଜ୍ୟ ସରକାର। ବିଭିନ୍ନ ସରକାରୀ କଟକଣା ଯୋଗୁଁ ପୂର୍ବରୁ ଜାରି ରହିଥିବା ଆବାସ ଯୋଜନାରୁ ବଂଚିତ ଗରିବ ଓ ନିରାଶ୍ରୟ ଲୋକଙ୍କ ନିମନ୍ତେ ରାଜ୍ୟ ସରକାର ନୂତନ କରି ଅନ୍ତ୍ୟୋଦୟ ଗୃହ ଯୋଜନା ମାର୍ଚ୍ଚ ୩୦

- କାର୍ଯ୍ୟାଦେଶ ଦେଇ ଭୁଲିଗଲେ
- ୪୦ଦିନ ପରେ ବି ମିଳୁନି ଅର୍ଥ

ତାରିଖରେ ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାକୁ ତୃଣମୂଳ ସ୍ତରରେ ପହଞ୍ଚାଇବାକୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ୧୫ଗୋଟି ପଂଚାୟତରେ ପ୍ରଥମ ପର୍ଯ୍ୟାୟରେ ୧୦ଜଣ ହିତାଧିକାରୀ ଓ କାକଟପୁର ବ୍ଲକର ୧୬ଗୋଟି ପଂଚାୟତରୁ ୨୧ଜଣ ହିତାଧିକାରୀଙ୍କୁ ଉପସ୍ଥିତ ଅତିଥି କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। କିନ୍ତୁ ଏହାରି ଭିତରେ ମାସେ ବିତି ଯାଇଥିଲେ ବି ପ୍ରଥମ କିସ୍ତି ଦିଆଯାଇନି। ଯଦ୍ୱାରାଘର ନିର୍ମାଣ କାମ ଆରମ୍ଭ ହୋଇପାରୁନି। ଏହାକୁ ନେଇ ହିତାଧିକାରୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି।




ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ନାବାଳକ ଥିବା ବିଧବା ମହିଳା, ପରିବାର ମୁଖ୍ୟ ଉପାର୍ଜନକାରୀ ଭିନ୍ନକ୍ଷମ, ବିଭିନ୍ନ ଗୁରୁତର ରୋଗରେ ଆକ୍ରାନ୍ତ ଥିବା ପରିବାର, କୁଷ୍ଠ ରୋଗରୁ ମୁକ୍ତି, ମୁକ୍ତ ଗୋତି ଶ୍ରମିକ, ସହିଦ ପରିବାର, ପ୍ରାକୃତିକ କିମ୍ବା ମନୁଷ୍ୟକୃତ ଭାବେ ବଡ଼ ବିପର୍ଯ୍ୟୟ ସମ୍ମୁଖୀନ ହୋଇଥିବା ପରିବାର ବା ପୀଡିତଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ ବୋଲି ସ୍ପଷ୍ଟ ହୋଇଥିଲା। ଆପଡଥ ସବୁ ଅସହାୟ ବର୍ଗଙ୍କ ନିମନ୍ତେ ସରକାର ଏହି ମହତକାଂକ୍ଷା ଯୋଜନା ଆଣିଛନ୍ତି। ଏ ନେଇ ଗତ ମାର୍ଚ୍ଚ ୩୦ ତାରିଖରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ୧୦ଜଣ ହିତାଧିକାରୀ ଓ କାକଟପୁର ବ୍ଲକରେ ୨୧ଜଣ ହିତାଧିକାରୀଙ୍କୁ ଗୃହ ନିର୍ମାଣ ପାଇଁ ଏକ ସଭା କରି ବିଡ଼ିଓ ଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରେ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ଏହି ଯୋଜନାରେ ଗୃହ ନିର୍ମାଣ ପାଇଁ ୩ଟି ପର୍ଯ୍ୟାୟରେ ମୋଟ ୧ଲକ୍ଷ ୨୦ହଜାର ଟଙ୍କା ହିତାଧିକାରୀ ମାନଙ୍କୁ ଦିଆଯିବାର ସ୍ଥିର ହୋଇଛି। ପ୍ରଥମ ପର୍ଯ୍ୟାୟରେ ୪୦ହଜାର, ଦ୍ୱିତୀୟ ପର୍ଯ୍ୟାୟରେ ୬୫ହଜାର ଏବଂ ତୃତୀୟ ପର୍ଯ୍ୟାୟରେ ୧୫ହଜାର ଟଙ୍କା ଦିଆଯିବା ପାଇଁ ସ୍ଥିର ହୋଇଛି। ମାତ୍ର ହିତାଧିକାରୀ ମାନଙ୍କୁ କାର୍ଯ୍ୟାଦେଶ ଦିଆଯିବାର ୪୦ଦିନ ବିତି ଯାଇଥିଲେ ମଧ୍ୟ ପ୍ରଥମ କିସ୍ତି ଟଙ୍କା ବ୍ୟାଙ୍କ ଖାତାକୁ ଆସିନାହିଁ। ଟଙ୍କା ଆସିବ ବୋଲି ହିତାଧିକାରୀ ଚାତକ ପରି ଚାହିଁ ବସିଛନ୍ତି।

ଆଗକୁ ବର୍ଷା ଦିନ ଆସୁଛି। ବର୍ଷା ଦିନେ ଘର ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ ହେବ।ନିର୍ମାଣ ସାମଗ୍ରୀ ଦର ବି ବଢ଼ିଯିବ। ଅନୁରୂପ ଭାବେ ଘର ନିର୍ମାଣ ଖର୍ଚ୍ଚ ଅଧିକ ହୋଇଯିବ। କାର୍ଯ୍ୟାଦେଶ ମିଳିବାର ୪ମାସ ମଧ୍ୟରେ ଘର ସମ୍ପୂର୍ଣ୍ଣ କଲେ ୨୦ହଜାର ଏବଂ ୬ମାସରେ ସାରିଲେ ୧୦ହଜାର ଟଙ୍କା ପ୍ରୋତ୍ସାହନ ରାଶି ମିଳିବାର ନିୟମ ରହିଛି। ଏ ଭିତରେ ଟଙ୍କା ନ ମିଳି ମାସେ ବିତିଗଲାଣି। ୩ମାସ ମଧ୍ୟରେ ଘର ନିର୍ମାଣ ସାରିବା ଅସମ୍ଭବ। ସରକାରୀ ଅବହେଳା ଯୋଗୁଁ ସେମାନେ ପ୍ରୋତ୍ସାହନ ରାଶି ପାଇବାରୁ ବଂଚିତ ହେବେ। ଏହାକୁ ଆଖିରେ ରଖି ତୁରନ୍ତ ହିତାଧିକାରୀଙ୍କ ଖାତାକୁ ପ୍ରଥମ କିସ୍ତି ଟଙ୍କା ପଠାଇବାକୁ ହିତାଧିକାରୀ ମାନେ ଦାବୀ କରିଛନ୍ତି।



## ନୃସିଂହ ଅବତାରରେ ଦର୍ଶନ ଦେଲେ ଶ୍ରୀବଳଦେବଜୀଉ

**କେନ୍ଦ୍ରାପଡ଼ା, ୧୧।୫ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ତୁଳସୀକ୍ଷେତ୍ରର ଆରାଧ ପ୍ରଭୁ ଶ୍ରୀ ବଳଦେବଜୀଉଙ୍କର ରବିବାର ନୃସିଂହ ଅବତାର ବେଶ ହୋଇଛି । ବୈଶାଖ ମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ତିଥିରେ ମହାପ୍ରଭୁ ନୃସିଂହ ଅବତାର ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି । ସନ୍ଧ୍ୟାରେ ପହୁଡ଼ ଖୋଲାଯାଇ ଉଠାଣୀ ନୀତି ସମ୍ପନ୍ନ ପରେ ପୂଜାପଣ୍ଡାଙ୍କ ଦ୍ୱାରା ନୃସିହ ଅବତାର ବେଶ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଶୁକ୍ଳ ମଉଳି ପିନ୍ଧାଯାଇ ମଣ୍ଡଳ ଲଗା ଯାଇଥିଲା । ଶ୍ରୀବଳଦେବ ଜୀଉଙ୍କୁ ଶ୍ରୀଭୁଜ ପୟର ପାଟ, ହସ୍ତରେ ହଳ ମୁଷଳରେ ସଜ୍ଜିତ କରାଯାଇଥିଲା । ଦେବୀ ସୁଭଦ୍ରାଙ୍କୁ ପାଟ ମଉଳି ଘେରା ପିନ୍ଧାଇ ସଜ୍ଜିତ କରାଯାଇ ଥିଲା । ପରେ ଶ୍ରୀଜଗନ୍ନାଥଙ୍କୁ ଶ୍ରିଭୂଜ ଶଙ୍ଖଚକ୍ର ପଦ୍ମ ଆସନରେ ସଜ୍ଜିତ କରାଯାଇ ଚରଣ ଉପରେ ଦାନବ ଅସୁର ହିରଣ୍ୟକଶ୍ୟପ ବିଦାର ଦୃଶ୍ୟ ଏବଂ ଭକ୍ତ ପ୍ରହ୍ଲାଦଙ୍କ ଯୋଡହସ୍ତରେ ପ୍ରାର୍ଥନା ବେଶ ଭକ୍ତ ମାନଙ୍କୁ ବିମୋହିତ କରିଥିଲା । ଆଜି ନୃସିଂହ ଉପାସନା ବ୍ରତ ଥିବାରୁ ଭକ୍ତଙ୍କ ଗହଳି ଲାଗି ରହିଥିଲା । ପରେ ଶ୍ରଜୀଉମାନଙ୍କର ମହାସ୍ନାନ କରାଯାଇ ଅନ୍ୟ ନୀତି କାର୍ଯ୍ୟ ଆରମ୍ଭ ହୋଇ ଥିଲା । ପୁରାଣ ବର୍ଣ୍ଣିତ ଅନୁଯାଇ ସତ୍ୟଯୁଗରେ ଦୁର୍ଦ୍ଦାନ୍ତ ଦାନବ ଅସୁର ହିରଣ୍ୟକଶ୍ୟପ ବ୍ରହ୍ମାଙ୍କ ବର ପାଇଥିବାରୁ ପୃଥିବୀ ପୃଷ୍ଠରେ ତା'ର ଅନ୍ୟାୟ ଅତ୍ୟାଚାର ବଢିଚାଲିଲା । ବିଷ୍ଣୁ ଭକ୍ତମାନଙ୍କ ଉପରେ ସେ ବେଶୀ ଅତ୍ୟାଚାର କରୁଥିଲା । ତାହାର ପୁତ୍ର ପ୍ରହଲ୍ଲାଦ ବିରାଟ ବିଷ୍ଣୁ ଭକ୍ତ ଥିବାରୁ ତା ଅତ୍ୟାଚାରର ଶିକାର ହୋଇଥିଲା । ଭଗବାନ ବିଷ୍ଣୁ ନରସିଂହ ଅବତାର ନେଇଥିଲେ। ଦଶ ଅବତାର ଭିତରୁ ଚତୁର୍ଥ ଅବତାର ଭୟଙ୍କର ନରସିଂହ ଅବତାର ନେଇ ହିରଣ୍ୟ କଶ୍ୟପକୁ ନିଜ ନଖରେ ବିଦାର କରି ଥିଲେ । ସେଇ ସତ୍ୟଯୁଗର ପ୍ରଥାକୁ ତୁଳସୀକ୍ଷେତ୍ରରେ ବୈଶାଖ ମାସର ଶୁକ୍ଳ ଚତୃର୍ଦ୍ଦଶୀ ତିଥିରେ ପାଳନ କରାଯାଇଥାଏ ।

## ପାନୀୟ ଜଳ ଯୋଗାଣ ପାଇଁ ସମୀକ୍ଷା ବୈଠକ

**କେନ୍ଦ୍ରାପଡା, ୧୧।୫ (ସଂଚାର ବ୍ୟୁରୋ):** ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ଭୟଙ୍କର ତାତିରେ ଜିଲ୍ଲାସାରା ପାନୀୟ ଜଳ ସଙ୍କଟ ଦେଖା ଦେଇଛି। ଏହାର ମୁକାବିଲା ପାଇଁ ଭାରପ୍ରାପ୍ତ ଜିଲ୍ଲାପାଳ ତଥା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତିଙ୍କ ଅଧକ୍ଷତା ରେ ଏକ ସମୀକ୍ଷା ବୈଠକ ଜିଲ୍ଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଓ ସମସ୍ତ ବ୍ଲକର ଜେଇ, ଜନସ୍ୱାସ୍ଥ୍ୟ ବିଭାଗର ନିର୍ବାହୀ ଅଧିକାରୀ ପ୍ରମୁଖ ଅଂଶ ଗ୍ରହଣ କରି କାର୍ଯ୍ୟକ୍ରମ ଚୂଡାନ୍ତ କରିଥିଲେ । ଜଳକଷ୍ଟ ଭୋଗୁଥିବା ଅଂଚଳ ମାନଙ୍କରେ ଥିବା ପୁରୁଣା ନଳକୂପ ଗୁଡିକର ମରାମତି କରିବା ଓ ଆବଶ୍ୟକ ସ୍ଥଳେ ନୂଆ ନଳକୂପ ବସାଇବା, ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦେବା ପାଇଁ ବୈଠକରେ ନିଷ୍ପତି ନିଆଯାଇଛି ।

## ବେଧଡକ ଚାଲିଛି ଚୋରା ବାଲି ଓ ମାଟି ଚାଲାଣ, ପ୍ରଶାସନ ନିରବ ଦ୍ରଷ୍ଟା

**ଗୋପ, ୧୧।୫ (ସଂଚାର ବ୍ୟୁରୋ):** ଗୋପ ଅଞ୍ଚଳରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିଛି ବେଆଇନ ବେଧଡକ ଚୋରା ବାଲି ଓ ମାଟି ଚାଲଣ।ନିମାପଡ଼ାରୁ ଗୋପ ଦେଇ ଆସିଥିବା କୁଶଭଦ୍ରା ନଦୀ ପଠାରୁ ପ୍ରତ୍ୟେକ ଦିନ ଲକ୍ଷ ଲକ୍ଷ ଟଙ୍କାର ବେଆଇନ ଭାବେ ମାଟି ଓ ବାଲି ଚୋରା ଚାଲାଣ ହେଉଥିବା ଦେଖିବାକୁ ମିଳିଛି।ବିଶେଷ ସୂତ୍ରରୁ ସୂଚନା ଅନୁଯାୟୀ ଗୋପ ଅଞ୍ଚଳରେ କୋଟି କୋଟି ଟଙ୍କାର ବଡ଼ ବଡ଼ ଠିକାଦାର କାମ କରୁଥିବା ରାସ୍ତାଘାଟ ପାଇଁ ବାଲି ଏବଂ ମାଟି କିଣିବା ପରିବର୍ତ୍ତେ କୁଶଭଦ୍ରା ନଦୀ ପଠାରୁ ବେଆଇନ ଭାବେ ବାଲି ଏବଂ ମାଟି ଖନନ କରି ନିଜ କାମରେ ଲଗାଉଛନ୍ତି।ଗୋପ ରୁ ବାମନାଳ ନାରଳକୁ ସଂଯୋଗ କରୁଥିବା ଏକ ରାସ୍ତା ଯାହା ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଶସ୍ତିକରଣ ନିମନ୍ତେ କୋଟି କୋଟି ଟଙ୍କା ଅନୁଦାନ ଆସିଥିଲେ ମଧ ଜୈନିକ ଠିକାଦାର ଜଣଙ୍କ ଗୋପ ଦଶମଲି ଠାକୁରାଣୀଙ୍କ ପଛପଟ ନଦୀ ପଠାରୁ ପ୍ରତ୍ୟେକ ଦିନ ଜେସିବି ଓ ଟ୍ରାକ୍ଟର ସାହାଯ୍ୟରେ ସହ ସହ ଟ୍ରିପ ମାଟି ଓ ବାଲି ବେଆଇନ ଭାବେ ଖନନ କରି ନିଜ ଠିକା କାମରେ ଲାଗୁଥିବା ଜଣାପଡିଛି। ଗୋପ ଅଞ୍ଚଳରେ ଆହୁରି ଅନେକ ବାଲି ମାଫିଆମାନେ ରାତି ଅଧିଆ ନଦୀ ପଠାରୁ ଟ୍ରାକ୍ଟର ଓ ହାଇୱା ସାହାଯ୍ୟରେ ଲଘୁ ଖଣିଜ ଦ୍ରବ୍ୟ ଚୋରା ଚାଲାଣ କରୁଥିବା ମଧ ଦେଖିବାକୁ ମିଳୁଛି। ଏହା ଦ୍ୱାରା ପ୍ରତ୍ୟେକ ଦିନ ସରକାରଙ୍କ କୋଟି କୋଟି ଟଙ୍କା ରାଜସ୍ୱ ହାନି ହେଉଛି। ସ୍ଥାନୀୟ ପୁଲିସ ଏବଂ ତହସିଲଦାରଙ୍କୁ ଅଭିଯୋଗ କଲେ ମଧ ବାଲି ଓ ମାଟି ମାଫିଆଙ୍କ ଉପରେ କୌଣସି ପ୍ରଭାବ ପଡୁନାହିଁ। ତେବେ ଏହି ଚୋରା ଚାଲାଣକୁ ରୋକିବା ନିମନ୍ତେ ଗୋପ ଅଞ୍ଚଳବାସୀ ଓ ଗୋପ ଜାଗରଣ ମଞ୍ଚ ତରଫରୁ ପୁରୀ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ଉପମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦୃଢ଼ ଦାବି କରିଛନ୍ତି।

## ଏଟିଏମରେ ଟଙ୍କା ନଥିବାରୁ ଗ୍ରାହକ ହତାଶ




**କେନ୍ଦ୍ରାପଡ଼ା, ୧୧।୫ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସହରର ବିଭିନ୍ନ ସ୍ଥାନରେ ଥିବା ଭାରତୀୟ ଷ୍ଟେଟବ୍ୟାଙ୍କର ଏଟିଏମ ଗୁଡିକରେ ରବିବାର ଅର୍ଥ ନଥିବାରୁ ଗ୍ରାହକମାନେ ଟଙ୍କା ଉଠାଇବାକୁ ଯାଇ ହତାଶ ହୋଇ ଫେରିଥିବା ଦେଖାଯାଇଛି । ଏବେ ବିଭାଘର ପାଇଁ ଲୋକମାନେ ବିଭିନ୍ନ ଜିନିଷପତ୍ର କିଣାକିଣି କରିବାକୁ କେକନ୍ଦ୍ରାପଡା ସହରକୁ ଆସିଥିବା ବେଳେ ଷ୍ଟେଟବ୍ୟାଙ୍କର ଏଟିଏମ ଗୁଡିକରେ ଟଙ୍କା ଉଠାଇବାକୁ ଲମ୍ବା ଲାଇନ ଲଗାଇଥିଲେ । କିନ୍ତୁ ଏଟିଏମ ଗୁଡିକରେ ଅର୍ଥ ନଥିବାରୁ ସେମାନେ ଟଙ୍କା ଉଠାଇ ନପାରି ହତାଶ ହୋଇ ଫେରିଯିବାକୁ ବାଧ ହୋଇଥିବା ଦେଖିବାକୁ ମିଳିଥିଲା । ଦ୍ୱିତୀୟ ଶନିବାର ଓ ରବିବାର ଦୁଇଦିନ ଧରି ବ୍ୟାଙ୍କ ଛୁଟି ଯୋଗୁଁ ବନ୍ଦ ରହିଛି । ଫଳରେ ଏଟିଏମ ଗୁଡିକରେ ଆବଶ୍ୟକ ପରିମାଣର ଅର୍ଥ ଭରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇ ପାରିନାହିଁ । ଖଡିଅଙ୍ଗସ୍ଥିତ ଷ୍ଟେଟବ୍ୟାଙ୍କ ମୁଖ୍ୟଶାଖା ପରିସର, ପୁରୁଣା ବସଷ୍ଟାଣ୍ଡ, ନୂଆ ବସଷ୍ଟାଣ୍ଡ, ମୀରପାଟଣା, କାକଟ ପ୍ରଭୃତି ଠାରେ ଥିବା ଏଟିଏମ ଗୁଡିକରେ ଅର୍ଥ ନଥିବାରୁ ଲୋକମାନେ ସେହିସବୁ ଏଟିମ ଗୁଡିକରୁ ଟଙ୍କା ଉଠାଇ ପାରିନଥିଲେ । ଏନେଇ ବହୁ ଗ୍ରାହକ ଅସନ୍ତୋଷ ବ୍ୟକ୍ତ କରିଥିବା ଦେଖାଯାଇଥିଲା। ଏସମ୍ପର୍କରେ ଷ୍ଟେଟବ୍ୟାଙ୍କ ମୁଖ୍ୟଶାଖାର ପରିଚାଳକଙ୍କୁ ଯୋଗାଯୋଗ କରାଯାଇଥିଲେବି ତାହା ସମ୍ଭବ ହୋଇପାରିନଥିଲା।

## ଉତିକଣ ବ୍ଲକ ଗଠନ ପାଇଁ ପ୍ରସ୍ତୁତି ବୈଠକ



**ପଟ୍ଟାମୁଣ୍ଡାଇ, ୧୧।୫ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାର ଅଗ୍ରଣୀ ସଂଗଠନ ଧ୍ରୁବ-ଅନ୍ନପୂର୍ଣ୍ଣା ସେବା ପରିଷଦ ଓ ଉତିକଣ ସ୍ୱାଭିମାନ ମଞ୍ଚ ମିଳିତ ଆନୁକୂଲ୍ୟରେ ଆବାହକ ସମାଜସେବୀ ନଳିନିକାନ୍ତ ସ୍ୱାଇଁଙ୍କ ସଂଯୋଜନାରେ ଉତିକଣର ଆରାଧ ଦେବତା ପ୍ରଭୃ ଚନ୍ଦ୍ରମୌଳି ମହାପ୍ରଭୁଙ୍କ ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ନେତା ତଥା ପୂର୍ବତନ ସରପଞ୍ଚ ନିମାଇଁ ଚରଣ କରଙ୍କ ପୌରହିତ୍ୟରେ ଆୟୋଜିତ ବୈଠକରେ ବକ୍ତାମାନେ ଉଚିକଣ ଅଞ୍ଚଳର ଜନସଧାରଣଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଉତିକଣ ବ୍ଲକ ଗଠନ ଜରୁରୀ ବୋଲି ମତପ୍ରକାଶ କରିଥିଲେ । ଉତିକଣ ବ୍ଲକ ଗଠନ ହେଲେ ଗମନାଗମନ ସୁବିଧା ସହ ଅନ୍ୟାନ୍ୟ ସମସ୍ତ ପ୍ରକାର ସୁବିଧା ପାଇଁ ଚନ୍ଦନନଗର ଗ୍ରାମାଞ୍ଚଳ ଥାନା ଓ ଆଦର୍ଶ ବିଦ୍ୟାଳୟ ନିକଟରେ ଥାନା ଓ ତହସିଲ ପ୍ରତିଷ୍ଠା ପାଇଁ ସର୍ବ ସମ୍ମତ ମତପ୍ରକାଶ ପାଇଥିଲା। ବୈଠକ ଆରମ୍ଭରେ ବର୍ତ୍ତମାନର ଯୁଦ୍ଧ ପରିସ୍ଥିତକୁ ଲକ୍ଷ୍ୟ କରି ସୈନିକମାନଙ୍କ ମନବଳ ସୁଦୃଢ଼ କରିବା ପାଇଁ ଓ ଯୁଦ୍ଧରେ ସଫଳ ହେବା ପାଇଁ ଚନ୍ଦ୍ରମୌଳି ମହାପ୍ରଭୁଙ୍କ ନିକଟରେ ଭୋଗ ଓ ପ୍ରଦ୍ୱୀପ ପ୍ରଜ୍ୱଳନ କରାଯାଇଥିଲା। ଏଇ ଅବସରରେ ଜିଲ୍ଲାର ଟପର ଶୁଭମ ଜ୍ୟୋତି ରାଉତ ଉତିକଣର ଟପର ଚନ୍ଦନନଗର ଚନ୍ଦ୍ରମୌଳି ବାଳିକା ବିଦ୍ୟାଳୟର ଛାତ୍ରୀ ହରପ୍ରିୟା ସ୍ୱତାରକୁ ଧୃବ ଅନ୍ନପୂର୍ଣ୍ଣା ସେବା ପରିଷଦ ଓ ଉତିକଣ ସ୍ୱାଭିମାନ ମଞ୍ଚ ପକ୍ଷରୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ବୈଠକରେ ଉତିକଣ ଅଂଚଳର ସମୂହ ସ୍ୱାର୍ଥ ଦୃଷ୍ଟିରୁ ଉତିକଣରେ ବ୍ଲକ ଓ ତହସିଲ ଗଠନ ପାଇଁ ଦାବି କରାଯାଇଥିଲା।

## ତାଳଚୁଆ ସାମୁଦ୍ରିକ ଥାନା ପକ୍ଷରୁ ସ୍ୱାସ୍ଥ୍ୟ ଶିବିର ଓ ସଚେତନତା କାର୍ଯ୍ୟକ୍ରମ




**ରାଜନଗର, ୧୧।୫ (ସଂଚାର ବ୍ୟୁରୋ):** ତାଳଚୁଆ ସାମୁଦ୍ରିକ ଥାନା ପକ୍ଷରୁ ଆଜି ମାଗଣା ସ୍ୱାସ୍ଥ୍ୟ ଶିବିର ଓ ସାଇବର କ୍ରାଇମ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖମାରସାହିସ୍ଥିତ ନାଗାନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଇଆଇସି ବିମଳ ମଲ୍ଲିକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବର୍ତ୍ତମାନ କିପରି ସାଇବର କ୍ରାଇମ କିପରି ବଢି ଚାଲିଛି ଠକାମିରୁ ବର୍ତ୍ତିବା ପାଇଁ ସଚେତନତା ହିଁ ଉପଯୁକ୍ତ ମାଧମ ବୋଲି ଲୋକଙ୍କୁ ସଚେତନ କରାଯାଇଥିଲା। ଫୋନ କଲ ମାଧମରେ ଓଟିପି କାହାରିକୁ ନଦେବା, ଆଧାରକାର୍ଡ ଅପଡେଟ ନାଁରେ କାହାରିକୁ କୌଣସି ସୂଚନା ନଦେବା ଓ ବିଭିନ୍ନ ସରକାରୀ କାମ ନାଁରେ କିପରି ସାଇବର ଠକ ଠକେଇ କରୁଛନ୍ତି, ସେ ନେଇ ବିଭିନ୍ନ ଉଦାହରଣ ଦେଇ ଲୋକଙ୍କୁ ସଚେତନ କରିଥିଲେ।

ଏହି ଅବସରରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଶତାଧିକ ଲୋକଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରଯାଇଥିଲା। ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଡାଙ୍ଗମାଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତରୀ ଦଳ ଯୋଗଦେଇ ରୋଗୀ ମାନଙ୍କର ଡାଇବେଟିସ, ହିମୋଗ୍ଲୋବିନ, ବ୍ଲଡ ପ୍ରେସର ଆଦି ପରୀକ୍ଷା କରାଯିବ ସହିତ ଉଚ୍ଚ ରକ୍ତଚାପ ରୋଗୀ ମାନଙ୍କୁ ନିୟମିତ ଚିକିତ୍ସା ପାଇଁ ପରାମର୍ଶ ଦେଇଥିଲେ। ରୋଗୀମାନଙ୍କୁ ଚିକିତ୍ସା ଓ ବିଭିନ୍ନ ପରୀକ୍ଷା କରାଯିବା ସହିତ ମାଗଣା ଔଷଦ ବଣ୍ଟନ କରଯାଇଥିଲା। ଏହି କାର୍ଯ୍ୟକ୍ରମରେ ଖମାରସାହି ସରପଞ୍ଚ ଅନୁସୂୟା ବିଶ୍ୱାଳ, ଅବସରପ୍ରାପ୍ତ ପଶୁ ଚିକିତ୍ସକ ରଘୁନାଥ ବେହେରା, ଶିକ୍ଷକ ଓମ ପ୍ରକାଶ ବାରିକ, ଯୁବନେତା ସମୀର କୁମାର ବେହେରା, ଲକ୍ଷ୍ମଣ ସିଂହ, ସଞ୍ଜୟ କୁମାର ମହାନ୍ତି, ତପନ କୁମାର ଗନ୍ତାୟତ ପ୍ରମୁଖ ଯୋଗ ଦେଇଥିଲେ।



## ଚନ୍ଦ୍ରଶେଖର ପୀଠରେ ତ୍ରିଦିନାତ୍ମକ ବିଶ୍ୱଶାନ୍ତି ମହାଯଜ୍ଞ

**ନିଶ୍ଚିନ୍ତକୋଇଲି, ୧୧।୫ (ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ବ୍ଲକ ତିଳକଣା ପଞ୍ଚାୟତ ଦେମାଣ୍ଡୋ ଚନ୍ଦ୍ରଶେଖର ମହାଦେବ ପୀଠ ମେଲଣ ପଡିଆରେ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ତ୍ରିଦିନାତ୍ମକ ବିଶ୍ୱଶାନ୍ତି ମହାଯଜ୍ଞ ହେଉଅଛି। ଶୁକ୍ରବାର ଦିନ ଅଙ୍କୁରାରୋପଣ ପରେ କଳସଯାତ୍ରା ହୋଇଥିଲା। ଚିତ୍ରୋତ୍ପଳା ନଦୀ ବରପଡା ଘାଟରୁ ଦେମାଣ୍ଡୋ, ତିଳକଣା, କୁଆଁଶୋଳ ଗ୍ରାମର ଶତାଧିକ ଶ୍ରଦ୍ଧାଳୁ ଭକ୍ତ ଓ ମା' ମାନେ କଳସିରେ ଜଳ ଆଣି ଏକ ଶୋଭାଯାତ୍ରାରେ ଆସି ଯଜ୍ଞ ମଣ୍ଡପ ନିକଟରେ ପହଞ୍ଚିଥିଲେ। ସେଠାରେ ଉପସ୍ଥିତ ଥିବା ପଣ୍ଡିତ ରବିନାରାୟଣ ଶତପଥୀ ଓ ସାଥୀମାନେ କଳସ ଗୁଡିକୁ ଯଜ୍ଞ ମଣ୍ଡପରେ ସ୍ଥାପନ କରି ସୂର୍ଯ୍ୟପୂଜା, ଗୋପୂଜା, କୁଣ୍ଡମଣ୍ଡପାଦ ପୂଜା ପରେ ଚନ୍ଦ୍ରଶେଖର ଓ ଗୋପୀନାଥଙ୍କ ମଣ୍ଡପ ବିଜେ କରାଯାଇଥିଲା। ଅଗ୍ନିସ୍ଥାପନ ପରେ ରୁଦ୍ର ସହସ୍ର ନାମରେ ଆହୁତି ପ୍ରଦାନ କରାଯାଇଥିଲା। ଯଜ୍ଞରେ କର୍ତ୍ତାକର୍ତ୍ତୀ ଭାବେ ବିବେକାନନ୍ଦ ମହାପାତ୍ର, ସତ୍ୟଭାମା ମହାପାତ୍ର, ସନ୍ତୋଷ ମହାପାତ୍ର, ପ୍ରଣତି ମହାପାତ୍ର କାର୍ଯ୍ୟଭାର ତୁଲାଉଥିବା ବେଳେ ପ୍ରତିଦିନ ସନ୍ଧ୍ୟାରେ ବିଶ୍ୱକଲ୍ୟାଣ ନିମିତ୍ତ ମା' ମାନଙ୍କ ଦ୍ୱାରା ୧୦୮ ଦୀପଦାନ ସହ ମହାଆଳତୀ ହେଉଅଛି। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭଜନ ପରିବେଷଣ ହେଉଥିବା ଦେଖିବାକୁ ମିଳିଛି। ସୋମବାର ଦିନ ଯଜ୍ଞର ପୂର୍ଣ୍ଣାହୁତି ହେବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ମିଳିଛି। ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଦେମାଣ୍ଡୋ, ତିଳକଣା, କୁଆଁଶୋଳ ଗ୍ରାମର ଗ୍ରାମବାସୀମାନେ ପୂର୍ଣ୍ଣ ସହଯୋଗ କରୁଛନ୍ତି।

### ସହରରେ ବଢୁଛି ଚୋରି

## ଚୋରି ସାମଗ୍ରୀ କିଣି ଚଢ଼ାଦରରେ ବିକୁଛନ୍ତି କବାଡ଼ିଆ

**ଖୋର୍ଦ୍ଧା, ୧୧।୫ (ସଂଚାର ବ୍ୟୁରୋ):** ସଦରଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥ ତାପଙ୍ଗ ଛକ ଅଂଚଳରେ ମାତିଛନ୍ତି ଚୋର। ଜାତୀୟ ରାଜପଥ ପାଶ୍ୱର୍ରେ ଠିଆ ହେଉଥିବା ବଡ ବଡ ଟ୍ରକ, ହାଇୱା, ଦାମୀ କାରରୁ ବିଭିନ୍ନ ସାମଗ୍ରୀ ଚୋରି କରି କେତେକ ଦୁର୍ବୃତ୍ତ ନିକଟସ୍ଥ ଏକ କବାଡିଆକୁ ଶାଗମାଛ ଦରରେ ବିକ୍ରୀ କରୁଥିବା ବେଳେ କବାଡିଆ ଏହାକୁ ଚଢା ଦରରେ ଅନ୍ୟ ଗାଡି ମାଲିକ/ଡ୍ରାଇଭରଙ୍କୁ ବିକ୍ରୀ କରୁଥିବା ଅଭିଯୋଗ ହେଉଛି ।

ପ୍ରକାଶଥାଉକି, ତାପଙ୍ଗ ଛକ ଅଂଚଳ ଏବେ ରାତ୍ରୀ ରହଣୀ କରୁଥିବା ଗାଡି ମାଲିକ ଓ ଡ୍ରାଇଭରଙ୍କ ପାଇଁ ପାଲଟିଛି ଅଭିଶାପ । ପୁଲିସର ଢ଼ିଲା ପାଟ୍ରୋଲିଂ ଯୋଗୁ ଏ ଅଂଚଳ ଏବେ ଚୋରଙ୍କ ପାଦୃଭାବ ବଢ଼ି ଚାଲିଛି। ବିଳମ୍ବିତ ରାତି ହେବାମାତ୍ରେ କେତେକ ଯୁବକ ରାସ୍ତା ପାର୍ଶ୍ୱରେ ରହଣୀ କରୁଥିବା ବଡ ବଡ ଗାଡି ଓ ଦାମୀ ଗାଡି ଗୁଡିକରୁ ରିମ୍ ସହ ଷ୍ଟେପିନ୍, ଗାଡି ବ୍ୟାଟେରୀ, ଜଗ୍ ଓ ରଡ୍ ପ୍ରଭୃତି ଚୋରାଇ ନେଉଛନ୍ତି। ଉକ୍ତ ଚୋରା ସାମଗ୍ରୀକୁ ଦଧିମାଛଗାଡିଆ ଅଂଚଳରେ ଥିବା ଏକ କବାଡିଆ ଦୋକାନୀ ଶସ୍ତାରେ କିଣି ଅଧିକ ମୂଲ୍ୟରେ ସ୍ଥାନୀୟ ଅଂଚଳର ଗାଡି ଚାଳକଙ୍କୁ ବିକ୍ରୀ କରି ଲାଭବାନ ହେଉଥିବା ଚର୍ଚ୍ଚା ହେଉଛି। ଯେଉଁଠି ଗୋଟିଏ ଷ୍ଟେପିନର ଦାମ ୨୦ ହଜାର ହୋଇଥିବାବେଳେ କବାଡିଆ ଏହାକୁ ୨ରୁ ୩ ହଜାରରେ ଚୋରଙ୍କ ଠାରୁ କିଣି ଗାଡି ଚାଳକଙ୍କୁ ୧୦ରୁ ୧୫ ହଜାର ମୂଲ୍ୟରେ ବିକ୍ରୀ କରୁଥିବା ଅଭିଯୋଗ ହେଉଛି।

କେବଳ ଗାଡି ମୋଟର ନୁହେଁ ଉକ୍ତ ଅଂଚଳରେ ଥିବା ପୁରୁଣା କ୍ରସର ୟୁନିଟ ଗୁଡିକରୁ ଉକ୍ତ ଯୁବକମାନେ ଦାମୀ ଲୁହା, କ୍ରସର ମୋଟର ପ୍ରଭୃତିକୁ ଚୋରି କରୁଛନ୍ତି । ଉକ୍ତ କବାଡିଆ ତାଙ୍କ ଠାରୁ ଏହାକୁ କିଣି ନେଉଥିବା ଚର୍ଚ୍ଚା ହେଉଛି । ଉକ୍ତ କବାଡିଆ ଦୋକାନ ଦିନରେ କମ୍ ଖୋଲା ଯାଉଥିବାବେଳେ ରାତି ତମାମ ଖୋଲା ରହୁଛି। ଫଳରେ ରାତିରେ ପୁଲିସ ଆଖିରେ ଧୂଳିଦେଇ ଚୋରି କରୁଥିବା ଯୁବକମାନେ ଚୋରି ସାମଗ୍ରୀକୁ ଅତି ସହଜ ଭାବେ କବାଡିଆ ସହ କାରବାର କରୁଥିବା ଚର୍ଚ୍ଚା ହେଉଛି। ତେଣୁ ଉକ୍ତ ଅଂଚଳରୁ ବିଭିନ୍ନ ଚୋରି ନିମନ୍ତେ ଚୋରମାନଙ୍କୁ ଜନୈକ କବାଡିଆ ପ୍ରୋତ୍ସାହିତ କରୁଥିବା କୁହାଯାଉଛି। ମାତ୍ର ଏନେଇ ପୁଲିସ ଜାଣି ନପାରିବା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଏ ସମ୍ପର୍କରେ ସଦରଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁଙ୍କ କହିବା କଥା ଏ ସମ୍ପର୍କିତ ଅଭିଯୋଗ ଥାନାକୁ ଆସିନି, ଯଦି ଅଭିଯୋଗ ଆସେ ଏହାକୁ ଗୁରୁତ୍ୱ ଦିଆଯାଇ ପଦକ୍ଷେପ ନିଆଯିବ। ପ୍ରତ୍ୟେକ ଦିନ କଡା ପାଟ୍ରୋଲିଂ କରାଯାଉଛି। ଏମିତି ଘଟଣା ଯଦି ନଜରକୁ ଆସେ ତା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## କୋରୁଅ ଗ୍ରାମରେ ଚନ୍ଦନ ଯାତ୍ରା

**ନାଉଗାଁ, ୧୧।୫ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ କୋରୁଅ ଗ୍ରାମରେ ଚନ୍ଦନ ଯାତ୍ରା ଅନୁଷ୍ଠିତ ହେଉଛି। ଏହି ଯାତ୍ରା ବୈଶାଖ ମାସ ଶୁକ୍ଳପକ୍ଷ ଦଶମୀ ତିଥିରୁ ଆରମ୍ଭ ହୋଇ ପୂର୍ଣ୍ଣିମାରେ ଶେଷ ହୋଇଥାଏ। ଏହି ପରିପ୍ରେକ୍ଷୀରେ ପ୍ରତ୍ୟହ ଗ୍ରାମର ନୀଳକଣ୍ଠେଶ୍ୱର ମହାଦେବଙ୍କ ମନ୍ଦିରରୁ ହରପାର୍ବତୀ ଓ ରାଧାକୃଷ୍ଣ ପ୍ରତିମାଙ୍କୁ ସୁସଜ୍ଜିତ ବିମାନରେ ନିଆଯାଇ ପୁଷ୍କରିଣୀରେ ଚାପ ଖେଳା ଯାଉଛି। ଶେଷ ଦିବସରେ ବିରାଟ ଶୋଭାଯାତ୍ରାରେ ଠାକୁରଙ୍କୁ ଗ୍ରାମ ପରିକ୍ରମା କରାଯିବ ବୋଲି ଗ୍ରାମବାସୀ କହିଛନ୍ତି। ଏହି କାର୍ଯ୍ୟକ୍ରମକୁ ନୀଳକଣ୍ଠେଶ୍ୱର ମନ୍ଦିର ପରିଚାଳନା କମିଟିର ସଦସ୍ୟ ଓ ଗ୍ରାମବାସୀ ପରିଚାଳନା କରୁଛନ୍ତି।





## ଟଙ୍କପାଣି ଗ୍ରାମ କମିଟି ପକ୍ଷରୁ ଜଳଛତ୍ର

**ବାଲିଅନ୍ତା, ୧୧।୫ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଟଙ୍କପାଣି ଗ୍ରାମ କମିଟି ପକ୍ଷରୁ ପୁରୁଣା ଜଗନ୍ନାଥ ପୂର୍ତ୍ତ ବିଭାଗ ରାସ୍ତାର ବାଲିଅନ୍ତା ବ୍ଲକ ଅଧୀନ ଟଙ୍କପାଣି ବଜାରରେ ଏକ ଜଳଛତ୍ର କେନ୍ଦ୍ର ଖୋଲାଯାଇଛି। ସ୍ଥାନୀୟ ଅଞ୍ଚଳର ଯୁବକମାନେ ନିଜସ୍ୱ ଖର୍ଚ୍ଚରେ ପ୍ରତ୍ୟେକ ଦିନ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ବସାଦହି ଏବଂ ନାଣ୍ଡିବଗୁଲି ମିଶ୍ରିତ ସର୍ବତ ସହିତ ଥଣ୍ଡା ପାଣି ବୋତଲ ବଣ୍ଟନ କରୁଛନ୍ତି । ପ୍ରଦୀପ ଦାଶ, ମନୋଜ ସାହୁ, ବିଶ୍ୱଜିତ ସାହୁ, ସରୋଜ ସାହୁ, ସନ୍ତୋଷ ମହାନ୍ତି, ବିକାଶ ସେଠି, ତରୁଣ ବେହେରା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି।

# ଅସ୍ତରଙ୍ଗ ବ୍ଲକ୍‌ରେ ବଢୁଛି ଦୁର୍ନୀତି

**କାକଟପୁର/ଅସ୍ତରଙ୍ଗ, ୧୧।୫ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଥିବା ସମସ୍ତ ସରକାରୀ ବିଭାଗରେ ଦୁର୍ନୀତି ବଢ଼ିବାରେ ଲାଗିଛି। ଜନସାଧାରଣ ବାରମ୍ବାର ଏ ନେଇ ଅଭିଯୋଗ କରୁଥିବା ବେଳେ ଦୁର୍ନୀତି କମିବା ପରିବର୍ତ୍ତେ ବଢ଼ି ଚାଲୁଥିବା ଦେଖା ଯାଉଛି। ଅଧିକାରୀମାନେ ସରକାରୀ ନୀତି ନିୟମକୁ ମୋଡି ମକଚି ମର୍ଜୀରେ କାମ କରୁଛନ୍ତି। ସାଧାରଣ ଜନତା ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ଦୌରାତ୍ମ୍ୟରେ ଅତିଷ୍ଠ ହୋଇ ପଡିଲେଣି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ବରିଷ୍ଠ ପ୍ରଶାସନିକ ଅଧିକାରୀ କିମ୍ବା ଜିଲ୍ଲା ପ୍ରଶାସନ ପକ୍ଷରୁ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଉନି। କାର୍ଯ୍ୟାନୁଷ୍ଠାନ ଦୂରର କଥା ଅଭିଯୋଗର ତଦନ୍ତ ମଧ ହେଉନି। ତଳୁ ଉପରସ୍ତର ପର୍ଯ୍ୟନ୍ତ ସମସ୍ତେ ଦୁର୍ନୀତିରେ ସମ୍ପୃକ୍ତ ରହିଥିବା ଅଭିଯୋଗ ହେଉଛି। ବିଭିନ୍ନ ଯୋଜନାରେ ଆସୁଥିବା ଟଙ୍କାକୁ ଚଞ୍ଚକତା ପୂର୍ବକ ହଡପ କରି ଅଧେ ଅଧେ ନୀତିରେ କାରବାର ଚାଲିଥିବା ଚର୍ଚ୍ଚା ହେଉଛି। ଅନ୍ୟ ପଟେ ସମସ୍ୟା ମଧ୍ୟରେ ସନ୍ତୁଳିତ ହେଉଛନ୍ତି ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଂଚାୟତବାସୀ।

- ଅଧେ ଅଧେ ନୀତିରେ କାରବାର
- କାର୍ଯ୍ୟାନୁଷ୍ଠାନ କି ତଦନ୍ତ ହେଉନି
- ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ତେଜୁଛି

ଉଦାହରଣ ସ୍ୱରୂପ ଦୀର୍ଘ ବର୍ଷ ହେବ କାମ ହେଉଛି ପାଣି ଟାଙ୍କି କିନ୍ତୁ ଅର୍ଥ ଖର୍ଚ୍ଚ ହେଉଛି ପ୍ରତିବର୍ଷ ପାଣି ସମସ୍ୟା ଦୂର ହେଉ ନାହିଁ। ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହେଉଥିବା ବିଭିନ୍ନ ଗଣମାଧ୍ୟମରେ ତଥ୍ୟ ସହ ପ୍ରକାଶ ପାଉଛି। ଯେପରିକି ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଜଳ ଓ ପରିମଳ ବିଭାଗ, ଯୋଗାଣ ବିଭାଗ, ଜଳ ସେଚନ ବିଭାଗ, ମନରେଗା ଆଦିରେ ବ୍ୟାପକ ଦୁର୍ନୀତି ହେଉଛି। ବିଭିନ୍ନ ଯୋଜନାରେ ଆସିଥିବା କୋଟି କୋଟି ଟଙ୍କା ହଡପ କରାଯାଇଛି। କେଉଁଠି ନିମ୍ନମାନର କାମ କରାଯାଉଛି ତ କେଉଁଠି ଆଦୌ କାମ ନକରି କାଗଜପତ୍ରରେ ଚଞ୍ଚକତା କରି ଅର୍ଥ ହଡପ କରାଯାଉଛି। ଲୋକଙ୍କୁ ଭୁଆଁ ବୁଲାଇ ଲୋକ ପ୍ରତିନିଧିଙ୍କୁ ଅଣଦେଖା କରି ପ୍ରାୟ ସ୍ଥାନରେ ଏ ସବୁ କାର୍ଯ୍ୟ ଚାଲିଛି। ଅଭିଯୋଗ କରି ଲୋକେ ଥକି ପଡୁଥିବା ବେଳେ କାର୍ଯ୍ୟାନୁଷ୍ଠାନ ଦୂର କଥା ତଦନ୍ତ ମଧ ହେଉନି। ମାଳ ମାଳ ସମସ୍ୟାରେ ଲୋକେ ଛନ୍ଦି ହେଉଛନ୍ତି। ସରକାରୀ ଯୋଜନାର ସଫଳ ରୂପାୟନ ହୋଇପାରୁନି। କାରଣ ବରିଷ୍ଠ ଅଧିକାରୀଙ୍କ ଛତ୍ର ଛାୟା ତଳେ ରହି ଏଭଳି ବେନିୟମ କାର୍ଯ୍ୟ କରୁଛନ୍ତି। ହଡପ ଅର୍ଥକୁ ଭାଗ ବାଣ୍ଟି ନେଉଛନ୍ତି ବୋଲି ଚର୍ଚ୍ଚା ହେଉଛି।

ସରକାର ବଦଳିଥିବା ବେଳେ ଅସ୍ତରଙ୍ଗ ବ୍ଲକ ଅଂଚଳରେ ବଢିଥିବା ଦୁର୍ନୀତିରେ ରୋକ ଲାଗିବ ବୋଲି ଲୋକେ ଆଶା ବାନ୍ଧିଥିଲେ। ମାତ୍ର ଦୁର୍ନୀତି ବଢୁଥିବା ଦେଖା ଯାଉଛି। ଅଧିକାରୀଙ୍କ ଅର୍ଥଖୋର ମାନସିକତା ପରିବର୍ତ୍ତନ ଆସୁନି। କାର୍ଯ୍ୟାନୁଷ୍ଠାନ ଭୟ ନଥିବାରୁ ଦୁର୍ନୀତି ବଢ଼ି ଚାଲିଥିବା ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। କିଛି ଦିନ ପୂର୍ବେ ରାଜସ୍ୱ ନିରୀକ୍ଷକ ଜଣେ ଭିଜିଲାନ୍ସ ଜାଲ ପଡ଼ିଥିଲେ। ଜିଲ୍ଲାପାଳ ଏ ଦିଗରେ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବୀ ହୋଇଛି।


**AFFIDAVIT**

By an affidavit before the Notary public pattamundai on 19.4.2025. I, Sumitra Behera aged 65 years W/O Ramesh Chandra Behera AT/ PO- Amrutamanohi PS- Pattamundai District- Kendrapada, Odisha declare that my real & correct name is Sumitra Behera as per my Aadhar No- 971691693010 and pan card No- FXSPB4873C. But my name and date of birth have been wrongly mentiond as sunetra and 01.07.1963 in tha army service book af my son. Sumitra Behera & sunetra is one & the same person and my real & correct date of birth is 01.06.1960 for all purpose this affidavit will be produced before the conricerned authority as a token of proof as stated above.

# କୋଉ କୂଳର ହେବେ ଗଣେଶ୍ୱର ?




କେନ୍ଦ୍ରାପଡା ବିଧାୟକ ବାବୁ ଗଣେଶ୍ୱର ଏବେ କୋଉ କୂଳର ହେବେ ତାହା ନିଜେ ଜାଣିପାରୁ ନାହାନ୍ତି। ଥିଲେ କଂଗ୍ରେସରେ। ବିଜେଡିକୁ ଆସି ବିଧାୟକ ହେଲେ। ଯେଉଁ ପାଣ୍ଡିଆନଙ୍କ ଆର୍ଶୀବାଦରେ ଆସି ବିଧାୟକ ହୋଇଥିଲେ ମଉକା ଦେଖି ଅସନ୍ତୁଷ୍ଟଙ୍କସହିତ ମିଶି ସେହି ପାଣ୍ଡିଆନଙ୍କୁ ମନଭରି ଗାଳି ଦେଲେ। ହେଲେ ଯେତେବେଳେ ନବୀନ ପାଣ୍ଡିଆନଙ୍କୁ ସୁରକ୍ଷା ଦେବାପାଇଁ ଗଣମାଧ୍ୟମ ଆଗକୁ ଆସିଲେ ସେତେବେଳେ ଦେଖାଗଲା ଗଣେଶ୍ୱର ତାଙ୍କ ପାଖରେ ସାବଧାନ ମୁଦ୍ରାରେ ଛିଡା ହୋଇଛନ୍ତି। ଗଣେଶ୍ୱରଙ୍କର ଏଭଳି ଘନ ଘନ ପଛ ପରିବର୍ତ୍ତନ ଏବେ କେବଳ ତାଙ୍କର କର୍ମୀ ଓ ଶୁଭେଚ୍ଛୁମାନଙ୍କୁ ଆଶ୍ଚର୍ଯ୍ୟ କରିନାହିଁ, ରାଜନୈତିକ ପଣ୍ଡିତମାନେ ମଧ ତାଙ୍କ କାରବାର ଦେଖି ଟେରା ହୋଇଗଲେଣି। ସେପଟେ କେନ୍ଦ୍ରାପଡାରେ ବି ବାବୁଙ୍କର ସମାନ ଅବସ୍ଥା। ଗୋଟିଏ ପକେଟରେ କଂଗ୍ରେସ ଓ ଆର ପକେଟରେ ବିଜେଡି କର୍ମୀଙ୍କୁ ପୂରାଇ ବୁଲୁଥିଲେ। ହେଲେ ଏବେ କିଛିଦିନ ହେବ ଜିଲ୍ଲାର ଜଣେ ଟାଣୁଆ ବିଜେଡି ନେତାଙ୍କୁ ଚେକ୍ ଦେବାପାଇଁ ବିଜେପି କର୍ମୀଙ୍କୁ ବି ଆଣି ପାଖରେ ବସାଉଛନ୍ତି। ଏଭଳି ଅବସ୍ଥାରେ ଭୋଟ ଦେଇଥିବା ବିଜେଡି କର୍ମୀମାନେ ଏବେ ତାଙ୍କ ଉପରେ ରକ୍ତଚାଉଳ ଚୋବାଉଥିବାବେଳେ ବିଜେପି କର୍ମୀ ବି ମଉକାଦେଖି ଏଭଳି ନେତାଙ୍କୁ ପାନେ ଦେବାକୁ ସଜବାଜ ହେଉଥିବା ଖବର ମିଳୁଛି। ତେବେ ଗଣେଶ୍ୱରଙ୍କ ଦେହରୁ ଏବେ ବି କଂଗ୍ରେସ ଗନ୍ଧ ଯାଇନଥିବାରୁ କଂଗ୍ରେସ କର୍ମୀଙ୍କ ସଂଖ୍ୟା ତାଙ୍କ ପାଖରେ ବଢ଼ିବାରେ ଲାଗିଛି। ଏଣେ ପାଣ୍ଡିଆନଙ୍କୁ ଗାଳି ଦେବାପରେ ବିଜେଡିର କିଛି ନେତା ବି ତାଙ୍କୁ କରଛଡା ଦେଉଛନ୍ତି। ଏଭଳି ସ୍ଥିତିରେ ଗଣେଶ୍ୱର କୋଉ କୂଳର ହେବେ ତାହା ଜାଣିପାରୁ ନଥିବାବେଳେ ଭୋଟ ଦେଇଥିବା କର୍ମୀମାନେ ମୁଣ୍ଡରେ ହାତଦେଇ ବସିଗଲେଣି।



# ପ୍ରକାଶଙ୍କ ଉପରେ ନାହିଁ ବିଶ୍ୱାସ

ରାତାରାତି ବିଜେପି ଟିକଟ ହାତେଇ ବିଧାୟକ ହୋଇଥିବା କଟକ ସଦର ବିଧାୟକ ପ୍ରକାଶଙ୍କ ଉପରେ ବିଜେପିର ବିଶ୍ୱାସ ପାଉନାହିଁ। ବିରୋଧିଙ୍କୁ ଜଗିବା ବଦଳରେ ଦଳ ଏବେ ପ୍ରକାଶଙ୍କୁ ଜଗିବାରେ ବ୍ୟସ୍ତ। ଯିଏ ପ୍ରକାଶଙ୍କୁ ବିଧାନସଭା ପଠାଇଥିଲେ ସିଏ ବି ଏବେ ପସ୍ତଉଛନ୍ତି। ତେବେ ପ୍ରକାଶଙ୍କର ଏଭଳି ଅବିଶ୍ୱାସ ଧରାପଡିଯାଇଛି ନିଶ୍ଚିତକୋଇଲି ବ୍ଲକ ଉପାଧ୍ୟକ୍ଷ ଓ ଅଧ୍ୟକ୍ଷ ନିର୍ବାଚନକୁ ନେଇ। ପ୍ରଥମେ ବ୍ଲକ ଉପାଧ୍ୟକ୍ଷ ନିଜର ବ୍ୟକ୍ତିଗତ କାରଣ ଦର୍ଶାଇ ଇସ୍ତଫାଦେଲେ। ଇସ୍ତଫା ଦେଇଥିବା ଉପାଧ୍ୟକ୍ଷ ବିଜେଡିର ହୋଇଥିବାରୁ ଏହି ଆସନ ହାତେଇବା ପାଇଁ ବିଜେପି ଲାଗି ପଡିଥିଲା। ମାହାଙ୍ଗା ନିର୍ବାଚନମଣ୍ଡଳୀରେ ଏହା ଆସୁଥିବାରୁ ମାହାଙ୍ଗାର ବିଜେପି ସମର୍ଥିତ ବିଧାୟକ ସାରଦା ପ୍ରଧାନ ଅଣ୍ଟା ଭିଡିଥିଲେ। ହେଲେ ଶେଷ ମୂହୂର୍ତ୍ତରେ କଟକ ସଦର ବିଧାୟକ ପ୍ରକାଶ ସେଠୀ ନିଜର ଜଣେ ସମର୍ଥକଙ୍କୁ ପ୍ରାର୍ଥୀ କରିଦେଲେ। କାରଣ ହେଉଛି ଏହି ବ୍ଲକର ଅଳ୍ପ କିଛି ପଞ୍ଚାୟତ ତାଙ୍କ ନିର୍ବାଚନମଣ୍ଡଳୀରେ ରହିଛି। ତେବେ ସମସ୍ତ ପ୍ରତିକୂଳ ସତ୍ତ୍ୱେ ସାରଦାଙ୍କ ପ୍ରାର୍ଥୀ ଜିତିଲେ। ଏବେ ଅଧ୍ୟକ୍ଷା ରୋଜୀ ସେଠୀଙ୍କୁ ବଦଳାଇବାପାଇଁ ସାରଦା ଲାଗି ପଡିଛନ୍ତି। କିନ୍ତୁ ଏଥିରେ ପ୍ରକାଶଙ୍କୁ କେହି ବିଶ୍ୱାସକୁ ନେଇପାରୁ ନାହାନ୍ତି। କାରଣ ପ୍ରକାଶ ନିଜ ଘରେ କିଛି ସରପଞ୍ଚ ଓ ସମିତି ସଭ୍ୟଙ୍କୁ ନେଇ ଘନ ଘନ ବୈଠକ କରୁଛନ୍ତି। ଏବେ ଅକ୍ଷଧା ବଦଳ ଭୋଟ ସେଠାରେ ଉଭୟ ମୋହନ ଓ ନବୀନଙ୍କ ଲାଗି ସମ୍ମାନର ପ୍ରଶ୍ନ ହୋଇଛି। ତେବେ ପ୍ରକାଶଙ୍କ ଗତି କୁଆଡେ ତାହା ବିଜେପି ନେତାମାନେ ଜାଣିପାରୁନଥିବାବେଳେ ଯେହେତୁ ଉପାଧ୍ୟକ୍ଷ ନିର୍ବାଚନରେ ପ୍ରକାଶ ସମାନ୍ତରାଳ ପ୍ରାର୍ଥୀ ଦେଇଥିଲେ ତେଣୁ ଅଧ୍ୟକ୍ଷା ବଦଳାଇବାରେ ସିଏ କ'ଣ କରିବେ ତାହା ଉପରେ ସମସ୍ତଙ୍କ ନଜର ଥିବାବେଳେ ୧୩ ତାରିଖରେ ପ୍ରକାଶଙ୍କ ଖେଳ ଜଣାପଡିବ ବୋଲି କଟକ ଜିଲ୍ଲାର ବିଜେପି ନେତାମାନେ କହୁଛନ୍ତି।



# କିଏ ଏହି ଘରର ମାଲିକ ?



ରାଜଧାନୀର ନୀଳାଦ୍ରୀବିହାର ଅଞ୍ଚଳରେ ତିଆରି ଚାଲିଥିବା ଗୋଟିଏ ଘରକୁ ନେଇ ଚର୍ଚ୍ଚା। ବର୍ଷାଧିକ କାଳ ହେଲା ଘରଟିର ନିର୍ମାଣ ଚାଲିଛି। ମାସାଧିକ କାଳ ହେଲା ପୂଜାର୍ଚ୍ଚନା ବି ହେଉଛି। ଘର କାମ ସରୁନି କି ଘର ପ୍ରତିଷ୍ଠା ହେଉନି। ମଝିରେ ମଝିରେ ପୂଜାର୍ଚ୍ଚନା ନାଁରେ ନିୟମିତ ଖାନା ପିନା ହେଉଛି। ଘର ଆଗରେ ନିଇତି ଲମ୍ବା ଲମ୍ବା ଗାଡିର ଧାଡି ଲାଗୁଛି। ଘରେ ଲାଗୁଥିବା ସବୁ ସାମଗ୍ରୀ ବିଦେଶୀ। ଏଭଳି କଥା ପ୍ରଚାର ପରେ ଏବେ ଘରର ଅସଲ ମାଲିକ କିଏ ତାହା ଜାଣିବାକୁ ଆଖପାଖର ଲୋକେ ଆଗ୍ରହୀ। ଏ ନେଇ ଅନେକ ଖୋଳତାଡ କରୁଥିଲେ ବି କେହି କିଛି ଜାଣିପାରୁ ନାହାନ୍ତି। ଘର ମାଲିକ ବି ମହା ଚତୁର। ଯେତେ ଭୋଜିଭାତ କରୁଛନ୍ତି ଆଖପାଖ ଲୋକଙ୍କୁ ଡାକୁ ନାହାନ୍ତି। ଘରର ଏମନ୍ତ ନିର୍ମାଣ ଓ ପୂଜାର୍ଚ୍ଚନା ଦେଖି ବୁଦ୍ଧ ପାର୍କରେ ବୁଲୁଥିବା ଲୋକେ ଘଡିଏ ଅନାଇ ଆଲୋଚନା କରିବା ସହିତ ମାଲିକ ଜଣଙ୍କ କିଏ ତାହା ଜାଣିବାକୁ ଚାହୁଁଛନ୍ତି। ବିଦେଶୀ ସାମଗ୍ରୀରେ ତିଆରି ଏହି ଘରର ନିକଟରେ ଜଣେ କେନ୍ଦ୍ରୀ ଓ ଜଣେ ରାଜ୍ୟ ମନ୍ତ୍ରୀଙ୍କର ଘର ରହିଛି। ହେଲେ ସେମାନଙ୍କ ଘରେ ବି ଏଭଳି ଆତଜାତି କିମ୍ବା ପୂଜାର୍ଚ୍ଚନା ନାହିଁ। ତେଣୁ ଘର ପ୍ରତିଷ୍ଠା ପୂର୍ବରୁ ପୂଜାର୍ଚ୍ଚନା ଓ ଖାନାପିନାରେ କୋଟିକୋଟି ଟଙ୍କା ଉଡାଉଥିବା ଏବଂ ଘରେ ଟାଇଲ ଠାରୁ ଲାଇଟ୍ ପର୍ଯ୍ୟନ୍ତ ସବୁକିଛି ଇମ୍ପୋର୍ଟେଡ ସାମଗ୍ରୀ ଲଗାଉଥିବା ଏହି ମାଲିକଙ୍କ ଉପରେ ଆୟକର ବିଭାଗର ନଜର ପଡିଲାଣି କି ନାହିଁ ତାହା ଏପର୍ଯ୍ୟନ୍ତ କେହି ଜାଣିପାରୁ ନାହାନ୍ତି।

# ବାହାଘର ପରେ ଅନ୍ତର୍ଦ୍ଧାନ



ବିଜେଡି ନେତା ତଥା ପୂର୍ବତନ କଂଗ୍ରେସ ସାଂସଦ ପ୍ରଦୀପ ମାଝି ହାତକୁ ଦି ହାତ ହେବାପରେ ଏକ ପ୍ରକାର ଅର୍ନ୍ତଧାନ ହୋଇ ଯାଇଛନ୍ତି। ତାଙ୍କୁ ନେଇ ଦଳୀୟ କାର୍ଯ୍ୟାଳୟରେ ରୋଚକ ଚର୍ଚ୍ଚା ଚାଲିଛି। କିଏ କହୁଛି ବାବୁ ବାହାହେଲା ପରେ ଦଳ ବଦଳ କରିବାକୁ ସ୍ଥିର କରିଛନ୍ତି ତ ଆଉ କିଏ କହୁଛି ବାବୁଙ୍କର ଏବେ ହନିମୁନ୍ ଚାଲିଛି। ତେବେ ଦଳରେ ଏବେ ସାଂଗଠନିକ ପରିବର୍ତ୍ତନ ଚାଲିଥିବାବେଳେ ପ୍ରଦୀପ ମାଝିଙ୍କ ଭଳି ଆଗଧାଡିର ନେତାଙ୍କୁ ଦେଖିବାକୁ ମିଳୁନାହିଁ। ମାଝିବାବୁ ମୂଳକୁ କଂଗ୍ରେସରେ ଥିଲେ। କଂଗ୍ରେସ ଆର୍ଶୀବାଦରୁ ସାଂସଦ ବି ହୋଇଥିଲେ। ହେଲେ କଂଗ୍ରେସରେ ଭବିଷ୍ୟତ ଅନ୍ଧାର ଦିଶିବାରୁ ବହୁ ମୂଲଚାଲ କରି ବିଜେଡିକୁ ଆସିଥିଲେ। ଅବଶ୍ୟ ତାଙ୍କର ବିଜେଡିକୁ ଆଗମନ ପଛରେ ଆଉ ଜଣେ ମାଝୀଙ୍କର ସହଯୋଗ ଥିଲା। ଦଳର ପରାଜୟ ଭିତରେ ବାବୁ ହାତକୁ ଦି ହାତ ହୋଇଗଲେ। ରାଜ୍ୟରେ ଏବେ କଂଗ୍ରେସ ମୁଣ୍ଡ ଟେକୁଛି। ଆଦିବାସୀ ନେତା ଭକ୍ତ ଦାସ ମଙ୍ଗ ଧରିବାପରେ ମାଷ୍ଟରକ୍ୟାଣ୍ଟିନ ଛକରେ ଗହଳି ବଢ଼ିଛି। ତେଣୁ ପ୍ରଦୀପ ବାବୁଙ୍କର ମନ ବି ସେପଟକୁ ଢଳୁଥିବା ଚର୍ଚ୍ଚା ଚାଲିଛି। କିଛି କଂଗ୍ରେସିଆ ବି ପ୍ରଦୀପଙ୍କ ଭଳି ନେତା ଦଳକୁ ଫେରିଲେ ତାଙ୍କୁ ସ୍ୱାଗତ କରାଯିବ ବୋଲି କହୁଛନ୍ତି। ତେଣୁ ମଉକା ଦେଖି ଚଉକା ମାରିବାରେ ଉସ୍ତାଦ ପ୍ରଦୀପ ବାବୁ ବାହାଘର ବାହାନାରେ ବିଜେଡିରୁ ଦୂରେଇ ଯାଇଥିବା ନେଇ କିଛି କଂଗ୍ରେସ ନେତା ଆଲୋଚନା କରୁଥିବାବେଳେ ତାହା ଆମ କାନରେ ପଡିଗଲା।

# ମହଙ୍ଗା ପଡ଼ିଲା ଆଇଆଇସିଙ୍କୁ ପ୍ରେମ



ରାଜ୍ୟର ଜଣେ ବଡ ଖାକି ବାବୁଙ୍କୁ ତାଙ୍କର ଲୁଚାଛପା ପ୍ରେମ ଏବେ ମଙ୍ଗା ପଡିଛି। ଜଣେ ଆଇଆଇସିଙ୍କୁ ପ୍ରେମ କରି ଖାକି ବାବୁ ଜଣଙ୍କର ବଦଳି ହୋଇଛି। ତେବେ କୌଣସି ପ୍ରକାରେ ରାଜ୍ୟର ଉପାନ୍ତ ଅଞ୍ଚଳକୁ ନଯାଇ ହେଡକ୍ୱାର୍ଟରରେ ଅଟକି ଯାଇଛି। ପୁଲିସ୍ ମହଲରେ ହେଉଥିବା ଆଲୋଚନା ଅନୁଯାୟୀ ଏହି ସର୍ବଭାରତୀୟ ପାହ୍ୟାର ଖାକି ବାବୁ ଜଣଙ୍କ ଭାରି ପାରିବାର। ପୂର୍ବରୁ ତାଙ୍କର ଭଲ ଟ୍ରାକ ରେକର୍ଡ ବି ରହିଛି। ହେଲେ ବାବୁଙ୍କର ଟିକିଏ ଆଲୁ ଦୋଷ ତାଙ୍କୁ ଏବେ ଅଡୁଆରେ ପକାଇ ଦେଇଛି। ଆଇଆଇସିଙ୍କ ସହିତ ଚାଲିଥିବା ବାବୁଙ୍କ ପ୍ରେମ କାହାଣି ବାବୁଆଣିଙ୍କ କାନରେ ପଡିବା ପରେ ଏଥିରେ ବ୍ରେକ୍ ଲଗାଇବାପାଇଁ ବାବୁଆଣି କୁଆଡେ ଉପର ମହଲରେ ଜଣାଇଥିଲେ। କଥାଟା ଚାରିକାନ ହେବା ପୂର୍ବରୁ ପ୍ରେମିକ ପ୍ରବର ଖାକି ବାବୁଙ୍କୁ ତାଙ୍କ ପଦବୀରୁ ହଟାଇ ଦିଆଯାଇଛି। ଏଥିରେ ବାବୁଙ୍କ ପ୍ରେମିକା କିନ୍ତୁ ଭାରି ଖୁସି। ବାବୁଙ୍କର ଏବେ ଆଉ ଆଗଭଳି କାମ ନାହିଁ। ତେଣୁ ଏଣିକି ସିଏ ବାବୁଙ୍କ ଠାରୁ ନିଇତି ସିଗ୍ନାଲ ପାଇବେ ବୋଲି ମନେ ମନେ କୁରୁଳୁଛନ୍ତି। ନିକଟରେ ଜଣେ ସର୍ବଭାରତୀୟ ଖାକି ବାବୁ ପ୍ରେମ କରୁଥିବା ଜଣେ ଆଇଆଇସିଙ୍କ ଘରେ ରାତିଅଧିଆ ପ୍ରବେଶ କରି ନିଲମ୍ବନ ହେବା ଘଟଣା ମନରୁ ଲିଭିନଥିବାବେଳେ ଏବେ ଏହି ଖାକିବାବୁଙ୍କ କରାନାମା ପୁଣିଥରେ ପୁଲିସ୍ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ତେବେ ବାବୁଙ୍କ ରାସଲୀଳା ଉପରେ ତାଙ୍କର ଘରଣୀ କଡା ନଜର ରଖିଥିବାରୁ ବାବୁ ଏବେ ଜଗିରଖି ଚଳୁଥିବା ନେଇ କିଛି ସାନ ଖାକିବାବୁ ଆଲୋଚନା କରୁଛନ୍ତି।

■ ଦୀଘା ଜଗନ୍ନାଥ ମନ୍ଦିର ବିବାଦ

# ରାମକୃଷ୍ଣ ଦାସମହାପାତ୍ର ନିଲମ୍ବିତ



**ପୁରୀ, ୧୧।୫ (ସଂଚାର ବ୍ୟୁରୋ):** ପଶ୍ଚିମବଙ୍ଗର ଦିଘାରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ବିବାଦକୁ କେନ୍ଦ୍ର କରି ଶ୍ରୀମନ୍ଦିର ପ୍ରଶାସନ ବରିଷ୍ଠ ଦଇତାପତି ସେବାୟତ ତଥା ନିଯୋଗ ସମ୍ପାଦକ ରାମକୃଷ୍ଣ ଦାସମହାପାତ୍ରଙ୍କୁ ନିଲମ୍ବନ କରିଛି। ଏହି ଘଟଣା ଓଡ଼ିଶା ତଥା ପଶ୍ଚିମବଙ୍ଗରେ ତୀବ୍ର ଚର୍ଚ୍ଚାର ବିଷୟ ପାଲଟିଥିଲା। ସୂଚନା ଅନୁଯାୟୀ, ରାମକୃଷ୍ଣ ଦାସମହାପାତ୍ର ପୁରୀରୁ ବଳକା ଦାରୁ (ପବିତ୍ର କାଠ) ନେଇ ଦିଘାରେ ଜଗନ୍ନାଥ ମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ପ୍ରତିମା ପ୍ରତିଷ୍ଠା କରିଥିବା ଅଭିଯୋଗ ହୋଇଛି। ଏହି ଘଟଣା ସାମ୍ନାକୁ ଆସିବା ପରେ ଓଡ଼ିଶା ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିଥିଲେ ଏବଂ ଶ୍ରୀମନ୍ଦିର ପ୍ରଶାସନକୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ନିର୍ଦ୍ଦେଶ ଅନୁଯାୟୀ, ରାମକୃଷ୍ଣଙ୍କୁ ଏହି ବିବାଦ ସମ୍ପର୍କରେ ଜବାବ ଦେବା ପାଇଁ ଦୁଇଥର ନୋଟିସ ଜାରି କରାଯାଇଥିଲା। ପ୍ରଥମେ ୭ ଦିନ ଏବଂ ପରେ ୨ ଦିନର ସମୟ ଦିଆଯାଇଥିଲା। ତେବେ, ସେ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଶ୍ରୀମନ୍ଦିର ପ୍ରଶାସନ ତାଙ୍କୁ ନିଲମ୍ବନ କରିବାକୁ ନିଷ୍ପତ୍ତି ନେଇଛି। ରାମକୃଷ୍ଣ ଏକ ସାମ୍ବାଦିକ ସମ୍ମିଳନୀରେ ଦାବି କରିଥିଲେ ଯେ, ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ତାଙ୍କର ଜଣେ ଶିଷ୍ୟ ଏବଂ ତାଙ୍କୁ ମନ୍ଦିର ପ୍ରତିଷ୍ଠା ପାଇଁ ଡାକିଥିଲେ। ସେ ତିଥି ଅନୁସାରେ ପୂଜାର୍ଚ୍ଚନା କରିବାକୁ ପରାମର୍ଶ ଦେଇଥିବା ମଧ୍ୟ କହିଥିଲେ। ଏହି ମନ୍ତବ୍ୟ ବିବାଦକୁ ଆହୁରି ବଢ଼ାଇଥିଲା। ଶ୍ରୀମନ୍ଦିର ପ୍ରଶାସନ କହିଛି ଯେ, ଏହି ଘଟଣା ଶ୍ରୀମନ୍ଦିରର ପରମ୍ପରା ଓ ନୀତିକୁ ଉଲ୍ଲଂଘନ କରୁଛି। ତଦନ୍ତରେ ରାମକୃଷ୍ଣଙ୍କ ଭୂମିକା ପ୍ରମାଣିତ ହେବା ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ନିଲମ୍ବନ ସହ ତାଙ୍କ ବିରୋଧରେ ଆଗାମୀ ଦିନରେ ଅଧିକ କଠୋର ପଦକ୍ଷେପ ନିଆଯାଇପାରେ ବୋଲି ସୂଚନା ମିଳିଛି।

# ଝାରପଡ଼ା ଜେଲ୍‌ରେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ



**ଭୁବନେଶ୍ୱର, ୧୧।୫ (ସଂଚାର ବ୍ୟୁରୋ) :** ଝାରପଡ଼ା ଜେଲରେ ବିଚାରାଧୀନ ଜନୈକ କଏଦୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଉଛନ୍ତି ମୋହନ ବେହେରା। ଗତ ୮ ତାରିଖରେ ମଦ ବ୍ୟବସାୟ କରୁଥିବା ଅଭିଯୋଗରେ ତାଙ୍କୁ ଜଟଣୀ ଥାନା ପୁଲିସ ଗିରଫ କରିଥିଲା। ତାଙ୍କ ଘର ଜଟଣୀରେ ବୋଲି ଜଣାପଡ଼ିଛି। ଗତକାଲି ପେଟରେ ଯନ୍ତ୍ରଣା ହେବାରୁ ଝାରପଡା ଜେଲରୁ ମୋହନଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ଚିକିତ୍ସା ପାଇଁ ଅଣାଯାଇଥିଲା। କିନ୍ତୁ ସେଠାରେ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଯାଇଥିବା ଡାକ୍ତର କହିଥିଲେ। ଏନେଇ ଲକ୍ଷ୍ମୀସାଗର ଥାନାରେ ଝାରପଡ଼ା ଜେଲ୍ କର୍ତ୍ତୃପକ୍ଷ ଅଭିଯୋଗ କରିଥିବା ବେଳେ ଏହାକୁ ଆଧାର କରି ପୁଲିସ୍ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

**ରିଲ୍ସ ନିଶା ହେଲା କାଳ**

# ଟ୍ରକ ଡ୍ରାଇଭରଙ୍କ ମୃତ୍ୟୁ

**ରାଉରକେଲା, ୧୧।୫ (ସଂଚାର ବ୍ୟୁରୋ):** ସାମ୍ପ୍ରତିକ ସମୟରେ ସମସ୍ତେ ରିଲ୍ସ ପଛରେ ଯେପରି ବାଇ ହୋଇଯାଇଛନ୍ତି। ଏପରି ରିଲ୍ସ ନିଶା ଆଜି ଜଣେ ଟ୍ରକ୍ ଡ୍ରାଇଭର୍‌ଙ୍କ ଜୀବନ ନେଇଛି। ମୋବାଇଲରେ ରିଲ୍ସ କରିବା ସମୟରେ ଅସାବଧାନତା ଯୋଗୁଁ ବଡ଼ ଧରଣର ଅଘଟଣର ସମ୍ମୁଖୀନ ହୋଇ ଉକ୍ତ ଟ୍ରକ୍ ଡ୍ରାଇଭର୍ ଜଣଙ୍କ ଜୀବନ ହରାଇଛନ୍ତି। ଏଭଳି ଅଭାବନୀୟ ଘଟଣା ସୁନ୍ଦରଗଡ ଜିଲ୍ଲାରେ ଘଟିଛି। ପୋଲ ତଳକୁ ଖସି ଉକ୍ତ ଟ୍ରକ୍ ଡ୍ରାଇଭର୍ ଜଣଙ୍କ ମୃତ୍ୟୁବରଣ କରିଛନ୍ତି। ସୁନ୍ଦରଗଡ଼ କେ. ବଲାଙ୍ଗ ଥାନା ଏନଏଚ୍ ୫୨୦ ପୋଲ ନିକଟରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତ ଟ୍ରକ୍ ଡ୍ରାଇଭର୍ ଜଣଙ୍କ ଉତ୍ତରପ୍ରଦେଶ ଚପକି ଥାନା ଅଞ୍ଚଳର ସୁରେଶ କୁମାର ବୋଲି ଜଣାପଡ଼ିଛି। ସୂଚନାନୁଯାୟୀ, ସୁରେଶ ରାଉରକେଲାରୁ କୋଇଡ଼ା ଅଭିମୁଖେ ଏକ ୧୮ଚକିଆ ଟ୍ରକ୍ ନେଇ ଆସୁଥିଲେ। ତେବେ କେ. ବଲାଙ୍ଗ ଥାନା ଅନ୍ତର୍ଗତ ୫୨୦ ଜାତୀୟ ରାଜପଥ ପୋଲ ନିକଟରେ ସେ କୌଣସି କାରଣରୁ ଅଟକିଥିଲେ। ଏହି ସମୟରେ ସେ ଗାଡ଼ିରୁ ଓହ୍ଲାଇ ପୋଲ ଉପରେ ରିଲ୍ସ କରିଥିଲେ। ହେଲେ ତାଙ୍କର ଅସାବଧାନତା ଯୋଗୁଁ ଗୋଡ଼ ଖସିଯିବାରୁ ସୁରେଶ ପୋଲ ତଳକୁ ଖସିପଡ଼ିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

# ବିଷପିଇ ପ୍ରେମୀଯୁଗଳଙ୍କ ଆତ୍ମହତ୍ୟା ଉଦ୍ୟମ

## କାରଣ ଅସ୍ପଷ୍ଟ, ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ



**ଦେବଗଡ଼, ୧୧।୫ (ସଂଚାର ବ୍ୟୁରୋ):** ଏକ ଅଭାବନୀୟ ଘଟଣା କ୍ରମେ ପ୍ରାୟ ୧୫ ଦିନ ହେଲା ଏକାଠି ରହୁଥିବା ପ୍ରେମୀଯୁଗଳ ଗତକାଲି ବିଷପାନ କରି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସେମାନଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ସେମାନେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି।

ମିଳିଥିବା ସୂଚନାନୁଯାୟୀ, ଦେବଗଡ଼ ଜିଲ୍ଲାର କଣ୍ଟାପାଲି ଗ୍ରାମର ଜନୈକ ୩୦ ବର୍ଷୀୟ ଯୁବକ ସମ୍ବଲପୁର ଜିଲ୍ଲା ଚାରମାଳ ଗ୍ରାମର ଜଣେ ୨୦ ବର୍ଷୀୟା ଯୁବତୀଙ୍କୁ ଭଲ ପାଉଥିଲେ। ପାଖାପାଖି ଦୁଇ ସପ୍ତାହ ତଳେ ସେମାନେ ନିଜ ନିଜ ଘରୁ ପଳାଇଆସି ଦେବଗଡ଼ ଥାନା କଣ୍ଟାପାଲି ଗ୍ରାମରେ ଏକାଠି ରହୁଥିଲେ। କିନ୍ତୁ ଗତକାଲି ଅପରାହ୍ଣ ପ୍ରାୟ ୧ଟା ସମୟରେ ଉଭୟେ ନିକଟସ୍ଥ ନାଳକୁ ଗାଧୋଇବାକୁ ବାହାରିଥିଲେ ହେଁ କିଛି ସମୟ ପରେ ସେମାନେ ବିଷପାନ କରି ଆତ୍ମହତ୍ୟା ପାଇଁ ଉଦ୍ୟମ କରିଥିଲେ। ପରେ ନାଳ କଡ଼ରେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ପଡ଼ିଥିବା ଦେଖି ଗ୍ରାମବାସୀ ଯୁବକଙ୍କ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ଯୁବକଙ୍କ ପରିବାର ଲୋକେ ସେଠାରେ ପହଞ୍ଚି ଉଭୟଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ସେମାନଙ୍କ ଆତ୍ମହତ୍ୟା ଉଦ୍ୟମର କାରଣ ଅଦ୍ୟାବଧି ସ୍ପଷ୍ଟ ହୋଇପାରିନାହିଁ। ଏହି ଘଟଣା ସମ୍ପୃକ୍ତ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

**ଚନ୍ଦ୍ରଶେଖରପୁର ବାର୍ ବାଉନ୍ସରଙ୍କୁ ଗୁଳିମାଡ଼ ମାମଲା**

# ୧୧ ଗିରଫ, ଗୁଳି ଓ ମୋଟର ସାଇକେଲ୍ ଜବତ




**ଭୁବନେଶ୍ୱର, ୧୧।୫ (ସଂଚାର ବ୍ୟୁରୋ) :** ଶନିବାର ଚନ୍ଦ୍ରଶେଖରପୁରରେ ଜନୈକ ବାର୍ ବାଉନ୍ସରଙ୍କୁ ଗୁଳିମାଡ଼ ହୋଇଥିବା ବେଳେ ଆଜି ଏହି ମାମଲାରେ ପୁଲିସ୍ ୧୧ ଜଣଙ୍କୁ ଗିରଫ କରିଛି। ଏଥିସହ ସେମାନଙ୍କଠାରୁ ୨ଟି ଜୀବନ୍ତ ଗୁଳି ଓ ୩ଟି ଖାଲି ଖୋକା ଏବଂ ୨ଟି ମୋଟର ସାଇକେଲ୍ ଜବତ କରାଯାଇଛି।

- ୪ ଜିଲ୍ଲାରେ ଚଢ଼ାଉ କରିଥିଲା ପୁଲିସ୍
- ଦୁଇ ଅଭିଯୁକ୍ତଙ୍କ ନାମରେ ରହିଛି ଏକାଧିକ ମାମଲା

ଏହି ମାମଲାରେ ଆହୁରି କେତେକଙ୍କ ସମ୍ପୃକ୍ତି ରହିଥିବାରୁ ସେମାନଙ୍କୁ ଗିରଫ କରିବା ସକାଶେ ଉଦ୍ୟମ ଜାରି ରହିଥିବା ଆଜି ଏଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କମିଶନର୍ ଏସ୍. ଦେବଦତ୍ତ ସିଂହ ସୂଚନା ଦେଇଛନ୍ତି।

ସୂଚନାନୁସାରେ, ଗତ ରାତି ପ୍ରାୟ ୨ଟା ସମୟରେ ଚନ୍ଦ୍ରଶେଖରପୁରର କସ୍‌ମୋ ବାର୍‌ରେ ମଦ ପିଉଥିବା ଅଭିଯୁକ୍ତମାନଙ୍କୁ ବାର୍ ବନ୍ଦ ସମୟ ହୋଇଥିବାରୁ ବାହାରକୁ ଯିବା ସକାଶେ ଅଭିଯୋଗକାରୀ ସାଲିଆସାହି ନିବାସୀ ସୂର୍ଯ୍ୟକାନ୍ତ ପ୍ରଧାନ ନିବେଦନ କରିଥିଲେ। କିନ୍ତୁ ସେମାନେ ଏହାକୁ ନେଇ ସୂର୍ଯ୍ୟକାନ୍ତଙ୍କ ସହ ପାଟିତୁଣ୍ଡ କରିବା ସହ ପରେ ବାର୍ ଉପରକୁ ପଥର ମାଡ଼ କରିଥିଲେ। ନିଶାସକ୍ତ ଥିବା ଅଭିଯୁକ୍ତମାନଙ୍କ ପଥର ମାଡ଼ରେ ବାର୍ କ୍ଷତିଗ୍ରସ୍ତ ହୋଇଥିଲା। ଏଥିସହ ସେମାନେ ସୂର୍ଯ୍ୟକାନ୍ତଙ୍କୁ ବାର୍ ବାହାରେ ଅପେକ୍ଷା କରିଥିଲେ। ଭୋର୍ ପାଖାପାଖି ୪ଟା ସମୟରେ ସୂର୍ଯ୍ୟକାନ୍ତ ବାର୍ ବାହାରକୁ ଆସିବା କ୍ଷଣି ଅଭିଯୁକ୍ତମାନେ ତାଙ୍କୁ ମାରଧର କରିବା ସହ ଜଣେ ତାଙ୍କ ଉପରକୁ ଗୁଳି ଚଳାଇଥିଲା। ଏଥିରେ ସୂର୍ଯ୍ୟକାନ୍ତ ଆହତ ହୋଇ କିମ୍ସ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଅଛନ୍ତି। ଏନେଇ ସେ ଗତକାଲି ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ୍ ୨୩୨/୨୫ରେ ଏକ ମାମଲା ରୁଜୁ କରିବା ସହ ଟିମ୍ ଗଠନ କରି ପୁରୀ, ଢେଙ୍କାନାଳ, କଟକ ଓ ଖୋର୍ଦ୍ଧାର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରିଥିଲା। ଟିମ୍ ୧୧ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ନାମରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ଜଣାପଡ଼ିଛି। ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ କୋଣାର୍କର ଡାଳିମ୍ବ ଗରଡ଼ିର ବାଦଲ ସ୍ୱାଇଁ (୨୧), ଯାଜପୁର ଭୂଇଁପୁରର ଚିନ୍ମୟ କୁମାର ଦେ' (୨୧), ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ଷ୍ଟେସନ୍ ବଜାରର ସାହିଲ୍ ଦାସ (୨୩), କଟକ ନୂଆପଡ଼ାର ଓମ୍‌କାର ପାତ୍ର (୨୯), କଟକ ବାରଙ୍ଗ ଅନ୍ତର୍ଗତ ଦାଡ଼ାପାଟଣାର ରଞ୍ଜିତ କୁମାର ସାହୁ (୩୧) ଓ ଆଲୋକ କୁମାର ସାହୁ (୨୯), କେନ୍ଦ୍ରାପଡ଼ା ପାଟକୁରା ଅନ୍ତର୍ଗତ ପ୍ରଧାନ ପାଟିକିରାର ଅଚ୍ୟୁତାନନ୍ଦ ଲେଙ୍କା (୨୫), ଯାଜପୁର କୁଆଖିଆ ଅନ୍ତର୍ଗତ ଅଣ୍ଡେଇଗୋଡ଼ାର ଜାଗ୍ରତ ପଣ୍ଡା (୩୨), ବ୍ରହ୍ମଗିରି ଜଗନ୍ନାଥ ପାଟଣାର ବବୁ ପ୍ରଧାନ (୨୫), ଲକ୍ଷ୍ମୀସାଗର ଗଣେଶ ମନ୍ଦିର ଛକ ଅସିତ୍ ପାତ୍ର (୩୨) ଓ ଶିଶୁ ଭବନ ଛକର ରାଜେଶ ନାୟକ (୨୪)। ସେମାନଙ୍କ ମଧ୍ୟରୁ ରାଜେଶ ଓରଫ୍ ଦିନୁ ଓ ବାଦଲ ନାଁରେ ବଡ଼ଗଡ଼, ଏୟାରପୋର୍ଟ ଥାନାରେ ଏକାଧିକ ମାମଲା ରହିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଡିସିପି ଜଗମୋହନ ମୀନା ମଧ୍ୟ ଉପସ୍ଥିତ ଥିଲେ।

**ନିଶାସକ୍ତ ବ୍ୟକ୍ତିଙ୍କ ଉନ୍ମତ୍ତ କାଣ୍ଡ**

# ସ୍ତ୍ରୀ-ବୋହୂଙ୍କୁ ଛୁରିରେ ଆକ୍ରମଣ, ପରେ ନିଜ ଜୀବନ ହାରିଲେ

**କେସିଙ୍ଗା, ୧୧।୫ (ସଂଚାର ବ୍ୟୁରୋ) :** କଳାହାଣ୍ଡି ଜିଲ୍ଲାର କେସିଙ୍ଗା ଥାନା ଅନ୍ତର୍ଗତ ପରଲସିଙ୍ଗା ଗ୍ରାମ ପଞ୍ଚାୟତର ଭମରମାଳ(ପଥର୍ଲା) ଗ୍ରାମରେ ଏକ ଘରୋଇ କଳି ଭୟଙ୍କର ରୂପ ଧାରଣ କରି ଶେଷରେ ୪୨ ବର୍ଷୀୟ କୃଷ୍ଣ ସାହୁ ଆତ୍ମହତ୍ୟା କରିଛନ୍ତି। କୃଷ୍ଣ ମଦ୍ୟପାନ କରି ସ୍ତ୍ରୀ କୁମାରୀ ସାହୁ ଓ ବୋହୂଙ୍କୁ ଶନିବାର ବିଳମ୍ବିତ ରାତିରେ ଏକ ଧାରୁଆ ଛୁରିରେ ଆକ୍ରମଣ କରିଥିଲେ। ସ୍ତ୍ରୀ କୁମାରୀଙ୍କ ମୁଣ୍ଡ ଏବଂ ହାତ ସେହିପରି ବୋହୂଙ୍କ ମୁହଁରେ ଆକ୍ରମଣ କରି କ୍ଷତବିକ୍ଷତ କରିଥିଲେ। ଶେଷରେ କୃଷ୍ଣ ମାନସିକ ଭାରସାମ୍ୟ ହରାଇ ପଥର୍ଲା କାଣ୍ଡେଲ ଓ କେସିଙ୍ଗାକୁ ସଂଯୋଗ କରୁଥିବା ରେଳଧାରଣାରେ ଏକ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ଯାହା ଫଳରେ କୃଷ୍ଣଙ୍କ ଗଣ୍ଡିରୁ ମୁଣ୍ଡ ଅଲଗା ହୋଇଯାଇଥିଲା। ସକାଳେ ସ୍ଥାନୀୟ ଲୋକେ କୃଷ୍ଣଙ୍କ ମୃତଦେହ ରେଳ ଧାରଣାରେ ପଡ଼ିଥିବା ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ମୃତକ ପରିବାର ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ପୁତ୍ର ଲାଲୁ ସାହୁ ବାପାଙ୍କ ସମ୍ପର୍କରେ କେସିଙ୍ଗା ଆଦର୍ଶ ଥାନାରେ ତାଙ୍କ ମା'ଙ୍କୁ ଧାରୁଆ ଛୁରୀରେ ଆକ୍ରମଣ କରି ରେଳଧାରଣାରେ ଆତ୍ମହତ୍ୟା କରିଥିବା ନେଇ ଲିଖିତ ଅଭିଯୋଗ କରିଥିଲେ।

# ମହାବାତ୍ୟା ପରଠୁ ବଢ଼ୁଛି ତାପମାତ୍ରା



**ଭୁବନେଶ୍ୱର, ୧୧।୫ (ସଂଚାର ବ୍ୟୁରୋ):** ୧୯୯୯ରୁ ଓଡ଼ିଶାରେ ତାପମାତ୍ରା ଉଦବେଗଜନକ ଭାବେ ବୃଦ୍ଧି ପାଇଛି । ଏହି ଧାରା ବିଶ୍ୱ ଜଳବାୟୁ ପରିବର୍ତ୍ତନ, ଆଞ୍ଚଳିକ ଭୂମି-ବ୍ୟବହାର ପରିବର୍ତ୍ତନ ଏବଂ ମହାବାତ୍ୟା ଭଳି ଘଟଣାଗୁଡ଼ିକର ସମ୍ଭାବ୍ୟ ଦୀର୍ଘକାଳୀନ ପ୍ରଭାବ ଦ୍ୱାରା ପ୍ରଭାବିତ ହୋଇଛି। ବର୍ଦ୍ଧିତ ତାପମାତ୍ରା ସ୍ୱାସ୍ଥ୍ୟ, କୃଷି ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରତି ରାଜ୍ୟର ସାମଗ୍ରିକ ଦୁର୍ବଳତା ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇଥିବା ଲକ୍ଷ୍ୟ କରାଯାଇଛି। ଭାରତର ପୂର୍ବ ଉପକୂଳରେ ଅବସ୍ଥିତ ଓଡ଼ିଶା ଦୀର୍ଘ ଦିନ ଧରି ଜଳବାୟୁ ପରିବର୍ତ୍ତନ ଜନିତ ସମସ୍ୟାର ସମ୍ମୁଖୀନ ପାଇଁ ବେଶ୍ ଜଣାଶୁଣା । କ୍ରମବର୍ଦ୍ଧିଷ୍ଣୁ ଚିନ୍ତାର ବିଷୟ ହେଉଛି ବର୍ଷ ବର୍ଷ ଧରି ତାପମାତ୍ରାରେ କ୍ରମାଗତ ବୃଦ୍ଧି, ବିଶେଷ କରି ୧୯୯୯ ମସିହାର ମହାବାତ୍ୟା ପରଠାରୁ ଏହା ବଢ଼ି ଚାଲିଛି। ଅଧ୍ୟୟନରୁ ଜଣାଯାଇଛି ଯେ ସାରା ଓଡ଼ିଶାରେ ହାରାହାରି ତାପମାତ୍ରା, ଉଭୟ ସର୍ବାଧିକ ଏବଂ ସର୍ବନିମ୍ନ ସ୍ତରରେ ବୃଦ୍ଧି ପାଉଛି। ଜଣାପଡ଼ିଛି ଯେ ଗତ ଦଶନ୍ଧିରେ ହାରାହାରି ତାପମାତ୍ରା ୦.୯ ଡିଗ୍ରୀ ସେଲସିୟସ ବୃଦ୍ଧି ପାଇଛି।

ଉତ୍ତାପରେ ବାରମ୍ବାର ବୃଦ୍ଧି ପାଇବାରେ ଲାଗିଛି । ଗ୍ରୀଷ୍ମ ପ୍ରବାହ ପାଇଁ ଓଡ଼ିଶା ଏକ ହଟସ୍ପଟ୍ ଭାବରେ ଜଣାଶୁଣା ହୋଇଛି । ମାର୍ଚ୍ଚ ରୁ ମେ ଅବଧିରେ ରାଜ୍ୟ ପ୍ରତିବର୍ଷ ହାରାହାରି ଚାରିଟି ଗ୍ରୀଷ୍ମପ୍ରବାହ ଅନୁଭବ କରିଥାଏ। ବର୍ଦ୍ଧିତ ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନ ବିଶ୍ୱବ୍ୟାପୀ ତାପମାତ୍ରା ବୃଦ୍ଧିରେ ସହାୟକ ହୋଇଥାଏ, ଏବଂ ଓଡ଼ିଶା ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ । ଦ୍ରୁତ ସହରୀକରଣ, ଜଙ୍ଗଲ କ୍ଷୟ ଏବଂ ଓଡ଼ିଶା ମଧ୍ୟରେ ଭୂମି ଉପଯୋଗ ପଦ୍ଧତିରେ ପରିବର୍ତ୍ତନ, ସ୍ଥାନୀୟ ତାପମାତ୍ରା ବୃଦ୍ଧିରେ ସହାୟକ ହୋଇଥାଏ। ୧୯୯୯ ମହାବାତ୍ୟାରେ ବୃକ୍ଷଲତା ହ୍ରାସ ଏକ ଅଞ୍ଚଳର କ୍ଷୁଦ୍ର ଜଳବାୟୁ ପରିବର୍ତ୍ତନ କରିଛି, ଯାହା ତାପମାତ୍ରାରେ ଅସ୍ଥିରତା ବୃଦ୍ଧି ଘଟାଇବାରେ ସହାୟକ ହୋଇଛି। ଏହି ମହାବାତ୍ୟା କେବଳ ସିଧାସଳଖ ବିନାଶ ଘଟାଇନଥିଲା ବରଂ ସମ୍ଭାବ୍ୟ ଭାବେ ଏହି ଅଞ୍ଚଳର ଜଳବାୟୁରେ ମଧ୍ୟ ପରିବର୍ତ୍ତନ ଆଣିଥିଲା। ମହାବାତ୍ୟା ପରେ ଜଙ୍ଗଲ ଆଚ୍ଛାଦିତ ଅଞ୍ଚଳ ହ୍ରାସ ଏବଂ ଜମିର ବ୍ୟବହାରରେ ପରିବର୍ତ୍ତନ ତାପମାତ୍ରା ବୃଦ୍ଧିରେ ସହାୟକ ହୋଇଥିବା ଆକଳନ କରାଯାଇଛି। ପ୍ରମାଣ ଅଛି ଯେ ୧୯୯୯ ପରଠାରୁ ଗ୍ରୀଷ୍ମ ପ୍ରବାହ ସମେତ ଏହି ଘଟଣାଗୁଡ଼ିକର ବାରମ୍ବାରତା ବୃଦ୍ଧି ପାଇଛି । ତାପମାତ୍ରା ବୃଦ୍ଧି ଏବଂ ଉତ୍ତାପ ଜନିତ କ୍ଲାନ୍ତି ସମେତ ତାପମାତ୍ରା ବୃଦ୍ଧି ସ୍ୱାସ୍ଥ୍ୟ ପ୍ରତି ଗୁରୁତ୍ୱପୂର୍ଣ୍ଣ ବିପଦ ସୃଷ୍ଟି କରିଥାଏ । ଫସଲ ଉତ୍ପାଦନ ଏବଂ ଖାଦ୍ୟ ସୁରକ୍ଷା ଉପରେ ସମ୍ଭାବ୍ୟ ପ୍ରଭାବ ସହିତ କୃଷି ତାପମାତ୍ରା ପରିବର୍ତ୍ତନ ଦ୍ୱାରା ଅସୁରକ୍ଷିତ। ଅଧିକ ତାପମାତ୍ରା ସମୁଦ୍ର ପତ୍ତନ ବୃଦ୍ଧିରେ ସହାୟକ ହୋଇଥାଏ, ଯାହା ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳର ବିପଦପ୍ରବଣତା ବୃଦ୍ଧି କରିଥାଏ। ବୃଦ୍ଧି ପାଉଥିବା ତାପମାତ୍ରା ବାତ୍ୟା ଭଳି ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟର ତୀବ୍ରତାକୁ ପ୍ରଭାବିତ କରିପାରେ। ଏହି ସମସ୍ୟାର ସମାଧାନ ପାଇଁ ବୈଶ୍ୱିକ ଜଳବାୟୁ କାର୍ଯ୍ୟାନୁଷ୍ଠାନ ଓ ସ୍ଥାନୀୟ ପ୍ରଶମନ ଏବଂ ଅନୁକୂଳ ରଣନୀତିର ମିଶ୍ରଣ ଆବଶ୍ୟକ ଥିବା କୁହାଯାଉଛି। (ତଥ୍ୟ)

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ଓଡ଼ିଶା ଚାହୁଁଛି ପେଟ୍ରୋରସାୟନ ନିବେଶ

**ଭୁବନେଶ୍ୱର, ୧୧।୫:** ଖଣିଜ ଓ ଧାତବ ଶିଳ୍ପ କ୍ଷେତ୍ରରେ ଅଗ୍ରଣୀ ଥିବା ରାଜ୍ୟ ଓଡ଼ିଶା ଶିଳ୍ପାୟନରେ ବିବିଧତା ଆଣିବା ଉପରେ ଗୁରୁତ୍ୱ ଦେଉଛି। ଅକ୍ଷୟ ଶକ୍ତି, ପେଟ୍ରୋରସାୟନ, ସେମିକଣ୍ଡକ୍ଟର ଭଳି ନୂଆ ନୂଆ କ୍ଷେତ୍ରରେ ପୁଞ୍ଜିନିବେଶ ହାସଲ

## ୧୦ ବର୍ଷରେ ୧.୨ ଲକ୍ଷ କୋଟି ପୁଞ୍ଜିନିବେଶ ଲକ୍ଷ୍ୟ

କରିବାକୁ ରାଜ୍ୟ ସରକାର ଉଦ୍ୟମ କରୁଛନ୍ତି। ଆଗାମୀ ଦିନରେ ଓଡ଼ିଶାକୁ ପେଟ୍ରୋରସାୟନର ପେଣ୍ଠସ୍ଥଳରେ ପରିଣତ କରିବା ଲାଗି ସରକାର ଯୋଜନା ରଖିଛନ୍ତି। ସେଥିପାଇଁ ଆସନ୍ତା ୧୦ ବର୍ଷରେ ଏହି କ୍ଷେତ୍ର ପ୍ରତି ୧.୨ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଆଣିବାକୁ ଲକ୍ଷ୍ୟ ରଖାଯାଇଛି।

'ବ୍ଲୁମ୍‌ବର୍ଗ' ସହ ଏ ସମ୍ପର୍କରେ ଆଲୋଚନା କରି ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା କହିଛନ୍ତି ଯେ ପାରାଦୀପରେ ଇଣ୍ଡିଆନ୍ ଅଏଲ୍ ପକ୍ଷରୁ ଏକ ନାପ୍‌ଥା କ୍ରାକର ୟୁନିଟ୍ ନିର୍ମାଣ ଲାଗି ନିବେଶ ଘୋଷଣା କରାଯାଇଛି। ଆମେ ଯେଉଁ



ପେଟ୍ରୋରସାୟନ୍ ହବ୍ ପରିକଳ୍ପନା କରିଛୁ ତାହାର ଅଧା ନିବେଶ ଏହା ଜରିଆରେ ଆସିଛି। ସେହିଠାରେ ଆଗ୍ରୋକେମିକାଲ୍‌ସ ଓ ଫାର୍ମାସ୍ୟୁଟିକାଲ୍‌ସ ଭଳି ମାଧ୍ୟମିକ ଉତ୍ପାଦ ପାଇଁ ଆନୁଷଙ୍ଗିକ ବଜାର ବିକାଶ କରାଯିବ। ଏହି ହବ୍ ଭାରତକୁ ପେଟ୍ରୋରସାୟନ ଆମଦାନି କମ୍ କରିବାରେ ସହାୟକ ହେବ ଏବଂ ଓଡ଼ିଶାକୁ ଏକ ନୂଆ ଶିଳ୍ପ ସମୃଦ୍ଧ ରାଜ୍ୟ ଭାବେ ଉପସ୍ଥାପନ କରିବ ବୋଲି ସେ କହିଛନ୍ତି। ଶ୍ରୀ ଶର୍ମାଙ୍କ ମତରେ ବିଶ୍ୱସ୍ତରରେ ବାଣିଜ୍ୟକୁ ନେଇ ଦେଖାଦେଇଥିବା ଉତ୍ତେଜନା ନୂତନ ନିବେଶ ହାସଲ କରିବାର ସୁଯୋଗ ସୃଷ୍ଟି କରିଛି। ଆକର୍ଷଣୀୟ ପ୍ରୋତ୍ସାହନ ଜରିଆରେ ନିବେଶକମାନଙ୍କୁ ଆକୃଷ୍ଟ କରିବା ଉପରେ ଧ୍ୟାନ ଦିଆଯାଉଛି। ନିବେଶକମାନଙ୍କୁ ବନ୍ଦର ନିକଟରେ ଜମି ଯୋଗାଇଦେବା, କମ୍ ମୂଲ୍ୟରେ ବିଦ୍ୟୁତ୍, ପୁଞ୍ଜିନିବେଶ ସବ୍‌ସିଡି ଏବଂ ଆବଶ୍ୟକ ଜଳ ଯୋଗାଣ ସୁବିଧା ପ୍ରଦାନ କରି ଓଡ଼ିଶା ନିବେଶକମାନଙ୍କୁ ଆକୃଷ୍ଟ କରିବାକୁ ଉଦ୍ୟମ କରୁଛି। ପାରାଦୀପରେ ଇଣ୍ଡିଆନ ଅଏଲ୍ ୬୧ ହଜାର କୋଟି ଟଙ୍କା ନିବେଶରେ ଡୁଆଲ୍ ଫିଡ୍ କ୍ରାକର୍ ୟୁନିଟ୍ ବସାଇବାକୁ ଗତମାସରେ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଥିଲା। ପୂର୍ବରୁ ସେହି ଅଞ୍ଚଳରେ କମ୍ପାନିର ଏକ ଦୈନିକ ୩,୦୦,୦୦୦ ବ୍ୟାରେଲ୍ କ୍ଷମତା ବିଶିଷ୍ଟ ତୈଳ ବିଶୋଧନାଗାର ରହିଛି। ଆଗାମୀ ଦିନରେ ଏହି ଅଞ୍ଚଳରେ ବହୁ ସଂସ୍ଥା ସେମାନଙ୍କ ପ୍ରକଳ୍ପ ସ୍ଥାପନ କରିବାକୁ ଆଗ୍ରହୀ ଥିବା ଶ୍ରୀ ଶର୍ମା ସୂଚନା ଦେଇଛନ୍ତି। ଚୀନ୍ ଓ ଦକ୍ଷିଣ ପୂର୍ବ ଏସିଆରେ ନିବେଶକମାନଙ୍କୁ ଉପଲବ୍ଧ କରାଯାଉଥିବା ମାନର ଭିତ୍ତିଭୂମି ଉପଲବ୍ଧ କରାଇ ଓଡ଼ିଶା ସେମାନଙ୍କୁ ଆକୃଷ୍ଟ କରିବାକୁ ଚାହୁଁଛି ବୋଲି ଶ୍ରୀ ଶର୍ମା କହିଛନ୍ତି।

# ମିସ୍‌ଡ କଲରେ ଜାଣନ୍ତୁ ପିଏଫ ବାଲାନ୍ସ




**ନୂଆଦିଲ୍ଲୀ, ୧୧।୫:** ଭାରତରେ ଲକ୍ଷ ଲକ୍ଷ କାର୍ଯ୍ୟରତ ବୃତ୍ତିଗତଙ୍କ ପାଇଁ, କର୍ମଚାରୀ ଭବିଷ୍ୟନିଧି ପାଣ୍ଠି (ଇପିଏଫ) ହେଉଛି ସବୁଠାରୁ ସୁରକ୍ଷିତ ଏବଂ ସବୁଠାରୁ ନିର୍ଭରଯୋଗ୍ୟ ଅବସର ସଞ୍ଚୟ ବିକଳ୍ପ । ଏହି ଯୋଜନା ଅଧୀନରେ, କର୍ମଚାରୀ ତାଙ୍କ ମୂଳ ଦରମା ଏବଂ ଡ଼ିଏର ୧୨ ପ୍ରତିଶତ ଦିଅନ୍ତି ଏବଂ ସମାନ ପରିମାଣ ନିଯୁକ୍ତିଦାତା ମଧ୍ୟ ପ୍ରଦାନ କରନ୍ତି। ଏହି ରାଶି ଉପରେ ଇପିଏଫଓ ପ୍ରତିବର୍ଷ ଏକ ସ୍ଥିର ସୁଧ ଦେଇଥାଏ। ଏଥିରେ, ଅବସର ପର୍ଯ୍ୟନ୍ତ ଏକ ବିପୁଳ ପରିମାଣ ଜମା ହୁଏ। ତଥାପି, ଜରୁରୀକାଳୀନ ପରିସ୍ଥିତିରେ, କର୍ମଚାରୀମାନେ ବଳକା ଟଙ୍କାରୁ କିଛି ଅଂଶ ଉଠାଇ ପାରିବେ। ଏପରି ପରିସ୍ଥିତିରେ, ଆକାଉଣ୍ଟରେ କେତେ ଟଙ୍କା ଅଛି ତାହା ଜାଣିବା ବହୁତ ଗୁରୁତ୍ୱପୂର୍ଣ୍ଣ। ଆପଣଙ୍କୁ ଜଣାଇ ଦେଉଛୁ ଯେ ଇପିଏଫ ବାଲାନ୍ସ ଜାଣିବା ବହୁତ ସହଜ। ଏଥିପାଇଁ ଆପଣଙ୍କୁ କୌଣସି ୱେବସାଇଟରେ ଲଗ୍ ଇନ୍ କରିବାକୁ ପଡିବ ନାହିଁ କିମ୍ବା ଇପିଏଫଓ କାର୍ଯ୍ୟାଳୟକୁ ଯିବାକୁ ପଡିବ ନାହିଁ। ଆପଣ ଏକ ମିସ୍ଡ କଲ୍ ଦେଇ କିମ୍ବା ଏକ ଏସଏମଏସ ପଠାଇ ଆପଣଙ୍କର ଇପିଏଫ ବାଲାନ୍ସ ଯାଞ୍ଚ କରିପାରିବେ, ତାହା ମଧ୍ୟ ସମ୍ପୂର୍ଣ୍ଣ ମାଗଣା।

ଏହି ସୁବିଧା ପାଇବା ପାଇଁ ଆପଣଙ୍କର ୟୁଏଏନ ନମ୍ବର ସକ୍ରିୟ ଥିବା ଆବଶ୍ୟକ। ଏହା ସହିତ, ଏହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଯେ ଆପଣଙ୍କର ମୋବାଇଲ୍ ନମ୍ବର ଅତି କମରେ ଗୋଟିଏ କେୱାଇସି ଡକ୍ୟୁମେଣ୍ଟ (ବ୍ୟାଙ୍କ ଆକାଉଣ୍ଟ ନମ୍ବର, ଆଧାର କାର୍ଡ କିମ୍ବା ପାନ କାର୍ଡ) ପଞ୍ଜିକୃତ ଏବଂ ଆପଣଙ୍କର ୟୁଏଏନ ସହିତ ଲିଙ୍କ୍ ହୋଇଥିବା ଉଚିତ। ମିସ୍ଡ କଲ୍ ମାଧ୍ୟମରେ ଇପିଏଫ ବାଲାନ୍ସ ଯାଞ୍ଚ କରିବାକୁ, ଆପଣଙ୍କର ୟୁଏଏନ-ଲିଙ୍କ୍ ହୋଇଥିବା ମୋବାଇଲ୍ ନମ୍ବରରୁ ୯୯୬୬୦୪୪୪୨୫କୁ ଏକ ମିସ୍ଡ କଲ୍ ଦିଅନ୍ତୁ। ଦୁଇଟି ରିଙ୍ଗ ପରେ, ଆପଣଙ୍କର କଲ୍ ସ୍ୱୟଂଚାଳିତ ଭାବରେ କଟିଯିବ ଏବଂ ଏଥିପାଇଁ ଆପଣଙ୍କୁ କୌଣସି ଶୁଳ୍କ ଦେବାକୁ ପଡ଼ିବ ନାହିଁ। କିଛି ସମୟ ପରେ, ଆପଣଙ୍କୁ ଏସଏମଏସ ମାଧ୍ୟମରେ ବାଲାନ୍ସ ଏବଂ ଆପଣଙ୍କର ପୂର୍ବ ଇପିଏଫ ଅବଦାନର ସମ୍ପୂର୍ଣ୍ଣ ବିବରଣୀ ପଠାଯିବ। ଏହି ସେବା ସମ୍ପୂର୍ଣ୍ଣ ମାଗଣା ।

ଆପଣ ମାତ୍ର କିଛି ସେକେଣ୍ଡ ମଧ୍ୟରେ ଏସଏମଏସ ମାଧ୍ୟମରେ ଆପଣଙ୍କ ଆକାଉଣ୍ଟ ବିବରଣୀ ମଧ୍ୟ ଯାଞ୍ଚ କରିପାରିବେ। ଏଥିପାଇଁ, 'ଇପିଏଫOHO UAN' ଟାଇପ୍ କରନ୍ତୁ ଏବଂ ଆପଣଙ୍କର ପଞ୍ଜିକୃତ ମୋବାଇଲ୍ ନମ୍ବରରୁ ଏହାକୁ ୭୭୩୮୨୯୯୮୯୯କୁ ପଠାନ୍ତୁ। ଯଦି ଆପଣ ଚାହାଁନ୍ତି, ତେବେ ଆପଣ ଇଂରାଜୀ ବଦଳରେ ଆପଣଙ୍କ ପସନ୍ଦର ଭାଷାରେ ମଧ୍ୟ ମେସେଜ୍ ଗ୍ରହଣ କରିପାରିବେ। ଏଥିପାଇଁ, ସେହି ଭାଷାର ନାମର ପ୍ରଥମ ତିନୋଟି ଅକ୍ଷର ମେସେଜର ଶେଷରେ ଯୋଡିବାକୁ ପଡିବ, ଯେପରିକି ହିନ୍ଦୀ ପାଇଁ 'ଇପିଏଫOHO UAN HIN'। ସେହିପରି, ଆପଣ ହିନ୍ଦୀ, ପଞ୍ଜାବୀ, ଗୁଜରାଟୀ, ମରାଠୀ, କନ୍ନଡ, ତେଲୁଗୁ, ତାମିଲ, ମାଲାୟଲମ ଏବଂ ବଙ୍ଗାଳୀ ଭଳି ଯେକୌଣସି ଭାଷାରେ ପିଏଫ ସମ୍ବନ୍ଧୀୟ ସୂଚନା ପାଇପାରିବେ।

# ୨୪ ଘଣ୍ଟାରେ ୮ ହଜାର ୱାଇଣ୍ଡସର ଇଭି ପ୍ରୋ'ର ବୁକିଂ




**ନୂଆଦିଲ୍ଲୀ, ୧୧।୫:** ଜେଏସଡବ୍ଲ୍ୟୁ ଏମଜି ମୋଟର ଇଣ୍ଡିଆ ଶନିବାର ଘୋଷଣା କରିଛି ଯେ ଏହାର ସଦ୍ୟ ଲଞ୍ଚ ହୋଇଥିବା ୱାଇଣ୍ଡସର ଇଭି ପ୍ରୋ କାର ଲଞ୍ଚ ହେବାର ୨୪ ଘଣ୍ଟା ମଧ୍ୟରେ ୮୦୦୦ ବୁକିଂ ପାଇଛି। ଏହି କାରଟି ଏକ୍ସ-ଶୋରୁମ୍ ମୂଲ୍ୟ ୧୮,୦୯,୮୦୦ ଟଙ୍କାରେ ଉପଲବ୍ଧ ହେବ। ଖବର ଅନୁସାରେ, ଏହି ଇଲେକ୍ଟ୍ରିକ୍ କାରକୁ ସିଂଗିଲ ଏସେନ୍ସ ପ୍ରୋ ଭାରିଆଣ୍ଟରେ ଲଞ୍ଚ କରାଯାଇଛି ଯାହା ୫୨.୯ କିଲୋୱାଟର ଏକ ବଡ଼ ବ୍ୟାଟେରୀ ପ୍ୟାକ୍ ସହିତ ଆସିଥାଏ। କମ୍ପାନୀ ଦାବି କରୁଛି ଯେ ଏହା ଥରେ ପୂର୍ଣ୍ଣ ଚାର୍ଜରେ ୪୪୯ କିଲୋମିଟର ରେଞ୍ଜ ପ୍ରଦାନ କରେ। କାରର ମୋଟର ୧୩୬ ପିଏସ ପାୱାର ଏବଂ ୨୦୦ ଏନଏମ ଇନଷ୍ଟାଣ୍ଟ ଟର୍କ ଉତ୍ପାଦନ କରେ, ଯାହା ଏକ ଶକ୍ତିଶାଳୀ ଏବଂ ଦକ୍ଷ ଡ୍ରାଇଭିଂ ଅଭିଜ୍ଞତା ସୁନିଶ୍ଚିତ କରେ। କମ୍ପାନୀ କହିଛି ଯେ ୱାଇଣ୍ଡସର ଇଭି ପ୍ରୋ ର ଲଞ୍ଚ କେବଳ ଏକ ମାଇଲଖୁଣ୍ଟ ନୁହେଁ ବରଂ ଭାରତର ଅଧିକ ସ୍ଥାୟୀ ଏବଂ ପ୍ରଯୁକ୍ତି-ଚାଳିତ ଅଟୋମୋଟିଭ୍ ଭବିଷ୍ୟତକୁ ଗଠନ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି କାରଟି ଆଡଭାନ୍ସଡ୍ ଡ୍ରାଇଭର୍ ଆସିଷ୍ଟାନ୍ସ ସିଷ୍ଟମ୍ (ADAS) ସହିତ ସଜ୍ଜିତ, ଯେଉଁଥିରେ ୧୨ଟି ପ୍ରମୁଖ ବୈଶିଷ୍ଟ୍ୟ ରହିଛି, ଯାହା ସର୍ବଦା ଏହାର ଯାତ୍ରୀମାନଙ୍କ ସୁରକ୍ଷାକୁ ସୁନିଶ୍ଚିତ କରେ।

# ସପ୍ତାହକରେ ୧୭୦ ଟଙ୍କା ମହଙ୍ଗା ହେଲାଣି କ୍ରୁଡ୍ ଓଏଲ୍



| ସହର | ପେଟ୍ରୋଲ | ଡିଜେଲ୍ |
|---|---|---|
| ଦିଲ୍ଲୀ | ୯୪.୭୨ | ୮୭.୬୨ |
| ମୁମ୍ବାଇ | ୧୦୩.୪୪ | ୮୯.୯୭ |
| କୋଲକାତା | ୧୦୩.୯୪ | ୯୦.୭୬ |
| ଚେନ୍ନାଇ | ୧୦୦.୮୫ | ୯୨.୪୪ |
| ବେଙ୍ଗାଲୁରୁ | ୧୦୨.୮୬ | ୮୯.୦୨ |
| ଲକ୍ଷ୍ନୌ | ୯୪.୬୫ | ୮୭.୭୬ |
| ନୋଏଡା | ୯୪.୮୭ | ୮୮.୦୧ |
| ଚଣ୍ଡିଗଡ | ୯୪.୨୪ | ୮୨.୪୦ |
| ପାଟନା | ୧୦୫.୧୮ | ୯୨.୦୪ |
| ଭୁବନେଶ୍ୱର | ୧୦୦.୯୪ | ୯୨.୫୨ |

**ନୂଆଦିଲ୍ଲୀ ୧୧।୫:** ଖାଉଟିଙ୍କୁ ଲାଗିଲାଣି ଝଟ୍‌କା। ବଢିଲାଣି ପେଟ୍ରୋଲ ଦର। ଏକ ସପ୍ତାହ ମଧ୍ୟରେ ଅଶୋଧିତ ତୈଳ ଦରରେ ଜବରଦସ୍ତ ବୃଦ୍ଧି ଦେଖିବାକୁ ମିଳିଛି। ସପ୍ତାହକ ମଧ୍ୟରେ ୨ ଡଲାର ମାନେ ପାଖାପାଖି ୧୭୦ ଟଙ୍କା ବୃଦ୍ଧି ହୋଇସାରିଲାଣି। ବର୍ତ୍ତମାନ ସମୟରେ ଅଶୋଧିତ ତୈଳ ଦର ପ୍ରତି ବ୍ୟାରେଲ୍ ପିଛା ୬୧-୬୩ ଡଲାର ମଧ୍ୟରେ ରହୁଛି। ଏହାସହିତ ଆସନ୍ତୁ ଜାଣି ମେ ୧୧ ତାରିଖରେ ଦେଶର ତୈଳ କମ୍ପାନୀମାନଙ୍କ ପକ୍ଷରୁ ଜାରି ହୋଇଛି ନୂଆ ଦର।

### ଯୁଦ୍ଧ ଭୟରେ କାମ ଛାଡ଼ି ଘରକୁ ଫେରୁଛନ୍ତି ଲୋକେ

# ଶ୍ରମିକ ଅଭାବରେ ସଂଘର୍ଷ କରୁଛନ୍ତି ବ୍ୟବସାୟୀ



**ନୂଆଦିଲ୍ଲୀ, ୧୧।୫:** ଘଟଣା ଘଟିବା ପୂର୍ବରୁ ଆମ ଭିତରେ ଥିବା ଭୟ ଆମକୁ ଆହୁରି ଦୁର୍ବଳ କରିଦିଏ। ଅସ୍ଥାୟୀ ଜୀବନ ଭିତରେ ଦୁର୍ଘଟଣା ତ କେତେବେଳେ ବି ଘଟିଯାଇପାରେ। ତେଣୁ ଏଥିପାଇଁ ଭୟ ନ କରି ବିପଦକୁ ସାମ୍ନା କଲେ ହୁଏତ ବିପଦ ଟଳିପାରେ। ଆପଣ ଭାବୁଥିବେ ବିଜ୍‌ନେଶରେ ହଠାତ୍ ଏ ଜୀବନ ଦର୍ଶନ କାହିଁକି ? ବେସ୍...ଆଜିର ଖବର ଏହି ପ୍ରସଙ୍ଗକୁ ନେଇକି। ବର୍ତ୍ତମାନ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ପରିସ୍ଥିତି ଲାଗି ରହିଛି। ଯଦିଓ ଦୁଇ ଦେଶ ସିଜ୍‌ଫାୟାର ରୋକିବାକୁ ସହମତି ହୋଇଛନ୍ତି ତେବେ ଉଭୟ ପଟୁ ଆକ୍ରମଣ ପ୍ରତିଆକ୍ରମଣରେ ଲୋକଙ୍କ ମନରେ ଭୟ ସୃଷ୍ଟି ହୋଇଛି। ଆଉ ଏହି ଭୟ କାରଣରୁ ବର୍ଡର ଏରିଆଗୁଡିକରେ ଶ୍ରମିକମାନେ କାମ ଅଧାରୁ ଛାଡ଼ି ଘରକୁ ବାହାରିଛନ୍ତି। ଫଳରେ କିଛି ସ୍ଥାନରେ ଶ୍ରମିକଙ୍କ ଅଭାବ ଦେଖା ଦେଇଛି। କେବଳ ସେତିକି ନୁହେଁ, ଲୋକେ ଭୟରେ ଆବଶ୍ୟକତା ଠାରୁ ଅଯଥା ସାମଗ୍ରୀ କିଣି ସ୍ଥିତି ଆହୁରି ଖରାପ କରି ଦେଉଛନ୍ତି। ପଢ଼ନ୍ତୁ ରିପୋର୍ଟ....

ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଲାଗି ରହିଥିବା ବେଳେ ବର୍ତ୍ତମାନ ସ୍ଥିତି ଜଟିଳ ରହିଛି। ଯୁଦ୍ଧକୁ ନେଇ ଲୋକମାନେ ଭୟରେ ଦରକାରୀ ସାମଗ୍ରୀ ସବୁ ଆବଶ୍ୟକତା ଠାରୁ ଅଧିକ କିଣି ପକାଉଛନ୍ତି, ଯାହା ସ୍ଥିତିକୁ ଆହୁରି ଜଟିଳ କରିଦେଉଛି। ସବୁଠାରୁ ବଡ଼ କଥା ହେଲା ଯୁଦ୍ଧ ଭୟରେ ପ୍ରବାସୀ ଶ୍ରମିକମାନେ ସବୁ ଛାଡ଼ି ଅଧାରୁ ଛାଡ଼ି ନିଜ ନିଜର ଘରକୁ ଫେରିଯାଉଛନ୍ତି। ହଠାତ୍ ଶ୍ରମିକଙ୍କ ଏଭଳି ପଳାୟନ ସମ୍ଭାବ୍ୟ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଶ୍ରମିକ ଅଭାବ ସୃଷ୍ଟି କରିଛି। ଫଳରେ ଶିଳ୍ପ ସଂସ୍ଥା ଓ ବ୍ୟବସାୟୀମାନେ ତୀବ୍ର ଶ୍ରମିକ ଅଭାବ ସହିତ ସଂଘର୍ଷ କରୁଛନ୍ତି।

# ପାକିସ୍ତାନକୁ ଗିଳିଦେବ ଭାରତୀୟ ଅର୍ଥନୀତି

## ଭାରତୀୟ ପୁଞ୍ଜି ବଜାର ଆକାର ପାକିସ୍ତାନର ୨୪୫ ଗୁଣା ✪ ବିଶ୍ୱର ଟପ୍-୫ ଇକ୍ୱିଟି ବଜାର ମଧ୍ୟରେ ଭାରତ

**ନୂଆଦିଲ୍ଲୀ,୧୧।୫:** ପହଲ୍‌ଗାମ ଆତଙ୍କବାଦ ହମ୍‌ଲା ଏବଂ ଅପରେଶନ ସିନ୍ଦୁର ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଚାଲିଛି ଘମାଘୋଟ ଯୁଦ୍ଧ। ପାକ୍‌ର ସମସ୍ତ ଆକ୍ରମଣ ଉଦ୍ୟମକୁ ପଣ୍ଡ କରିଚାଲିଛି ଭାରତ। ଦେଶ ପାଖରେ ରହିଛି ଆଧୁନିକ କ୍ଷେପଣାସ୍ତ୍ର ଏବଂ ପ୍ରଯୁକ୍ତି। ସବୁ କ୍ଷେତ୍ରରେ କାଙ୍ଗାଳ ପାକିସ୍ତାନ ପଛୁଆ। ଅର୍ଥନୀତିର ଆକାର ହେଉ କିମ୍ବା ଅଭିବୃଦ୍ଧି ଭାରତ ସବୁ କ୍ଷେତ୍ରରେ ପାକ୍‌ଠାରୁ ବହୁ ଆଗରେ। ଭାରତ ଆଗରେ ପାକିସ୍ତାନ କିଛି ନୁହେଁ ସହ ସମାନ। ଶୁଣିଲେ ହାସ୍ୟାସ୍ପଦ ଲାଗିବ ଯେ, ଭାରତୀୟ ଷ୍ଟକ୍ ବଜାରର ଆକାର ପାକିସ୍ତାନ ଷ୍ଟକ୍ ବଜାର ତୁଳନାରେ ୨୪୫ ଗୁଣା ବଡ଼ । ଭାରତର ବୈଦେଶିକ ମୁଦ୍ରା ଭଣ୍ଡାରର ଆକାର ପାଖାପାଖି ୭୦୦୦୦ କୋଟି ଡଲାର ରହିଥିବାବେଳେ ପାକିସ୍ତାନର ବୈଦେଶିକ ମୁଦ୍ରା ଭଣ୍ଡାର ଆକାର ୧୫୦୦ କୋଟି ଡଲାରରୁ ବି କମ୍। ଅର୍ଥନୀତିର ସମସ୍ତ ମାପଦଣ୍ଡରେ ପାକିସ୍ତାନ ତଳୁଆ। ଭାରତ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୀତି ହୋଇଥିବାବେଳେ ପାକିସ୍ତାନ ରହିଛି ୪୩ ତମ ସ୍ଥାନରେ। ଦୁଇ ଦେଶ ମଧ୍ୟରେ ଯୁଦ୍ଧ ସ୍ଥିତିରେ ଉଭୟ ଦେଶର ପୁଞ୍ଜି ବଜାର ଖସିଛି। କିନ୍ତୁ ଭାରତ ତୁଳନାରେ ବଡ଼ ଆକାରରେ ପ୍ରଭାବିତ ହୋଇଛି ପାକିସ୍ତାନ ଷ୍ଟକ୍ ବଜାର। ଏଇ ଦୁଇ ଦିନରେ କରାଚି ଷ୍ଟକ୍ ଏକ୍ସଚେଞ୍ଜ ୧୦,୦୦୦ ପଏଣ୍ଟରୁ ଅଧିକ ଖସିଛି। ବଜାର ଖସିବାର କାରଣ ହେଉଛି ଏହା ବାହ୍ୟ ଝଟ୍‌କା ସହିବାକୁ ସମର୍ଥ ନୁହେଁ। ଏହାର ମାକ୍ରୋ ଅର୍ଥନୈତିକ ସ୍ଥିତି ଦୁର୍ବଳ। ଉଭୟ ଦେଶର ପୁଞ୍ଜି ବଜାରକୁ ଯଦି ତୁଳନା କରାଯାଏ ତେବେ ପାକିସ୍ତାନର ଚିହ୍ନବର୍ଣ୍ଣ ନାହିଁ। ବିଶ୍ୱର ଟପ୍-୫ ଇକ୍ୱିଟି ବଜାର ମଧ୍ୟରେ ରହିଛି ଭାରତ। ମୋଟ ବଜାର ପୁଞ୍ଜି ବା ମାର୍କେଟ କ୍ୟାପ୍ ୫ ଟ୍ରିଲିୟନ ଡଲାର ନିକଟତର। ବ୍ଲୁମ୍‌ବର୍ଗ ତଥ୍ୟ ଅନୁସାରେ, ପାକିସ୍ତାନର କରାଚି ଷ୍ଟକ୍ ଏକ୍ସଚେଞ୍ଜ୍ ମାର୍କେଟ୍ କ୍ୟାପ୍ ମାତ୍ର ୨୦ ବିଲିୟନ ଡଲାର। ଭାରତୀୟ ଷ୍ଟକ୍ ବଜାର ପାକିସ୍ତାନର ୨୪୫ ଗୁଣା ହୋଇଥିବାବେଳେ ଭୁ-ରାଜନୈତିକ ଝଟ୍‌କା ସହିବାକୁ ଏହା ବହୁ ମାତ୍ରାରେ ସମର୍ଥ। ଆକାର କଥା ଛାଡ଼, ଭାରତୀୟ ବଜାରର ଗଭୀରତା ପାକିସ୍ତାନଠାରୁ ଢେର ଗୁଣା ବଡ଼। ଏଠାରେ ୫୦୦୦ରୁ ଅଧିକ କମ୍ପାନି ତାଲିକାଭୁକ୍ତ। ମ୍ୟୁଚୁଆଲ ଫଣ୍ଡ, ଖୁଚୁରା ନିବେଶ ଏବଂ ସିଷ୍ଟମେଟିକ୍ ଇନ୍‌ଭେଷ୍ଟମେଣ୍ଟ ପ୍ଲାନ୍(ଏସ୍‌ଆଇପି) ଜରିଆରେ ଭାରତୀୟ ପୁଞ୍ଜି ବଜାର ପାକିସ୍ତାନଠାରୁ ବହୁ ଦୂର ଆଗୁଆ। କୌଣସି ପ୍ରକାର ଅସ୍ଥିରତାକୁ ସାମ୍ନା କରିବା ପାଇଁ ଏହା ସମର୍ଥ।





ଅନ୍ୟପକ୍ଷରେ, ପାକିସ୍ତାନ ବଜାରରେ ମାତ୍ର ୫୦୦ କମ୍ପାନି ତାଲିକାଭୁକ୍ତ। ରାଜନୈତିକ ଅସ୍ଥିରତାକୁ ସାମ୍ନା କରିବା ପାଇଁ ଏହା ଏକ ପରିପକ୍ୱ ବଜାର ନୁହେଁ।ଭାରତର ବୈଦେଶିକ ମୁଦ୍ରା ଭଣ୍ଡାର ୬୯୦ ବିଲିୟନ ଡଲାର, ପାକିସ୍ତାନର ୧୫ ବିଲିୟନ ଡଲାର ଭାରତର ମାକ୍ରୋ ଅର୍ଥନୈତିକ ସାମର୍ଥ ଏହାକୁ ବାହ୍ୟ ଝଟ୍‌କା ସହ୍ୟ କରିବାକୁ ସମର୍ଥ କରୁଛି। ଦେଶର ବୈଦେଶିକ ମୁଦ୍ରା ଭଣ୍ଡାରର ଆକାର ୬୯୦ ବିଲିୟନ ଡଲାର ଆଉ ପାକିସ୍ତାନର ମାତ୍ର ୧୫ ବିଲିୟନ ଡଲାର। ସେହିଭଳି ଆଇଏମ୍‌ଏଫ୍ ଆକଳନ ଅନୁସାରେ, ଭାରତର ଜିଡିପି ୨୦୧୫ରେ ୨.୧ ଟ୍ରିଲିୟନ ଡଲାର ଥିବାବେଳେ ୨୦୨୫ରେ ଦୁଇ ଗୁଣା ହୋଇ ୪.୨୭ ଟ୍ରିଲିୟନ ଡଲାରରେ ପହଞ୍ଚିଛି।

ଅନ୍ୟପକ୍ଷରେ, ପାକିସ୍ତାନ ଜିଡିପି ମାତ୍ର ୩୭୦ ବିଲିୟନ ଡଲାର। ବିଶ୍ୱର ସବୁଠାରୁ ଦ୍ରୁତ ଅଭିବୃଦ୍ଧିଶୀଳ ରାଷ୍ଟ୍ର ହେଉଛି ଭାରତ। ବିଶ୍ୱ ଅର୍ଥନୈତିକ ଅନିଶ୍ଚିତତା ଏବଂ ବାଣିଜ୍ୟିକ କଟକଣା ସତ୍ତ୍ୱେ ୨୦୨୫ରେ ଭାରତ ୬.୩% ଅଭିବୃଦ୍ଧି ହାସଲ କରିବା ଅନୁମାନ ରହିଛି। ୨୦୨୬ରେ ଦେଶ ୬.୫% ବଢ଼ିବ ବୋଲି ଅନୁମାନ। ପହଲ୍‌ଗାମ ଆତଙ୍କବାଦ ହମ୍‌ଲା ଏବଂ ଅପରେଶନ୍ ସିନ୍ଦୂର ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଚାଲିଥିବା ଯୁଦ୍ଧ ପରେ ଉଭୟ ଦେଶର ଇକ୍ୱିଟି ବଜାର ପ୍ରଭାବିତ ହୋଇଛି କିନ୍ତୁ ଏକାଭଳି ନୁହେଁ। ଭାରତର ସୂଚକାଙ୍କ ନିଫ୍‌ଟି୫୦ ମେ'୬-୭ରୁ ୧.୪% ଖସିଥିବାବେଳେ ପାକିସ୍ତାନର କରାଚି ଷ୍ଟକ୍ ଏକ୍ସଚେଞ୍ଜ(କେଏସ୍‌ଇ)୧୦୦ ସମାନ ଅବଧିରେ ୧୦% ଖସିଛି। ଏପ୍ରିଲ ୨୨ ପହଲ୍‌ଗାମ ହମ୍‌ଲା ପରଠାରୁ ପାକିସ୍ତାନ୍‌ର ସେୟାର ବଜାର ୧୩.୫% ଖସିଛି ଏବଂ ନିଫ୍‌ଟି ମାତ୍ର ୦.୫୭% ସଂକୁଚିତ ହୋଇଛି। ଭାରତୀୟ ଇକ୍ୱିଟି ବଜାର ଉପରେ ବଡ଼ ପ୍ରଭାବ ଦେଖିବାକୁ ମିଳିନାହିଁ। ଘରୋଇ ବଜାର ଉପରେ ନିବେଶକଙ୍କ ଆସ୍ଥା ମଜଭୁତ ରହିଛି। ନିବେଶକଙ୍କ ଦୃଷ୍ଟିରେ ମଜଭୁତ ଅର୍ଥନୈତିକ ଅଭିବୃଦ୍ଧି ସମ୍ଭାବନା ଏବଂ ପୁଞ୍ଜି ପ୍ରବାହ ସହ ଭାରତ ନିବେଶ ଲାଗି ନିରାପଦ ସ୍ଥଳ ରହିଛି। ଅନ୍ୟପକ୍ଷରେ, ଉଚ୍ଚ ମୁଦ୍ରାସ୍ଫୀତି, ଆଇଏମ୍‌ଏଫ୍ ଉପରେ ନିର୍ଭରତା ଏବଂ ରାଜନୈତିକ ଅସ୍ଥିରତା ସହ ପାକିସ୍ତାନ ଏକ ବିପଦପୂର୍ଣ୍ଣ ନିବେଶସ୍ଥଳ । ଭାରତର ମାକ୍ରୋ ଅର୍ଥନୈତିକ ସ୍ଥିତି ଅନୁକୂଳ ରହିଛି। ଚଳିତ ସପ୍ତାହରେ ମୁଡିସ୍ ରେଟିଙ୍ଗ୍ ଭାରତର ଅର୍ଥନୈତିକ ସାମର୍ଥ୍ୟକୁ ନେଇ ଦୃଢ଼ ଆଶା ପ୍ରକାଶ କରିଛି। ଘରୋଇ ବଜାରରେ ଚାହିଦା ମଜଭୁତ ରହିଛି ଏବଂ ଦେଶର ବିତ୍ତୀୟ ସ୍ଥିତି ଦୃଢ଼ ରହିଥିବା ଏହା ପ୍ରକାଶ କରିଛି। ଅନ୍ୟପକ୍ଷରେ, ପାକିସ୍ତାନର ଦୀର୍ଘସ୍ଥାୟୀ ଆର୍ଥିକ ସଂକଟ ଏହାର ବାହ୍ୟ ଋଣକୁ ପ୍ରଭାବିତ କରିବା ଆଶଙ୍କା ରହିଛି। ଭାରତର ଅର୍ଥବ୍ୟବସ୍ଥା ସ୍ୱଚ୍ଛଳ ରହିଥିବାରୁ ଭାରତ ଉପରେ ନିବେଶକଙ୍କ ଆସ୍ଥା ବଜାୟ ରହିଛି।

### ଆଜିର ସୁନା ଦର



ସ୍ଥିର ରହିଛି ସୁନା ଦର ସୁନା ଦର। କେଉଁଠି କେତେ ? ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୮, ୬୮୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୦ ହଜାର ୪୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୮, ୬୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୯୦ ହଜାର ୪୫୦ ଟଙ୍କାକୁ ପହଞ୍ଚିଛି। ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୮,୬୫୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୦ ,୪୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୮, ୮୩୦ ଟଙ୍କା ଓ ୨୨ କ୍ୟାରେଟ୍ ୯୦, ୬୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୮, ୬୮୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୦,୪୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୮, ୬୮୦ ଓ ୯୦,୪୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୧୧,୦୦୦ ଟଙ୍କା ହୋଇଛି।

### ଆଜିର ପେଟ୍ରୋଲ, ଡିଜେଲ ଦର



ପେଟ୍ରୋଲ ଦରରେ ନୂଆ ଦର ଜାରି ହୋଇଛି। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୦.୯୪ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୫୨ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୧ ଟଙ୍କା ୦୩ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୬୧ ପଇସା ରହିଛି।

## ରାଜନେତାଙ୍କ ଚାପରେ ଚେପା ପ୍ରଶାସନ

# ବାଲି ପରେ ଲକ୍ଷାଧିକ ଟଙ୍କାର ମାଟି ଲୁଟ

**କାକଟପୁର/ଅସ୍ତରଙ୍ଗ,୧୧।୫ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ତହସିଲ ଅଞ୍ଚଳରେ ଆଖି ବୁଝା ଲଘୁ ଖଣିଜ ସମ୍ପଦ ଲୁଟ ହେଉଛି। ମାଟି ହେଉ କି ବାଲି କିଛି ବି ଛାଡୁନାହାନ୍ତି ମାଫିଆ ଗଲା ଚାରି ମାସ ଭିତରେ ମାଫିଆମାନେ ଲକ୍ଷାଧିକ ଟଙ୍କାର ମାଟି ଓ ବାଲି ଲୁଟି ସାରିଲେଣି। ସରକାରୀ ଜମି, ଗୋଚର, ନୟନ ଜୋରିକୁ ଏମିତି କି ସ୍ମଶାନକୁ ଖୋଳିବାକୁ ମଧ ମାଟି ମାଫିଆ ପଛାଉ ନାହାନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଂଚଳରେ ବସବାସ କରୁଥିବା ତଥା ନିଜକୁ ଶାସକ ଦଳର କରିତି କର୍ମୀ କହି ଅବା ବିରୋଧୀ ଦଳର ପୁରୁଖା ରାଜନେତା କହି ଦିନରାତି ମାଟି ଚୋରା ଚାଲାଣ କରୁଛନ୍ତି, ଅଥଚ ସବୁ ଜାଣି ସ୍ଥାନୀୟ ପ୍ରଶାସନ, ପୁଲିସ ଓ ଖଣି ବିଭାଗ ଚୁପ ବସିବା ସାଧାରଣ ସନ୍ଦେହ ସୃଷ୍ଟି କରିଛି। ରାଜନେତା ଙ୍କ ଚେପାରେ ବିଭାଗୀୟ ପ୍ରଶାସନିକ ଅଧିକାରୀ ଓ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉନଥିବା ଅଭିଯୋଗ ହେଉଛି।



ଗତ ଜାନୁୟାରୀ ରୁ ମେ ମାସ ମଧରେ ଅସ୍ତରଙ୍ଗ ତହସିଲ ଅଧୀନ ନଗର, ଆଳସାହି,ବରାଙ୍ଗ,ଆଳଙ୍ଗପୁର ନଈଗୁଆଁ, ତାଳଦା, ନୂଆଗଡ, ଅସ୍ତରଙ୍ଗ, ମୁଦୁଗଲ, ପାଟଳଦା, କେନ୍ଦ୍ରାପଟି, ଶିଶୁଅ ସମେତ ବିଭିନ୍ନ ସ୍ଥାନରେ ବେଧଡକ ମାଟି ଚୋରା ଚାଲାଣ ହେଉଛି ତାହା ପୁଣି ବିନା କାଗଜ ପତ୍ର ଥିବା ଟ୍ରାକ୍ଟରରେ। ମାଫିଆମାନେ ରାତିରାତି ଜେସିବି ଓ କିଛି ମୁନାଫା ଖୋର ଟ୍ରାକ୍ଟର ଚାଳକଙ୍କୁ ଧରି

**ଅସ୍ତରଙ୍ଗରେ ମାତିଛନ୍ତି ମାଟି ମାଫିଆ**
**କାମ ଦେଉନି ଏନଜିଟି ନିର୍ଦ୍ଦେଶ**
**ପ୍ରଶାସନ ଚୁପ**

ରାତି ତମାମ ଶହ ଶହ ଟ୍ରିପ ମାଟି ଚାଲାଣ କରୁଛନ୍ତି। ବେସରକାରୀ ଆକଳନ ମୁତାବକ ଗଲା ଚାରି ମାସମଧରେ ପାଖାପାଖି ୫୦ଲକ୍ଷରୁ ଅଧିକ ଟଙ୍କାର ମାଟି ବିକ୍ରି ସରିଲାଣି। ସରକାରୀ ଜମି, ଗୋଚର, ପାଟନାଳୀ ଓ ନୟନଜୋରିକୁ ବି ଛାଡୁ ନାହାନ୍ତି।



କିଛି ଦିନତଳେ ଅସ୍ତରଙ୍ଗ ଥାନାରେ ଅନ୍ତର୍ଗତ ବରାଙ୍ଗ ଗ୍ରାମର ନାଗାରଥି ଦାସ ମାଟି ଚୋରା ଚାଲାଣ ହେଉଛି ବୋଲି ଲିଖିତ ଅଭିଯୋଗ କରିଥିଲେ। ଖରାଦିନ କାରଣରୁ ଏ ସବୁ ଶୁଖିଲା ପଡିଥିବାରୁ ମାଫିଆମାନେ ଏହାର ସୁଯୋଗରେ ମାଟି ନେଉଛନ୍ତି। ଏପରିକି ବେସରକାରୀ ଜମିରୁ ମାଟି ଉଠି ଯାଉଛି। ଯେଉଁ ଜମି ମାଲିକ ସ୍ଥାନୀୟ ଅଂଚଳରେ ରହୁ ନାହାନ୍ତି, ସେମାନଙ୍କ ଜମିକୁ ଟାର୍ଗେଟ କରାଯାଇ ରାତି ସମୟରେ ଗହୀର ମଝିରୁ ମାଟି ଉଠାଇ ନିଆଯାଉଛି। ସବୁଠୁ ବଡ଼ କଥା ହେଉଛି ପ୍ରଶାସନର ପ୍ରୋତ୍ସାହନରେ ଏ ସବୁ ଚାଲାଣ ହେଉଥିବା ଅଭିଯୋଗ ହେଉଥିବାରୁ ସ୍ଥାନୀୟ ଲୋକ ଏହାର ବିରୋଧ କିମ୍ବା ଅଭିଯୋଗ କରିବାକୁ ସାହସ କରି ପାରୁନାହାନ୍ତି।

ଅନ୍ୟ ପକ୍ଷରେ ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) କଡା ନିର୍ଦ୍ଦେଶ ରହିଛି ଯେ ଆବଶ୍ୟକୀୟ ବୈଧନିକ ଅନୁମତି ବିନା ଏ ସବୁ ଅଂଚଳରୁ ମାଟି ବାଲି ଖୋଳା ଯାଇପାରିବନି କିମ୍ବା ଚାଲାଣ ହେବନି। ଗୋଟିଏ ପଟେ ସରକାର ଲୁଟ ଯୋଗୁଁ ଶହ ଶହ କୋଟି ଟଙ୍କାର ରାଜ୍ବଶ ହରାଉଥିବା ବେଳେ ଅନ୍ୟ ପଟେ ମାଫିଆ ମାନେ ସବୁ ନୀତି ନିୟମକୁ ଜଳାଞ୍ଜଳି ଦେଇ ବାଲି, ମାଟି ଲୁଟି ମାଲେମାଲ ହେଉଛନ୍ତି। ହେଲେ ଲୋକଙ୍କ ସରକାର ଏଥିପ୍ରତି କାର୍ଯ୍ୟାନୁଷ୍ଠାନ ନ ନେବା ପରୋକ୍ଷରେ ମାଫିଆଙ୍କୁ ପ୍ରୋତ୍ସାହିତ କରୁନାହିଁ କି ?



## ଅନାହାରରେ ଛତର ପରିବାର

**ବରଗଡ଼,୧୧।୫ (ସଂଚାର ବ୍ୟୁରୋ):** ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଅନ୍ତର୍ଗତ ବୈରଖପାଳି ଗାଁ'ର ଲକ୍ଷ୍ମୀ ଛତରଙ୍କ ଛୋଟ ପରିବାର। ବିଶେଷକରି ପରିବାର କହିଲେ ମା' ଓ ପୁଅ । କେଜାଣି କଣ ହେଲା ଯେ ଦୀର୍ଘ ତିନି ବର୍ଷ ହେଲା ମା' ଖଟରୁ ଉଠି ପାରୁନି। ଏହାର ବ୍ୟକ୍ତିଗତ କାରଣ ଜାଣିଲେ ଆପଣ ବି ଆଶ୍ଚର୍ଯ୍ୟ ହେବେ। କୌଣସି ରୋଗରୁ ନୁହେ ବରଂ ଭୋକରୁ । ବର୍ତ୍ତମାନ ସରକାରଙ୍କ ବିଭିନ୍ନ ଯୋଜନା ଥିଲେ ମଧ ଛତର ପରିବାର ପାଖରେ ମୁଠାଏ ଖାଇବାକୁ କିଛି ନାହିଁ । ପୁଅଟା କରିବ କଣ। ସବୁବେଳେ ମା'ର ଯତ୍ନ ନେଉଛି ସେଥିପାଇଁ କାମକୁ ଯାଇପାରୁନି। ଘର ଖଣ୍ଡିଏ ଅଛି କିନ୍ତୁ ତାହା ମାଟି ଘର ହୋଇଥିବାରୁ ବର୍ଷା ହେଲେ ଭିତରେ ପାଣି ଝରୁଛି । ବୋଧହୁଏ ସରକାର ଦେଖିପାରୁନି କି ଦେଖିବାକୁ ଚାହୁଁନି। ସେ ଯେହେତୁ ଗରିବ ବୋଲି କଣ ତାଙ୍କୁ ଏମିତି ଜୀବନ କାଟିବାକୁ ପଡ଼ିବ। ସରକାରଙ୍କୁ ଗ୍ରାମବାସୀଙ୍କ ଅନୁରୋଧ ଏ ପରିବାର ପ୍ରତି ଦୃଷ୍ଟି ଦିଅନ୍ତୁ।



## 'ସ୍ମାର୍ଟ ଓଡ଼ିଶା' ସମ୍ପାଦକ ସମ୍ମାନିତ

**ଭୁବନେଶ୍ୱର,୧୧।୫ (ସଂଚାର ବ୍ୟୁରୋ):** ସ୍ଥାନୀୟ ଗୀତ ଗୋବିନ୍ଦ ସଦନଠାରେ ଲେଖିକା କିରଣ ବାଳା ସ୍ୱାଇଁଙ୍କ ରଚିତ 'ମା ପରି କିଏ ହେବ' ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ପ୍ରଥମ ଅଧିବେଶନରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲେ। ଏହାକୁ ଶିଶୁ ସାହିତ୍ୟିକ ବଙ୍କିମ ଚନ୍ଦ୍ର ନାୟକ ଉଦ୍‌ଘାଟନ କରିଥିବା ବେଳେ ହରିପ୍ରିୟା ପଟ୍ଟନାୟକ କବିତା ପାଠୋତ୍ସବରେ ଅତିଥି ଭାବେ ଯୋଗ ଦେଇଥିଲେ। ଦ୍ୱିତୀୟ ଅଧିବେଶନ ତଥା ପୁସ୍ତକ ଉନ୍ମୋଚନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଶରତ ରାଉତ, ଝାରସୁଗୁଡାର ପୂର୍ବତନ ଜିଲ୍ଲାପାଳ ତଥା ସୂଚନା ଓ ଲୋକ ସମ୍ପର୍କ ବିଭାଗର ପୂର୍ବତନ ନିର୍ଦ୍ଦେଶକ ସରୋଜ ସାମଲ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ବିଶିଷ୍ଟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀଙ୍କ ଶାରଗର୍ଭକ ଭାଷଣରେ କମ୍ପି ଉଠିଥିଲା ସଭାଗୃହ। ଏହି ଅବସରରେ କୁନି କୁନି ପିଲାମାନଙ୍କର ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନମୁଗ୍ଧ କରିଥିଲା। ଶେଷରେ ବିଶିଷ୍ଟ ସମାଜସେବୀ, ସଂଗଠକ ତଥା ସ୍ମାର୍ଟ ଓଡ଼ିଶାର ସମ୍ପାଦକ କିଶୋରନନ୍ଦ ଜେନାଙ୍କୁ ମୁଖ୍ୟଅତିଥି ଉତ୍ତରୀୟ, ଫୁଲତୋଡା ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ସୂଚନା ଅଧିକାର ଆଇନ ଅଭିଯାନର କର୍ମୀ ସମ୍ମିଳନୀ ଓ ତାଲିମ ଶିବିର



**ଡେଲାଙ୍ଗ,୧୧।୫ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କାକଟପୁର ଠାରେ ସୂଚନା ଅଧିକାର ଆଇନ ଅଭିଯାନର ଏକ କର୍ମୀ ସମ୍ମିଳନୀ ତଥା ତାଲିମି ଶିବିର ଆୟୋଜନ କରାଯାଇଥିଲା । ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ, ରାଜ୍ୟ ସଂଯୋଜକ ସୁଧୀର ମହାନ୍ତି, ପୁରୀ ଜିଲ୍ଲା ଆବାହକ ଦିବାକର ନାୟକ , ବରିଷ୍ଠ କର୍ମୀ ପୂର୍ଣଚନ୍ଦ୍ର ନାୟକ ଯୋଗଦେଇ ଆନୁଷ୍ଠାନିକ ଭାବେ ଶିବିରକୁ ଆରମ୍ଭ କରିଥିଲେ । ସାରା ଜିଲ୍ଲାରେ ସରକାରଙ୍କ ବିଭିନ୍ନ ଯୋଜନାରେ ସାଧାରଣ ନିରୀହ ଗରିବ ଲୋକମାନେ ଦୁର୍ନୀତିରେ ଶିକାର ହେବାର ଦେଖି ଯୁବକର୍ମୀ ବା କାକଟପୁର ସୂଚନା ଅଧିକାର କର୍ମୀ ଆବାହକ ରୂପେଶ ସାହୁ ତାଙ୍କର ଯୁବକର୍ମୀ ଚିନ୍ମୟ ପୋଲେଇ ସହିତ ଜିଲ୍ଲାର ନୂତନ ଯୁବକ ମାନଙ୍କୁ ନେଇ ଏହି କର୍ମୀ ସମ୍ମିଳନୀ ବା ତାଲିମି ଶିବିର ପରେ ପୁରୀ ଜିଲ୍ଲାର କର୍ମୀମାନଙ୍କୁ ନେଇ କାକଟପୁରରେ ଏକ ଓଡିଶା ସୂଚନା ଅଧିକାର ଆଇନ ଅଭିଯାନ କର୍ମୀ ସମାବେଶ ବା ତାଲିମି ଶିବିର ଆୟୋଜନ ହୋଇଥିଲା । ଏହି ଶିବିରରେ ତୁଷାର ବଳିୟାରସିଂହ, ଚିତ୍ତରଞ୍ଜନ ସେଠୀ, ବିଜୟ କୁମାର ବେହେରା, ବସନ୍ତ କୁମାର ମଲ୍ଲ ଚିନ୍ମୟ ପୋଲେଇ, କରୁଣାକର ସେନାପତି, ସମେନ୍ଦ୍ର ଦିକ୍ଷୀତି, ବିକାଶ ଚନ୍ଦ୍ର ରାୟ ସହିତ ଗଣ ମାଧମ ପ୍ରତିନିଧିମାନେ ଉପସ୍ଥିତ ଯୋଗଦେଇଥିଲେ। ନୂତନ ଭାବେ ଯୋଗଦେଇଥିବା ଯୁବ କର୍ମୀ ମାନଙ୍କୁ ଓଷାର ଆବାହକ ଶ୍ରୀ ପ୍ରଧାନ ସୂଚନା ଅଧିକାର ଆଇନ ବିଷୟରେ କିଭଳି ଭାବେ କାର୍ଯ୍ୟ କରିବେ ବୁଝାଇ କହିଥିଲେ ।

## ଜିଲ୍ଲାସ୍ତରୀୟ ଯୋଗ ଅଲମ୍ପିଆଡ୍ ଚୟନ ପ୍ରକ୍ରିୟା



**ଫୁଲବାଣୀ,୧୧।୫ (ସଂଚାର ବ୍ୟୁରୋ):** ଏଜେଓ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଯୋଗ ଅଲମ୍ପିଆଡ୍ ଚୟନ ପ୍ରକ୍ରିୟା ହୋଇଯାଇଛି। ଏହି ଚୟନ ପ୍ରକ୍ରିୟାରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ୩୦ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ସଞ୍ଜୟ ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ ବରିଷ୍ଠ ଯୋଗ ଶିକ୍ଷକ ପ୍ରଶାନ୍ତ ଦାସଙ୍କ ଦ୍ୱାରା ଚୟନ ପ୍ରକ୍ରିୟା ପରିଚାଳିତ ହୋଇଥିଲା। ରାକେଶ ବିଷୋୟ ଷୋୟୀ, କୃପାନିଧି ପ୍ରଧାନ, ଜଗନ୍ନାଥ ଯାନି, ରେଣୁ ବାଳା ବେହେରା, ଗୀତାଞ୍ଜଳି କହଁର, ସୋନାଲୀଙ୍କ ସମେତ ସମସ୍ତ କ୍ରୀଡ଼ା ଶିକ୍ଷକ ଓ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଚୟନ ହୋଇଥିବା ଛାତ୍ରଛାତ୍ରୀ ଆଗାମୀ ଦିନରେ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ ଯୋଗ ଅଲମ୍ପିଆଡ୍‌ରେ ଅଂଶଗ୍ରହଣ କରିବେ।

## ବୈଶାଖ ମେଳା ବିଶ୍ୱଶାନ୍ତି ମହାଯଜ୍ଞ ଚତୁର୍ଥ ଦିବସରେ ୨୯ ହଜାର ୨୦୦ ବୀଜମନ୍ତ୍ର ଜପ



**ପାଇକମାଳ,୧୧।୫ (ସଂଚାର ବ୍ୟୁରୋ):** ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ପୁଣ୍ୟ ପୀଠ ଗନ୍ଧମାର୍ଦ୍ଦନ ପର୍ବତର ପାଦଦେଶରେ ଥିବା ନୃସିଂହନାଥ ପିଠରେ ବୈଶାଖ ମେଳା ବିଶ୍ୱଶାନ୍ତି ମହାଯଜ୍ଞ ଚତୁର୍ଥ ଦିବସରେ ୨୯ ହଜାର ୨୦୦ ନୃସିଂହ ବୀଜମନ୍ତ୍ର ଜପ ହୋଇଯାଇଛି। ପଣ୍ଡିତ ଡ଼ିଗ୍ରୀଧର ଦେବତାଙ୍କ ସହ ଲିଙ୍ଗରାଜ ଦେବତା, ରାମଚନ୍ଦ୍ର ତ୍ରିପାଠୀ, ଫକିର ଶତପଥୀ, ବିକାଶ ଦେବତା, ମିତ୍ରଭାନୁ ଦେବତା, ଜୟନ୍ତ ଦାସ, ମୁନା ଦେବତା, ସିଦ୍ଧେଶ୍ୱର ସାବତ, ଦେବରାଜ ପଣ୍ଡା, ରଙ୍କମଣୀ ଦେବତା, ହିମାଂଶୁ ପଣ୍ଡା ମୋଟ ୧୨ଜଣ ଦକ୍ଷ ପଣ୍ଡିତ ପୂଜାପାଠ ସହ ବିଶ୍‌ବଶାନ୍ତି ମହାଯଜ୍ଞରେ ନୃସିଂହ ବୀଜ ମନ୍ତ୍ର ଜପ କରି ନିଜ ନିଜର ଦାୟିତ୍ୱ ନିର୍ବାହ କରୁଛନ୍ତି । ଯଜ୍ଞ ପରିଚାଳନାରେ ମେଳା କମିଟିର ସଦସ୍ୟ ଗିରିଶ ଚନ୍ଦ୍ର ନାୟକ, ମାତୃପ୍ରସାଦ ରଥ, ଡିଗ୍ରୀଧର ସାହୁ ଦାୟିତ୍ୱ ତୁଲାଇ ଥିବାବେଳେ ଅନିଲ ସାହୁ, ଚିନ୍ତାମଣି ରାଓ, ସୁନନ୍ତ ସାହୁ ପ୍ରମୁଖ ଯଜ୍ଞକାର୍ଯ୍ୟରେ ସହଯୋଗ କରିଥିଲେ । ବୈଶାଖ ମେଳାର ଚତୁର୍ଥ ଦିନରେ ମଧ ଯଜ୍ଞ ପୀଠରେ ରୀତି ନୀତି ସହ ପୂଜା ପାଠ ହୋମ, ଆଳତୀ କରାଯାଇ ବିଶ୍ୱର ଶାନ୍ତି ଓ ମଙ୍ଗଳ ପାଇଁ ବିଶ୍ୱଶାନ୍ତି ମହାଯଜ୍ଞ ପୀଠରେ ପାର୍ଶ୍ୱ ଦେବାଦେବୀଙ୍କୁ ଆବାହନ କରାଯାଇଛି। ଆସନ୍ତାକାଲି କନ୍ଧ ସମାଜ ପକ୍ଷରୁ କନ୍ଧ ଭୋଗ ଅର୍ପଣ ଓ ଧ୍ୱଜା ବନ୍ଧନ ହେବ । ବୈଶାଖ ମେଳାକୁ ସୁପରିଚାଳନା ପାଇଁ କମିଟିର ସଭ୍ୟମାନେ ନିଜ ନିଜର ଦାୟିତ୍ୱ ତୁଲାଇଛନ୍ତି । ଶହଶ୍ରାଧିକ ସଂଖ୍ୟାରେ ଶ୍ରଦ୍ଧାଳୁ ଭକ୍ତମାନେ ନିଜ ନିଜର ପରିବାର ସହ ଭଗବାନ ମାର୍ଯାର କେଶରୀଙ୍କ ଠାରେ ଦର୍ଶନ କରି ଆଶୀର୍ବାଦ ଭିକ୍ଷା ଲଭିଛନ୍ତି ।

# ବର୍ଷ ବର୍ଷ ଧରି କାହା ସ୍ୱାର୍ଥରେ ଚୌକି ମାଡ଼ିବସିଛନ୍ତି ସରକାରୀ ବାବୁ

**ବାଲିଆପାଳ,୧୧।୫ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକରେ ଥିବା ବିଭିନ୍ନ ବିଭାଗରେ କର୍ମଚାରୀ ମରୁଡି ଏବେ ଦେଖାଦେଇଛି। ଯାହା ଫଳରେ ଲୋକେ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ସରକାର କିନ୍ତୁ କୁମ୍ଭନିଦ୍ରାରେ। କେଉଁଠି ବିଡ଼ିଓ ନାହାଁନ୍ତି ତ କେଉଁଠି ଡାକ୍ତର। ଏମିତି ବହୁ ବିଭାଗରେ ଅନେକ ପଦବୀ ଫାଙ୍କା ଅଛି। କିନ୍ତୁ ଆଶ୍ଚର୍ଯ୍ୟର କଥା ହେଲା କିଛି ସରକାରୀ ବାବୁମାନେ ଏହା ମଧରେ ବର୍ଷ ବର୍ଷ ଧରି ଚୌକି ମାଡ଼ି ବସିଛନ୍ତି। ଅନ୍ୟତ୍ର ଯିବାର ନାଁ ଧରୁନାହାଁନ୍ତି। ବିଡ଼ିଓଙ୍କ ଦାୟିତ୍ୱ ତୁଲାଉ ଥିବା ତହସିଲଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀଙ୍କ ୬ ମାସ ରହିବା ପରେ ଏବେ ତାଙ୍କର ବଦଳି ଧାମନଗରକୁ ହୋଇଛି। ତାଙ୍କ ବଦଳରେ ରାଧା ରଞ୍ଜନ ଦାସଙ୍କୁ ବାଲିଆପାଳ ତହସିଲଦାର ଭାବେ ନିଯୁକ୍ତି ଦିଆଯାଇଛି। କିନ୍ତୁ କିଛି ପଞ୍ଚାୟତ ନିର୍ବାହୀ ଅଧିକାରୀ ଦୀର୍ଘ ବର୍ଷ ଧରି ଗୋଟିଏ ବ୍ଲକରେ ଅଛନ୍ତି। ଅଳାଡ଼ିହା





ପଞ୍ଚାୟତର ପିଇଓ ସସ୍ମିତା ସିଂ ୯ବର୍ଷ ୯ମାସ, ଅସ୍ତି ପଞ୍ଚାୟତର କରୁଣାକର ଜେନା ୧୦ବର୍ଷ, ବଡାଶ ପଞ୍ଚାୟତର ରାଇମଣି କିସ୍କୁ ୧୦ବର୍ଷ, ବଳରାମପୁରର ରାଧିକା ଦଣ୍ଡପାଟ ୧୦ ବର୍ଷ, ବେତଗଡ଼ିଆର ରଞ୍ଜନ ଆଚାର୍ଯ୍ୟ ୧୩ ବର୍ଷ ୯ ମାସ, ବିଷ୍ଣୁପୁରର ପ୍ରଭୁରାମ ଦେ ୧୦ ବର୍ଷ, ଶ୍ରୀରାମପୁରର ବବଲୁ ହାଁସଦା ୧୦ ବର୍ଷ ଏବଂ ଘଣ୍ଟୁଆ ଗ୍ରାମ ପଞ୍ଚାୟତର ପିଇଓ ଭାବେ ସୁଶାନ୍ତ ଦେହୁରୀ ୧୦ ବର୍ଷ ଧରି କାର୍ଯ୍ୟ କରିଆସୁଛନ୍ତି। ଏମିତି ଅନ୍ୟ ବିଭାଗରେ ମଧ୍ୟ ୩ ବର୍ଷରୁ ଅଧିକ କିଛି ବାବୁ ମଧ୍ୟ ଚାକିରୀ କରି ଆସୁଛନ୍ତି। ସରକାରୀ ନିୟମ ଅନୁଯାୟୀ କିଛି ବର୍ଷ ଗୋଟିଏ ସ୍ଥାନରେ ରହିବାପରେ ଯେ କୌଣସି ସ୍ଥାନକୁ ବଦଳି ହେବାକଥା, କିନ୍ତୁ କାହା ସ୍ୱାର୍ଥରେ ଏହି ବାବୁମାନେ ଏଠାରେ ଦୀର୍ଘ ବର୍ଷ ଧରି ରହିଛନ୍ତି ଏହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ତେବେ ଏମାନଙ୍କର ତୁରନ୍ତ ବଦଳି ହେବା ଆବଶ୍ୟକ

## 'ବନ୍ଦ ସ୍କୁଲ' ଖୋଲିବାକୁ ଗ୍ରାମବାସୀଙ୍କ ଦାବି

**ଫୁଲବାଣୀ,୧୧।୫ (ସଂଚାର ବ୍ୟୁରୋ):** ସଦର ବ୍ଲକ୍ ପାଲଟିରେ ବନ୍ଦ ହୋଇଯାଇଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ପୁଣି ଖୋଲିବାକୁ ଗ୍ରାମବାସୀ ଦାବି କରିଛନ୍ତି । ଏହି ପ୍ରାଥମିକ ବିଦ୍ୟାଳୟ ୧୯୯୦ ମସିହାରେ ସ୍ଥାପିତ ହୋଇ ୧୯୯୩ରେ ଉଚ୍ଚ ପ୍ରାଥମିକକୁ ଉନ୍ନୀତ ହାଇଥିଲା। ସ୍କୁଲର ଛାତ୍ରଛାତ୍ରୀ ଉନ୍ନତ ପ୍ରଦର୍ଶନ କରି ବିଭିନ୍ନ ସ୍କଲାରସିପ୍ ପାଇବାରେ ସଫଳ ହୋଇଛନ୍ତି। ଏଠାରେ ହଷ୍ଟେଲ ସୁବିଧା ସହ ୪୦ଜଣ ଛାତ୍ରଛାତ୍ରୀ ମଧ ରହୁଥିଲେ। ୨୦୧୮-୨୦୧୯ ଶିକ୍ଷାବର୍ଷରୁ ଏହି ବିଦ୍ୟାଳୟ ସହିତ ଛାତ୍ରାବାସ ବନ୍ଦ କରି ଦିଆଯାଇଛି। ୧୭ ଛାତ୍ରଛାତ୍ରୀଙ୍କୁ ନିକଟସ୍ଥ ବେଲପଦର ସେବାଶ୍ରମକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଅନ୍ୟମାନଙ୍କ ପାଇଁ କୌଣସି ବ୍ୟବସ୍ଥା କରାଯାଇ ନଥିଲା। ଗ୍ରାମର ପିଲାଙ୍କ ପଢାରେ ସମସ୍ୟା ସୃଷ୍ଟି ହୋଇଛି। ଗ୍ରାମବାସୀ ବିଦ୍ୟାଳୟ ଖୋଲିବା ପାଇଁ ବହୁବାର ଦାବି କରିଥିଲେ ମଧ ବିଭାଗୀୟ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉନାହାନ୍ତି। ଆଜି ଏନେଇ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଯାଇଛି।

## ନୂଆ ରାସ୍ତାରେ ରହିଗଲା ପୁରୁଣା ସମସ୍ୟା

# ବର୍ଷା ଦିନେ ରାସ୍ତା ଉପରେ ଜମିବ ପାଣି

**ବିଞ୍ଝାରପୁର,୧୧।୫ (ସଂଚାର ବ୍ୟୁରୋ):** ଦୀର୍ଘ ଦିନ ଧରି ହେଉଥିବା ଦାବିର ସ୍ଥାୟୀ ସମାଧାନ ପାଇଁ ପଦକ୍ଷେପ ନିଆଗଲା। ନୂଆ ରାସ୍ତା ମଧ ହେଲା କିନ୍ତୁ ପୁରୁଣା ସମସ୍ୟା ଯେଉଁଠି ଥିଲା ସେଇଠି ରହିଗଲା। ପୁରୁଣା ସମସ୍ୟାକୁ ପଛରେ ପକାଇ ନୂଆ ରାସ୍ତା କରିବାରେ ବ୍ୟସ୍ତ ପୂର୍ତ୍ତ ବିଭାଗ।

ଯାଜପୁର ଜିଲ୍ଲା ବିଞ୍ଝାରପୁର ପୂର୍ତ୍ତ ବିଭାଗ ଉପଖଣ୍ଡ ଅଧୀନରେ ଥିବା ପୋଖରୀ ଛକ ଠାରୁ ନଛିପୁର ଜେନା ସାହି ପର୍ଯ୍ୟନ୍ତ ରାସ୍ତାଟି ଦୀର୍ଘ ଦିନ ଧରି ବିପର୍ଯ୍ୟୟ ଅବସ୍ଥାରେ ଥିଲା। ଖାଲ ଖମାଣରେ ପରିପୂର୍ଣ୍ଣ ଥିବା ଏହି ରାସ୍ତାରେ ଯିବା ଆସିବା କରିବା ବେଳେ ଲୋକେ ନାନାବିଧ ଅସୁବିଧାର ସମ୍ମୁଖିନ ହେଉଥିଲେ। ଖାଲି ସେତିକି ନୁହେଁ ରାସ୍ତାର ଗୋଟେ ପୋଖରୀ ଥିବା ବେଳେ ଅନ୍ୟପଟେ ସ୍ୱାଇଁ ସାହି ପଟୁ ଆସୁଥିବା ନାଳ ପାଣି ବର୍ଷା ଦିନେ ପୋଖରୀ ଭର୍ତ୍ତି ହୋଇଯିବା କାରଣରୁ ରାସ୍ତା ଉପରେ ଆଣ୍ଠୁଏ ଉଚ୍ଚର ପାଣି ଜମେ। ଆଉ ଏହି ପାଣି ଭିତରେ ପଶି ଲୋକେ ଯିବା ଆସିବା କରନ୍ତି। ଅଧିକ ପାଣି ହେଲେ ବୁଲିକି ଯାଆନ୍ତି। ସେହି ସ୍ଥାନରେ ସ୍ଥାୟୀ ସମାଧାନ ପୂର୍ବକ ଏକ କଲଭର୍ଟଟେ ତିଆରି କରିବାକୁ ବାରମ୍ବାର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରାଯିବା



ସହିତ ପୂର୍ତ୍ତ ବିଭାଗର ଦୃଷ୍ଟି ଆକର୍ଷଣ ମଧ କରାଯାଇଥିଲା। ବାରମ୍ବାର ଅଭିଯୋଗ ପରେ ପୂର୍ତ୍ତ ବିଭାଗ ଜେନା ସାହି ନିକଟରୁ ପୋଖରୀ ଛକ ପର୍ଯ୍ୟନ୍ତ ନୂଆ ରାସ୍ତା ଆରମ୍ଭ କରିଥିଲେ ହେଁ କଲଭର୍ଟ ତିଆରି ନକରି ଆଗକୁ ଆଗ ରାସ୍ତା କରିବାରେ ବ୍ୟସ୍ତ।

ଏଠାରେ ସ୍ଥାୟୀ ସମାଧାନ ପୂର୍ବକ କଲଭର୍ଟଟେ ନିର୍ମାଣ ସହିତ ଏକ ଡ୍ରେନ ନିର୍ମାଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଯଦି ବିଭାଗ ଏଥି ପ୍ରତି ଦୃଷ୍ଟି ନଦିଏ ଯଥା ପୂର୍ବଂ ତଥା ପରଂ ନୀତିରେ ପୁଣି ବର୍ଷା ଦିନରେ ଅଳିଆ ଆବର୍ଜନା ପୂର୍ଣ୍ଣ ଡ୍ରେନ ପାଣିରେ ଲୋକେ ଯିବା ଆସିବା କରିବା ଥୟ ନେଇ ଆଶଙ୍କା କଲେଣି। ଖାଲି ସେତିକି ନୁହଁ ରାସ୍ତାର ଲମ୍ବ ଓ ପ୍ରସ୍ତରେ ମଧ ଠିକ ଠିକଣା ରହୁନଥିବା ଅଭିଯୋଗ ହୋଇଛି। ବିଭାଗ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ରାସ୍ତା ନିର୍ମାଣ କରୁଛି ସତ କିନ୍ତୁ ସ୍ଥାୟୀ ସମାଧାନ ପାଇଁ କେତେ ତତ୍ପର ତାହା ଏହି ରାସ୍ତାକୁ ଲକ୍ଷ୍ୟ କଲେ ଜଣାପଡୁଛି।

## ପୂର୍ବତନ ବିଧାୟକ ନାରାୟଣ ସାହୁ ସ୍ମୃତି କମିଟି ଗଠିତ

**ବ୍ରହ୍ମପୁର,୧୧।୫ (ସଂଚାର ବ୍ୟୁରୋ):** ସ୍ଥାନୀୟ ନବୀନ ଭବନ ପରିସରରେ ଖଲିକୋଟର ପ୍ରାକ୍ତନ ବିଧାୟକ ତଥା ସମାଜବାଦୀ ନେତା ଓ ଗୋଆ ମୁକ୍ତି ଆନ୍ଦୋଳନର ମହାନ ସଂଗ୍ରାମୀ ପୂଣ୍ୟଶ୍ଳୋକ ନାରାୟଣ ସାହୁଙ୍କ ସ୍ମୃତି ରକ୍ଷା ଉଦ୍ଦେଶ୍ୟରେ 'ନାରାୟଣ ସାହୁ ସ୍ମୃତି କମିଟି' ଗଠନ କରାଯାଇଛି। ବିଶିଷ୍ଟ ପରିବେଶବିତ୍ ତଥା ଜନ ଆନ୍ଦୋଳନର ନେତା ପ୍ରଫୁଲ ସାମନ୍ତରାଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ବରିଷ୍ଠ ସାମ୍ବାଦିକ ତଥା ନବୀନର ସମ୍ପାଦକ ରବି ରଥ କାର୍ଯ୍ୟକାରୀ ସଭାପତି ଭାବେ ମନୋନୀତ ହୋଇଥିବା ବେଳେ ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀର ସମ୍ପାଦକ ଦଣ୍ଡପାଣି ମହାପାତ୍ର ସମ୍ପାଦକ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି କମିଟିରେ ବରିଷ୍ଠ ଆଡ଼ଭୋକେଟ ଉଦୟ ନାଥ ପ୍ରଧାନ (କୋଦଳା), ଅବସରପ୍ରାପ୍ତ ପ୍ରଫେସର ଉଷାରାଣୀ ଆଚାର୍ଯ୍ୟ, ସୁବାସ ଚନ୍ଦ୍ର ସାହୁ, ବିଜୟ କୁମାର ସାହୁ, ଅଶୋକ କୁମାର ସାହୁ, ସୁରେନ୍ଦ୍ର ଶତପଥୀ, ଅଙ୍ଗାରଗାଁ ହାଇସ୍କୁଲର ପ୍ରଧାନ ଶିକ୍ଷକ ବିପ୍ର ଚରଣ ସାହୁ, ଶିକ୍ଷକ ପ୍ରସନ୍ନ କୁମାର ନାୟକ, ଡ଼ା. ସୁରେନ୍ଦ୍ର ନାଥ ବାରିକ, ଗଦାଧର ପଣ୍ଡା, ଲକ୍ଷ୍ମୀପ୍ରିୟା ମହାନ୍ତି, ଦେବ ପ୍ରସାଦ ରାୟଙ୍କୁ ସଦସ୍ୟ ଭାବେ ମନୋନୀତ କରାଯାଇଛି। ସ୍ମୃତି କମିଟି ପକ୍ଷରୁ ସ୍ୱର୍ଗତ ସାହୁଙ୍କ ଜୟନ୍ତୀ ଓ ଶ୍ରାଦ୍ଧବାର୍ଷିକୀ ପାଳନ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି।



## ହନୁମାନର ଜୟଯାତ୍ରା ଓ ଲଙ୍କାପୋଡି ନାଟକ ପରିବେଷଣ

**ଡେଲାଙ୍ଗ,୧୧।୫ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ସାଉରିଆ (ଘୋରଡ଼ିଆ) ଗ୍ରାମର ଆରାଧ ଠାକୁର ଶ୍ରୀ ଶ୍ରୀ ସୋମନାଥ ଦେବଙ୍କ ମିନ୍ଦିର ପ୍ରାଙ୍ଗଣରେ ଶ୍ରୀ ଶ୍ରୀ ମହାବୀର ରାମନାଟ୍ୟ ଶିଶୁ କଳା ପରିଷଦ ପକ୍ଷରୁ ସୀତା ନବମୀ ଠାରୁ ସପ୍ତାହ ବ୍ୟାପି ଯଜ୍ଞ ଓ ରାମନାଟକ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେହ ସନ୍ଧ୍ୟାରେ ପରିଷଦର ଶିଶୁ ଓ କିଶୋର କଳାକାରମାନଙ୍କୁ ନେଇ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଙ୍କ ଉପରେ ଆଧାରିତ ରାମ ନାଟକ ସୀତା ବିବାହ, ଶ୍ରୀରାମ ବନବାସ, ସୀତାଚୋରୀ, ମହାପ୍ରତାପୀ ବାଳିବଦ୍ଧ, ହନୁମାନର ଜୟଯାତ୍ରା ଓ ସ୍ୱର୍ଣ୍ଣମୟୀ ଲଙ୍କାପୋଡି ଆଦି ନାଟକ ଅତି ନିଖୁଣ କଳା ଅଭିନୟ ମାଧମରେ ଚିତାକର୍ଷକ ଓ ମନୋରଞ୍ଜନ ପ୍ରଦର୍ଶନ ପୂର୍ବକ ହଜାର ହଜାର ଦର୍ଶକଙ୍କୁ ଶାନ୍ତିଶୃଙ୍ଖଳାର ସହ ବାନ୍ଧି ରଖିବାରେ ପ୍ରାୟସ ଦେଖିବାକୁ ମିଳିଥିଲା। ରବିବାର ପୂର୍ଣ୍ଣାହୁତି ସହ ଏହି ମହାନ ଆଧାତ୍ମିକ କାର୍ଯ୍ୟକ୍ରମ ସମାପନ କରାଯାଇଥିଲା।



## ସୋନପୁର ଠାରେ ନିଶୁଳ୍କ ଯୋଗ ବିଜ୍ଞାନ ଓ ଧ୍ୟାନ ଶିବିର

**ସୁବର୍ଣ୍ଣପୁର,୧୧।୫ (ସଂଚାର ବ୍ୟୁରୋ):** ସୋନପୁର ଫରେଷ୍ଟ ପାର୍କ ଠାରେ ଏକ ନିଶୁଳ୍କ ଯୋଗ ବିଜ୍ଞାନ ଓ ଧ୍ୟାନ ଶିବିର ଅନୁଷ୍ଠିତ ହୋଇଛି। ଦିବ୍ୟ ଉର୍ଯ୍ୟା ଯୋଗ ସେବା ସମିତି ଓ ପତଞ୍ଜଳି ଯୋଗ ସମିତି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପତଞ୍ଜଳି ଯୁବ ଭାରତ ଓଡିଶା ରାଜ୍ୟ ପ୍ରଭାରୀ ଶ୍ରୀ ଅମୃତାନୁ ପଧାନ ଯୋଗ ଦେଇ ଯୋଗ ସାଧକ ମାନଙ୍କୁ ଯୋଗ ପ୍ରଶିକ୍ଷଣ ପ୍ରଦାନ କରି ଏକ ସୁସ୍ଥ ଶରୀର ସୁସ୍ଥ ସମାଜ ଗଠନ ପାଇଁ ବିଭିନ୍ନ ପରାମର୍ଶ କରି ଯୋଗରେ ସବୁ ଲୋକଙ୍କୁ ଯୋଡ଼ିବାକୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ପତଞ୍ଜଳୀ ଭାରତ ସ୍ୱାଭିମାନର ମନୋଜ ପଣ୍ଡା ସହଯୋଗ କରିଥିବା ବେଳେ ପତଞ୍ଜଳି ଯୋଗ ସମିତି ର ମହିଳା ପରାମର୍ଶ ଦାତା ପ୍ରଧାପିକା ପ୍ରତିମା ରଥ ଯୋଗଦେଇଥିଲେ। ଦିବ୍ୟ ଉର୍ଯ୍ୟା ଯୋଗ ସମିତି ଓ ମହିଳା ଯୋଗ ସମିତି ର ସମସ୍ତ ସଦସ୍ୟ ସଦସ୍ୟା ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମ ରେ ହରିଦ୍ୱାରରେ ହେଉଥିବା ଆଧୁନିକ ଚିକିତ୍ସା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ।

## ଶ୍ରୀସତ୍ୟସାଇ ସେବା ସମିତିର ଜଳସେବା



**ସୁବର୍ଣ୍ଣପୁର,୧୧।୫ (ସଂଚାର ବ୍ୟୁରୋ):** ଶ୍ରୀସତ୍ୟସାଇ ସେବା ସମିତି ଗିଧମାଳ ର ପାଦାମୁଜମ ଗ୍ରାମ ବାଙ୍କୀପାଲି ଠାରେ ପବିତ୍ର ହନୁମାନ ମନ୍ଦିର ପ୍ରତିଷ୍ଠା ଓ ନାମଯଜ୍ଞ ଉପଲକ୍ଷେ ଗିଧମାଲ ସମିତି ର ଭାଇ ଭଉଣୀ ଙ୍କ ଦ୍ୱାରା ଦହି ସର୍ବତ ବଣ୍ଟନ କରାଯାଇ ଥିଲା। ଜିଲ୍ଲା ଆଧାତ୍ମିକ ସଂଯୋଜକ ଶ୍ରୀବସ୍ତ ପାଣ୍ଡେ, ଗିଧମାଲ ସମିତି ର ଆବାହକ ଦେବେନ୍ଦ୍ର ସାହୁ, ଗଣେଶ ପଧାନ, ସପୁର ପାଣ୍ଡେ, ସୁମିତ୍ରା ପଧାନ, ସୌଦାମିନୀ ପଧାନ, ବୟନ୍ତୀ ପଧାନ, ଧିରେନ, ଧ୍ରୁବ, ବିଶ୍ୱ, ବାଙ୍କୀ ପାଲି ର ପଦମୁଜମ ଇନଚାର୍ଜ ବିନୋଦ ପଧାନ ଓ ଅନ୍ୟାନ୍ୟ ଭାଇ ଭଉଣୀ ସହଯୋଗ କରିଥିଲେ।

# ଗଛ ଓ ପକ୍ଷୀ ପ୍ରେମରେ ନୃପେଶ

**ପରିବେଶ ଯୋଦ୍ଧା**

ବୃତ୍ତିରେ ସେ ଜଣେ ନିର୍ବାଚିତ ପ୍ରତିନିଧି, କିନ୍ତୁ ବୃକ୍ଷରୋପଣ ସାଙ୍ଗକୁ ବିଭିନ୍ନ ପ୍ରକାର ପକ୍ଷୀଙ୍କୁ ପାଳିବା ତାଙ୍କର ନିଶା। ଦେଶବିଦେଶର ବିରଳ ପକ୍ଷୀଙ୍କୁ ସୁରକ୍ଷିତ କରିବା ଦିଗରେ ତାଙ୍କର ବିଶେଷ ଆଗ୍ରହ। ସ୍ୱେଚ୍ଛାସେବୀ ସଂଗଠନ 'ଗ୍ରୀନ୍ ୱାର୍ଲଡ୍' ମାଧ୍ୟମରେ ବୃକ୍ଷରୋପଣ ଓ ପକ୍ଷୀ ସୁରକ୍ଷା କାର୍ଯ୍ୟକ୍ରମ ଜାରି ରଖିଛନ୍ତି ଭୁବନେଶ୍ୱରର ବାସିନ୍ଦା ନୃପେଶ ନାୟକ।

ଭୁବନେଶ୍ୱର ମହାନଗର ନିଗମ ୫୫ ନଂ ୱାର୍ଡର କର୍ପୋରେଟର୍ ନୃପେଶ ୨୦୦୫ ମସିହାରୁ ଗଛ ଲଗାଇବା କାମ ଆରମ୍ଭ କରିଥିଲେ। 'ଗ୍ରୀନ୍ ୱାର୍ଲଡ୍' ଜରିଆରେ ଏପର୍ଯ୍ୟନ୍ତ ପାଖାପାଖି ୬୫ ହଜାର ଗଛ ଲଗାଇ ସାରିଲେଣି ବୋଲି ସେ ଦାବି କରନ୍ତି। ଏହା ଭିତରୁ ପ୍ରାୟ ୮୦ ପ୍ରତିଶତ ହେଉଛି ବିଭିନ୍ନ ପ୍ରକାର ଔଷଧୀୟ ବୃକ୍ଷ। ଗଛ ବଞ୍ଚିବା ଓ ବଢ଼ିବା ଲାଗି ନିୟମିତ ବ୍ୟବଧାନରେ ସେ ଜଳଦାନ ଓ ଖତ ଦେବା କାମ ମଧ୍ୟ କରୁଛନ୍ତି। ନୃପେଶ ନିଜ ପ୍ରଚେଷ୍ଟାରେ ଓ ନିଜ ରୋଜଗାର ଅର୍ଥରୁ ଗଛ



କିଣନ୍ତି। ଏଥିସହ ଗଛକୁ ସୁରକ୍ଷା ଦେବାପାଇଁ ତା' ଚାରିପଟେ ତାରଜାଲି ଓ ବାଡ଼ ବାନ୍ଧିବାକୁ ବି ଭୁଲନ୍ତି ନାହିଁ। ତାଙ୍କ ସଂଗଠନର ବହୁ କର୍ମକର୍ତ୍ତା ଏହି ମହତ୍ କାର୍ଯ୍ୟରେ ଲାଗିଛନ୍ତି।

ଖାଲି ସେତିକି ନୁହେଁ, ବିଦେଶାଗତ ପକ୍ଷୀଙ୍କ ଲାଳନପାଳନ ମଧ୍ୟ କରୁଛନ୍ତି ନୃପେଶ। ୧୯୯୭-୯୮ ମସିହାରୁ ସେ ପକ୍ଷୀ ସଂରକ୍ଷଣ କରିଆସୁଛନ୍ତି। ନିଜ ଘରେ ଏକ ଫାର୍ମ ତିଆରି କରି ସେ ଓଟପକ୍ଷୀ, ଆମେରିକାନ୍ ହର୍ଣ୍ଣ ଆଦି ବହିରାଗତ ପକ୍ଷୀଙ୍କୁ ପାଳୁଛନ୍ତି। ୨୦୧୨ରେ ତାଙ୍କ ଗାଁ କୋଣାର୍କ ପାଖରେ ଜମି ନେଇ ସେ ଏକ ପକ୍ଷୀ ପାର୍କ ନିର୍ମାଣ କରିଥିଲେ। ହେଲେ ୨୦୧୯ ମସିହା ଫନି ବାତ୍ୟାରେ ସବୁକିଛି ନଷ୍ଟ ହୋଇଯିବା ପରେ ସେ ପୁଣିଥରେ ଏହି ପାର୍କର ପୁନଃନିର୍ମାଣ ଯୋଜନା କରୁଛନ୍ତି। ସେ ତାଙ୍କ ଘରେ ଥିବା ଫାର୍ମରେ ଭଳିକି ଭଳି ବିରଳ ପକ୍ଷୀ ପାଳିଛନ୍ତି। ପରିବେଶ ସହିତ ଖାପ ଖାଉନଥିବାରୁ କିଛି ପକ୍ଷୀ ମୃତ୍ୟୁମୁଖରେ ପଡୁଛନ୍ତି ଏବଂ କିଛି ଉଡ଼ିଯାଉଛନ୍ତି। ଏଣୁ ତାଙ୍କୁ ବହୁତ କ୍ଷତିର ସାମ୍ନା ମଧ୍ୟ କରିବାକୁ ପଡୁଛି। ଏବେଯାଏ ଚଢ଼େଇଙ୍କ ମୃତ୍ୟୁ ଯୋଗୁଁ ପାଖାପାଖି ୬୦ ଲକ୍ଷ ଟଙ୍କା କ୍ଷତି ହେଲାଣି ବୋଲି ନୃପେଶ କହନ୍ତି। ଆଗକୁ ସେ ଏକ ବଡ଼ ଫାର୍ମ ନିର୍ମାଣ କରି ବିରଳ ପଶୁ ଓ ପକ୍ଷୀଙ୍କ ସଂରକ୍ଷଣ କରିବାକୁ ଆଶା ରଖିଛନ୍ତି। ଏଥିପାଇଁ ନୃପେଶ ସରକାରଙ୍କୁ ସହାୟତା ଲାଗି ବିଭିନ୍ନ ପ୍ରସ୍ତାବ ଦେଇଛନ୍ତି।



# ଚିନ୍ତା ବଢ଼ାଉଛି ଫେସନ୍ ଉଦ୍ୟୋଗ

ଫେସନ୍ ଉଦ୍ୟୋଗରେ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତି ଠାରୁ ଆରମ୍ଭ କରି ତାହାର ବିକ୍ରିବଟା ଯାଏ ପ୍ରତି ସ୍ତରରେ ଜୀବାଶ୍ମ ତୈଳର ବହୁଳ ବ୍ୟବହାର ହେଉଛି। ଫଳରେ ତାହା ଅନ୍ୟତମ ସର୍ବାଧିକ ପ୍ରଦୂଷଣକାରୀ ଉଦ୍ୟୋଗର ଅପଯଶ ମୁଣ୍ଡାଇ ଚାଲିଛି। ଜଳବାୟୁ ସଂକଟ ବଢ଼ିଚାଲିବା ସତ୍ତ୍ୱେ ବିଭିନ୍ନ ଫେସନ୍ ସାମଗ୍ରୀ ଉତ୍ପାଦନକାରୀ କମ୍ପାନି ସେମାନଙ୍କ ଅଙ୍ଗାର ନିର୍ଗମନ ପରିମାଣକୁ ହ୍ରାସ କରିବାରେ ବିଫଳ ହୋଇଛନ୍ତି। ଫଳରେ ବୈଶ୍ୱିକ ତାପମାତ୍ରା ବୃଦ୍ଧିକୁ ପ୍ରାକ୍ ଶିଳ୍ପଯୁଗ ସ୍ତରଠାରୁ ଦେଢ଼ ଡିଗ୍ରି ସେଲ୍‌ସିଅସ୍ ମଧ୍ୟରେ ସୀମିତ ରଖିବା ସମ୍ଭବ ହୋଇନାହିଁ। ଏପରିକି ବିଶ୍ୱର ସର୍ବାଧିକ ଫେସନ୍ ସାମଗ୍ରୀ ଉତ୍ପାଦନ କରୁଥିବା କମ୍ପାନିମାନଙ୍କ ଭିତରୁ ଏକ-ଚତୁର୍ଥାଂଶ ମଧ୍ୟ ସେମାନଙ୍କ ପରିବେଶ ଅନୁକୂଳ ପଦକ୍ଷେପ ବାବଦରେ କିଛି ପ୍ରକାଶ କରୁନାହାନ୍ତି, ସତେ ଯେପରି ଜଳବାୟୁ ସଂକଟ ସେମାନଙ୍କ ପାଇଁ ଆଦୌ ପ୍ରାଥମିକତା ନୁହେଁ। ଏହା ହିଁ ପରିବେଶ ବିଶେଷଜ୍ଞମାନଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଫେସନ୍ ଉଦ୍ୟୋଗଗୁଡ଼ିକ ୨୦୧୮ ମସିହା ବେଳେ ନିର୍ଗମନ କରୁଥିବା ଅଙ୍ଗାରକାମ୍ଳ ପରିମାଣକୁ ୨୦୩୦ ମସିହା ସୁଦ୍ଧା ୫୫ ପ୍ରତିଶତ ହ୍ରାସ କରିବା ପାଇଁ କଷ୍ଟ ଦିଆଯାଇଥିଲା। ମାତ୍ର ଏକ ସମୀକ୍ଷାରୁ ସେମାନଙ୍କ ଭିତରୁ ପ୍ରାୟ ୫୮ ପ୍ରତିଶତ ଉଦ୍ୟୋଗର ଜଳବାୟୁ ଲକ୍ଷ୍ୟ ହାସଲରେ ସ୍ପଷ୍ଟ ପ୍ରଗତି ପରିଲକ୍ଷିତ ହୋଇନାହିଁ କି ସେ ବାବଦରେ ସେମାନେ କୌଣସି ପଦକ୍ଷେପ ସମ୍ପର୍କରେ ପ୍ରକାଶ ବି କରିନାହାନ୍ତି। ଏପରିକି ୮୬ ପ୍ରତିଶତ କମ୍ପାନି ସେମାନଙ୍କର କୋଇଲା ବ୍ୟବହାରକୁ ସମୟାନୁକ୍ରମେ ହଟାଇବା ପାଇଁ କୌଣସି ସାର୍ବଜନୀନ ଘୋଷଣା କରିନାହାନ୍ତି। କେବଳ ସେମାନେ ବ୍ୟବହାର କରୁଥିବା ବିଦ୍ୟୁତ୍ ଶକ୍ତି ପାଇଁ ଅଣପାରମ୍ପରିକ ଉତ୍ସର ଉପଯୋଗ କରୁଛନ୍ତି। ଅପରପକ୍ଷେ, ଉତ୍ପାଦ ପ୍ରସ୍ତୁତି ପାଇଁ ଆବଶ୍ୟକ ଉତ୍ତପ୍ତୀକରଣ ଓ ଶୀତଳୀକରଣ ସମେତ ପରିବହନ ଆଦି କ୍ଷେତ୍ରରେ ସେମାନେ ଜୀବାଶ୍ମ ତୈଳ ବ୍ୟବହାର କରି ଚାଲିଛନ୍ତି। ତେବେ ଜଳବାୟୁ ସଂକଟକୁ ପ୍ରାଧାନ୍ୟ ଦେଇ ସେମାନେ ସଂପୂର୍ଣ୍ଣ ଭାବରେ ସୌରଶକ୍ତି ଓ ପବନଶକ୍ତି ପରି ନବୀକରଣଯୋଗ୍ୟ ଶକ୍ତି ଉତ୍ସକୁ ଆପଣେଇବାର ସମୟ ଆସିଛି। ଏହା ଦ୍ୱାରା ସେମାନେ ଅଙ୍ଗାର ନିର୍ଗମନକୁ ଉଲ୍ଲେଖନୀୟ ଭାବେ ହ୍ରାସ କରିବା ସହ ଏକ ସ୍ଥାୟୀ ଉଦ୍ୟୋଗର ମାନ୍ୟତା ବହନ କରିପାରିବେ। ମୋଟାମୋଟି ଭାବେ ଅଙ୍ଗାରକାମ୍ଳ ପରି ବାଷ୍ପ ନିର୍ଗମନକୁ ଉଲ୍ଲେଖନୀୟ ଭାବେ ହ୍ରାସ କରିବା ଲାଗି ସେମାନଙ୍କୁ ମୁଖ୍ୟତଃ କମ୍ ବସ୍ତ୍ର ସାମଗ୍ରୀ ପ୍ରସ୍ତୁତ କରିବା ସହ ଜୀବାଶ୍ମ ତୈଳରୁ ପ୍ରସ୍ତୁତ ସିନ୍ଥେଟିକ୍ ପଦାର୍ଥର ବ୍ୟବହାରକୁ ଧୀରେ ଧୀରେ ହ୍ରାସ କରିବାକୁ ପଡ଼ିବ। ଏଥି ସହିତ ଉତ୍ପାଦ ପରିବହନ ପାଇଁ କମ୍ ବିମାନ ସେବାର ଉପଯୋଗ ମଧ୍ୟ କରିବାକୁ ହେବ ବୋଲି ବିଶେଷଜ୍ଞମାନେ ପରାମର୍ଶ ଦିଅନ୍ତି।

> **ଅଙ୍ଗାରକାମ୍ଳ ପରି ବାଷ୍ପ ନିର୍ଗମନକୁ ଉଲ୍ଲେଖନୀୟ ଭାବେ ହ୍ରାସ କରିବା ଲାଗି ଫେସନ୍ ଶିଳ୍ପକୁ ମୁଖ୍ୟତଃ କମ୍ ବସ୍ତ୍ର ସାମଗ୍ରୀ ପ୍ରସ୍ତୁତ କରିବା ସହ ଜୀବାଶ୍ମ ତୈଳରୁ ପ୍ରସ୍ତୁତ ସିନ୍ଥେଟିକ୍ ପଦାର୍ଥର ବ୍ୟବହାରକୁ ଧୀରେ ଧୀରେ ହ୍ରାସ କରିବାକୁ ପଡ଼ିବ। ଏଥି ସହିତ ଉତ୍ପାଦ ପରିବହନ ପାଇଁ କମ୍ ବିମାନ ସେବାର ଉପଯୋଗ ମଧ୍ୟ କରିବାକୁ ହେବ ବୋଲି ବିଶେଷଜ୍ଞମାନେ ପରାମର୍ଶ କରିଛନ୍ତି।**

# ବିପଦରେ ବିଶ୍ୱର ବୃହତ୍ତମ ପ୍ରବାଳ ପ୍ରାଚୀର

ବୈଶ୍ୱିକ ତାପମାତ୍ରା ବୃଦ୍ଧି ସହ ସମୁଦ୍ର ଜଳର ତାପମାତ୍ରା ବଢ଼ିଚାଲିବା ଯୋଗୁଁ ଅଷ୍ଟ୍ରେଲିଆର 'ଗ୍ରେଟ୍ ବାରିଅର୍ ରିଫ୍' ବିଗତ ଚାରି ଶତାବ୍ଦୀ ଭିତରେ ଏବେ ଉଷ୍ମତମ ହୋଇପଡ଼ିଥିବା ଏକ ଅନୁଧ୍ୟାନରୁ ଜଣାଯାଇଛି। ଫଳରେ ଅଷ୍ଟ୍ରେଲିଆର କ୍ୱିନ୍‌ସଲାଣ୍ଡ ପ୍ରଦେଶର ଉତ୍ତର ଉପକୂଳରେ ବିସ୍ତାରିଥିବା ବିଶ୍ୱର ଏହି ୨,୪୦୦ କି.ମି. ବ୍ୟାପୀ ବୃହତ୍ତମ ପ୍ରବାଳ ପ୍ରାଚୀର ପ୍ରତି ବିପଦ ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ, ସମୁଦ୍ରଶଯ୍ୟାକୁ ଜାବୁଡ଼ି ଧରୁଥିବା ସାମୁଦ୍ରିକ ଜୀବ ପ୍ରବାଳକୁ 'ପଲିପ୍‌ସ' କୁହାଯାଏ। ସାଧାରଣତଃ ଦୁଇ ପ୍ରକାର (କଠିନ ଓ କୋମଳ) ପ୍ରବାଳ ଦେଖାଯାଆନ୍ତି। କଠିନ ପ୍ରବାଳମାନେ ହଜାର ହଜାର ବର୍ଷ ଧରି ଏକତ୍ରିତ ହୋଇ ପ୍ରବାଳ ପ୍ରାଚୀର ସୃଷ୍ଟି କରିଥା'ନ୍ତି। ପ୍ରବାଳ ପ୍ରାଚୀରର ଅସ୍ତିତ୍ୱ ପ୍ରାୟ ୪୫ କୋଟି ବର୍ଷ ତଳୁ ରହିଥିବା ଜଣାଯାଏ। ଏହାର ଖୋପଗୁଡ଼ିକରେ ହଜାର ହଜାର ସଂଖ୍ୟକ ସାମୁଦ୍ରିକ ଜୀବ ବସବାସ କରିଥା'ନ୍ତି। ଗ୍ରେଟ୍ ବାରିଅର୍ ରିଫ୍‌ରେ ୪୦୦ ପ୍ରକାରର ପ୍ରବାଳ, ୧,୫୦୦ ପ୍ରଜାତିର ମାଛ ଓ ୪,୦୦୦ ଗେଣ୍ଡା ଓ ଶମୁକା ପ୍ରଜାତି ଅଛନ୍ତି। ଏହା ବ୍ୟତୀତ ଲକ୍ଷ ଲକ୍ଷ



ସଂଖ୍ୟକ ଅନାବିଷ୍କୃତ ଜୀବ ମଧ୍ୟ ଏହା ମଧ୍ୟରେ ଓ ଆଖପାଖ ଇଲାକାରେ ରହୁଥିବା ଗବେଷଣାରୁ ଜଣାଯାଇଛି।

ତେବେ ୨୦୧୬ ପରଠାରୁ ଗ୍ରେଟ୍ ବାରିଅର୍ ରିଫ୍ ୫ଟି ଉଷ୍ମତମ ଗ୍ରୀଷ୍ମର ସାମନା କରିଛି। ଫଳରେ ଏହି ପ୍ରାଚୀରର କିଛି ଅଂଶ ଧଳା ପଡ଼ିଯାଇଛି। ଏଭଳି ସ୍ଥିତି ପ୍ରବାଳ ପ୍ରାଚୀରକୁ ଧ୍ୱଂସମୁଖକୁ ଟାଣିନେବାର ଆଶଙ୍କା ସୃଷ୍ଟି କରିଛି।

**ପିଲାଙ୍କ ବିଚାର**

# ଆମେ ପଶୁପକ୍ଷୀ କେବଳ ବହିରେ ଦେଖିବୁ କି?



ଆଜିକାଲି ଘରେ ଘରେ ଏୟାର କଣ୍ଡିସନରର ବ୍ୟବହାର ହେଉଛି। ଯାହାଫଳରେ ଆମେ ପ୍ରାକୃତିକ ପବନରୁ ବଞ୍ଚିତ ହେଉଛୁ। ଏଥିଯୋଗୁ ବିଭିନ୍ନ ପ୍ରକାର ଶାରୀରିକ ସମସ୍ୟା ବି ଦେଖାଯାଉଛି। କିନ୍ତୁ ପୂର୍ବରୁ ମୋ ଅଜା ଓ ଜେଜେବାପା ଖୋଲା ପବନ ପାଉଥିଲେ, କାରଣ ଆଗକାଳରେ ଗଛ ଅଧିକ ଥିଲା। କିନ୍ତୁ ଆଜିକାଲି ଘର, ରାସ୍ତାଘାଟ, ମଲ୍ ଆଦି ନିର୍ମାଣ ଲାଗି ବଡ଼ବଡ଼ ଗଛଗୁଡ଼ିକୁ କାଟି ଦିଆଯାଉଛି। ସେଥିପାଇଁ ମୋର ଇଚ୍ଛା ଚାରିଆଡ଼ ସବୁଜ କରିବା ପାଇଁ। ମତେ ଏ.ସି. ପବନ ପସନ୍ଦ ନୁହେଁ। ସେଥିପାଇଁ ମୁଁ ଯେତେବେଳେ ଗାଁକୁ ଯାଏ ଅଧିକ ସମୟ ବାଡ଼ିବଗିଚାରେ ସମୟ ବିତେଇବାକୁ ପସନ୍ଦ କରେ। ମୁଁ ଚାହେଁ ସମସ୍ତେ ଗଛ ଲଗାନ୍ତୁ ଆଉ ପୂର୍ବଭଳି ପରିବେଶ ସୃଷ୍ଟି କରନ୍ତୁ। ଆଉ ଗୋଟିଏ କଥା, ଆମେ ସ୍କୁଲ୍ ବହିରେ ବହୁତ ପଶୁପକ୍ଷୀଙ୍କ ବିଷୟରେ ପଢୁଛୁ। କିନ୍ତୁ ସେମାନଙ୍କୁ ଦେଖିବାକୁ ପାଉନୁ। କାରଣ ଗଛ କାଟିବା ଯୋଗୁଁ ପ୍ରାଣୀମାନଙ୍କ ସଂଖ୍ୟା ବି କମିଯାଉଛି। ସେଥିପାଇଁ ଆମେ ପରିବେଶକୁ ଏପରି ସୁରକ୍ଷା ଦେବା, ଯେମିତି ଆମର ପର ପିଢ଼ି ପଢୁଥିବା ବହିର ପ୍ରତିଟି ପଶୁପକ୍ଷୀଙ୍କୁ ଜୀବନ୍ତ ଦେଖିପାରିବେ। ସେଥିପାଇଁ ସମସ୍ତେ ସଚେତନ ହୋଇ ଗଛ ଲଗାଇବା ଓ ପ୍ରାକୃତିକ ଜଳବାୟୁକୁ ଉପଭୋଗ କରିବା ଉଚିତ।

**- ସତ୍ୟଜିତ୍ ମହାପାତ୍ର**
**ଚତୁର୍ଥ ଶ୍ରେଣୀ, ଡି.ଏ.ଭି. ପବ୍ଲିକ୍ ସ୍କୁଲ୍, ନୟାଗଡ଼**



# ଫୁଲରୁ ସୁଗନ୍ଧ ପାଉନି ମହୁମାଛି

ବାୟୁ ପ୍ରଦୂଷଣର କୁପ୍ରଭାବ ମହୁମାଛିମାନଙ୍କ ଉପରେ ପଡ଼ିଥିବା ଦେଖିବାକୁ ମିଳିଛି। ପ୍ରଦୂଷିତ ବାୟୁର ଏକ ବିଷାକ୍ତ ଆବରଣ ଫୁଲକୁ ଢାଙ୍କି ରଖିବା ଦ୍ୱାରା ମହୁମାଛିମାନେ ତାହାର ସୁଗନ୍ଧ ବାରିବାରେ ସକ୍ଷମ ହେଉନାହାନ୍ତି, ମଧୁ ସଂଗ୍ରହ କରିବାରେ ସମସ୍ୟା ଭୋଗୁଛନ୍ତି। ମହୁମାଛିଙ୍କର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ହେଲା, ବୃକ୍ଷର ବଂଶବୃଦ୍ଧି ପାଇଁ ଫୁଲ ପରାଗଣରେ ସହାୟକ ହେବା। ଫୁଲର ସୁଗନ୍ଧରେ ଆକର୍ଷିତ ହୋଇ ବିଭିନ୍ନ ଫୁଲ ଉପରେ ବସି ପରାଗରେଣୁ ସ୍ଥାନାନ୍ତର କରିଥାଏ ମହୁମାଛି। ଏହି ପ୍ରକ୍ରିୟା ହିଁ ଜୀବଜଗତ ପାଇଁ ଖାଦ୍ୟଉତ୍ସର ଭିତ୍ତି ପକାଇଥାଏ। ସଂପ୍ରତି ବାୟୁ ପ୍ରଦୂଷଣ ଯୋଗୁଁ ମହୁମାଛିମାନେ ଫୁଲ ଠାବ କରିବା କଷ୍ଟକର ହୋଇପଡ଼ିଛି ବୋଲି ୟୁନାଇଟେଡ୍ କିଂଡମ୍‌ର ଦଳେ ଗବେଷକ ସ୍ପଷ୍ଟ କରିଛନ୍ତି। ୨୦୧୮ ଓ ୨୦୧୯ରେ ଗ୍ରୀଷ୍ମକାଳରେ ଏହି ଗବେଷକମାନେ ଏକ ସୋରିଷ କ୍ଷେତରେ ମହୁମାଛିମାନଙ୍କ ଗତିବିଧିକୁ ଅନୁଧ୍ୟାନ କରି ଏପରି ନିଷ୍କର୍ଷ ପାଇଛନ୍ତି। ଗୋଟିଏ ସୋରିଷ କ୍ଷେତ ଓଜୋନ୍ ଓ ନାଇଟ୍ରୋଜେନ୍ ପରି ବିଷାକ୍ତ ବାଷ୍ପ ବଳୟରେ ରହିଥିବା ବେଳେ ଅନ୍ୟ କ୍ଷେତକୁ ସଂପୂର୍ଣ୍ଣ ନିର୍ମଳ ବାୟୁ ସଂସ୍ପର୍ଶରେ ଅଣାଯାଇଥିଲା। ଉଭୟ କ୍ଷେତର ସୋରିଷ ଫୁଲ ଉପରେ ମହୁମାଛି ଓ ଅନ୍ୟ ପତଙ୍ଗମାନଙ୍କ ଆତଯାତ ଉପରେ ନିଘା ରଖାଯାଇଥିଲା। ତେବେ ନିର୍ମଳ ବାୟୁ ସଂସ୍ପର୍ଶରେ ଆସୁଥିବା କ୍ଷେତ ପ୍ରତି ଆକର୍ଷିତ ହେଉଥିବା ପତଙ୍ଗ ତୁଳନାରେ ପ୍ରଦୂଷିତ ବାୟୁ ସଂସ୍ପର୍ଶରେ ରହିଥିବା କ୍ଷେତକୁ ୭୦ ପ୍ରତିଶତ କମ୍ ପତଙ୍ଗ ଆସୁଥିବା ଦେଖାଯାଇଥିଲା। ସୂଚନାଯୋଗ୍ୟ, ଏହି ପତଙ୍ଗମାନଙ୍କର 'ଓଡୋନାଣ୍ଟ ରିସେପ୍ଟର୍' ନାମକ ଶୁଣ୍ଢ ଗନ୍ଧ ବାରିପାରିଥାଏ। ଫୁଲରେଣୁର ସୁବାସ ତା' ଦେହରେ ବାଜିଲେ ସେମାନେ ଫୁଲ ଠାବ କରି ତା' ଉପରେ ବସି ମଧୁ ସଂଗ୍ରହ କରିଥା'ନ୍ତି ଏବଂ ପରାଗଣରେ ସହାୟକ ହୋଇଥା'ନ୍ତି। ମାତ୍ର ପ୍ରଦୂଷିତ ବାୟୁ ଯୋଗୁଁ ଫୁଲ ସୁଗନ୍ଧର ରାସାୟନିକ ପଦାର୍ଥ ସେମାନଙ୍କ ପାଖରେ ପହଞ୍ଚିବାରେ ପ୍ରତିବନ୍ଧକ ହେଉଛି।



# ପରିବେଶ ଅନୁକୂଳ ଜୀବନଧାରା କାହିଁକି ଜରୁରି?

ଜଳବାୟୁ ପରିବର୍ତ୍ତନ ହେତୁ ବୈଶ୍ୱିକ ତାପମାତ୍ରା ବୃଦ୍ଧିର ଭୟାବହତା ଆମେ ଉପଲବ୍ଧି କରୁଛେ। ଏଣୁ ପରିବେଶ ଅନୁକୂଳ ଜୀବନଯାପନ କରି ଆମର ତଥା ଆମ ଭବିଷ୍ୟତ ବଂଶଧରଙ୍କ ପାଇଁ ଏକ ସୁରକ୍ଷିତ ପୃଥିବୀ ଗଠନ କରିବା ହିଁ ମୁଖ୍ୟକାର୍ଯ୍ୟ। ଏ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେଉଛି ପରିବେଶ ଅନୁକୂଳ ଶକ୍ତିର ବ୍ୟବହାର।

ସୌରଶକ୍ତି, ପବନଶକ୍ତି, ଭୂ-ଉତ୍ତାପ ଶକ୍ତି ଓ ଜଳବିଦ୍ୟୁତ୍ ଶକ୍ତି ହେଉଛି ଅକ୍ଷୟଶକ୍ତି ତଥା ପରିବେଶ ଅନୁକୂଳ। ଏହି ଶକ୍ତି-ଉତ୍ସଗୁଡ଼ିକର ଭରଣା ପ୍ରକୃତି ଦ୍ୱାରା ସ୍ୱାଭାବିକ ଭାବେ ହୋଇଥାଏ। ଏ ଭିତରେ ଭଲ ଖବରଟିଏ ହେଉଛି, ଏସବୁ ପରିବେଶ ଅନୁକୂଳ ଶକ୍ତିର ମୂଲ୍ୟ ହ୍ରାସ। ସୌର ଓ ପବନ ଶକ୍ତିର କ୍ରମାଗତ ଦର ହ୍ରାସ ହେତୁ ଏହାର ବ୍ୟବହାର ବଢ଼ିବା ସହ ଶକ୍ତି ଉତ୍ପାଦନ ଜନିତ ପ୍ରଦୂଷଣ ହ୍ରାସ ପାଇବ। ଏକ ସୁନ୍ଦର, ସବୁଜ ଓ ନିରାପଦ ପୃଥିବୀ ଗଠନ ସକାଶେ ଆମକୁ ପରିବେଶ ଅନୁକୂଳ ଶକ୍ତି ବ୍ୟବହାର କରିବାକୁ ପଡ଼ିବ ଏବଂ ଏ ଦିଗରେ ପାଖପଡ଼ୋଶୀଙ୍କୁ ଉତ୍ସାହିତ କରିବାକୁ ହେବ। ଏଥିସହ ଏନର୍ଜି ଷ୍ଟାର୍ ଲେବଲ୍ ଥିବା ବୈଦ୍ୟୁତିକ ଉପକରଣ ବ୍ୟବହାର ଦ୍ୱାରା ଆମକୁ ଆର୍ଥିକ ସୁରକ୍ଷା ମିଳିବା ସହ ପରିବେଶ ସୁରକ୍ଷିତ ହେବ। ଶକ୍ତି ଦକ୍ଷତା ସକାଶେ ଅର୍ଥ ବିନିଯୋଗ ମଧ୍ୟ ଏକ ଉତ୍ତମ ଚିନ୍ତା। ସୌର ଶକ୍ତିକୁ ଯଥାସମ୍ଭବ ଅଧିକରୁ ଅଧିକ ବ୍ୟବହାର କରିବାକୁ ହେବ। ଘରର ଛାତ ଉପରେ ସୌର ପ୍ୟାନେଲ ଲଗାଇବା ସହ ଗୋଷ୍ଠୀସ୍ତରରେ ଏଭଳି ପ୍ରକଳ୍ପଗୁଡ଼ିକର ପ୍ରୋତ୍ସାହନ ବି ଜରୁରି। ଏପରି ହେଲେ ଘରେ ଲାଗିଥିବା ସୌର ପ୍ୟାନେଲ୍‌ଗୁଡ଼ିକ ଗୋଟିଏ ଗୋଟିଏ ପରିବେଶ ଉପଯୋଗୀ ଶକ୍ତିକେନ୍ଦ୍ର ପାଲଟିବ।

> **ପରିବେଶ ଅନୁକୂଳ ଯାତ୍ରା ସଂପର୍କରେ ଆପଣ ଆପଣଙ୍କ ସାଙ୍ଗସାଥୀ ଓ ବନ୍ଧୁବାନ୍ଧବଙ୍କୁ ବାର୍ତ୍ତା ବାଣ୍ଟିବା ସହିତ ସେମାନଙ୍କୁ ନୂତନ ପୃଥିବୀ ଗଠନର ଅଭିନବ ଆନ୍ଦୋଳନ 'ପୁନଶ୍ଚ ପୃଥିବୀ'ରେ ସାମିଲ ହେବାକୁ ନିମନ୍ତ୍ରଣ କରନ୍ତୁ।**

ବିଦ୍ୟୁତ୍ ବ୍ୟବହାର ହ୍ରାସ କରିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଅନାବଶ୍ୟକ ବ୍ୟବହାର ଓ ଅପଚୟର ନିୟନ୍ତ୍ରଣ ଜରୁରି। ପ୍ରାକୃତିକ ଆଲୋକରେ ଯଥାସମ୍ଭବ ଚଳିବା ସକାଶେ ପ୍ରୟାସ କରନ୍ତୁ। ଯେତେସମ୍ଭବ ଓଦା ଲୁଗାସବୁକୁ ୱାସିଂ ମେସିନରେ ନଶୁଖାଇ ଖରା ଓ ପବନ ମାଧ୍ୟମରେ ଶୁଖାନ୍ତୁ। ଏହିପରି ଛୋଟଛୋଟ କାମ ପରିବେଶ ସୁରକ୍ଷାରେ ବଡ଼ ଭୂମିକା ଗ୍ରହଣ କରେ। ସଚେତନତା ପରିବେଶ ସୁରକ୍ଷାର ମୂଳମନ୍ତ୍ର। ଜଳବାୟୁ ପରିବର୍ତ୍ତନର ଭୟାବହତା ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାନ୍ତୁ। ପରିବେଶ ଅନୁକୂଳ ଯାତ୍ରା ସଂପର୍କରେ ଆପଣ ଆପଣଙ୍କ ସାଙ୍ଗସାଥୀ ଓ ବନ୍ଧୁବାନ୍ଧବଙ୍କୁ ବାର୍ତ୍ତା ବାଣ୍ଟିବା ସହିତ ସେମାନଙ୍କୁ ନୂତନ ପୃଥିବୀ ଗଠନର ଅଭିନବ ଆନ୍ଦୋଳନ 'ପୁନଶ୍ଚ ପୃଥିବୀ'ରେ ସାମିଲ ହେବାକୁ ନିମନ୍ତ୍ରଣ କରନ୍ତୁ।



# ବନାଗ୍ନିରେ ଶ୍ୱାସକ୍ରିୟା ବନ୍ଦ କରିଦିଅନ୍ତି ଗଛ

ଯୁମଣ୍ଡଳରେ ଯେବେ ବନାଗ୍ନି ଧୂଆଁ ମିଶିଯାଏ, ଲୋକଙ୍କୁ ଘର ଭିତରେ ଆବଦ୍ଧ ହୋଇ ରହିବାକୁ ଡାକ୍ତରମାନେ ପରାମର୍ଶ କରିଥା'ନ୍ତି। କାରଣ ଶ୍ୱାସକ୍ରିୟାରେ ବାୟୁମଣ୍ଡଳର କ୍ଷତିକାରକ କଣିକା ଓ ବାଷ୍ପ ଗ୍ରହଣ କରିବାରୁ ନିବୃତ୍ତ ରହିବା ଗୁରୁତ୍ୱପୂର୍ଣ୍ଣ। ତେବେ ଆମେ ଗତିଶୀଳ ବୋଲି ନିଜର ସ୍ୱାସ୍ଥ୍ୟ ଦୃଷ୍ଟିରୁ ଅନୁକୂଳ ସ୍ଥିତିକୁ ଆପଣେଇପାରୁଛେ। ମାତ୍ର ଏହି ଧୂଆଁରୁ ମୁକୁଳି ପାରୁନଥିବା ବୃକ୍ଷରାଜି କ'ଣ କରନ୍ତି? ଆଶ୍ଚର୍ଯ୍ୟର କଥା, ବୃକ୍ଷମାନେ ମଧ୍ୟ କିଛି ପରିମାଣରେ ନିଜର ଶ୍ୱାସକ୍ରିୟା ଅଟକାଇପାରନ୍ତି। ଉଦାହରଣ ସ୍ୱରୂପ, ପାଇନ୍ ଗଛର ପତ୍ରଗୁଡ଼ିକ ଧୂଆଁପୂର୍ଣ୍ଣ ପରିବେଶରେ ଏପରି ପ୍ରତିକ୍ରିୟା ଦେଖାଇଥା'ନ୍ତି ବୋଲି ଗବେଷକମାନେ ଜାଣିପାରିଛନ୍ତି। ଗଛର ପତ୍ରରେ ଷ୍ଟୋମାଟା ନାମକ ଅସଂଖ୍ୟ ଛିଦ୍ର ରହିଥାଏ ଯାହା ସାହାଯ୍ୟରେ ସେମାନେ ଶ୍ୱାସକ୍ରିୟା କରିଥା'ନ୍ତି, ଅର୍ଥାତ୍ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ବାଷ୍ପ ଗ୍ରହଣ କରି ଅମ୍ଳଜାନ ଛାଡ଼ିଥା'ନ୍ତି। ତେବେ କୋଇଲା ଦହନ ହେଉଥିବା ପ୍ରଦୂଷିତ ଇଲାକାରେ ଗଛର ପତ୍ରରେ କଳାରଙ୍ଗର କଣିକା ଜମାଟ ବାନ୍ଧି ରହିଥିବା କଥା ଊନବିଂଶ ଶତାବ୍ଦୀରୁ ଜଣାପଡ଼ିଆସିଛି। ମାତ୍ର ଆବଶ୍ୟକ ଜ୍ଞାନକୌଶଳ ଅଭାବରୁ ତାହା ବୃକ୍ଷ ଦ୍ୱାରା ସୃଷ୍ଟି ନା ବାୟୁମଣ୍ଡଳରୁ ଲାଗି ରହିଥାଏ, ତାହା ସ୍ପଷ୍ଟ ହୋଇପାରିନଥିଲା। ଏଥି ସହିତ ଗଛର ଖାଦ୍ୟ ପ୍ରସ୍ତୁତି ପ୍ରକ୍ରିୟା 'ଆଲୋକ ସଂଶ୍ଳେଷଣ' ଉପରେ ତାହାର କି ପ୍ରଭାବ ପଡୁଛି, ତାହା ମଧ୍ୟ ସ୍ପଷ୍ଟ ହୋଇପାରିନଥିଲା। ତେବେ ଆଧୁନିକ ଜ୍ଞାନକୌଶଳ ସାହାଯ୍ୟରେ କୃତ୍ରିମ ଧୂଆଁ ସୃଷ୍ଟି କରି ଜଣାପଡ଼ିଛି ଯେ ଧୂଆଁପୂର୍ଣ୍ଣ ପରିବେଶରେ ଗଛର ଉତ୍ପାଦକତା କମି ଯାଇଥାଏ ଏବଂ ଧୂଆଁ ଅପସରିଯିବା ପରେ ଗଛର ପୂର୍ବ ଉତ୍ପାଦକତା ଫେରି ଆସିଥାଏ। ଗବେଷକମାନଙ୍କ କହିବାନୁସାରେ, ବନାଗ୍ନି ଧୂଆଁ ବାୟୁମଣ୍ଡଳରେ ଦୂର ବାଟ ଅତିକ୍ରମ କରି ଆସିବା ବେଳେ ତାହାର ରାସାୟନିକ ପରିବର୍ତ୍ତନ ଘଟିଥାଏ। ବିଶେଷ କରି ତାହା ଭୂପୃଷ୍ଠ-ସ୍ତରୀୟ ଓଜୋନ୍ ବାଷ୍ପରେ ପରିଣତ ହୋଇ ଗଛର ଶ୍ୱାସକ୍ରିୟା କରୁଥିବା ତନ୍ତୁକୁ କ୍ଷତିଗ୍ରସ୍ତ କରି ଆଲୋକ ସଂଶ୍ଳେଷଣକୁ ଧିମେଇ ଦେଇଥାଏ। ବନାଗ୍ନି ଧୂଆଁ ବାଜିବା ମାତ୍ରେ ବୃକ୍ଷ ପତ୍ରର ଷ୍ଟୋମାଟାଗୁଡ଼ିକ ବନ୍ଦ କରି ବାୟୁମଣ୍ଡଳରୁ ଆଉ ବାୟୁ ଗ୍ରହଣ କରନ୍ତି ନାହିଁ। କିନ୍ତୁ ଏହି ପ୍ରକ୍ରିୟା କେତେ ସମୟ ଲାଗି ଚାଲେ ତାହା ଜଣାପଡ଼ିନାହିଁ।



## ମା' ମଙ୍ଗଳାଙ୍କ ବାର୍ଷିକ ଯଜ୍ଞ ଉତ୍ସବର ଉଦଯାପନୀ ଦିବସରେ ସାମ୍ବାଦିକ ସମ୍ମାନିତ

**ଯାଜପୁର ରୋଡ୍,୧୧।୫ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ଅନ୍ତର୍ଗତ ରସୁଲପୁର ବ୍ଲକ ଲକ୍ଷ୍ମୀନଗର ପଂଚାୟତର ଭିଣ୍ଡିପୁର ଗ୍ରାମରେ ଦୀର୍ଘ ସାତଦିନ ଧରି ଚାଲୁଥିବା ଯଜ୍ଞ ଉତ୍ସବରେ ଆଜି ଉଦଯାପନୀ ଦିବସ ପାଳିତ ହୋଇଯାଇଅଛି । ପ୍ରତ୍ୟେକ ଦିନ ସନ୍ଧ୍ୟାରେ କୁନି କୁନି ପିଲାମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ନୃତ୍ୟ ପରିବେଷଣ କରାଯିବା ସହ ଅନେକ ପ୍ରତିଭା ସମ୍ପନ୍ନ ବ୍ୟକ୍ତିଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ହରି ଗୋସେଇଁ ସ୍ୱେଚ୍ଛା ସେବୀ ସଂଗଠନ ଓ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଦୀର୍ଘ ସାତଦିନ ଧରି ଆୟୋଜିତ ଏଭଳି କାର୍ଯ୍ୟକ୍ରମରେ ଗ୍ରାମରେ ଏକ ପ୍ରକାର ଧାର୍ମିକ ପରିବେଶର ମାହୋଲ ସୃଷ୍ଟି ହେଉଥିବା ଦେଖିବାକୁ ମିଳିଥିଲା । ଅନୁଷ୍ଠାନ ତରଫରୁ ବ୍ୟାସନଗର ପୌରାଂଚଳ ସହରର ରୟାଲ ପ୍ରେସ କ୍ଲବର ସମସ୍ତ ସାମ୍ବାଦିକ ମାନଙ୍କୁ ମାନପତ୍ର ଓ ଉତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିବାରୁ କ୍ଲବର ସଭାପତି ଶ୍ରୀ ନିହାର ରାଉତ ସମସ୍ତ ଆୟୋଜକ ତଥା ସଭାପତି ଶ୍ରୀ ହୃଷୀକେଶ ମହଲା, ସମ୍ପାଦକ ସୁଧାଂଶୁ ଶେଖର ପାଢ଼ୀ, ନରୋତମ ଜେନା, ଆର୍ତ୍ତତ୍ରାଣ ଜେନା ପ୍ରମୁଖଙ୍କ ସମେତ ସଦସ୍ୟ ମାନଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ ।

## ଅଯୋଧ୍ୟା ଉଚ୍ଚ ବିଦ୍ୟାଳୟରେ ପ୍ରତିଭା ସମ୍ମାନ ସମାରୋହ



**ନୀଳଗିରି,୧୧।୫ (ସଂଚାର ବ୍ୟୁରୋ):** ନୀଳଗିରି ଉପଖଣ୍ଡ ଅଯୋଧ୍ୟା ସରକାରୀ ଉଚ୍ଚବିଦ୍ୟାଳୟରେ ପ୍ରତିଭା ସମ୍ମାନ ସମାରୋହ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଓଡିଶା ସରକାରଙ୍କର ଇଡ଼କୋ ମହାପ୍ରବନ୍ଧକ ସରୋଜ କୁମାର ସେଠୀ (ଭାପ୍ରସେ) ଙ୍କ ଆବାହକତ୍ୱରେ ୧୯୮୨ମସିହା ବେଚ ଛାତ୍ରଛାତ୍ରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହାବ୍ୟତୀତ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ ସଦସ୍ୟା ଉପସ୍ଥିତ ଥିବାବେଳେ ଚଳିତବର୍ଷ ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷାରେ ଉକ୍ତ ବିଦ୍ୟାଳୟରେ ସର୍ବୋଚ୍ଚ ନମ୍ବର ରଖିଥିବା ଦୁଇଜଣ ଛାତ୍ର, ଜୟପ୍ରକାଶ ବେହେରା ଓ ଶାନ୍ତନୁ ବେହେରା ଏବଂ ମାରିଚି ବାଳିକା ବିଦ୍ୟାଳୟର ସର୍ବୋଚ ନମ୍ବର ରଖିଥିବା ଦୁଇ ଛାତ୍ରୀ, ଭାଗ୍ୟଜ୍ୟୋତି ବାରିକ ଓ ବିଶ୍ୱବିଜୟିନୀ ଦାସ ମଧ ପ୍ରଧାନଶିକ୍ଷକ ତୀର୍ଥସାଧନ ବେହେରାଙ୍କ ସହିତ ଯୋଗଦେଇଥିଲେ। ଏହି ବର୍ଣ୍ଣାଢ୍ୟଉତ୍ସବରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ବୈକୁଣ୍ଠ ନାଥ ପଣ୍ଡା ଏବଂ ସମ୍ମାନିତ ଅତିଥି ଭାବେ ଉକ୍ତ ବିଦ୍ୟାଳୟର ପ୍ରାକ୍ତନ ଶିକ୍ଷକ ଗଗନ ବିହାରୀ ଦାସ, ପୁରାତନ ଛାତ୍ରସଂସଦ ସଭାପତି ବାମନ ଚନ୍ଦ୍ର ମହାନ୍ତି, ବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷ ସୁଶାନ୍ତ ପରିଡ଼ା, ଅଯୋଧା ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ବଂଶୀଧର ପଢ଼ିଆରୀ ଯୋଗ ଦେଇଥିଲେ। ଆବାହକ ଶ୍ରୀଯୁକ୍ତ ସେଠୀ କଠିନ ଅଧବସାୟ ଦ୍ୱାରା ଜୀବନର ସଫଳତା ମିଳିଥାଏ ବୋଲି ବକ୍ତବ୍ୟରେ କହିଥିଲେ। ପରେ ଅତିଥିମାନଙ୍କ ଦ୍ୱାରା କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁଷ୍ପଗୁଚ୍ଛ ଉତ୍ତରୀୟ ଏବଂ ପ୍ରତିଭା ପ୍ରଶଂସାପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ୧୯୮୨ ମସିହା ବେଚର ପୁରାତନଛାତ୍ର ଜୟନ୍ତ କୁମାର ଚୌଧୁରୀ ସଭାପରିଚାଳନା କରିଥିବା ବେଳେ ଶେଷରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟତ୍ରୀ ଜ୍ୟୋତ୍ସ୍ନାମୟୀ ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଅସହ୍ୟ ତାତିରେ ଜଳୁଛି ଧର୍ମଗଡ

# ତାପମାତ୍ରା ୪୦ ଡିଗ୍ରୀ ଟପିଲା, ଲୋକେ ହନ୍ତସନ୍ତ



**କଳାହାଣ୍ଡି,୧୧।୫ (ସଂଚାର ବ୍ୟୁରୋ):** ଗତ କିଛି ଦିନ ହେବ ଧର୍ମଗଡ ସହର ସମେତ ଆଖପାଖ ଅଞ୍ଚଳ ଅସହ୍ୟ ତାତିରେ ଜଳୁଛି । ସହରର ମୁଖ୍ୟ ରାସ୍ତା ଦିନ ଦଶଟା ପରେ ଖାଁ ଖାଁ ଲାଗୁଛି । ଅତି ଜରୁରୀ କାମ ନ ପଡ଼ିଲେ ଲୋକେ ଘରୁ ବାହାରୁ ନାହାନ୍ତି । ଲୋକେ ଜରୁରୀ କାମରେ ମୁଣ୍ଡରେ ଗାମୁଛା ଓ ଚଷମା ପିନ୍ଧି ବାହାରୁଛନ୍ତି । ବୁଧବାର ଠାରୁ ଧର୍ମଗଡରେ ପୁଣି ତାପମାତ୍ରା ବୃଦ୍ଧି କରାଯାଉଥିବା ରେକର୍ଡ ହୋଇଛି। ଆଜି ପ୍ରବଳ ଗରମ ସାଙ୍ଗକୁ ଗୁଳୁଗୁଳିରେ ଲୋକେ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି। ଆଜି ୪୨ ଡିଗ୍ରୀ ତାପମାତ୍ରା ପାର ହୋଇଥିବା ବେଳେ ଆସନ୍ତା ୧୪ ତାରିଖ ଭିତରେ କଳାହାଣ୍ଡି ଏବଂ ନୂଆପଡ଼ା ଜିଲା ସମେତ ହିଟ୍ ୱେଭ୍ ଜାରି ହୋଇପାରେ ବୋଲି ଓଡ଼ିଶା ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି।

କଳାହାଣ୍ଡି ଜିଲ୍ଲା ରାଜ୍ୟର ଦ୍ୱିତୀୟ ଉତ୍ତପ୍ତ ସହର ଭାବେ ପରିଗଣିତ କହିଲେ ଉକ୍ତି ହେବ ନାହିଁ । ଲୋକେ ଗରମରେ ଆଉଟୁପାଉଟୁ ହେଉଛନ୍ତି। ଏବେ କିଛି ଦିନର ଅନ୍ତରାଳରେ ପୁଣି ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି । କିଛି ଦିନ କାଳବୈଶାଖି ଏବଂ ବର୍ଷା ପବନ ଯୋଗୁଁ ତାପମାତ୍ର ହ୍ରାସ ପାଇଥିଲା। ଲୋକେ ସାମାନ୍ୟ ଆଶ୍ୱସ୍ତି ପାଇଥିଲେ। ମାତ୍ର ଏବେ ପୁଣି ଗରମ ଆରମ୍ଭ ହୋଇଛି। ଗତ କିଛି ଦିନ ପୂର୍ବରୁ ଧର୍ମଗଡ ଆଖ ପାଖ ଅଞ୍ଚଳର ନଦୀ ନାଳ ପୋଖରୀ, ନଳକୂପ ପାଣି ନିମ୍ନଗାମୀ ହେବା ଯୋଗୁଁ ଲୋକେ ପାଣି ବୁନ୍ଦାଏ ପାଇଁ ଡହଳ ବିକଳ ହେଉଛନ୍ତି। ଅନ୍ୟପଟେ ଝାଞ୍ଜି ପବନ ବହିବା ଯୋଗୁଁ ଲୋକେ ମଧ ହଇରାଣ ହେଉଛନ୍ତି। ଗରମ ପବନ ସାଙ୍ଗକୁ ଗୁଳୁଗୁଳି ହେବା ଫଳରେ ସହରର ବିଭିନ୍ନ ବିଦ୍ୟୁତ ଦୋକାନରେ ଏସି କୁଲର ଫେନ ବିକ୍ରି ହେଉଥିବା ବେଳେ ଲୋକଙ୍କ ଭିଡ଼ ଜମୁଛି।

ଧର୍ମଗଡ ସହର ମହକୁମା ଅପେକ୍ଷା କେନାଲ ନ ଥିବା ଅଞ୍ଚଳରେ ତାପମାତ୍ରା ଦୁଇରୁ ତିନି ଡିଗ୍ରୀ ଅଧିକ ରହୁଛି। ଏହି ଅଂଚଳ ମାନଙ୍କରେ ଇଟା ଭାଟି ଗୁଡିକରେ ଅଗ୍ନି ସଂଯୋଗ କରି ପୋଡା ଯାଉଛି। କଳାହାଣ୍ଡି ଜିଲାର ବିଭିନ୍ନ ଜଙ୍ଗଲରେ ନିଆଁ ଲାଗୁଥିବା ବେଳେ ଅନେକ ଔଷଧୀୟ ଓ ବହୁ ମୂଲବାନ ଗଛ ଜଳୁଥିବା ବେଳେ ଅନେକ ଜୀବଜନ୍ତୁ ମରୁଥିବା ବେଳେ ମାଙ୍କଡ ମାନେ ସହର ମୁହାଁ ହେଉଛନ୍ତି । ଠିକ୍ ସେହିପରି ସରକାରୀ ଶୀତଳ ଭଣ୍ଡାର ଅଭାବରୁ ସହରରେ ବର୍ତ୍ତମାନ ପନିପରିବା ଦର ଅହେତୁକ ବୃଦ୍ଧି ଯୋଗୁଁ ଖଟିଖିଆ ଶ୍ରମିକ ସମେତ ମଧ୍ୟବିତ୍ତ ପରିବାର ହନ୍ତସନ୍ତ ହେଉଥିବାର ପରିଲକ୍ଷିତ ହେଉଛି। ପ୍ରବଳ ଗରମ ଯୋଗୁଁ ଓଆରଏସ ଥଣ୍ଡା ପାଣି ମଜୁତ ରଖିନଥିବା ବେଳେ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

ଗତ କିଛି ଦିନ ହେବ ସହରରେ ଦୁଇଘଣ୍ଟା ବିଦ୍ୟୁତ କାଟ ଯୋଗୁଁ ସହରବାସୀ ଡହକ ବିକଳ ହେଉଥିବାବେଳେ ବିଦ୍ୟୁତ ଅଧିକାରୀ ଚୁପ୍ ବସିଛନ୍ତି। ସହରରେ ବୁଲୁଥିବା ଗାଈ ଗୋରୁ, କୁକୁର, ପଶୁ ପକ୍ଷୀ ପାଣି ବୁନ୍ଦାଏ ପାଇଁ ଡହଳ ବିକଳ ହେଉଛନ୍ତି। ସହରର ଅନେକ ସ୍ଥାନରେ ପିଏଚଡି ପାଣି ଆସୁଥିବାବେଳେ ଅନେକେ ନଳକୂପରୁ ନାଲି ରଙ୍ଗର ପାଣି ଆସୁଥିବା ବେଳେ ପାଣି ବୁନ୍ଦାଏ ପାଇଁ ଅସୁବିଧା ଭୋଗୁଛନ୍ତି। ସହରରେ ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲିଥିବା ବେଳେ ଜନସଂଖ୍ୟା ଦୃଷ୍ଟିରୁ ଏହା କମ୍ ବୋଲି ଚର୍ଚ୍ଚା ଜୋର ଧରିଛି । ଆଗକୁ ଯଦି ଏପରି ଗ୍ରୀଷ୍ମପ୍ରବାହ ଜାରି ରହେ ତାହା ହେଲେ ଭୟଙ୍କର ପରିସ୍ଥିତି ଦେଖାଦେବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି।

## ଅନ୍ଧବିଶ୍ୱାସ ଓ ଅଂଶୁଘାତ ଜନିତ ସଚେତନତା ଅଭିଯାନ

**ବେତନଟୀ,୧୧।୫ (ସଂଚାର ବ୍ୟୁରୋ):** ବେତନଟୀସ୍ଥିତ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ବେତନଟୀ ପଞ୍ଚାୟତ ଆମ୍ବଯୋଡ଼ା ( ନୁଆସାହି ) ଖେଳପଡ଼ିଆ ନିକଟରେ ଗ୍ରାମବାସୀମାନଙ୍କୁ ନେଇ ଅନ୍ଧବିଶ୍ୱାସ ଓ ଅଂଶୁଘାତ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ସଂଘର ସାଧାରଣ ସମ୍ପାଦକ ଜୟନ୍ତ କୁମାର ପଟ୍ଟନାୟକ ଓ ଜିଲ୍ଲା ବରିଷ୍ଠ ନାଗରିକ ସଂଘର ସଂପାଦକ ରବିନ୍ଦ୍ରନାଥ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଘର ସମସ୍ତ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ରହି ଅଂଶୁଘାତ ଓ ଗ୍ରାମରେ ବଢୁଥିବା ବିଭିନ୍ନ ପ୍ରକାର ଅନ୍ଧବିଶ୍ୱାସରୁ ନିବୃତ ରହିବା ପାଇଁ ଗ୍ରାମବାସୀଙ୍କୁ ଉପସଭାପତି ଗୌତମ ବେହେରା ଓ ସଂଯୁତା ଜୀ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଦିନକୁ ଦିନ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଥିବା ବେଳେ ଏହି ସଚେତନତା କାର୍ଯ୍ୟକ୍ରମ ଗ୍ରାମମାନଙ୍କରେ ହେବା ଦ୍ୱାରା ଗ୍ରାମରେ ଲୋକମାନେ ବହୁ କିଛି ଜାଣିନଥିବା ସୂଚନା ପାରିଲେ, ଏଣୁ ଏହା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି ମତ ପ୍ରକାଶ ପାଇଛି। ଆଗାମୀ ଦିନରେ ଏପରି ଅନେକ ସଚେତନତା କାର୍ଯ୍ୟକ୍ରମ ଅନେକ ଗ୍ରାମରେ ଚାଲୁରହିବା ନେଇ ସଂଘ ପକ୍ଷରୁ ସୂଚନା ମିଳିଛି।



## ମଣ୍ଡଳ ଶିକ୍ଷାଧିକାରୀଙ୍କୁ ସମ୍ବର୍ଦ୍ଧନା



**କେନ୍ଦ୍ରାପଡ଼ା,୧୧।୫ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାର ନୂତନ ବେସରକାରୀ ଶିକ୍ଷାନୁଷ୍ଠାନ ସଙ୍ଘ-୨୦୨୫ର ସଦସ୍ୟ ମାନଙ୍କ ଦ୍ୱାରା କେନ୍ଦ୍ରାପଡା ମଣ୍ଡଳ ଶିକ୍ଷାଧିକାରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ। ନୂତନ ଭାବେ କେନ୍ଦ୍ରାପଡ଼ା ବ୍ଲକର ମଣ୍ଡଳ ଶିକ୍ଷାଅଧିକାରୀ ନାରାୟଣ ମନ୍ତ୍ରୀଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ସହିତ ଅଭିନନ୍ଦନ ଜ୍ଞାପନ କରିଥିଲେ । ଏଥିରେ କେମ୍ବ୍ରିଜ ସ୍କୁଲ, ଏନ.ଏମ ପବ୍ଲିକ ସ୍କୁଲ, ଓ.ପି.ଏସ ପବ୍ଲିକ ସ୍କୁଲ, ଆନନ୍ଦ ମାର୍ଗ ସ୍କୁଲ, ଶିକ୍ଷା ଭାରତୀ ବିଦ୍ୟା ମନ୍ଦିର ଓ ମାସୁମ କିଡ୍ସ ପ୍ଲେ ସ୍କୁଲର ମୁଖ୍ୟ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

## ଖାଦାନ ପାଣିରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ନୀଳଗିରି,୧୧।୫ (ସଂଚାର ବ୍ୟୁରୋ):** ନୀଳଗିରି ଅଞ୍ଚଳ ଖଣିଜ ସଂପଦରେ ଭରପୁର ହୋଇଥିବାରୁ ରାଜ୍ୟସରକାର କୋଟି କୋଟି ରାଜସ୍ୱ ଆୟ କରିଥାନ୍ତି। ମାତ୍ର ଏତେ ଟଙ୍କା ତହବିଲକୁ ଯାଉଥିବା ବେଳେ ଖଣିଜ ଉତ୍ତୋଳନ କରିବା ପରେ ସଂପୃକ୍ତ ଲିଜଧାରୀ ଗଭୀର ଗାତଗୁଡିକ ପୋତିବା ଅଥବା ଗାତ ଚତୁପାର୍ଶ୍ୱରେ ବାଡ଼ଘେରି ବିପଦମୁକ୍ତ କରିବାର ନିୟମ ଥିବାବେଳେ ସମସ୍ତ ନୀତିନିୟମକୁ ଅବହେଳା କରିବା ଫଳରେ ଅଞ୍ଚଳରେ ବାରମ୍ବାର ଅଘଟଣ ଘଟି ଅନେକ ଅମୂଲ୍ୟ ଜୀବନ ଯାଉଛି। ଆଜି ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ମିତ୍ରପୁର କେ.ପି ମାହାଲ ଖାଦାନ ଅଞ୍ଚଳରେ। ସୂଚନା ଅନୁଯାୟୀ କେ.ପି ମାହାଲ ଗ୍ରାମର କାହ୍ନୁ ସିଂଙ୍କ ପୁଅ ସୁନୀଲ ସିଂ(୩୪) ମଧାହ୍ନରେ ଏକ ପରିତ୍ୟକ୍ତ ଖାଦାନରେ ମରି ଭାସୁଥିବାର ଦେଖି ସ୍ଥାନୀୟ ଅଂଚଳର କିଛିଲୋକ ତାଙ୍କୁ ପାଣିରୁ ଉଦ୍ଧାରକରି ଆଡିକୁ ଆଣିଥିଲେ। ପରିବାରର ସୂଚନା ମୁତାବକ ସୁନୀଲ ଦିନପ୍ରାୟ ୧.୩୦ମିନିଟ ସମୟରେ ଗାଧୋଇବା ପାଇଁ ଯାଇଥିବା ବେଳେ ଘରକୁ ଫେରିନଥିଲେ। ଦିନ ପ୍ରାୟ ୩ଟା ସମୟରେ ସୁନୀଲର ମୃତଦେହ ପାଣିରେ ଭାସୁଥିବା ଦେଖି ସ୍ଥାନୀୟ ଲୋକ ଉଦ୍ଧାରକରି ନୀଳଗିରି ପୋଲିସକୁ ଖବର ଦେଇଥିଲେ। ତେବେ କୂଳ ଠାରୁ ମାତ୍ର ୪/୫ଫୁଟ ଦୂର ପାଣିରେ ମୃତଦେହ ଭାସିବାକୁ ନେଇ ସନ୍ଦେହ ଉପୁଜିଥିବା ଆଶଙ୍କା କରାଯାଇଛି। ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକ, ଏଏସଆଇ ଅନନ୍ତ ମୁର୍ମୁ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ପରେ ମରଶରୀରକୁ ଆମ୍ବୁଲାନ୍ସ ଯୋଗେ ନୀଳଗିରି ମେଡିକାଲ ଅଣାଯାଇଥିଲା। ମୃତ ସୁନୀଲର ଦୁଇଟି ସ୍ତ୍ରୀ ଥିବାବେଳେ ଦୁଇଟି ପୁଅ ଏବଂ ଦୁଇଟି ଝିଅ ଅଛନ୍ତି। ତନ୍ମଧରୁ ଗୋଟିଏ ଦୁଇମାସର ଶିଶୁକନ୍ୟା ଥିବା ଜଣାଯାଇଛି। ପୁଲିସ ଅଧିକ ତଦନ୍ତ ଜାରି ରଖିଛି।

## ବ୍ରହ୍ମାକୁମାରୀଜରେ ବିଶ୍ୱ ମାତୃ ଦିବସ ପାଳିତ



**ବୈଶିଙ୍ଗା,୧୧।୫ (ସଂଚାର ବ୍ୟୁରୋ):** ବୈଶିଙ୍ଗା ସ୍ଥିତ ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ କେନ୍ଦ୍ରର ପରିସରରେ ରବିବାର ଅପରାହ୍ନରେ ବିଶ୍ୱମାତୃ ଦିବସ ପାଳିତ ହୋଇଯାଇଛି। ବୈଶିଙ୍ଗା ସେବାକେନ୍ଦ୍ରର ମୁଖ୍ୟ ସଞ୍ଚାଳିକା ବ୍ରହ୍ମା କୁମାରୀ ଅନୁପମା ଭଉଣୀ ଏହି କାର୍ଯ୍ୟକ୍ରମର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବ୍ରହ୍ମାକୁମାର ସୁଧୀର କୁମାର ସାହୁ ଯୋଗ ଦେଇଥିଲେ । ଭଗବାନଙ୍କ ସୃଷ୍ଟିରେ ମାଆ ଏବଂ କନ୍ୟା ମାନଙ୍କ ଦ୍ୱାରା ହିଁ ଏ ସମ୍ପୂର୍ଣ୍ଣ ବିଶ୍ୱର ପରିବର୍ତ୍ତନ ହୋଇ ପବିତ୍ରତା ଯୁକ୍ତ ଦୁନିଆର ସ୍ଥାପନ ହେବ ବୋଲି ବ୍ରହ୍ମା କୁମାରୀ ଅନୁପମା ଭଉଣୀ ମତ ବ୍ୟକ୍ତ କରିଥିଲେ। ମା ଏବଂ ମାର ମମତା ଏବଂ ସଂସ୍କାରକୁ ବର୍ତ୍ତମାନର ପିଢି ସମ୍ପୂର୍ଣ୍ଣ ଭୁଲି ଯାଇ ଆଧୁନିକତାକୁ ଆପଣାଇ ବିପଥଗାମୀ ହେଉଥିବା ନେଇ ମତ ପ୍ରକାଶ ପାଇଥିଲା। ମୁଖ୍ୟ ଅତିଥି ସୁଧୀର କୁମାର ସାହୁ ଏହି ଦିବସର ମହତ୍ୱ ବିଷୟରେ ଗଭୀର ଆଲୋକପାତ କରିଥିଲେ। ଏହା ସହ ବର୍ତ୍ତମାନ ସମୟରେ ବିଶ୍ୱର ଶାନ୍ତିର ବାତାବରଣ ନିମନ୍ତେ ରାଜଯୋଗ ଭଟ୍ଟି କାର୍ଯ୍ୟକ୍ରମ ମଧ ଅନୁଷ୍ଠିତ ହୋଇଥିଲା । ଯୁଦ୍ଧରେ ମୃତାହତ ସମସ୍ତ ନାଗରିକ ପାଇଁ ନିରବ ପ୍ରାର୍ଥନା କରାଯାଇ ଶାନ୍ତି ଏବଂ ଶକ୍ତି ର ଯୋଗଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସେବା କେନ୍ଦ୍ରର ସମସ୍ତ ଗୀତା ପାଠଶାଳା ମାନଙ୍କରୁ ସମସ୍ତ ମାତା , କନ୍ୟା, ଭ୍ରାତା ମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବ୍ରହ୍ମାକୁମାର ମନୋଜ, ବ୍ରହ୍ମାକୁମାର ସତ୍ୟପ୍ରକାଶ , ବ୍ରହ୍ମାକୁମାର ଭଗବାନ , ବ୍ରହ୍ମାକୁମାର ଦିବ୍ୟରଞ୍ଜନ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପରିଶେଷରେ ବ୍ରକୁ ରମାମଣୀ ମାତା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# କଲେଜ ଜମି ଜବର ଦଖଲ ନେଇ ପୁରାତନ ଛାତ୍ର ସଂସଦର ଉଦ୍‌ବେଗ




**କେନ୍ଦ୍ରାପଡ଼ା,୧୧।୫ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ପୁରାତନ ଛାତ୍ର ସଂସଦର କାର୍ଯ୍ୟକାରିଣୀ ବୈଠକ ପ୍ରଫେସର ନନ୍ଦ କିଶୋର ପରିଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ୧୯୫୮ ମସିହାରେ ଗୁହାଳସିଂହ ମୌଜାରେ ଥିବା କଲେଜର କିଣାଜମି ପ୍ଲଟ ନଂ-୪୧୩୮କୁ କିଛି ଲୋକ ଜବରଦଖଲ କରି ରାତାରାତି ତା ଉପରେ ସ୍ଥାୟୀ ନିର୍ମାଣ କରୁଥିବାରୁ ସଂସଦ ପକ୍ଷରୁ ଉଦବେଗ ପ୍ରକାଶ କରାଯାଇଛି। ଛାତ୍ର ସଂସଦ ଏହା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ କଲେଜ କର୍ତୃପକ୍ଷଙ୍କୁ ଦାବି ଜଣାଇବା ସହ ପୁଲସି ପ୍ରଶାସନ ଓ ରାଜସ୍ୱ ବିଭାଗ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରାଯାଇଛି ।

କଲେଜର ଆରମ୍ଭ ସମୟରେ ଏହି ପ୍ଲଟ ନିକଟରେ ରାସ୍ତା ନିର୍ମାଣ ପାଇଁ ତତ୍‌କାଳୀନ ଛାତ୍ରଛାତ୍ରୀମାନେ ଶ୍ରମଦାନ କରି ଜଳାଶୟ ଖୋଳିଥିଲେ। ମାତ୍ର କଲେଜ ଛୁଟି ଥିବା ସମୟରେ ଏହି ଜବର ଦଖଲକାରୀମାନେ ଏହି ଜଳାଶୟକୁ ବାଲିରେ ପୋତି ଦେଇ ତା ଉପରେ ସ୍ଥାୟୀ ନିର୍ମାଣ କରିବାକୁ ଉଦ୍ୟମ କରୁଛନ୍ତି। କଲେଜର ଏହି ଭୂ ସମ୍ପତିର ସୁରକ୍ଷା ପାଇଁ ସଂପୃକ୍ତ ସମସ୍ତ ବିଭାଗ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଆଜିର ବୈଠକରେ ଅନୁରୋଧ କରାଯାଇଛି। ପୁରାତନ ଛାତ୍ର ସଂସଦର ବାର୍ଷିକ ସମ୍ମିଳନୀ ଆସନ୍ତା ଜୁନ ୧୫ ତାରିଖକୁ କରିବା ପାଇଁ ସର୍ବ ସମ୍ମତ ପ୍ରସ୍ତାବ ଗୃହୀତ ହୋଇଥିବା ସଂପାଦକ ବିଧୂଭୂଷଣ ଦାସ ଜଣାଇଛନ୍ତି । ପହେଲଗାଓ ଠାରେ ଆତଙ୍କବାଦୀ ମାନେ ହତ୍ୟା କରିଥିବା ୨୭ଜଣ କଏଦୀଙ୍କ ଉଦ୍ଦେଶ୍ୟରେ ଓ ଭାରତ-ପାକିସ୍ଥାନ ଯୁଦ୍ଧରେ ସହିଦ ହୋଇଥିବା ଯବାନ ମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଛି । ସଂସାଦର ସଭାପତି ତଥା କଲେଜ ଅଧକ୍ଷ ଡ଼ଃ ସଂଜିବ କୁମାର ମହାନ୍ତି ସମସ୍ତ ପ୍ରକାର କାର୍ଯ୍ୟର ସହଯୋଗ କରିବାକୁ ସମ୍ମତି ଜଣାଇଥିଲେ । ଏହି ବୈଠକରେ ପ୍ରଫେସର ପ୍ରଦୀପ୍ତ କୁମାର ଦାସ, ଡ଼ଃ ଅମୀୟ କୁମାର ମହାନ୍ତି, ଡ଼ଃ ତପନ କୁମାର ପତି, ଡ଼ଃ ପ୍ରମୋଦ କୁମାର ଦାସ, ଦୁର୍ଯ୍ୟୋଧନ ଦାସ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ପ୍ରଫେସର ରଂଜିତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ସ୍ୱୟଂସିଦ୍ଧ ସମ୍ମାନ ସମାରୋହ-୨୦୨୫



**ରାଜକନିକା,୧୧।୫ (ସଂଚାର ବ୍ୟୁରୋ):** ରାଜକନିକାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ରାମନାରାୟଣ ନାୟକ ଚାରିଟେବୁଲ ଟ୍ରଷ୍ଟ ସ୍ୱୟଂସିଦ୍ଧ ପକ୍ଷରୁ ଆଜି ଆୟତନଠାରେ ଦଶମ ବାର୍ଷିକ ସ୍ମୃତି ସମାରୋହ ଅନୁଷ୍ଠିତ ହୋଇଯାଇଛି । ଆଜି ସନ୍ଧ୍ୟାରେ ନବକିଶୋର ସୁତାରଙ୍କ ସଭାପତିତ୍ୱ ଏବଂ ଅଧାପକ ପ୍ରଦୀପ କୁମାର ଜେନାଙ୍କ ସଂଯୋଜନାରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବରେ ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକ, ମୁଖ୍ୟବକ୍ତା ଭାବରେ କଥାକାର ବିଜୟ ମଲ୍ଲ, ସମ୍ମାନୀତ ଅତିଥି ଭାବରେ ସଂଗୀତଜ୍ଞ ଶରତ ନାୟକ, ଡ଼ଃ କେଦାର ନାଥ ବାରିକ, ଗୀତିକାର ପଞ୍ଚାନନ ନାୟକ ପ୍ରମୁଖ ଟ୍ରଷ୍ଟର ଆଭିମୁଖ୍ୟକୁ ଅଧିକ ପ୍ରଭାବଶାଳୀ କରିବାକୁ ଆହ୍ୱାନ ଦେଇଥିଲେ। ଆଜିର ଉତ୍ସବର ମରୋଣତ୍ତର ଭାବରେ ସଂଗୀତଜ୍ଞ ଅମରେନ୍ଦ୍ର ମହାନ୍ତିଙ୍କୁ ରାଜ୍ୟସ୍ତରୀୟ ରାମନାରାୟଣ ନାୟକ ସ୍ମୃତି ସମ୍ମାନ ପ୍ରଦାନ କରାଯିବା ସହ ଆୟତନର ପରିବେଶବିତ ପ୍ରଫୁଲ୍ଲ ଧଳ,ସୁଶ୍ରୀ ସଙ୍ଗୀତା ପଲାଇ, ସୁଶ୍ରୀ ଆଦ୍ୟ ଅଭିଲିପସା, କ୍ରିକେଟର ଓମପ୍ରକାଶ ବାରିକ ପ୍ରମୁଖଙ୍କୁ ସ୍ୱୟଂସିଦ୍ଧ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଟ୍ରଷ୍ଟର ସଂଚାଳକ ଶରତ କୁମାର ନାୟକ ପରିଚାଳନାରେ ଅନୁଷ୍ଠିତ ଏହି ସମାରୋହରେ ବହୁ ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ଥିଲେ।

## ଗୋଡ଼ି ପୋଖରୀସ୍ଥିତ ବ୍ରହ୍ମାକୁମାରୀ ସେବା କେନ୍ଦ୍ରରେ ମାତୃ ଦିବସ




**ଖୋର୍ଦ୍ଧା,୧୧।୫ (ସଂଚାର ବ୍ୟୁରୋ):** ଆଜି ସକାଳ ୮ ଘଟିକାରେ ସ୍ଥାନୀୟ ଗୋଡ଼ି ପୋଖରୀ ଛକ ଠାରେ ଅବସ୍ଥିତ ବ୍ରହ୍ମାକୁମାରୀ ସେବାକେନ୍ଦ୍ର ପରିସରରେ ଏହାର ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ଅନୁରାଧା ଭଉଣୀଙ୍କର ସଭାପତିତ୍ୱରେ ପବିତ୍ର "ମାତୃ ଦିବସ" ମହା ସମାରୋହରେ ପାଳିତ ହୋଇଯାଇଛି। ବିଭିନ୍ନ ଗ୍ରାମରେ ଅବସ୍ଥିତ ବ୍ରହ୍ମାକୁମାରୀ ପାଠଶାଳାରୁ ଆସିଥିବା ଶତାଧିକ ମାଆ ମାନଙ୍କୁ ଓ ମଞ୍ଚାସିନ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଓ ତିଳକ ପ୍ରଦାନ କରି ସମ୍ମାନିତ କରିଥିଲେ ବ୍ରହ୍ମାକୁମାରୀ ସ୍ୱର୍ଣ୍ଣଲତା ଭଉଣୀ । ଅତିଥି ଭାବରେ ଖୋର୍ଦ୍ଧା ଇନର ହ୍ୱିଲ୍ କ୍ଲବ୍ ର ସଭାପତି ଶ୍ରୀମତୀ ମନ୍ଦିରା ଦେ, ପ୍ରାକ୍ତନ ପ୍ରଧ୍ୟାପିକା ଶ୍ରୀମତୀ ମିନତୀ ମହାନ୍ତି, ସମାଜସେବୀ ଶ୍ରୀମତୀ ସୁକାନ୍ତି ପଟ୍ଟନାୟକ ଯୋଗଦାନ କରି ନାରୀଶକ୍ତିର ମହତ୍ତ୍ୱ ଓ ବିଶେଷତା ଶୁଣାଇବା ସହିତ ପ୍ରଦୀପ ପ୍ରଜ୍ୱଳନ କରି ପହଲଗାମ୍ ରେ ଦେହ ତ୍ୟାଗ କରିଥିବା ପର୍ଯ୍ୟଟକ ଓ ଭାରତ ପାକିସ୍ତାନ ଯୁଦ୍ଧରେ ଦେହ ତ୍ୟାଗ କରିଥିବା ଶହୀଦ ଭାରତୀୟ ସୈନିକଙ୍କର ଆତ୍ମାର ସଦଗତି ପାଇଁ ପରମାତ୍ମାଙ୍କ ନିକଟରେ ଶାନ୍ତି ପ୍ରାର୍ଥନା କରି ଶ୍ରଦ୍ଧାଞ୍ଜଳୀ ଦେଇଥିଲେ। ବ୍ରହ୍ମାକୁମାର ଜୟକୃଷ୍ଣ ଭାଇ କବିତା ମାଧ୍ୟମରେ ନାରୀ ଶକ୍ତିର ଗୁଣଗାନ କରିଥିଲେ ଓ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଥଣ୍ଡା ପାନୀୟରେ ଦୋକାନୀଙ୍କ ମନମାନି

### ଫ୍ରିଜ୍ ଚାର୍ଜ ନାଁରେ ଲୁଟ୍



**କଳାହାଣ୍ଡି,୧୧।୫ (ସଂଚାର ବ୍ୟୁରୋ):** ଅଦିନିଆ ଝଡ଼ତୋଫାନ ଓ ବର୍ଷା ଫଳରେ କିଛି ଦିନ ପାଗ ସାମାନ୍ୟ ଥଣ୍ଡା ରହିବା ପରେ ବର୍ତମାନ କଳାହାଣ୍ଡି ଜିଲାର ସହାରାଞ୍ଚଳ ସହ ଆରମ୍ଭ କରି ଗ୍ରାମାଞ୍ଚଳ ରେ ଗ୍ରୀଷ୍ମ ପ୍ରବାହ ଅନେକ ମାତ୍ରରେ ବୃଦ୍ଧି ପାଇବାରେ ଲାଗିଛି । ଆଉ ଏହି ଗ୍ରୀଷ୍ମଋତୁରେ ନିପଟ ମଫସଲରୁ ଆରମ୍ଭ କରି ରାଜଧାନୀ ପର୍ଯ୍ୟନ୍ତ ସବୁଠି ଥଣ୍ଡା ପାନୀୟର ଚାହିଦା ମଧ୍ୟ ସେହି ଅନୁପାତରେ ବୃଦ୍ଧି ପାଇବାରେ ଲାଗିଛି । ଆଉ ସେଥିପାଇଁ ସବୁଠି ଏହି କୃତ୍ରିମ ଥଣ୍ଡା ପାନୀୟର ରହିଛି ବେଶ ଆଦର । ସମ୍ଭ୍ରାନ୍ତ ପରିବାରରୁ ଆରମ୍ଭ କରି ଶ୍ରମଜୀବୀ ପର୍ଯ୍ୟନ୍ତ ସମସ୍ତେ ଏହାକୁ ବେଶ ପସନ୍ଦ କରୁଛନ୍ତି । ବର୍ତ୍ତମାନ ଗ୍ରୀଷ୍ମ ସମୟରେ ଘରକୁ କୁଣିଆ ମୈତ୍ର ଆସିଲା କ୍ଷଣି ମନେ ପଡ଼ି ଯାଉଛି ବଜାରରେ ଉପଲବ୍ଧ ଥଣ୍ଡା ପାନୀୟକୁ । କିନ୍ତୁ ଏହି ଥଣ୍ଡା ପାନୀୟ ବିକ୍ରୀ ନାଁରେ ପ୍ରତ୍ୟେକ ଦିନ ଅଗଣିତ ଗ୍ରାହକ ପ୍ରତ୍ୟକ୍ଷ ଓ ପରୋକ୍ଷରେ ଶୋଷଣର ଶିକାର ହେଉଥିବା ଦେଖାଯାଇଛି । ଫଳରେ ଏହାକୁ ନେଇ ସଚେତନ ଗ୍ରାହକଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖାଦେଇଛି।

ବଜାରରେ ଉପଲବ୍ଧ ପ୍ରତ୍ୟେକ ଥଣ୍ଡା ପାନୀୟ ପ୍ରସ୍ତୁତ କମ୍ପାନୀମାନେ ପ୍ରତି ଥଣ୍ଡା ପାନୀୟ ବୋତଲରେ ସର୍ବାଧିକ ରିଟେଲ ବିକ୍ରିଦର ସ୍ପଷ୍ଟ ଭାବରେ ଉଲ୍ଲେଖ କରିଛନ୍ତି । ସେହିପରି କିଛି ପ୍ଲାଷ୍ଟିକ ବୋତଲରେ ଉପଲବ୍ଧ ଥଣ୍ଡା ପାନୀୟ ଦର ମଧ୍ୟ ପରିମାଣ ଅନୁସାରେ କମ୍ପାନୀ ମାନେ ଧାର୍ଯ୍ୟ କରି ବୋତଲ ଗୁଡ଼ିକରେ ଲିପିବଦ୍ଧ କରିବା ସହ କେତେ ଦିନ ବ୍ୟବହାର ଯୋଗ୍ୟ ତାହା ମଧ୍ୟ ଉଲ୍ଲେଖ କରିଛନ୍ତି । କିନ୍ତୁ ବର୍ତ୍ତମାନ କଳାହାଣ୍ଡି ଜିଲାର ସମସ୍ତ ଅଞ୍ଚଳରେ ଉଲ୍ଲେଖ ଥିବା ଏହି ଧାର୍ଯ୍ୟ ଦରର ଘୋର ବ୍ୟତିକ୍ରମ ହେଉଥିବା ଦେଖାଯାଇଛି । ଗ୍ରାମାଞ୍ଚଳରୁ ଆରମ୍ଭକରି ସହରାଞ୍ଚଳ ପର୍ଯ୍ୟନ୍ତ ପ୍ରାୟ ସବୁ ଦୋକନୀ ଫ୍ରିଜ୍ ଚାର୍ଜ ନାଁରେ ଧାର୍ଯ୍ୟ ଦର ଠାରୁ ଅଧିକ ଟଙ୍କା ନେଉଥିବା ଅଭିଯୋଗ ହେଉଛି। ବର୍ତ୍ତମାନ ସହରରରେ ୧୦/୧୫ ଟଙ୍କା ମୂଲ୍ୟର ଥଣ୍ଡା ପାନୀୟ ୧୫/୨୦ ଟଙ୍କାରେ ବିକ୍ରି ହେଉଥିବା ମୂଲ୍ୟର ପାନୀୟ ୯୦ ଟଙ୍କା, ୯୫ ଟଙ୍କା ଲେଖାଥିବା ବୋତଲ ଶହେ ଟଙ୍କାରେ ବିକ୍ରି ହେଉଥିବା ଗ୍ରାହକମାନେ ଅଭିଯୋଗ କରିଛନ୍ତି । ଏପରିକି ଗ୍ରାହକମାନେ ସ୍ୱର ଉଠାଇଲେ ଅତି ନରମ ସ୍ୱରରେ ଦୋକାନୀ ଫ୍ରିଜ୍ ଚାର୍ଜ ନେଉଥିବା କହି ସମ୍ପୃକ୍ତ ଗ୍ରାହକକୁ ଚୁପ୍ ପକାଇ ଦେଉଥିବା ଦେଖାଯାଇଛି। ଅନେକ ଦୋକାନୀ ଖୁରୁଚା ପଇସା ଅଭାବ ଆଳରେ ମଧ୍ୟ ଧାର୍ଯ୍ୟ ମୂଲ୍ୟରୁ ଅଧିକ ନେଉଥିବା ଦେଖାଯାଉଛି।

ଗୋଟିଏ ପଟେ ଖରା ଦିନେ ଥଣ୍ଡା ପାନୀୟ ସବୁ ବର୍ଗର ଲୋକଙ୍କ ପାଇଁ ଏକ ପ୍ରକାର ଫେସନ୍ ସାଜିଥିବା ବେଳେ ଅନ୍ୟ ପଟେ ଦୋକାନୀମାନେ ଏହାର ସୁଯୋଗ ନେଇ ଧାର୍ଯ୍ୟ ଦର ଠାରୁ ଢେର ଅଧିକ ନେଇ ମାଲାମାଲ ହେଉଛନ୍ତି । ଫେସନ୍ ଯୁଗ ଯୋଗୁଁ ସାଙ୍ଗସାଥି ମେଳରେ ଥିବା ଯୁବ ଗ୍ରାହକ ଜଣକ ଏହି ଫ୍ରିଜ୍ ଚାର୍ଜ ପ୍ରତି ଧ୍ୟାନ ନଦେଇ ଦୋକାନୀଙ୍କ କହିବା ମୁତାବକ ମୂଲ୍ୟ ଦେବାକୁ ବାଧ୍ୟ ହେଉଛନ୍ତି । କେବଳ ଯୁବ ଗ୍ରାହକ କାହିଁକି ଖୋଦ ଦର ନିୟନ୍ତ୍ରଣ କରୁଥିବା ବିଭାଗୀୟ ଅଧିକାରୀ ମାନେ ବି ଦିନ ଦ୍ୱିପ୍ରହରରେ ଏ କ୍ଷେତ୍ରରେ ଠକାମୀର ଶୀକାର ହେଉଥିବା ଦେଖାଯାଇଛି। ଥଣ୍ଡା ପାନୀୟ ଥଣ୍ଡା ଅବସ୍ଥାରେ ଓ ବିକ୍ରୟର ସର୍ବାଧିକ ଦର ବୋତଲ ଗୁଡ଼ିକରେ ସ୍ପଷ୍ଟ ଉଲ୍ଲେଖ ରହିଥିଲେ ସୁଦ୍ଧା ଜିଲ୍ଲାରେ ଏହାର ଘୋର ବ୍ୟତିକ୍ରମ ଦେଖାଦେଇଛି। ଦୋକାନୀ ମାନେ ଫ୍ରିଜ୍ ଚାର୍ଜ ନାଁରେ ଦୈନିକ ଲକ୍ଷାଧିକ ଟଙ୍କା ଦିନ ଦ୍ୱିପହରରେ ଠକି ଚାଲିଥିବା ବେଳେ ବିଚରା ଗ୍ରାହକ ସଙ୍କୋଚରେ କାହା ଆଗରେ ସ୍ୱର ଉଠାଇବାକୁ ପଛଘୁଞ୍ଚା ଦେଉଛନ୍ତି । ତେଣୁ ଏ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।